# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ (୧୮ ପୃଷ୍ଠା) | Bhubaneswar, Thursday, June 29/2023 | Page 18 | ₹ 7.00

୪୯ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 214 | ମୂଲ୍ୟ ₹୭/-





**ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ**
ସ୍ୱିଡେନ୍‌ର ପୋଲଭଲ୍ଟର ଅର୍ମଣ୍ଡ ଡୁପ୍ଲାଣ୍ଟିସ ଗୋଲ୍ଡେନ୍ ସ୍ପାଇକ୍ ମିଟ୍‌ରେ ୬.୧୨ ମିଟର ଦୂରତା ହାସଲ କରି ବିଶ୍ୱରେକର୍ଡ କରିଛନ୍ତି।
୧୬

୧୫
**ଖୁସିରେ ଉଚ୍ଛୁଳୁଛନ୍ତି ପୂଜା ହେଗ୍‌ଡେ**
ସମାଜସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ଅଭିନୟ କରିବେ ପୂଜା ହେଗ୍‌ଡେ। ମନଲାଖି ଭୂମିକା ପାଇଥିବାରୁ ସେ ଖୁସିରେ ଉଚ୍ଛୁଳୁଛନ୍ତି।





ବାହୁଡ଼ାଯାତ୍ରା ଅବସରରେ ବୁଧବାର ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିରରୁ ୩ ରଥକୁ ଶ୍ରୀମନ୍ଦିର ସିଂହଦ୍ୱାର ଅଭିମୁଖେ ଟାଣିନେଉଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ବାହୁଡ଼ିଲେ ମହାବାହୁ

## ସନ୍ଧ୍ୟା ସୁଦ୍ଧା ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଲା ତିନିରଥ

**ପୁରୀ, ୨୮।୬(ଅଜିତ୍ ମହାନ୍ତି)**

ପବିତ୍ର ଆଷାଢ଼ ଶୁକ୍ଳ ଦଶମୀ ତିଥି ଅବସରରେ ବୁଧବାର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନିରଥ। ପୁଣି ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ନିର୍ଦ୍ଧାରିତ ସମୟର ୪ଘଣ୍ଟା ପୂର୍ବରୁ ନୀତିକାନ୍ତି ଓ ପହଣ୍ଡି ସହ ସଅଳ ରଥଟଣା ଯୋଗୁ ସନ୍ଧ୍ୟା ସୁଦ୍ଧା ତିନି ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଛି। ରଥରେ ବିଶ୍ୱନିୟନ୍ତାଙ୍କ ଦର୍ଶନ କରି ବିହ୍ୱଳିତ ଭକ୍ତପ୍ରାଣ କୃତାର୍ଥ ହୋଇଛି।

ବାହୁଡ଼ାଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ☞ପୃଷ୍ଠା-୨

# ଟାଟା ଅବହେଳା: ୩ ଜୀବନ ଗଲା

## ବାହୁଡ଼ାରେ ରଥଟଣା ବେଳେ ଅଘଟଣ

## କେନ୍ଦୁଝରରେ ୨, କୋରାପୁଟରେ ଜଣଙ୍କ ମୃତ୍ୟୁ

**ବାହୁଡ଼ା ଯାତ୍ରାରେ ରଥଟଣାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରାଜ୍ୟର ୨ ପୃଥକ୍ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣ ଗୁରୁତର ଆହତ ହୋଇଛନ୍ତି। ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାରର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। କାରଣ କୌଣସି ପ୍ରକାର ଅଘଟଣକୁ ରୋକିବା ପାଇଁ ଗୁଣ୍ଡିଚା କିମ୍ବା ବାହୁଡ଼ା ଯାତ୍ରା ସମୟରେ ବିଦ୍ୟୁତ୍ କାଟ ଏବଂ ରାସ୍ତାରେ ଥିବା ତାର ହଟାଇବାର ନିୟମ ରହିଛି। କିନ୍ତୁ ଏହା କରାଯାଇ ନ ଥିବାରୁ କେନ୍ଦୁଝର ଜିଲାରେ ୨ଜଣ ଏବଂ କୋରାପୁଟରେ ଜଣଙ୍କ ଜୀବନ ଯାଇଛି।**

**କେନ୍ଦୁଝର/ଝୁମ୍ପୁରା/କୋରାପୁଟ/ଜୟପୁର,୨୮।୬ (ନରେଶ ପଟ୍ଟନାୟକ, ଶଶିଭୂଷଣ ସାହୁ, ଅମିତାଭ ବେହେରା, ପବନ ପାଣିଗ୍ରାହୀ)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ କେନ୍ଦୁଆ ଗ୍ରାମ ପଡ଼ିଆରେ ବୁଧବାର ମଧ୍ୟାହ୍ନରେ ରଥଟଣା ପୂର୍ବରୁ ରଥର ନେତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଭୁବନପଶି ଗ୍ରାମର ଯୁଗଳକିଶୋର ବାରିକ(୪୦) ଓ କେନ୍ଦୁଆ ଗ୍ରାମର ବରୁଣ ଗିରି (୪୨)। ଘଟଣାରେ ଅନ୍ୟଜଣେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଠାକୁରଙ୍କ ପହଣ୍ଡି ପୂର୍ବରୁ ରଥକୁ କେତେଜଣ ବ୍ୟକ୍ତି ପଛକୁ ଟାଣି ସାଇଡ୍ କରୁଥିଲେ। ଏହି ସମୟରେ ରଥର ନେତ ଏକ ପାର୍ଶ୍ୱରେ ଥିବା ୧୧କେଭି ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା। ରଥଟି ସମ୍ପୂର୍ଣ୍ଣ ଲୁହାରେ ତିଆରି ହୋଇଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୬ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଶଙ୍କର୍ଷଣ ପ୍ରଧାନ(୪୨)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବା ବେଳେ ଭୁବନପଶି ଗ୍ରାମର ବୃଦ୍ଧା ଫୁଲମଣି ବାରିକ(୬୫) ଆମ୍ବୁଲାନ୍ସ ଚକତଳେ ପଡ଼ିଯାଇଥିଲେ। ଆମ୍ବୁଲାନ୍ସ ତାଙ୍କ ଗୋଡ଼ରେ ଚଢ଼ିଯିବାରୁ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଛି। ତାଙ୍କୁ କେନ୍ଦୁଝର ଡାକ୍ତରଖାନା ପଠାଯାଇଛି। ଏହି ଘଟଣା ପରେ କେନ୍ଦୁଆ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ରଥଟଣା ସମୟରେ ବିଦ୍ୟୁତ୍ କାଟ୍ କରା ନ ଯାଇଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଚମ୍ପୁଆ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ନାରାୟଣ ବେହେରା କହିଛନ୍ତି, ସେଠାରେ ଆମର କିଛି ଭୁଲ ନାହିଁ। ରଥଟଣା ସ୍ଥାନରୁ ୩୦ ଫୁଟ୍ ପଛରେ ୧୧ କେଭି ଲାଇନ୍ ରହିଛି। ଉକ୍ତ ସ୍ଥାନରୁ ପୂର୍ବରୁ କେବେ ରଥ ଟଣାଯାଏ ନାହିଁ। କିଛି ଲୋକ ରଥକୁ ପଛକୁ ନେଇଥିଲେ। ଫଳରେ ଏଭଳି ଅଘଟଣ ଘଟିଛି ବୋଲି କହିଥିଲେ। ବାରିଆ ଥାନା ଅଧିକାରିଣୀ ବନ୍ଦନା ପାତ୍ର ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କରୁଛନ୍ତି।

ସେହିପରି କୋରାପୁଟ ଜିଲା କୋଲାବନଗରରେ ବାହୁଡ଼ା ଯାତ୍ରା ସମୟରେ ରଥର ଧ୍ୱଜା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଲି ଆସିବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ୍ୟୁବରଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ସେନାପତିଙ୍କ ପ୍ରତ୍ୟାବର୍ତ୍ତନ




## ଜୁଲାଇ ତୃତୀୟ ସପ୍ତାହରୁ ମୌସୁମୀ ଅଧିବେଶନ



ଜୁଲାଇ ତୃତୀୟ ସପ୍ତାହରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇପାରେ। ପ୍ରଥମେ ପୁରୁଣା ପାର୍ଲାମେଣ୍ଟ ଭବନରେ ଅଧିବେଶନ ଆରମ୍ଭ ହୋଇ ମଧଭାଗରୁ ନୂଆ ବିଲ୍ଡିଂରେ ହେବ ବୋଲି ବୁଧବାର ସଂସଦୀୟ ସୂତ୍ରରୁ ଜଣାପଡ଼ିଛି। ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୨୮ରେ ଉଦ୍‌ଘାଟନ କରିଥିଲେ। ପାଖାପାଖି ମାସେ ଚାଲିବାକୁ ଥିବା ମୌସୁମୀ ଅଧିବେଶନ ସ୍ୱାଧୀନତା ଦିବସ ପୂର୍ବରୁ ଶେଷ ହେବ ବୋଲି କୁହାଯାଉଛି।



**ସଂକ୍ଷେପରେ**

### ୧୪ ପୋଲିସ ଅପହୃତ

**ମେକ୍ସିକୋ ସିଟି,୨୮।୬(ଏପି):** ମେକ୍ସିକୋର ଦକ୍ଷିଣ ଭାଗରେ ଥିବା ଚିପାସ୍ ରାଜ୍ୟରେ ବନ୍ଧୁକଧାରୀମାନେ ୧୪ ଜଣ ସରକାରୀ ପୋଲିସ ଅଧିକାରୀଙ୍କୁ ଅପହରଣ କରିନେଇଛନ୍ତି। ସୁରକ୍ଷା ଓ ନାଗରିକ ସୁରକ୍ଷା ସଚିବ ଏକ ବିବୃତିରେ କହିଛନ୍ତି, ୧୪ ପୋଲିସ ଅଧିକାରୀଙ୍କ ସହ କେତେଜଣ ମହିଳା ଅଫିସର ଏକ ଟ୍ରକ୍‌ରେ ଯାଉଥିଲେ। ଓକୋଜୋକୋଆଉଟ୍‌ଲା ଓ ଟ୍ୟୁକ୍ସଟ୍‌ଲା ମଝିରେ ଅପହର୍ତ୍ତାମାନେ ମହିଳାମାନଙ୍କୁ ଛାଡ଼ିଦେଇଥିବାବେଳେ ପୁରୁଷ ଅଫିସରମାନଙ୍କୁ ବନ୍ଧୁକ ମୁନରେ ଅଜ୍ଞାତ ସ୍ଥାନକୁ ନେଇଯାଇଛନ୍ତି। ସେମାନଙ୍କ ଅବସ୍ଥିତି ଠାବ ହୋଇନାହିଁ। ଉଦ୍ଧାର କରିବା ପାଇଁ ସ୍ଥଳ ଓ ଆକାଶମାର୍ଗରେ ଅପରେଶନ ଚାଲିଛି।

### ରେଷ୍ଟୁରାଣ୍ଟରେ ରୁଷିଆର ରକେଟ ମାଡ଼

**୩ ଶିଶୁଙ୍କ ସମେତ ୯ ୟୁକ୍ରେନୀୟ ନିହତ**

**କିଭ୍,୨୮।୬(ପି.ଟି.):** ୟୁକ୍ରେନ୍‌ର ପୂର୍ବାଞ୍ଚଳ ସହର କ୍ରାମାଟୋର୍ସ୍କସ୍ଥିତ ଏକ ପିଜା ରେଷ୍ଟୁରାଣ୍ଟକୁ ରୁଷୀୟ ସୈନ୍ୟ ରକେଟ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ୩ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୬ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଆଭ୍ୟନ୍ତରୀଣ ବ୍ୟାପାର ସୂଚନାନୁସାରେ ୧୬ ମାସ ଧରି ରୁଷିଆ ପକ୍ଷରୁ ଆକ୍ରମଣ ଜାରି ରହିଛି। ମଙ୍ଗଳବାର ରାତିରେ ରୁଷୀୟ ସୈନ୍ୟ ଏସ୍-୩୦୦ ମିଶାଇଲ ଜରିଆରେ ଆକ୍ରମଣ କରିଥିଲେ। ଏଥିରେ ୧୮ଟି ବହୁତଳ ବିଶିଷ୍ଟ କୋଠା, ୬୫ ଘର, ୫ ସ୍କୁଲ, ୨ କିଣ୍ଡରଗାର୍ଟେନ୍ସ ଏବଂ ଗୋଟିଏ ଲେଖାଏ ଶପିଙ୍ଗ୍ ସେଣ୍ଟର, ପ୍ରଶାସନିକ କୋଠା ଓ ଅବସର ବିନୋଦନ କେନ୍ଦ୍ର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆକ୍ରମଣରେ ଦୁଇଜଣ ଭଉଣୀଙ୍କ ମୃତ୍ୟୁ ଘଟିଛି, ଯାହାଙ୍କ ବୟସ ୧୪ ବର୍ଷ ହେବ।

### ପାକିସ୍ତାନରେ ପରିବାରର ୯ ଜଣଙ୍କୁ ହତ୍ୟା

**ପେଶାୱର, ୨୮।୬:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଏକ ବିବାହ ବିବାଦକୁ ନେଇ ବୁଧବାର ଗୋଟିଏ ପରିବାରର ୯ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମଲକନ୍ଦ ଜିଲାରେ ଏହି ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୬ ପୁରୁଷ ଅଛନ୍ତି। ପରିବାର ଲୋକେ ଶୋଇଥିବାବେଳେ ତାଙ୍କ ସମ୍ପର୍କୀୟମାନେ ଘରେ ପଶି ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପୋଲିସ କହିଛି। ଏହି ବୀଭତ୍ସ ହତ୍ୟାକାଣ୍ଡର କାରଣ ବିବାହ ବିବାଦ ବୋଲି କୁହାଯାଉଥିବାବେଳେ ପୋଲିସ ଏହାର ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ଜିଲାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ପୋଲିସ ସିଲ୍ କରିଛି।

### ଏନର୍ଜି ଟ୍ରାଞ୍ଜିଶନ୍: ୬୭ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୨୮।୬:** ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲୁଇଏଫ୍) ପକ୍ଷରୁ ଜାରି ଏନର୍ଜି ଟ୍ରାଞ୍ଜିଶନ୍ ଇଣ୍ଡେକ୍ସ (ଇଟିଆଇ)ରେ ଭାରତ ୬୭ତମ ସ୍ଥାନରେ ରହିଛି। ୧୨୦ ଦେଶକୁ ନେଇ ପ୍ରସ୍ତୁତ ତାଲିକାର ସର୍ବାଗ୍ରେ ଡେନ୍‌ମାର୍କ ରହିଥିବାବେଳେ ନରୱେ, ଫିନ୍‌ଲାଣ୍ଡ ଓ ସୁଇଜରଲାଣ୍ଡକୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ମିଳିଛି। ଆସେଞ୍ଚ୍ୟୁର ସହ ମିଳିତ ଆନୁକୂଲ୍ୟରେ ରିପୋର୍ଟ ପ୍ରକାଶନ ଅବସରରେ ଡବ୍ଲୁଇଏଫ୍ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱରେ ଶକ୍ତି ସଙ୍କଟ, ଭୂରାଜନୈତିକ ଉଠାପକା ମଧ୍ୟରେ ଏନର୍ଜି ଟ୍ରାଞ୍ଜିଶନ୍ ସ୍ଥିର ରହିଛି। କିନ୍ତୁ ଏହି କ୍ଷେତ୍ରରେ ଭାରତ ବିଶେଷ ଅଗ୍ରଗତି କରିଛି।

# ୟୁସିସି: ଆବଶ୍ୟକତା ବନାମ ଅସ୍ତ୍ର



**ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଭୋଟ ଧ୍ରୁବୀକରଣ ଲାଗି ଏକକ ଦେୱାନୀ ସଂହିତାକୁ ଭାଜପା ଅସ୍ତ୍ର ରୂପେ ବ୍ୟବହାର କରୁଛି ବୋଲି ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି।**

ନୂଆଦିଲ୍ଲୀ,୨୮।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶରୁ ଫେରିବା ପରେ ମଙ୍ଗଳବାର ମଧ୍ୟପ୍ରଦେଶର ଭୋପାଳରେ ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସେ ଦେଶରେ ସମାନ ଦେୱାନୀ ସଂହିତା ବା ଏକକ ନାଗରିକ ସଂହିତା (ୟୁସିସି) ଲାଗୁ କରାଇବା ସପକ୍ଷରେ ମତ ରଖିଥିଲେ। ସାଧାରଣ ନିର୍ବାଚନକୁ ୧୦ ମାସରୁ କମ୍ ସମୟ ବାକି ଥିବାବେଳେ ମୋଦିଙ୍କ ମନ୍ତବ୍ୟକୁ ବିରୋଧୀ ଦଳଗୁଡ଼ିକ ଗ୍ରହଣ କରିପାରି ନାହାନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ୨୦୧୯ର ନାଗରିକତ୍ୱ ସଂଶୋଧନ ଆଇନ ଭଳି ୟୁସିସିକୁ ଲୋକ ସଭା ନିର୍ବାଚନ ବେଳେ ଭୋଟ ଧ୍ରୁବୀକରଣ ପାଇଁ ଅସ୍ତ୍ର ରୂପେ ବ୍ୟବହାର କରିବ ବୋଲି ନେତାମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସମ୍ବିଧାନର ଚତୁର୍ଥ ଭାଗରେ ଥିବା ଅନୁଚ୍ଛେଦ ୪୪ରେ ୟୁନିଫର୍ମ ସିଭିଲ୍ କୋଡ୍ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ସମଗ୍ର ଭାରତ ଭୂଖଣ୍ଡରେ ନାଗରିକମାନଙ୍କ ପାଇଁ ଏକ ୟୁସିସି ଆଣିବାକୁ ରାଷ୍ଟ୍ର ପ୍ରୟାସ କରିବ ବୋଲି ସମ୍ବିଧାନ ପ୍ରଣେତାମାନେ ସ୍ପଷ୍ଟ କରିଛନ୍ତି। ୧୯୮୫ରେ ମହମ୍ମଦ ଅହମ୍ମଦ ଖାନ୍ ବନାମ ଶାହ ବାନୋ ବେଗମ୍‌ଙ୍କ ମାମଲାରେ ସୁପ୍ରିମକୋର୍ଟ ମଧ୍ୟ ୟୁସିସି କାର୍ଯ୍ୟକାରୀ କରାଇବା ସପକ୍ଷରେ ରାୟ ଦେଇଥିଲେ। ଛାଡ଼ପତ୍ର ପାଇଥିବା ଶାହ ବାନୋ ନିଜ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରିଥିବାବେଳେ ଶୀର୍ଷ ଅଦାଲତ ତର୍ଜମା କରିଥିଲେ ଯେ, ସମ୍ପୃକ୍ତ ମୁସଲମାନ ସ୍ୱାମୀଙ୍କ କ୍ଷେତ୍ରରେ ସିଆର୍‌ପିସି ଲାଗୁ ହେବ ନା ମୁସଲିମ୍ ପର୍ସନାଲ ଲ। ୧୯୯୫ରେ ମଧ୍ୟ ସୁପ୍ରିମକୋର୍ଟ ଅନ୍ୟ ଏକ ମାମଲାର ରାୟ ପ୍ରକାଶ ବେଳେ ୟୁସିସି ଲାଗୁ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ରେ ମୋଦି ସରକାରଙ୍କ ଅନୁରୋଧକ୍ରମେ ଲ' କମିଶନ ପାରିବାରିକ ଆଇନର ସଂସ୍କାର ଉପରେ ୧୮୫ ପୃଷ୍ଠା ସମ୍ବଳିତ କନ୍‌ସଲ୍‌ଟେଶନ୍ ପେପର ଦାଖଲ କରିଥିଲେ। ସେତେବେଳେ କମିଶନ ୟୁସିସିକୁ ଅନାବଶ୍ୟକ ଓ ଅବାଞ୍ଛିତ ବୋଲି ଦର୍ଶାଇଥିଲେ। କର୍ନାଟକ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଋତୁରାଜ ଅୱସ୍ଥିଙ୍କ ଅଧ୍ୟକ୍ଷତାରେ ଗଠିତ ୨୨ତମ ଆଇନ କମିଶନ ଗତ ୧୪ ତାରିଖରେ ୟୁସିସି ଉପରେ ବିଭିନ୍ନ ପକ୍ଷ, ଧର୍ମୀୟ ସଂସ୍ଥା ଓ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବା ପରଠୁ ଏହି ପ୍ରସଙ୍ଗରେ ଶୀତଳଭଣ୍ଡାରରୁ ବାହାରି ଶିରୋନାମା ମଣ୍ଡନ କରୁଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ମୋଦି ହଠାତ୍ ୟୁସିସି ପ୍ରସଙ୍ଗ ଉଠାଇ ରାଜନୀତିରେ ଉଷ୍ମତା ଭରିଦେଇଛନ୍ତି। ବିରୋଧୀଙ୍କ ମତରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ନେଇ ଏତେ ତରତର ହେବାର ଯଥାର୍ଥତା ନାହିଁ। ମୋଦି ଚାହିଁଥିଲେ ପୂର୍ବରୁ ମଧ୍ୟ ୟୁସିସି ପ୍ରସଙ୍ଗ ଉଠାଇ ଏହାକୁ ଲାଗୁ କରାଇବା ଦିଗରେ ପଦକ୍ଷେପ ନେଇପାରିଥାନ୍ତେ। ଏହା ଏକ ଜଟିଳ ପ୍ରକ୍ରିୟା। ସମାଜର ସବୁ ବର୍ଗର ଲୋକଙ୍କ ମତାମତ ଲୋଡ଼ା। ବିନା ସହମତିରେ ୟୁସିସି ଆଣିବା ଅସମ୍ଭବ। ଏପରି କି ଏହା ସମୟ ସାପେକ୍ଷ ମଧ୍ୟ। ଏହିସବୁ ଦିଗକୁ ଅଣଦେଖା କରି ହଠାତ୍ ୟୁସିସିର ଓକିଲାତି କରିବା ପଛରେ ଭାଜପାର ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ବିରୋଧୀ ଟାର୍ଗେଟ କରିଛନ୍ତି। ଆଇନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ ମୋଦି ଉଦ୍ୟମ କରୁଛନ୍ତି କି ବୋଲି ବିରୋଧୀ ପ୍ରଶ୍ନ କରୁଥିବାବେଳେ ବିପକ୍ଷ ନେତାମାନେ ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ କରି ଉସୁକାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସମାଲୋଚନା କରିଛନ୍ତି।




"ଗୋଟିଏ ପରିବାରରେ ଯେପରି ଭିନ୍ନ ଭିନ୍ନ ନିୟମ ଚାଲେନାହିଁ ସେହିପରି ଦେଶରେ ମଧ୍ୟ ୨ଟି ଆଇନ ଚାଲିପାରିବ ନାହିଁ। ମୁସଲମାନଙ୍କୁ ବୁଝିବାକୁ ପଡ଼ିବ ଯେ, ସେମାନଙ୍କୁ କେଉଁ ରାଜନୈତିକ ଦଳ ଉସୁକାଉଛି ଓ ନିଜ ସ୍ୱାର୍ଥ ପାଇଁ ଧ୍ୱଂସ କରୁଛି। ସମ୍ବିଧାନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ଏକ ସମାନ ନାଗରିକ ସଂହିତା ପ୍ରଣୟନ ଲାଗି ପରାମର୍ଶ ଦେଇଛନ୍ତି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଲ କମିଶନଙ୍କୁ ଭେଟିବ ଏଆଇଏମ୍‌ପିଏଲ୍‌ବି

ପ୍ରଧାନମନ୍ତ୍ରୀ ସବୁ ସମ୍ପ୍ରଦାୟ ପାଇଁ ସମାନ ଆଇନ ଅଣାଯିବା ଉପରେ ଗୁରୁତ୍ୱ ଦେବା ପରେ ୟୁସିସି ଉପରେ ନିଜ ମତ ରଖିବା ପାଇଁ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ତରବରିଆ ଭାବେ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ସଦସ୍ୟମାନେ ମଙ୍ଗଳବାର ରାତି ସାରା ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ କରି ଚିଠା ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି। ସେମାନେ ଖୁବ୍‌ଶୀଘ୍ର ଲ କମିଶନଙ୍କୁ ଭେଟି ଏହାକୁ ଦାଖଲ କରିବେ ବୋଲି ଏଆଇଏମ୍‌ପିଏଲ୍‌ବି ସଦସ୍ୟ ଖାଲିଦ ରଶିଦ ଫରାଙ୍ଗି ମାହିଲ ସୂଚନା ଦେଇଛନ୍ତି।

## ସିଦ୍ଧାନ୍ତଗତ ସମର୍ଥନ ଦେବ ଏଏପି

**ସବୁ ପକ୍ଷଙ୍କ ସହ ଆଲୋଚନା କରି ସହମତି ଭିତ୍ତିରେ ୟୁସିସି ଆଣୁ କେନ୍ଦ୍ର**

ଅଧିକାଂଶ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ କେନ୍ଦ୍ର ସହ ମୁହାଁମୁହିଁ ଅବସ୍ଥାରେ ରହୁଥିବା ଦିଲ୍ଲୀର ଶାସକ ଦଳ ଆମ୍ ଆଦ୍‌ମି ପାର୍ଟି (ଏଏପି) ଏକକ ନାଗରିକ ଦେୱାନୀ ସଂହିତାକୁ ସିଦ୍ଧାନ୍ତଗତ ସମର୍ଥନ ଦେବାକୁ ଘୋଷଣା କରିଛି। ତେବେ କେନ୍ଦ୍ର ସରକାର ଏହି ପ୍ରସ୍ତାବ ଉପରେ ସମସ୍ତ ପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରି ସହମତି ଭିତ୍ତିରେ ୟୁସିସି ଆଣିବା ଉଚିତ ବୋଲି ଦଳ ସର୍ତ୍ତ ରଖିଛି। ଏଏପି ୟୁସିସିକୁ ସିଦ୍ଧାନ୍ତଗତ ସମର୍ଥନ କରୁଛି। ସମ୍ବିଧାନର ଅନୁଚ୍ଛେଦ ୪୪ ମଧ୍ୟ ଏହାକୁ ସମର୍ଥନ କରୁଛି। ରାଜନୈତିକ ଦଳ ଓ ଅଣରାଜନୈତିକ ବ୍ୟକ୍ତିବିଶେଷଙ୍କ ସମେତ ପକ୍ଷମାନଙ୍କ ସହ ବିଚାରବିମର୍ଶ କରି ସହମତି ପ୍ରକାଶ ପାଇଲେ ୟୁସିସିକୁ ଲାଗୁ କରାଯାଇପାରେ ବୋଲି ଏଏପି ସାଧାରଣ ସମ୍ପାଦକ ସନ୍ଦୀପ ପାଠକ କହିଛନ୍ତି।

## କଂଗ୍ରେସ ଆଭିମୁଖ୍ୟ ସ୍ପଷ୍ଟ କରୁ: ଭାଜପା

ୟୁସିସି କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପାଇଁ ନୁହେଁ, ବରଂ ସମଗ୍ର ସମାଜ ଲାଗି ଉଦ୍ଦିଷ୍ଟ। ଏହାକୁ ସାମ୍ପ୍ରଦାୟିକ ଶିଳ୍ପୀମାନଙ୍କ ହାତରୁ ମୁକ୍ତ କରିବା ସମୟ ଉପନୀତ। ଏହି ପ୍ରସଙ୍ଗରେ କଂଗ୍ରେସ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ମୁଖ୍‌ତାର ଆବ୍ବାସ ନକ୍‌ଭି କହିଛନ୍ତି। ବିରୋଧୀ ଦଳ ୟୁସିସି ପ୍ରତି ସାମ୍ବିଧାନିକ ପ୍ରତିଶ୍ରୁତିବଦ୍ଧତା ସହ ନା ଏହାକୁ କାର୍ଯ୍ୟକାରୀ କରାଇବାରେ 'ସାମ୍ପ୍ରଦାୟିକ ଷଡ଼ଯନ୍ତ୍ର' ସହ ରହିଛି, ସେନେଇ ସ୍ପଷ୍ଟ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଲୋକଙ୍କ ଉପରେ ଲଦି ଦିଆଯାଇପାରିବ ନାହିଁ: ଚିଦାମ୍ବରମ୍



ଏକ ଏଜେଣ୍ଡା ପ୍ରେରିତ ସଂଖ୍ୟାଗରିଷ୍ଠ ସରକାର ଦ୍ୱାରା ୟୁସିସିକୁ ବଳପୂର୍ବକ ଲୋକଙ୍କ ଉପରେ ଲଦିଆଯାଇପାରିବ ନାହିଁ। କାରଣ ଏହା ଲୋକଙ୍କ ମଧ୍ୟରେ ବିଭାଜନକୁ ପ୍ରଶସ୍ତ କରିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି। ଚିଦାମ୍ବରମ୍‌ଙ୍କ ମତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେରୋଜଗାରି, ଦରଦାମ୍ ବୃଦ୍ଧି, ଘୃଣା ଅପରାଧ ଭଳି ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ୟୁସିସି ଉପରେ ଜୋର୍ ଦେଉଛନ୍ତି। ଭାଜପା ସମାଜରେ ଧ୍ରୁବୀକରଣ ପାଇଁ ୟୁସିସିକୁ ବ୍ୟବହାର କରୁଛି।

## ବିକଳ୍ପ ସାରର ପ୍ରସାର ଲାଗି ରାଜ୍ୟକୁ ମିଳିବ ପ୍ରୋତ୍ସାହନ

- ପିଏମ୍-ପ୍ରଣାମକୁ କ୍ୟାବିନେଟ ମଞ୍ଜୁରୀ
- ଆଖୁ ଏଫ୍‌ଆର୍‌ପି ବଢ଼ିଲା

ନୂଆଦିଲ୍ଲୀ, ୨୮।୬(ପି.ଟି.)




ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନୁରାଗ ଠାକୁର।

ରାସାୟନିକ ସାର ପ୍ରୟୋଗ କମାଇବା ସହ ବିକଳ୍ପ ସାରର ପ୍ରସାର କରାଉଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପ୍ରୋତ୍ସାହନ ଯୋଗାଇଦେବେ। ଏଥିପାଇଁ ନୂଆ ଯୋଜନା ପିଏମ୍-ପ୍ରଣାମକୁ କେନ୍ଦ୍ର କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ଗତ ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କଲାବେଳେ ପିଏମ୍-ପ୍ରଣାମ ଘୋଷଣା କରିଥିଲେ। ଉଦାହରଣ ସ୍ୱରୂପ ଗୋଟିଏ ରାଜ୍ୟ ୧୦ ଲକ୍ଷ ଟନ୍ ପାରମ୍ପରିକ ସାର ବ୍ୟବହାର କରୁଛି। ଯଦି ଏହାକୁ ୩ ଲକ୍ଷ ଟନ୍‌କୁ କମାଇ ଦିଆଯାଏ, ତେବେ ୩,୦୦୦ କୋଟି ଟଙ୍କା ସବ୍‌ସିଡି ସଞ୍ଚୟ ହୋଇପାରିବ। ଏଥିରୁ ୫୦ ପ୍ରତିଶତ ଅର୍ଥାତ ୧,୫୦୦ କୋଟି ଟଙ୍କା କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟକୁ ବିକଳ୍ପ ସାରର ପ୍ରସାର ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ଯୋଗାଇଦେବେ ବୋଲି କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ସେହିପରି ଅକ୍ଟୋବରରୁ ଆରମ୍ଭ ହେବାକୁ ଥିବା ୨୦୨୩-୨୪ ଋତୁ ପାଇଁ ଆଖୁ ଏଫ୍‌ଆର୍‌ପି (ଉଚିତ ଓ ଲାଭକାରୀ ମୂଲ୍ୟ) କୁଇଣ୍ଟାଲ ପିଛା ୧୦ ଟଙ୍କା ବଢ଼ାଇବାକୁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ଫଳରେ ଆଖୁ କୁଇଣ୍ଟାଲ ୩୧୫ ଟଙ୍କାକୁ ବୃଦ୍ଧି ପାଇବ।

## ଜାତୀୟ ଗବେଷଣା ଫାଉଣ୍ଡେଶନ ପ୍ରତିଷ୍ଠା ହେବ

ନୂଆଦିଲ୍ଲୀ, ୨୮।୬(ପି.ଟି.)

ଦେଶର ଗବେଷଣା କ୍ଷମତା ବଢ଼ାଇବା ପାଇଁ ନୂତନ ପାଣ୍ଠି ଯୋଗାଣକାରୀ ସଂସ୍ଥା ଜାତୀୟ ଗବେଷଣା ଫାଉଣ୍ଡେଶନ (ଏନ୍‌ଆର୍‌ଏଫ୍) ପ୍ରତିଷ୍ଠା କରାଯିବ। ଏଥିପାଇଁ ଏକ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଆକ୍ଟ,୨୦୦୮ ସ୍ଥାନରେ ଲାଗୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୫ରୁ ୨୫ ଜଣ ଖ୍ୟାତନାମା ଗବେଷକ ଏବଂ ପେସାଦାରଙ୍କୁ ନେଇ ଗଠିତ ଗଭର୍ନିଂ ବଡ଼ି ଏନ୍‌ଆର୍‌ଏଫ୍‌ର ପରିଚାଳନା କରିବ।

## ଆଇଆଇଟି ବମ୍ବେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ

**ବିଶ୍ୱ ର୍‍ୟାଙ୍କିଙ୍ଗରେ ୧୪୯**

ନୂଆଦିଲ୍ଲୀ, ୨୮।୬(ପି.ଟି.)

ଆଇଆଇଏସ୍‌ସି ବେଙ୍ଗାଲୁରୁ ସମେତ ଭାରତର ଅଧିକାଂଶ ଆଇଆଇଟିର ର୍‍ୟାଙ୍କିଙ୍ଗ୍ ଚଳିତ ବର୍ଷ ହ୍ରାସ ପାଇଥିବାବେଳେ କେବଳ ଆଇଆଇଟି ବମ୍ବେ ର୍‍ୟାଙ୍କିଙ୍ଗରେ ଉନ୍ନତି ହୋଇଛି। କ୍ୱାକ୍ୱାରେଲି ସାଇମଣ୍ଡସ୍ (କ୍ୟୁଏସ୍) ବିଶ୍ୱ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ ୨୦୨୪ରେ ଆଇଆଇଟି ବମ୍ବେ ୧୪୯ ର୍‍ୟାଙ୍କ୍‌ରେ ରହିବା ସହ ଭାରତର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ବିବେଚିତ ହୋଇଛି। ଗତବର୍ଷ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ(ଆଇଆଇଏସ୍‌ସି) ବେଙ୍ଗାଲୁରୁ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୧୫୫ତମ ସ୍ଥାନରେ ଥିବାବେଳେ ଏଥର ୨୨୫ତମ ସ୍ଥାନକୁ ଖସିଛି। ଅନ୍ୟପକ୍ଷରେ ଗତବର୍ଷ ଆଇଆଇଟି ବମ୍ବେ ୧୭୨ତମ ସ୍ଥାନରେ ଥିବାବେଳେ ଏଥର ୧୪୯ତମ ସ୍ଥାନକୁ ଉନ୍ନୀତ ହୋଇଛି। ଦିଲ୍ଲୀ ଆଇଆଇଟି ଗତବର୍ଷ ୧୭୪ତମ ସ୍ଥାନରେ ଥିବାବେଳେ ଏଥର ୧୯୭ତମ ର୍‍ୟାଙ୍କକୁ ଖସିଆସିଛି। ଆଇଆଇଟି ଖଡଗପୁର ୨୭୧ ର୍‍ୟାଙ୍କ୍‌ରେ ଥିବାବେଳେ ଆଇଆଇଟି କାନପୁର ୨୭୮, ଆଇଆଇଟି ମାଡ୍ରାସ ୨୮୫, ଆଇଆଇଟି ଗୌହାଟୀ ୩୬୪, ଆଇଆଇଟି ରୁର୍‌କୀ ୩୬୯ତମ ର୍‍ୟାଙ୍କ୍‌ରେ ରହିଛି। ସେହିପରି ଦିଲ୍ଲୀ ୟୁନିଭର୍ସିଟି ୪୦୭ତମ ସ୍ଥାନରେ ଥିବାବେଳେ ଆନ୍ନା ୟୁନିଭର୍ସିଟି ୪୨୭ତମ ର୍‍ୟାଙ୍କ୍‌ରେ ରହିଛି। ଆଇଆଇଟି ଇନ୍ଦୋର ୪୫୪, ୟୁନିଭର୍ସିଟି ଅଫ୍ ମାଡ୍ରାସ ୫୨୬ ର୍‍ୟାଙ୍କ୍‌ରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୫୭୧ତମ ର୍‍ୟାଙ୍କ୍‌ରେ ରହିଛି।

## ଓସ୍କାର ବିଜୟୀ କେଭିନ୍‌ଙ୍କ ବିରୋଧରେ ୧୨ ଯୌନ ନିର୍ଯାତନା ମାମଲା

ଲଣ୍ଡନ,୨୮।୬



ହଲିଉଡ୍‌ର ଜଣାଶୁଣା ଅଭିନେତା କେଭିନ୍ ସ୍ପେସିଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲା ନେଇ ଲଣ୍ଡନର ସାଉଥ୍‌ୱର୍କ କ୍ରାଉନ୍ କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ବୁଧବାର ସକାଳ ୯ଟାବେଳେ କେଭିନ୍ (୬୩) ଏକ କଳା ରଙ୍ଗର ଟାକ୍ସିରେ କୋର୍ଟରେ ପହଞ୍ଚିଥିଲେ। ଟାକ୍ସିରୁ ବାହାରି କୋର୍ଟ ଅଭିମୁଖେ ଯିବା ସମୟରେ ସାମ୍ନାକୁ ଆସୁଥିବା ବ୍ୟକ୍ତିଙ୍କୁ କେଭିନ୍ ଗୁଡ୍ ମର୍ନିଂ କହି କୋର୍ଟ ରୁମ୍‌କୁ ପ୍ରବେଶ କରିଥିଲେ। ଏହି ଯୌନ ନିର୍ଯାତନା ମାମଲାର ଶୁଣାଣି ଆଗାମୀ ୪ ସପ୍ତାହ ଧରି ଚାଲିବ। ୮ ଯୌନ ନିର୍ଯାତନା ମାମଲା, ୩ ଅଶ୍ଳୀଳ ଇଙ୍ଗିତ ସହିତ ଜଣେ ବ୍ୟକ୍ତିଙ୍କ ସହ ଅନୈତିକ ଶାରୀରିକ ସମ୍ପର୍କ ସ୍ଥାପନ କରିବା ନେଇ କେଭିନ୍‌ଙ୍କ ବିରୋଧରେ ମୋଟ ୧୨ଟି ମାମଲା ରହିଛି। ଏଥି ମଧ୍ୟରୁ ୨୦୦୧ରୁ ୨୦୦୪ ଭିତରେ ୪ଟି ଏବଂ ୨୦୦୫ରୁ ୨୦୧୦ ମଧ୍ୟରେ ୫ ମାମଲା କେଭିନ୍‌ଙ୍କ ନାଁରେ ହୋଇଛି। କେଭିନ୍‌ଙ୍କ ମତରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ଏବଂ ସେ ନିର୍ଦ୍ଦୋଷ।

ଗତବର୍ଷ କେଭିନ୍‌ଙ୍କ ବିରୋଧରେ ଥିବା ୫ ନିର୍ଯାତନା ମାମଲାର ଶୁଣାଣି କରାଯାଇଥିଲା। ତାଙ୍କ ଓକିଲ ଗିବ୍‌ସ କେ.ସି.ଙ୍କ ସହାୟତାରେ କେଭିନ୍‌ଙ୍କୁ ବିନା ସର୍ତ୍ତରେ ଜାମିନ୍ ମିଳିଯାଇଥିଲା। ଯେଉଁଥି ପାଇଁ କେଭିନ୍ ବିନା ଅବାଧରେ ଯେ କୌଣସି ସ୍ଥାନକୁ ଯାଇପାରୁ ଥିଲେ। ୬ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ମି ଠୁ ମୁଭ୍‌ମେଣ୍ଟ କେଭିନ୍‌ଙ୍କ ଅଭିନୟ କ୍ୟାରିୟରରେ ବଡ଼ ବିପଦ ସୃଷ୍ଟି କରିଥିଲା। ହଲିଉଡ୍‌ର ଐତିହାସିକ ଡ୍ରାମା ଫିଲ୍ମ '୧୨୪୨ ଗେଟ୍‌ୱେ ଟୁ ଦି ୱେଷ୍ଟ'ରୁ କେଭିନ୍‌ଙ୍କୁ ହଟାଇ ଦିଆଯାଇଥିଲା। ଯୌନ ନିର୍ଯାତନା ମାମଲା ପାଇଁ କେଭିନ୍‌ଙ୍କୁ ଆହୁରି ଅନେକ ପ୍ରୋଜେକ୍ଟରୁ ବାହାର କରାଯାଇଛି। ନିକଟରେ ଜେଟ୍ ମାଗାଜିନ୍‌କୁ ଦେଇଥିବା ଏକ ସାକ୍ଷାତ୍‌କାରରେ କେଭିନ୍ କହିଛନ୍ତି, କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ହେବା ପରେ ପୁଣିଥରେ କାମ ଆରମ୍ଭ କରିଦେବେ। ଇଣ୍ଡଷ୍ଟ୍ରିରେ ଏବେ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ତାଙ୍କୁ କାମ ଦେବାକୁ ଅନାଇ ବସିଛନ୍ତି।

## ହିଜାବ ପିନ୍ଧିବାକୁ ମୁସଲମାନ ଡାକ୍ତରୀ ଛାତ୍ରୀଙ୍କ ଦାବି

ଥିରୁଭାନନ୍ତପୁରମ୍, ୨୮।୬



ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ହିଜାବ ପରିଧାନକୁ ନେଇ ବିତର୍କ ଲାଗିରହିଥିବାବେଳେ କେରଳର ଏକ କଲେଜର ୭ ଜଣ ଡାକ୍ତରୀ ଛାତ୍ରୀ ହିଜାବ ପିନ୍ଧିବା ପାଇଁ ଅନୁମତି ଦେବାକୁ ପ୍ରିନ୍ସିପାଲଙ୍କୁ ପତ୍ର ଲେଖିଛନ୍ତି। ଥିରୁଭାନନ୍ତପୁରମ୍‌ର ସରକାରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଥିବା ଏହି ଛାତ୍ରୀମାନେ କହିଛନ୍ତି, ସେମାନଙ୍କ ଧର୍ମବିଶ୍ୱାସ ଅନୁଯାୟୀ ସବୁ ପରିସ୍ଥିତିରେ ମୁସଲମାନ ମହିଳା ହିଜାବ ପିନ୍ଧିବା ବାଧ୍ୟତାମୂଳକ। ତେଣୁ ସର୍ଜରି ଡ୍ୟୁଟି କଲାବେଳେ ସେମାନଙ୍କୁ ହିଜାବ ପିନ୍ଧିବାକୁ ଅନୁମତି ଦିଆଯିବାକୁ ସେମାନେ ଅନୁରୋଧ କରିଛନ୍ତି। ଅସ୍ତ୍ରୋପଚାର କକ୍ଷରେ ହିଜାବ ପିନ୍ଧିବାକୁ ଅନୁମତି ଦିଆ ନ ଯିବା ନେଇ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଲମ୍ବା ହାତ ଥିବା ସ୍କ୍ରବ୍ ଜାକେଟ ଏବଂ ସର୍ଜିକାଲ ହୁଡ୍ ଯଥାଶୀଘ୍ର ପରିଧାନ ପାଇଁ ସେମାନେ ଅନୁମତି ମାଗିଛନ୍ତି। ଛାତ୍ରୀମାନଙ୍କ ଦାବି ଉପରେ ବିଚାର କରିବା ପାଇଁ ଏକ କମିଟି ଗଢ଼ାଯାଇଥିବା ପ୍ରିନ୍ସିପାଲ ଡ. ଲିନେଟ୍ ମୋରିସ୍ କହିଛନ୍ତି। ବର୍ତ୍ତମାନ ପାଇଁ ସେମାନଙ୍କୁ ଦାବିକୁ ଗ୍ରହଣ କରାଯାଇପାରିବ ନାହିଁ। ଅସ୍ତ୍ରୋପଚାର ପ୍ରକୋଷ୍ଠରେ ଅନ୍ତର୍ଜାତୀୟ ମାନଦଣ୍ଡକୁ ବଜାୟ ରଖାଯାଉଛି। ରୋଗୀମାନଙ୍କ ସୁରକ୍ଷା ସର୍ବପ୍ରଥମ ବୋଲି ପ୍ରିନ୍ସିପାଲ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ କର୍ନାଟକର ଭାଜପା ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ହିଜାବ ପରିଧାନ ଉପରେ ରୋକ ଲଗାଇଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଶିକ୍ଷାନୁଷ୍ଠାନରେ ଧର୍ମୀୟ ପ୍ରଥାର ସ୍ଥାନ ନାହିଁ ବୋଲି କେତେକ ଯୁକ୍ତି ବାଢ଼ିଥିବାବେଳେ, ହିଜାବ ନିଷେଧ କରିବା ସଂଖ୍ୟାଲଘୁଙ୍କ ଅଧିକାର ଉପରେ ଆକ୍ରମଣ ବୋଲି ଅନ୍ୟ କେତେଜଣ କହିଥିଲେ।

DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ | Bhubaneswar, Thursday, June 29/2023 | ପୃଷ୍ଠା-୧

# ରେଲୱେରେ ୨.୭୪ ଲକ୍ଷ ପଦବୀ ଖାଲି

ନୂଆଦିଲ୍ଲୀ,୨୮।୬(ପି.ଟି.)

ଗତ ଜୁନ୍ ୨ ତାରିଖରେ ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଯୋଗୁ ୨୯୨ଜଣଙ୍କ ମୃତ୍ୟୁ ଘଟିବା ସହ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ଦୁର୍ଘଟଣାର କାରଣ ଖୋଜୁଥିବାବେଳେ ଦେଶରେ ସୁରକ୍ଷିତ ରେଳଯାତ୍ରାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରାକ୍ ରକ୍ଷଣାବେକ୍ଷଣ, ଉନ୍ନତ ମାନର ସିଗ୍ନାଲିଂ ବ୍ୟବସ୍ଥା ଓ ଏହାର ତଦାରଖ ଆଦି ସୁରକ୍ଷା ସମ୍ପର୍କ କାର୍ଯ୍ୟ ନିମନ୍ତେ ଆବଶ୍ୟକ କର୍ମଚାରୀ ଏବଂ ଆଧୁନିକ ଯନ୍ତ୍ରାଂଶ ଅଭାବକୁ ନେଇ ପ୍ରଶ୍ନ ଉଠିଛି। ଏଭଳିସ୍ଥଳେ ଭାରତୀୟ ରେଳପଥରେ ପ୍ରାୟ ୨.୭୪ ଲକ୍ଷ ପଦ ଖାଲି ପଡ଼ିଥିବା ଜଣାପଡ଼ିଛି। ସେଥିରୁ ୧.୭ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷା ବର୍ଗରେ ଖାଲିପଡ଼ିଥିବା ବିଷୟ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ତଥ୍ୟ ହସ୍ତଗତ ହୋଇଛି। ଗତବର୍ଷ ସେପ୍ଟେମ୍ବରରେ

## ସୁରକ୍ଷା ବର୍ଗରେ ୧.୭ ଲକ୍ଷ

ପାର୍ଲାମେଣ୍ଟରେ ଉପସ୍ଥାପିତ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି)ଙ୍କ ଅଡିଟ୍ ରିପୋର୍ଟରେ ରେଳ ସୁରକ୍ଷାରେ ଥିବା ଅନେକ ତ୍ରୁଟି ପଦାକୁ ଆସିଥିଲା। ବିଶେଷକରି ମୋଦି ସରକାରଙ୍କ ଅମଳରେ କ୍ରମାଗତ ଭାବେ ରେଲୱେ ପାଇଁ ପାଣ୍ଠି କମିବା, ମିଳୁଥିବା ଅର୍ଥର ବିନିଯୋଗ ହୋଇ ନ ପାରିବା ଏବଂ ରେଳ ସୁରକ୍ଷା ସମ୍ପର୍କିତ ପଦବୀ ପୂରଣ ନ ହେବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। କିନ୍ତୁ ତାହାକୁ ଗୁରୁତ୍ୱ ଦିଆ ନ ଯିବା ଯୋଗୁ ବାହାନଗା ଟ୍ରେନ ଟ୍ରାଜେଡି ସମେତ କିଛି ଦିନ ଅନ୍ତରାଳରେ ରେଳ ଦୁର୍ଘଟଣା ଘଟିଚାଲିଥିବା ବିଶେଷଜ୍ଞମାନେ କହୁଛନ୍ତି।

ମଧ୍ୟପ୍ରଦେଶର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗଉରଙ୍କ ଆବେଦନକ୍ରମେ ରେଲୱେଠାରୁ ମିଳିଥିବା ତଥ୍ୟାନୁସାରେ ୨୦୨୩ ଜୁନ୍ ୧ ସୁଦ୍ଧା ଲେଭେଲ ୧ ସମେତ ଗ୍ରୁପ୍ ସି (ଅଣଗେଜେଟେଡ୍)ରେ ୨,୭୪,୫୮୦ ପଦବୀ ଖାଲି ପଡ଼ିଛି। ସୁରକ୍ଷା ଦାୟିତ୍ୱରେ ରହୁଥିବା କର୍ମଚାରୀଙ୍କ ଖାଲି ପଦବୀ ସଂଖ୍ୟା ୧,୭୭,୯୨୪ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ଡିସେମ୍ବରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୩.୧୨ ଲକ୍ଷ ଅଣଗେଜେଟେଡ୍ ପଦବୀ ଖାଲିପଡ଼ିଥିବା ବିଷୟ ପାର୍ଲାମେଣ୍ଟକୁ ଅବଗତ କରାଇଥିଲେ।

ସୁରକ୍ଷା କାର୍ଯ୍ୟ ତଦାରଖ ସକାଶେ କର୍ମଚାରୀ ଅଭାବକୁ ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ୨୦୧୭-୨୧ ମଧ୍ୟରେ ଘଟିଥିବା ୨୮୯ଟି ଲାଇନ୍‌ଚ୍ୟୁତ ଘଟଣାର ୨୬% ଟ୍ରାକ୍ ରିନ୍ୟୁଆଲ ସହ ଜଡ଼ିତ ଥିଲା। ୨,୯୦୮ ମାନବଯୁକ୍ତ ଲେଭଲ କ୍ରସିଂକୁ ହଟାଇବା ପାଇଁ ୨୦୧୮-୨୧ରେ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସେଥିରୁ ୭୦% ଅର୍ଥାତ୍ ୨,୦୫୯ଟିକୁ ହଟାଯାଇଥିଲା। ବିଭିନ୍ନ ବର୍ଗରେ ନିଯୁକ୍ତି ଲାଗି ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଇ ନ ଥିଲା। ଏଥିଯୋଗୁ ରକ୍ଷଣାବେକ୍ଷଣର ଗୁଣବତ୍ତା ପ୍ରଭାବିତ ହୋଇଥିଲା ବୋଲି ସିଏଜି ସ୍ପଷ୍ଟ କରିଥିଲେ।

# ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଗୁଳି



ସାହରନପୁର(ୟୁପି), ୨୮।୬

ଦଳିତ ନେତା ତଥା ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ କାର୍ ଉପରକୁ ବୁଧବାର କେତେଜଣ ଅଜଣା ଆକ୍ରମଣକାରୀ ଗୁଳି ଚଳାଇଥିଲେ। ଏଥିରେ ଆଜାଦ ଆହତ ହୋଇଥିବା ପୋଲିସ କହିଛି। ୩୬ ବର୍ଷୀୟ ଆଜାଦ ତାଙ୍କର ☞ପୃଷ୍ଠା-୨

# ତ୍ରିପୁରାରେ ରଥ ଜଳିଗଲା, ୬ ମୃତ

ଅଗରତାଲା,୨୮।୬(ପି.ଟି.)

ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ବେଳେ ତ୍ରିପୁରାର ଉନାକୋଟି ଜିଲାରେ ରଥ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଆଁ ଲାଗିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଆଉ ୧୫ ଜଣ ଆହତ ହୋଇଛନ୍ତି। କୁମାରଘାଟରେ ଓଲଟା ରଥଯାତ୍ରା (ବାହୁଡ଼ା) ପାଇଁ ବୁଧବାର ଅନେକ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ୩୦ରେ ରଥ ଟଣାଯାଉଥିବାବେଳେ ଏକ ୧୩୩ କେ.ଭି. ବିଦ୍ୟୁତ୍ ତାରରେ ଏହା ଛନ୍ଦି ହୋଇଯାଇଥିଲା। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଆସିଷ୍ଟାଣ୍ଟ ଆଇଜି (ଆଇନ ଶୃଙ୍ଖଳା) ଜ୍ୟୋତିସ୍ମାନ ଦାସ ଚୌଧୁରୀ କହିଛନ୍ତି। ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ମାଣିକ ଶାହ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି କଠିନ ସମୟରେ ରାଜ୍ୟ ସରକାର ସେମାନଙ୍କ ସହ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ବନ୍ଦନା ସେଠୀ)/ପୁରୁଣା ଭୁବନେଶ୍ୱର, ୨୮।୬ (ସୁବାସ ପ୍ରଧାନ)

ବେଦ, ମନ୍ତ୍ର ଓ ପୂଜାପାଠ ସହ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ପ୍ରତୀକ୍ଷିତ ତଥା ଆକାଂକ୍ଷିତ 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ କରିଛନ୍ତି। ଏଥିସହ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ୩ଦିନ ଧରି ଚାଲିଥିବା ଭୂମିପୂଜନ ଉତ୍ସବ ଶେଷ ହୋଇଛି। ଶୈବପୀଠ ସମେତ

- ସରିଲା ୩ଦିନିଆ ଭୂମିପୂଜନ ଉତ୍ସବ
- ପ୍ରକଳ୍ପ ପାଇଁ ଜମି ଦେଇଥିବା ୧୪ଜଣ ସମ୍ବର୍ଦ୍ଧିତ

ଏକାମ୍ର କ୍ଷେତ୍ରର ବିକାଶ ପାଇଁ ୪ବର୍ଷର ପ୍ରକ୍ରିୟା ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଥିବାରୁ ସେବାୟତ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଆନନ୍ଦ ପ୍ରକାଶ ପାଇଛି। 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ ପାଇଁ ଶିବ ଆରାଧନା ସହ ସୋମବାରଠାରୁ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ବୁଧବାର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ସକାଳ ୬ଟା ୩୦ରୁ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶିଳା ପୂଜା, ଅଗ୍ନିପୂଜା ଓ ବନ୍ଦନା ପରେ ୯ଟା ୩୦ରେ ଶିଳା ବିଶୋଧନ, ଶିଳା ପ୍ରତିଷ୍ଠା, ଗର୍ଭ ସଂସ୍କାର ଓ ଶିଳାନ୍ୟାସ କର୍ମ କରାଯିବା ପରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ☞ପୃଷ୍ଠା-୨

# ଦକ୍ଷିଣ କୋରିଆବାସୀଙ୍କ ବୟସ କମିଯିବ




ସିଓଲ,୨୮।୬

ଦକ୍ଷିଣ କୋରିଆରେ ପ୍ରତ୍ୟେକ ନାଗରିକଙ୍କ ବୟସ ଏବେ ବର୍ଷେରୁ ଦୁଇ ବର୍ଷ ଲେଖାଏ କମିଯିବ। ଉକ୍ତ ଦେଶରେ ଅଣାଯାଇଥିବା ନୂଆ ନିୟମ ଅନୁଯାୟୀ ଲୋକଙ୍କ ବୟସ ହ୍ରାସ ପାଇବାକୁ ଯାଉଛି। ଦକ୍ଷିଣ କୋରିଆରେ ବୟସକୁ ନେଇ ୨ ପ୍ରକାର ଗଣନା ପଦ୍ଧତି ଥିବାବେଳେ ତାହାକୁ ହଟାଇବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ଦକ୍ଷିଣ କୋରିଆରେ ପିଲା ମା'ଗର୍ଭାଶୟରେ ରହିବା ପରଠାରୁ ତା'ର ବୟସ ଗଣନା ଆରମ୍ଭ କରାଯାଏ। ଅର୍ଥାତ୍ ପିଲା ଜନ୍ମ ହେବା ବେଳକୁ ତାକୁ ୧ବର୍ଷ ବୋଲି ଧରାଯାଏ। ଆଉ ଏକ ଗଣନା ପଦ୍ଧତି ଅନୁସାରେ, ପ୍ରତିବର୍ଷ ଜାନୁୟାରୀ ୧ ତାରିଖରେ ପ୍ରତ୍ୟେକ ବ୍ୟକ୍ତିଙ୍କ ବୟସ ଗୋଟିଏ ବର୍ଷ ବଢ଼େ। ଯଦି ଜଣେ ଶିଶୁ ଡିସେମ୍ବର ୩୧ ତାରିଖରେ ଜନ୍ମ ହୁଏ ତେବେ ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଗଣନା ଅନୁସାରେ ଜାନୁୟାରୀ ୧ରେ ସେହି ଶିଶୁକୁ ୨ ବର୍ଷ ଚାଲେ। ଦକ୍ଷିଣ କୋରିଆରେ କରାଯାଉଥିବା ବୟସ ଗଣନା ପ୍ରଣାଳୀ ଯୋଗୁ ନାଗରିକମାନେ ଜୀବନବୀମା ସଂକ୍ରାନ୍ତୀୟ ଅସୁବିଧାରେ ସମ୍ମୁଖୀନ ହେବା ସହ ଅନେକ ଲୋକ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇପଡୁଥିବା ରାଷ୍ଟ୍ରପତି ୟୁନ ସୁକ୍ ୟେଓନ୍ କହିଛନ୍ତି। ପ୍ରଚଳିତ କୋରିଆନ୍ ଏଜ୍ ମେଥଡ୍ ୧୦୦ ବର୍ଷରୁ ଅଧିକ ପୁରୁଣା। ଉଦାହରଣ ସ୍ୱରୂପ ଯଦି ଜଣେ ପିଲା ୨୦୦୩ ଜୁନ୍ ୨୯ରେ ଜନ୍ମ ହୋଇଛି ତେବେ ଅନ୍ତର୍ଜାତୀୟ ବୟସ ☞ପୃଷ୍ଠା-୨

DADLS - 17






ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

OIPR-15001/13/0065/2324

DADLS - 17





ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା।

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0065/2324



ପବିତ୍ର ଇଦ୍-ଉଜ୍-ଜୁହା ଉପଲକ୍ଷେ ବାର୍ତ୍ତା

DADLS - 17

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା ଓ ସମର୍ପଣର ଏହି ପର୍ବରେ ସମସ୍ତେ ସାମିଲ ହୋଇ ଓଡ଼ିଶାର ନିରନ୍ତର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରୁଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0065/2324

**ଆଜିର ମନ୍ତବ୍ୟ** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ପରେ ଦୁଇଦେଶର ସହଭାଗିତା ଏକ ନୂଆ ସ୍ତରରେ ପହଞ୍ଚିଛି। ଭାରତ ଓ ଆମେରିକାର ଅସୀମ ସୁଯୋଗ ଭରା ଭବିଷ୍ୟତ ରହିଛି। -ଏରିକ୍ ଗ୍ରାସେଟି, ଆମେରିକା ରାଷ୍ଟ୍ରଦୂତ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କାଠ ଉଇ ଖାଉଛି
କାଉଁରିଆ କାଠି ରୁଆ ହେଉଛି ।**

କାଠ ସହ କାଉଁରିଆ କାଠି କୌଣସି ଗୁଣରେ ସରି ହୋଇ ନ ଥାଏ। କିଛି ବ୍ୟକ୍ତି ବିଚାର ବୁଦ୍ଧିଶୂନ୍ୟ ହୋଇଥାନ୍ତି। ଭଲ ଓ ଭେଲ ମଧ୍ୟରେ କିଛି ତଫାତ ବା ଫରକ ଜାଣିପାରି ନ ଥାନ୍ତି। ନିର୍ବୁଦ୍ଧିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘଇତା ଅଯୋଗ୍ୟ ପଣେ
ମାଇପ ଶୁଅଇ ସନ୍ତରା ବଣେ ।**

ଗୃହକର୍ତ୍ତା ବା ସ୍ୱାମୀ ଅଯୋଗ୍ୟ ହେଲେ ସ୍ତ୍ରୀର ଦୁଃଖକଷ୍ଟ ଦ୍ୱିଗୁଣିତ ହୋଇଯାଏ। ଫଳରେ ଘର ଚଳେଇବା ପାଇଁ ସେ ପରର ଆଶ୍ରା ନେଇଥାଏ। ପରଲୋକ ଯାହା କୁହେ ସେ ସେଇ ଅନୁସାରେ ଚଳିଥାଏ ଓ ସେଥିରେ ସାଲିସ କରିନେବା ଛଡ଼ା ତା'ପକ୍ଷେ ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ି

## ୮୦୦ରୁ ଊର୍ଦ୍ଧ୍ୱ ମାଲିକଙ୍କ ନାଁରେ ଇ-ଚାଲାଣ

ଭୁବନେଶ୍ୱର,୨୮।୬(ଅଭିଜିତ ଦାସ)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଯାଇଛି। ବାକି ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡି ବିନା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟରେ ଚାଲୁଛି। ଅନେକ ଗାଡି ମାଲିକ ଏହି ନମ୍ବର ପ୍ଲେଟ୍ ଲଗାଇବାକୁ ଅପେକ୍ଷାରତ ଅଛନ୍ତି। ଏପରିସ୍ଥିତିରେ ଗତ ୨୩ ତାରିଖରୁ ପରିବହନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସ୍ପେଶାଲ ଡ୍ରାଇଭ୍ ଚେକିଂରେ ୮୦୦ରୁ ଊର୍ଦ୍ଧ୍ୱ ମାଲିକଙ୍କ ନାଁରେ ଇ-ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି।

ବିଭାଗୀୟ ସୂଚନାନୁସାରେ, ଓଡ଼ିଶା ରେଜିଷ୍ଟ୍ରେଶନ୍ ମାର୍କ ଥିବା ତଥା ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ୍ ପ୍ଲେଟ୍ (ଏଚଏସ୍ଆରପି) ଲଗାଇବା ଅବଧି ଗତ ଫେବୃୟାରୀ ୨୮ରୁ ଶେଷ ହୋଇଛି। ଏବେବି ଅନେକ ଗାଡିରେ ବିକୃତ ନମ୍ବର ପ୍ଲେଟ ଥିବାବେଳେ ଅଧିକାଂଶ ଗାଡି ମାଲିକ ବୁକିଂ କରିଥିବା ନମ୍ବର ପ୍ଲେଟ୍‌କୁ ଅପେକ୍ଷା କରି ରହିଛନ୍ତି। ତେବେ ଗତବର୍ଷ ଅଗଷ୍ଟରେ ୭ ଲକ୍ଷ ୬ ହଜାର ୨୧୫ଟି ଗାଡି ମାଲିକ ସ୍ଲଟ ବୁକିଂ କରିଥିବାବେଳେ ଚଳିତବର୍ଷ ଜୁନ୍ ୭ ସୁଦ୍ଧା ୪୦ ଲକ୍ଷ ୯୩ ହଜାର ୬୦୮ଟି ଗାଡି ଲାଗି ସ୍ଲଟ୍ ବୁକିଂ ହୋଇଛି। ଏଥିମଧ୍ୟରୁ ୩୫ ଲକ୍ଷ ୮୭ ହଜାର ୫୭୭ଟି ଗାଡିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ଥିବାବେଳେ ବାକି ୫ ଲକ୍ଷ ଗାଡି ବିନା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ଚାଲୁଛି। ତେଣୁ ପରିବହନ ବିଭାଗ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ୨୫ ତାରିଖ ସୁଦ୍ଧା ୮୦୦ରୁ ଊର୍ଦ୍ଧ୍ୱ ଗାଡିକୁ ଧରାଯାଇଥିବାବେଳେ ୬୩୭ଜଣ ଗାଡି ମାଲିକଙ୍କ ନାମରେ ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି।

ଏନେଇ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲାଲମୋହନ ସେଠୀଙ୍କ କହିବା ଅନୁଯାୟୀ, ସେଣ୍ଟ୍ରାଲ ମୋଟର ଭେଇକିଲ୍ ରୁଲ୍(ସିଏମ୍‌ଭିଆର୍)୧୯୮୯ର ଧାରା ୫୦ ଅନୁଯାୟୀ ସମସ୍ତ ଯାନବାହନରେ ଏଚ୍‌ଏସ୍‌ଆର୍‌ପି ବାଧ୍ୟତାମୂଳକ। ମୋଟର ଭେଇକିଲ୍(ଏମ୍‌ଭି) ଆକ୍ଟ ୧୯୮୮ର ଧାରା ୧୯୨ ଅନୁସାରେ ଗାଡିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିଲେ ଇ-ଚାଲାଣ କଟାଯିବ। ନିୟମ ପାଳନ କରୁ ନ ଥିବା ଗାଡି ଚାଳକଙ୍କୁ ଇ-ଚାଲାଣ କଟାଯାଇ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ। ଗୋଟିଏ ଗାଡି ପ୍ରଥମଥର ଧରାପଡ଼ିଲେ ୫ ହଜାର ଓ ଦ୍ୱିତୀୟଥର ଧରାପଡିଲେ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ପଡିବ। ଏନେଇ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଲୋକେ ନିୟମ ମାନୁ ନ ଥିବା ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର ସେଠୀ କହିଛନ୍ତି।

# ଆମେରିକା ସହ ଡ୍ରୋନ୍ ଡିଲ୍ | ମୂଲ୍ୟକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୨୮।୬(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବହୁ କୋଟି ଟଙ୍କାର ଡ୍ରୋନ୍ ଡିଲ୍‌ର ସ୍ୱଚ୍ଛତାକୁ ନେଇ ବୁଧବାର କଂଗ୍ରେସ ପ୍ରଶ୍ନ ଉଠାଇଛି। ୩୧ ଏମ୍‌କ୍ୟୁ-୯ବି ପ୍ରିଡେଟର ଯୁଏଭି ଡ୍ରୋନ୍‌ଗୁଡ଼ିକୁ ଅଧିକ ଦାମ୍‌ରେ ଅଧିଗ୍ରହଣ କରାଯାଉଥିବା ନେଇ ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି। କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜାତୀୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉଚିତ। କିନ୍ତୁ ପ୍ରିଡେଟର ଡ୍ରୋନ୍ ଡିଲ୍‌ରେ ଅନେକ ସନ୍ଦେହ ଉପୁଜିଛି। ମୋଦି ସରକାର ଜାତୀୟ ସ୍ୱାର୍ଥକୁ ଉପହାସ କରିବା ନେଇ ଜଣାଶୁଣା। ରାଫାଲ ଡିଲ୍ ବେଳେ ମଧ୍ୟ ଭାରତୀୟମାନେ ଏହା ଦେଖିଛନ୍ତି। ସରକାର ୧୨୬ ରାଫାଲ ଯୁଦ୍ଧବିମାନ ପରିବର୍ତ୍ତେ ମାତ୍ର ୩୬ଟି ଆଣିଛନ୍ତି। ଡିଫେନ୍ସ ଆକ୍ୱିଜିଶନ୍ କମିଟି ଏବଂ ସଶସ୍ତ୍ର ବଳର ଆପତ୍ତିକୁ ଅଣଦେଖା କରି ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍)କୁ କିଭଳି ଭାବେ ଟେକ୍ନୋଲୋଜି ହସ୍ତାନ୍ତର କରା ନ ଯାଇ ଏକତରଫା ନିଷ୍ପତ୍ତି ନିଆଯାଇଥିଲା ତାହା ମଧ୍ୟ ଆମେ ଦେଖିଛୁ। ରାଫାଲ ଦୁର୍ନୀତି ଏବେ ମଧ୍ୟ ଫ୍ରାନ୍ସରେ ତଦନ୍ତାଧୀନ ରହିଛି। ତେଣୁ ପ୍ରିଡେଟର ଡ୍ରୋନ୍ ଚୁକ୍ତି ଉପରେ ଆମେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଦାବି କରୁଛୁ। ଭାରତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଚାହେଁ। ଅନ୍ୟଥା ଆମେ ମୋଦି ସରକାରଙ୍କ ଅଧୀନରେ ଆଉ ଏକ ଦୁର୍ନୀତିରେ ଫସିଯିବା ବୋଲି ଖେରା କହିଛନ୍ତି।କ ପ୍ରକାଶ ଯେ, ଆମେରିକାଠାରୁ ୩୧ଟି ଏମ୍‌କ୍ୟୁ-୯ବି ଡ୍ରୋନ୍ କିଣିବା ପାଇଁ ଭାରତ ମୂଲ୍ୟ ନିର୍ଦ୍ଧାରଣ କରିନାହିଁ ଦର୍ଶାଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ଏହାର ମୂଲ୍ୟ ଓ ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ପ୍ରକାଶିତ ରିପୋର୍ଟଗୁଡ଼ିକୁ ରବିବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଖାରଜ କରାଯାଇଥିଲା। ନିର୍ମାତାଙ୍କଠାରୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଏହି ଡ୍ରୋନ୍ କେତେ ମୂଲ୍ୟରେ ନେଉଛନ୍ତି ତାକୁ ଅନୁଧ୍ୟାନ କରି ସବୁଠୁ ଉଚିତ ଦାମ୍‌ରେ ଯେପରି ଅଣାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରଣାଳୟ କହିଥିଲା।




# ଷ୍ଟ୍ରବେରି ପରେ ସେଓ ଚାଷ

- ୩ ବର୍ଷ ବଦଳରେ ଦେଢ଼ ବର୍ଷରେ ଫଳିଲା
- ସିମଲାରୁ ଚାରା ଅଣାଯାଇଥିଲା

ଦାରିଙ୍ଗବାଡି,୨୮।୬(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଏକ ପର୍ଯ୍ୟଟନସ୍ଥଳ ଭାବେ ସାରା ରାଜ୍ୟ ତଥା ରାଜ୍ୟ ବାହାରେ ବହୁତ ଜଣାଶୁଣା। ଏଠିକାର ଜଳବାୟୁ ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ଏଠି ବିଶ୍ୱ ବିଖ୍ୟାତ ହଳଦୀ ଚାଷ ପାଇଁ ପରିଚିତ ରହିଥିବା ବେଳେ ଥଣ୍ଡା ଜଳବାୟୁ ପାଇଁ କଫି ଚାଷ ସାରା ଦେଶରେ ପରିଚିତ। ସେହିପରି ଅନ୍ୟ ଚାଷ ମଧ୍ୟରେ ପନିପରିବା, ଆମ୍ବ, ଲିଚୁ, ଓ ବହୁ ଚର୍ଚ୍ଚିତ ଲାଭଦାୟକ ଷ୍ଟ୍ରବେରୀ ଚାଷ ମଧ୍ୟ ଦାରିଙ୍ଗବାଡିରେ ସଫଳତାର ସହ ହୋଇପାରିଛି। ଏବେ ପୁଣି ଅଞ୍ଚଳରେ ସେଓ ଫଳ ଫଳିବା ପରେ ଏବେ ଏହି ଜଳବାୟୁରେ ସେଓ ସହ ଅଙ୍ଗୁର ଚାଷ ମଧ୍ୟ ହୋଇପାରିବ ବୋଲି ଆଶା କରାଯାଇଛି। ଏଭଳି ସଫଳତାର ସହ ଚାଷ ହୋଇଥିବା ଦେଖିବାକୁ ମିଳିଛି ଦାରିଙ୍ଗବାଡିଠାରେ ଥିବା ଏକ ରିସର୍ଟ ପରିସରରେ। ରିସର୍ଟର ଚେୟାର ପର୍ସନ ବିପିନ ପାଇକରାୟ ଭୁବନେଶ୍ୱର ପାତ୍ରପଡା ଅଞ୍ଚଳର ହୋଇଥିବା ବେଳେ ସେ ଦାରିଙ୍ଗବାଡିଠାରେ ଏକ ରିସର୍ଟ କରିଛନ୍ତି ସେଠାରେ ସେ ସିମଲାରୁ ଆଣିଥିବା ୨୧ଟି ସେଓ ଚାରା ପରୀକ୍ଷା ମୂଳକ ଭାବେ ରୋପଣ କରିଥିଲେ। ତାକୁ ତଦାରଖ କରିବା ପରେ ଉକ୍ତ ଗଛରେ ୩ ବର୍ଷରେ ଫଳିବାକୁ ଥିବା ସେଓ ମାତ୍ର ଦେଢ଼ ବର୍ଷରେ ହୋଇଛି। ଏବେ ବିପିନ କହିଛନ୍ତି ପୁଣି ସିମଲାରୁ ଚାରା ଆଣି ଏହାର ବହୁଳ ଚାଷ କରିବେ ଏଥିସହ ସେ ଏହି ଚାଷ ଅନ୍ୟମାନେ ମଧ୍ୟ କରନ୍ତୁ ବୋଲି କହିଛନ୍ତି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମନକଥା ମନରେ ରଖି ସୁଯୋଗକୁ ଅପେକ୍ଷା କଲେ ଯାହା ଚାହୁଁଛନ୍ତି ତାହା ପାଇଯିବେ। ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ରର କେତେକ ସାମାନ୍ୟ ଭୁଲରୁ କାମ ବିଶୃଙ୍ଖଳିତ ହୋଇଯିବାର ଆଶଙ୍କା ରହିଛି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ।

**ବୃଷ** ଆଜି ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବିବାଦୀୟ ଘଟଣା କିନ୍ତୁ ଅମୀମାଂସିତ ରହିଯାଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ମୃଗଶିରା ନକ୍ଷତ୍ର ସକାଶେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। ଆରଦ୍ରା ନକ୍ଷତ୍ରର ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ।

**କର୍କଟ** ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଅସଜଡ଼ା ପରିସ୍ଥିତିରେ ମୁକାବିଲାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ପୁନର୍ବସୁ ସକାଶେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇପାରନ୍ତି।

**ସିଂହ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ।

**କନ୍ୟା** ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇପାରିବେ ନାହିଁ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ। ଚିତ୍ରା ନକ୍ଷତ୍ର ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା** ମନ କଥା କାହାକୁ କହିପାରିବେ ନାହିଁ କିମ୍ବା କହିଲେ ମଧ୍ୟ କିଛି ଲାଭ ହେବନି। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗି ରହିବ। ସ୍ୱାତୀ ନକ୍ଷତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ, କିନ୍ତୁ ଲକ୍ଷ୍ୟ ହାସଲ କରିବେ।

**ବିଛା** ଅନୁରାଧା ନକ୍ଷତ୍ର ନିଜର ଲୋକଙ୍କୁ ନେଇ ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। କେତେକ ଅହେତୁକ କାରଣରୁ କାମ ଶେଷ କରିପାରିବେ ନାହିଁ। ପରିବହନ, ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** ଭାବପ୍ରବଣବଶତଃ ଅନ୍ୟ କଥାରେ ଭାସିବୁଲିଲେ ମୁଣ୍ଡରେ ଚଡ଼କ ପଡ଼ିବ। ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ପୂର୍ବାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର** ଆଜି ଶ୍ରବଣା ନକ୍ଷତ୍ର ଶତ୍ରୁତା କଲେ ମଧ୍ୟ ଗ୍ରହ ପ୍ରଭାବରୁ ସମସ୍ତେ ଦୂରେଇ ରହିବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କର୍ମାରମ୍ଭ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ** ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟସ୍ୱଜନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଶତଭିଷା ନକ୍ଷତ୍ର ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ସନ୍ଧ୍ୟା ସମୟରେ ହଠାତ୍ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଆଷାଢ଼ ଶୁକ୍ଳପକ୍ଷର ସର୍ବସମ୍ମତ ପଦ୍ମା ଏକାଦଶୀ ଗୁରୁବାର, ରଥ ଉପରେ ଶ୍ରୀଜୀଉଙ୍କ ବଡ଼ ତଡ଼ାଉ ବେଶ (ସୁନାବେଶ), ଲକ୍ଷ୍ମୀନାରାୟଣ ବ୍ରତ, ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ପାଇଁ ଶୁଭଦିନ, ଦିବା ଘ.୦୫।୧୪ ଗତେ ଘ.୦୬।୦୭ ମଧ୍ୟେ, ଘ୦୯।୩୮ ଗତେ ଘ.୧୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୮ ଗତେ ଘ.୦୩।୦୭ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଟାଟା ଅବହେଳା...

କରିଥିବା ଯୁବକ ହେଲେ କୋଲାବନଗରର ବାବୁଲା ନାହାକ(୨୮)। ସେ ରଥର ବ୍ରେକ୍ ଦାୟିତ୍ୱରେ ଥିଲେ। ଆହତ କ୍ରିଷ୍ଣା ରାଓ(୫୪)ଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ଲୁହାରେ ୩ ନୂଆ ରଥ ନିର୍ମାଣ କରାଯାଇଛି। ତାଳଧ୍ୱଜ ରଥ ଟଣାହେବାବେଳେ ଏହାର ଧ୍ୱଜା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ରଥର ବ୍ରେକ୍ ଦାୟିତ୍ୱରେ ଥିବା ବାବୁଲା ଚପଲ ପିନ୍ଧି ନ ଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ଉପସ୍ଥିତ ପୋଲିସ ତାଙ୍କୁ ଉଦ୍ଧାର କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ। ରଥଯାତ୍ରା ଓ ବାହୁଡ଼ା ସମୟରେ ରାସ୍ତା ଦେଇ ଯାଇଥିବା ବିଦ୍ୟୁତ ତାର ହଟାଇବା ସହ ବିଦ୍ୟୁତ୍ ସରବରାହ ବନ୍ଦ କରିବା ନିୟମ ରହିଛି। କିନ୍ତୁ ଚଳିତ ଥର ଏହାର ଉଲ୍ଲଂଘନ କରାଯାଇଛି। ରଥ ପରିଚାଳକ ଏବଂ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଏପରି ଦୁର୍ଘଟଣା ଘଟିଯାଇଥିବା ପରିବାର ଲୋକେ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ କିଛି ପ୍ରତିକ୍ରିୟା ପ୍ରକାଶ କରି ନ ଥିବାବେଳେ ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କୋରାପୁଟ ସଦର ଥାନାଧିକାରୀ କିରଣବାଳା ସାମଲ କହିଛନ୍ତି।

## ବାହୁଡ଼ିଲେ ମହାବାହୁ...

ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ବୁଧବାର ଭୋର ୪ଟା ୩୫ରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ କୁସୁମୀ ଲାଗି ନୀତି ସମ୍ପନ୍ନ କରିଥିଲେ। ପରେ ୪ଟା ୫୦ରେ ମଙ୍ଗଳ ଆଳତି, ୪ଟା ୫୫ରେ ମଇଲମ, ୫ଟାରେ ତଡ଼ପ ଲାଗି, ୫ଟା ୧୫ରେ ରୋଷ ହୋମ ଓ ଅବକାଶ ପୂଜା, ୫ଟା ୫୦ରେ ବେଶ ଶେଷ, ୬ଟା ୫ରେ ସୂର୍ଯ୍ୟ ପୂଜା, ୬ଟା ୧୦ରେ ଦ୍ୱାରପାଳ ପୂଜା, ୭ଟା ୧୫ରେ ସକାଳ ଧୂପ, ୭ଟା ୪୦ରେ ମଙ୍ଗଳାର୍ପଣ, ୭ଟା ୪୫ରେ ପୁଷ୍ପାଞ୍ଜଳି, ୭ଟା ୫୦ରେ ଡୋର ଲାଗି ସରିଥିଲା। ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଆରମ୍ଭ ହେବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ତେବେ ୪ଘଣ୍ଟା ପୂର୍ବରୁ ଅର୍ଥାତ୍ ୭ଟା ୫୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଗୋଟି ପହଣ୍ଡିରେ ରଥକୁ ବିଜେ କରାଯାଇଥିଲା। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡି ହୋଇ ରଥକୁ ବିଜେ କରିଥିଲେ। ପରେ ଚଳନ୍ତି ପ୍ରତିମା ଶ୍ରୀରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୧ଟା ୫ରେ ରଥାରୂଢ଼ ହୋଇଥିଲେ। ବାହୁଡ଼ା ପହଣ୍ଡି ସରିବା ପରେ ୧୧ଟା ୨୦ରେ ମଇଲମ ଓ ବେଶ ଶେଷ ହୋଇଥିଲା। ଏହାପରେ ପରମ୍ପରା ଅନୁଯାୟୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ୧୨ଟା ୪୦ରେ ରଥରେ ଚାରମାଳ ଫିଟା ସହ ଘୋଡ଼ା ଲଗାଯାଇଥିଲା। ଅପରାହ୍ନ ୪ଟାରେ ରଥଟଣା ପାଇଁ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଅପରାହ୍ନ ୧୨ଟା ୫୦ରେ ପ୍ରଥମେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ୧ଟା ୩୦ରେ ଦର୍ପଦଳନ ଓ ୧ଟା ୪୫ରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ଘଣ୍ଟଘଣ୍ଟା, ନୃତ୍ୟ ସଙ୍ଗୀତ ଓ ସଂକୀର୍ତ୍ତନ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା ଶରଧାବାଲି। ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତମାନେ ଅତି ଆନନ୍ଦର ସହ ତିନିରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥ ତ୍ରୟ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ ଲାଗିକରାଯାଇଥିଲା। ଏହାପରେ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ଯାତ୍ରା କରିଥିଲେ। ଅପରାହ୍ନ ୪ଟା ୨୦ରେ ପ୍ରଥମେ ତାଳଧ୍ୱଜ ଓ ପରେ ୪ଟା ୪୫ରେ ଦର୍ପଦଳନ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ତେବେ ନୀତି ପାଇଁ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକିଥିଲା। ୫ଟା ୨୦ରେ ଶ୍ରୀମନ୍ଦିରରୁ ମା' ମହାଲକ୍ଷ୍ମୀ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ନନ୍ଦିଘୋଷ ରଥ ନିକଟକୁ ଆସିଥିଲେ। ୫ଟା ୫୫ରେ ଗଜପତି ମହାରାଜା ସେଠାରେ ଲକ୍ଷ୍ମୀ-ନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ୬ଟା ୧୦ରେ ଶ୍ରୀମନ୍ଦିରକୁ ମହାଲକ୍ଷ୍ମୀ ପ୍ରତ୍ୟାବର୍ତ୍ତନ କରିବା ପରେ ନନ୍ଦିଘୋଷ ରଥ ପୁଣି ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା। ସନ୍ଧ୍ୟା ୬ଟା ୪୩ରେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ଶରଧାବାଲିରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଜନସମୁଦ୍ର ପାଲଟିଥିଲା। ୮ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାହୁଡ଼ାଯାତ୍ରା ଲାଗି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ ୧୭୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଖରାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଉପରେ ପାଣି ସିଞ୍ଚନ କରାଯାଇଥିଲା।

### ୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

- ୪ଘଣ୍ଟା ପୂର୍ବରୁ ସରିଲା ପହଣ୍ଡି, ସଅଳ ହେଲା ରଥଟଣା
- ମାଉସୀମା' ମନ୍ଦିର ନିକଟରେ ପୋଡ଼ପିଠା ଖାଇଲେ
- ଶ୍ରୀନଅର ନିକଟରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି

## 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ ...

ମନ୍ଦିର ସମ୍ମୁଖରେ ପହଞ୍ଚି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଯଜ୍ଞସ୍ଥଳକୁ ଯାଇ ପୂର୍ଣ୍ଣାହୁତିରେ ସାମିଲ ହୋଇଥିଲେ। ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ ପୂର୍ବରୁ ୫-ଟି ସଚିବ ଭି.କେ ପାଣ୍ଡିଆନ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ରାହ୍ମଣ ନିଯୋଗ, ବଡୁ ନିଯୋଗ ଏବଂ ସମର୍ଥା ନିଯୋଗର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁ ଲିଙ୍ଗରାଜଙ୍କ ଦାମୋଦର ବେଶର ଏକ ଫଟୋଚିତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏକାମ୍ର ପ୍ରକଳ୍ପ ନିମନ୍ତେ ଜମି ପ୍ରଦାନ କରିଥିବା ୧୪ଜଣ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଡିଏ ଉପାଧ୍ୟକ୍ଷ ବଳବନ୍ତ ସିଂ, ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏକାମ୍ର ପ୍ରକଳ୍ପର ୩ଦିନିଆ ଭୂମିପୂଜନ ଉତ୍ସବରେ ପର୍ଯ୍ୟଟକ ଓ ଭକ୍ତମାନେ ଏକାମ୍ର କ୍ଷେତ୍ରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରା ସହ ଯୋଡି ହେବାର ସୁଯୋଗ ପାଇଥିଲେ। ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ, ମୁକ୍ତେଶ୍ୱର ମନ୍ଦିର, ବିନ୍ଦୁସାଗର ପୁଷ୍କରିଣୀ ଓ ଅନ୍ୟାନ୍ୟ ଛୋଟ ମନ୍ଦିରଗୁଡ଼ିକ ଆଲୋକମାଳାରେ ସୁସଜ୍ଜିତ ହୋଇ ଏକ ଅପୂର୍ବ ଆକର୍ଷଣୀୟ ପରିବେଶ ସୃଷ୍ଟି କରିଥିଲା। ପାରମ୍ପରିକ ଯଜ୍ଞ ରୀତିନୀତି ମାଧ୍ୟମରେ ଏକାମ୍ର କ୍ଷେତ୍ରର ପବିତ୍ରତା ଆହୁରି ବୃଦ୍ଧି ପାଇ ଏକ ଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଧାର୍ମିକ ସମାରୋହ ବ୍ୟତୀତ ଉପସ୍ଥିତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଆକର୍ଷଣୀୟ ସ୍କାଏ ପ୍ରୋଜେକ୍ସନ୍, ଲାଇଟ୍ ଓ ସାଉଣ୍ଡ ଶୋ, ଭଜନ ସମାରୋହ, ନୃତ୍ୟ ପ୍ରଦର୍ଶନ ସହ ପ୍ରକଳ୍ପର ମଡେଲ ଏବଂ ତଥ୍ୟ ସମ୍ବଳିତ ପ୍ରଦର୍ଶନୀ ଦେଖିଥିଲେ।

### ୮୦ ଏକର ଜମିରେ ଐତିହାସିକ ପ୍ରକଳ୍ପ

ଐତିହାସିକ 'ଏକାମ୍ର ପ୍ରକଳ୍ପ' ଯୋଜନା ୨୦୧୯ରେ ଆରମ୍ଭ କରାଯାଇଥିଲା। ବିଭିନ୍ନ ସ୍ମାରକୀ, ପବିତ୍ର ପୁଷ୍କରିଣୀ ଓ ଅନ୍ୟାନ୍ୟ ଜଳାଶୟର ପୁନରୁଦ୍ଧାର ସମେତ ଶ୍ରୀ ଲିଙ୍ଗରାଜଙ୍କ ଚତୁଃପାର୍ଶ୍ୱର ୮୦ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏକାମ୍ର କ୍ଷେତ୍ରର ପ୍ରତ୍ନତତ୍ତ୍ୱ ଏବଂ ପ୍ରତ୍ନତାତ୍ତ୍ୱିକ ଐତିହ୍ୟର ପୁନରୁଦ୍ଧାର ପରି ପ୍ରମୁଖ କାର୍ଯ୍ୟକ୍ରମର ରୂପାୟନ କରାଯିବ। ଯାନବାହନ ଚଳାଚଳକୁ ସୁଗମ କରିବା ନିମନ୍ତେ ୧୨ରୁ ୧୮ ମିଟର ଚଉଡ଼ା ରାସ୍ତା, ପଥଚାରୀଙ୍କ ପାଇଁ ୪ରୁ ୧୦ ମିଟର ଚଉଡ଼ା ଚଲାପଥ ଏବଂ ପାର୍କିଂ ବ୍ୟବସ୍ଥା କରାଯିବ। ଏଥିସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଆନ୍ତଃସଂଯୋଗ କରୁଥିବା ମୁକ୍ତସ୍ଥାନ, ୩୦୦ ବର୍ଗମିଟରର ଦର୍ଶନ ସୁବିଧା, ଜରୁରିକାଳୀନ ସେବା ନିମନ୍ତେ ୧୬୦୦ ବର୍ଗମିଟରର ସୂଚନା ଓ ନିୟନ୍ତ୍ରଣ କେନ୍ଦ୍ର, ବିନ୍ଦୁସାଗର ଚତୁଃପାର୍ଶ୍ୱରେ ଉତ୍ସର୍ଗୀକୃତ ଚଲାପଥ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଛି ଏବଂ ଉନ୍ନୟନ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ।

## ଦକ୍ଷିଣ କୋରିଆବାସୀଙ୍କ...

ଗଣନା ଅନୁସାରେ ୨୦୨୩ ଜୁନ୍ ୨୮ ବେଳକୁ ସେହି ପିଲାକୁ ୧୯ ବର୍ଷ ହୋଇଥିବ। କିନ୍ତୁ ଦକ୍ଷିଣ କୋରିଆର ଗଣନା ବୟସ ବା କାଉଣ୍ଟିଂ ଏଜ୍ ଅନୁସାରେ ସେହି ପିଲାକୁ ୨୦ ବର୍ଷ ଏବଂ କୋରିଆନ ଏଜ୍ ଗଣନା ପଦ୍ଧତିରେ ସେହି ସମାନ ପିଲାକୁ ୨୧ ବର୍ଷ ହୋଇଥାଏ। ପୁରୁଣା ବୟସ ଗଣନା ପଦ୍ଧତିକୁ ହଟାଇବା ଲାଗି ଗତବର୍ଷ ଡିସେମ୍ବରରେ ସାଉଥ୍ କୋରିଆ ଆଇନ ପ୍ରଣେତାମାନେ ମତ ଦେଇଥିଲେ। ତେବେ ବୟସ ଗଣନା ନିୟମ ପରିବର୍ତ୍ତନକୁ ନେଇ ଦେଶବାସୀ ଉତ୍ସାହିତ ଅଛନ୍ତି। ଅନ୍ତର୍ଜାତୀୟ ବୟସ ଗଣନା ଲାଗୁ ହେବା ପରେ ଦକ୍ଷିଣ କୋରିଆର ହ୍ୟୁନ ଜେଓଙ୍ଗ ବିୟୁନଙ୍କ ବୟସ ଏବେ ୨ ବର୍ଷ କମିଯିବ ବୋଲି ସେ କହିଛନ୍ତି। କାଉଣ୍ଟିଂ ଏଜ୍ ଏବଂ କୋରିଆନ୍ ଏଜ୍ ଯୋଗୁ ତାଙ୍କ ବୟସ ବଢ଼ିଯାଇଥିଲା। ୧୯୮୦ରେ ଉତ୍ତର କୋରିଆ ସ୍ଥାନୀୟ ବୟସ ଗଣନା ନିୟମ ହଟାଇଥିବାବେଳେ ଜାପାନରେ ଏବେ ଅନ୍ତର୍ଜାତୀୟ ବୟସ ଗଣନା ପଦ୍ଧତି ପ୍ରଚଳିତ।

## ଭୀମ୍ ଆର୍ମି ମୁଖ୍ୟ ...

ଜଣେ ସମର୍ଥକଙ୍କ ଘରକୁ ଅନ୍ତେଷ୍ଟିକ୍ରିୟାର ଶେଷ ଦିନରେ ଯୋଗଦେବା ପାଇଁ ସାହରନପୁର ଜିଲାର ଦେଓବନ୍ଦ ଯାଉଥିବାବେଳେ ତାଙ୍କ ଏସ୍‌ୟୁଭିକୁ ଏକାଧିକ ଗୁଳିମାଡ଼ ହୋଇଥିଲା। ଆକ୍ରମଣକାରୀମାନେ ମଧ୍ୟ ଏକ କାର୍‌ରେ ଆସିଥିଲେ। ଗୋଟିଏ ଗୁଳି ଆଜାଦଙ୍କ ପେଟରେ ବାଜିଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ କାର୍‌ରେ ହରିୟାଣାର ରେଜିଷ୍ଟ୍ରେଶନ ନମ୍ବର ରହିଛି। ପୋଲିସ ଜିଲା ସୀମାକୁ ସିଲ୍ କରି ଆକ୍ରମଣକାରୀ ଓ ସେମାନଙ୍କ କାର୍‌କୁ ଧରିବା ଲାଗି ତନାଘନା ଚଳାଇଛି।

## କେନ୍ଦୁଝର ଟ୍ରକ୍ ଦୁର୍ଘଟଣା: ୩ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଘୋଷଣା

ଭୁବନେଶ୍ୱର,(ଅନିଲ ଦାସ): ମଙ୍ଗଳବାର ରାତିରେ କେନ୍ଦୁଝର ଜିଲା ଷଠିଘରଠାରେ ହୋଇଥିବା ଟ୍ରକ୍ ଦୁର୍ଘଟଣାରେ ୫ଜଣ ଲୋକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବରଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍: ୫ ମୃତ

କେନ୍ଦୁଝର, ୨୮।୬ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ରୋଶଣୀ, ଡିଜେର ତାଳେ ତାଳେ ନାଚୁଥିଲେ ବରଯାତ୍ରୀ। ଆଉ ମାତ୍ର ୨୦ ମିଟର ଯାଇଥିଲେ କନ୍ୟାଘରେ ପହଞ୍ଚିଥାନ୍ତେ। ଭୋଜି ଆୟୋଜନ ସାରି କନ୍ୟାପକ୍ଷ ଲୋକେ ଅପେକ୍ଷା କରି ରହିଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଏହା ପୂର୍ବରୁ ଘଟିଥିଲା ଏକ ମର୍ମନ୍ତୁଦ ଦୁର୍ଘଟଣା। ମନ ଖୁସିରେ ନାଚୁଥିବା ବେଳେ ଯମଦୂତ ସାଜି ଏକ ଟ୍ରକ୍ ବରଯାତ୍ରୀଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ମଙ୍ଗଳବାର ରାତି ୨ଟାରେ କେନ୍ଦୁଝର ଜିଲା ଟାଉନ ଥାନା ଅଧୀନ ଷଠିଘର ସାହି ନିକଟରେ ଘଟିଛି। ମୃତକମାନେ ହେଲେ ପୁରୁଣା ବଜାର କେଉଟସାହିର ବାପୁନ ଦେହୁରୀ(୨୫), ଲକ୍ଷ୍ମୀପାଦର ରତି ମୁଣ୍ଡା(୬୫), ଷଠିଘର ସାହିର ଦର୍ଶନ ପାତ୍ର(୨୨), ହରିଚନ୍ଦନପୁର ଥାନା ଜାମୁଯୋଡ଼ି ପଞ୍ଚାୟତ ମାନପୁର ପାତ୍ରସାହିର ସତ୍ୟଜିତ୍ ପାତ୍ର (୧୩) ଓ ଧଳପୁର ଗ୍ରାମର ସୁନୀଲ ମହାନ୍ତ(୨୭)। ଗୁରୁତରମାନେ ହେଲେ ବଡ଼ବିଲ ଥାନା ଅଞ୍ଚଳର ବିଶୁ ପାତ୍ର, ଟାଉନ ଥାନା ଅଧୀନ ଷଠିଘର ସାହିର ଲିପୁନ ପାତ୍ର(୧୭), ହିମାଂଶୁ ପାତ୍ର(୧୬), ସଞ୍ଜୟ ପାତ୍ର(୨୩), ଅଜିତ୍ ପାତ୍ର(୨୦), ଲିପୁନ ମୁଣ୍ଡା(୧୮), ହରିଚନ୍ଦନପୁର ଥାନା ମାନପୁର ଗ୍ରାମର ମିଥୁନ ମୁଣ୍ଡା, ମଧୁ ମୁଣ୍ଡା(୪୦), ସୁନୀଲ ପାତ୍ର।

ସୂଚନା ଅନୁଯାୟୀ, ହରିଚନ୍ଦନପୁର ବ୍ଲକ୍ ଜଘିରା ନିକଟସ୍ଥ ମାନପୁର ଗ୍ରାମରୁ ଏକବରଯାତ୍ରୀ ଦଳ କେନ୍ଦୁଝର ଷଠିଘର ସାହିକୁ ଆସିଥିଲେ। କନ୍ୟାଘର ନିକଟ ୨୦ନଂ. ଜାତୀୟ ରାଜପଥ ଉପରେ ନାଚୁଥିଲେ। ଏହି ସମୟରେ ଶୁଆକାଟି ପଟୁ ଏକ ଟ୍ରକ୍ (ନଂ. ଓଡି ୦୯ ଏ ୨୯୨୩) ଦ୍ରୁତବେଗରେ ଆସି ବରଯାତ୍ରୀଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ଗୁରୁତର ହୋଇଥିଲେ। ମୃତକଙ୍କ ମଧ୍ୟରେ ୩ ଜଣ କନ୍ୟାପକ୍ଷର ରହିଥିବା ଜଣାପଡ଼ିଛି। ଖବରପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାରକରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଉତ୍ତ୍ୟକ୍ତ ଲୋକମାନେ ଜାତୀୟ ରାଜପଥରେ ନିଆଁଜାଳି ଅବରୋଧ କରିଥିଲେ। ପୋଲିସକୁ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଲୋକେ ରାସ୍ତାରୋକୋ ଜାରି ରଖିଥିଲେ। ୨୦ନଂ. ଜାତୀୟ ରାଜପଥରେ ଡିଭାଇଡର ଭାଙ୍ଗି ଗାଡି ଚଳାଚଳ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି, ରାସ୍ତା ପାର୍ଶ୍ୱରେ ବାରିକେଡ୍, ଓଭରବ୍ରିଜ ନିର୍ମାଣ ଦାବି, ଉଜ୍ଜ୍ୱଳ ଆଲୋକ ଓ କ୍ଷତିପୂରଣ ଦାବି କରିଥିଲେ। ଟାଉନ ଥାନା ଅଧିକାରୀ ସୁନୀଲ କୁମାର କର ଓ ସଦର ତହସିଲଦାର ଆଶିଷ ମହାପାତ୍ର ପହଞ୍ଚି ଲୋକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଆସିଥିବା ବର କନ୍ୟାଘରେ ପହଞ୍ଚି ନ ପାରି ଫେରିଯାଇଥିଲେ। ଫଳରେ ବାହାଘର ବନ୍ଦ ରହିଥିଲା। କନ୍ୟାଘର ପକ୍ଷରୁ ମଙ୍ଗୁଳା ଝିଅକୁ ବର ଘରକୁ ପଠାଇ ଦିଆଯାଇଛି। ଦୁର୍ଘଟଣାରେ ବର ଓ କନ୍ୟାଙ୍କ ପରିବାର ସମେତ ସମଗ୍ର ଗାଁ କାନ୍ଦବୋବାଳିରେ ଫାଟିପଡୁଛି। ଦୁର୍ଘଟଣା ପରେ ଟାଉନ ପୋଲିସ ଧ୍ରୁପଦା ନିକଟରୁ ଟ୍ରକ୍‌କୁ ଜବତ କରିଛି। ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪୦ ହଜାର ଟଙ୍କା, ଆହତଙ୍କୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ତରଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। କେନ୍ଦୁଝରଗଡ଼ ପୌରପାଳିକା ତରଫରୁ ମୃତକଙ୍କ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ. ୨୫୮/୨୦୨୩)ରେ ରୁଜୁ ହୋଇଛି। ଡ୍ରାଇଭର ଫେରାର ହୋଇଯାଇଛି। ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କର କହିଛନ୍ତି। ଘଟଣାରେ ଏସ୍‌ପି ନୀତିନ୍ କୁଶଲକର କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।


ଦୁର୍ଘଟଣା ଘଟାଇଥିବା ଟ୍ରକ୍।


ସ୍ଥାନୀୟ ଲୋକେ ଏନ୍‌ଏଚ୍-୨୦ ଅବରୋଧ କରିଛନ୍ତି।

### କନ୍ୟାଘର ଆଗରେ ମର୍ମନ୍ତୁଦ ଦୁର୍ଘଟଣା

- ୪ ଗୁରୁତରଙ୍କୁ କଟକ ମେଡିକାଲ ସ୍ଥାନାନ୍ତର
- ବିବାହ ନ କରି ଫେରିଲା ବର

### ଘଟଣାସ୍ଥଳରେ ପହଞ୍ଚିଲା ଟେକ୍‌ନିକାଲ ଟିମ୍

ଏନ୍‌ଏଚ୍ ୨୦ରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର କାରଣ ଯାଞ୍ଚ କରିବା ସହ ବାରମ୍ବାର ଅଘଟଣ ଘଟୁଥିବାରୁ ଲୋକଙ୍କ ଫ୍ଲାଏଓଭର ନିର୍ମାଣ ଦାବିକୁ ନେଇ ଏକ ଟେକ୍‌ନିକାଲ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଟିମ୍‌ରେ ଏନ୍‌ଏଚ୍‌ଏଆଇର ଅଧିକାରୀମାନେ ସାମିଲ ଥିଲେ। ଉକ୍ତ ସ୍ଥାନରେ ଡ୍ରେନେଜ୍ ସୁବିଧା ନ ଥିବାରୁ ରାସ୍ତା ଉପରେ ପାଣି ବୋହୁଛି। ଜନବସତି ଅଞ୍ଚଳ ହୋଇଥିବା ସତ୍ତ୍ୱେ ଦୁର୍ଘଟଣା ରୋକିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକଙ୍କ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, ଲୋକଙ୍କ ଅଭିଯୋଗ ପାଇବା ପରେ ଟେକ୍‌ନିକାଲ ଟିମ୍ ପଠାଯାଇଛି। ମୃତ ଓ ଆହତମାନଙ୍କୁ ରେଡ୍‌କ୍ରସରୁ ସହାୟତା ପ୍ରଦାନ କରାଯାଇଛି।

## ପୋଲ ତଳକୁ ପିକ୍‌ଅପ୍ ଖସି ୨ ମୃତ




ଭବାନୀପାଟଣା,୨୮।୬(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକରେ ବାହୁଡ଼ା ଯାତ୍ରାରେ ଅଘଟଣ ଘଟିଛି। ଜୟପାଟଣା ବ୍ଲକ ଝୁଲୁ ଘାଟିରେ ବୁଧବାର ସକାଳୁ ପଣସ ବୋଝେଇ ହୋଇ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ପୋଲ ତଳକୁ ଖସି ପଡିବାରୁ ୨ ଜଣକର ମୃତ୍ୟୁ ଘଟିଛି। ଏଥିରେ ପିକ୍‌ଅପ୍ ଚାଳକ ଜାଲ ସିଂହ ଗୌଡ଼ (୨୮) ଓ ମୁକ୍ତା ମାଝି (୫୦) ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ଘର ନବରଙ୍ଗପୁର ଜିଲା କଣ୍ଟାଗାଁର ବୋଲି ଜଣାପଡିଛି। ପିକ୍‌ଅପ୍‌ରେ ବସିଥିବା ଅନ୍ୟ ୮ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଅନେକ ମହିଳା ରହିଥିବା ଜଣାପଡିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ପୁଣି ୪ଜଣଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନବରଙ୍ଗପୁର ଜିଲା ପାତ୍ରପୁଟ ଗାଁରୁ ପଣସ ବୋଝେଇ ଏହି ପିକ୍‌ଅପ୍ ଜୟପାଟଣାକୁ ଆସୁଥିବାବେଳେ ବାଟରେ ଏହି ଅଘଟଣ ଘଟିଛି।

## ପିକ୍‌ଅପ୍ ଓଲଟି ଜଣେ ମୃତ

ବଲାଙ୍ଗୀର/ପାଟଣାଗଡ଼, ୨୮।୬ (ବୀରେନ୍ଦ୍ର କୁମାର ଝାଙ୍କର/ପ୍ରହ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ ରାମପୁରରୁ ବାନ୍ଧନବାଡି ଗାଁକୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ଭଇଁଷା ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ଜଣ ଆହତ ହୋଇଛନ୍ତି। ମୃତକ ରାମପୁରର ମୁକେଶ ସାରସୁଲିଆ(୪୦) ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରାମପୁର ଗାଁରୁ ଏକ ସଂକୀର୍ତ୍ତନ ଦଳ ବାନ୍ଧନବାଡି ଗାଁକୁ ବାହୁଡ଼ା ଯାତ୍ରାରେ ନାମ ସଂକୀର୍ତ୍ତନ କରିବା ପାଇଁ ପିକ୍‌ଅପ୍‌ରେ ଯାଉଥିଲେ। ଭଇଁଷା ଛକ ନିକଟରେ ଗାଡି ଓଲଟିପଡ଼ିବାରୁ ସେଥିରେ ବସିଥିବା ୩୫ଜଣ ସଂକୀର୍ତ୍ତନ ଦଳ ସଦସ୍ୟ ଛିଟିକି ପଡିଥିଲେ। ଏଥିରେ ଅଧିକାଂଶ ମହିଳା ଥିଲେ। ଦୁର୍ଘଟଣାରେ ଗୁରୁତର ଦୁଇଜଣଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୁକେଶଙ୍କୁ ମୃତ ଘୋଷଣା କରିଥିଲେ।







DSPL-125

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**ମଶାବାହିତ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ମାର୍ଗଦର୍ଶିକା**

ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ପାଣି ଜମି ରହୁଥିବା ଜାଗାରୁ ପାଣି ନିଷ୍କାସନ କରନ୍ତୁ ଓ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏସବୁ ତଦାରଖ କରନ୍ତୁ।
- ଘରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସାପ୍ତାହିକ ପରିଷ୍କାର କରନ୍ତୁ।
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା / ଛିଣ୍ଡା ଟାୟାର, ନଡିଆ ଖଡ଼େଇ, କୋଡୁଆ, ଓଳି, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରନ୍ତୁ କିମ୍ବା ଦୂରେଇ ଦିଅନ୍ତୁ।
- ଘର ପାଖ ପରିବେଶ ସଫା ରଖନ୍ତୁ।
- ମଶାରୀ ନିୟମିତ ବ୍ୟବହାର କରନ୍ତୁ। ମଶାଙ୍କ ପ୍ରବେଶ ରୋକିବାକୁ ଝରକାରେ ସରୁ ଜାଲି ଲଗାଇଲେ ଭଲ।
- ପୁରା ଶରୀରକୁ ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ।
- ଆବଶ୍ୟକ ସ୍ଥଳେ ସୁରକ୍ଷିତ ମଶା ନିବାରକ ବ୍ୟବହାର କରନ୍ତୁ।
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରି ଚିକିତ୍ସା କରନ୍ତୁ।

OIPR-10003/13/0070/2324


## ବାଇକ-ବୁଲେଟ ଧକ୍କା, ଜଣେ ମୃତ

ଲହୁଣୀପଡ଼ା,୨୮।୬ (ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଗୌଡୁଣିପୋଷଠାରେ ବୁଧବାର ଅପରାହ୍ନରେ ବୁଲେଟ ଓ ବାଇକ୍ ମୁହାଁମୁହିଁ ଧକ୍କାହୋଇଥିଲା। ଫଳରେ ଘଟଣା ସ୍ଥଳରେ ବୁଲେଟ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତ ଯୁବକ ହେଲେ ବିଶ୍ରା ଥାନା ଅନ୍ତର୍ଗତ ବଡ଼ବମ୍ବୁଆ ଗ୍ରାମର ପ୍ରଭୁ ସିଂ (୨୦)। ଅନ୍ୟ ୩ ଜଣ ଆହତ ହୋଇଛନ୍ତି। କେ.ବଲାଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡ଼ି ୩ଟିକୁ ଜବତ କରି ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଲେଟ ଯୋଗେ ପ୍ରଭୁ ଓ ଅନ୍ୟ ଜଣେ କେ. ବଲାଙ୍ଗ ପଟୁ କମାରପୋଷ ପଟେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପ୍ରଭୁ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ହଠାତ୍ ସେହି ସମୟରେ ଆସୁଥିବା ଟ୍ରକଟି ଚଢ଼ି ଯିବାରୁ ପ୍ରଭୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହିଁ ମୃତ୍ୟୁ ହୋଇଯାଇଥିଲା









**ଆଜି ବନ୍ଦ ହେବନି ସିପିଇଟି ପରୀକ୍ଷା**

ଭୁବନେଶ୍ୱର,(ଅନୁରାଧା ମହାରଣା): 'ଇଦ୍-ଉଲ୍-ଜୁହା' ଅବସରରେ ରାଜ୍ୟ ସରକାର ଜୁନ୍ ୨୯କୁ ଛୁଟି ଘୋଷଣା କରିଛନ୍ତି । ଏହି କ୍ରମରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ରହିବ। ମାତ୍ର ଜୁନ୍ ୨୩ରୁ ଚାଲିଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି-୨୦୨୩) ଗୁରୁବାର ବନ୍ଦ ହେବନାହିଁ। ପୂର୍ବ ନିର୍ଦ୍ଧାରିତ ସମୟରେ ୩ଟି ସିଟିଂରେ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ରଜତ କୁମାର ମାନସିଂହ ପରୀକ୍ଷା ହେବାକୁ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ରାଜ୍ୟର ୨୧ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

# ମହାନଦୀ ଟ୍ରିବ୍ୟୁନାଲ ଅବଧି ୨୦୨୬ ଏପ୍ରିଲ ୧୩ ଯାଏ ବୃଦ୍ଧି

ଭୁବନେଶ୍ୱର,୨୮ା୬ (ଅନିଲ ଦାସ)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅବଧିକୁ କେନ୍ଦ୍ର ସରକାର ୨୦୨୬ ଏପ୍ରିଲ ୧୩ ବୃଦ୍ଧି କରିଛନ୍ତି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଟ୍ରିବ୍ୟୁନାଲ ଏହି ବିବାଦର ସମାଧାନ କରିବାରେ ସକ୍ଷମ ହୋଇ ନ ଥିବାରୁ କେନ୍ଦ୍ର ସରକାର ଏହି ଅବଧି ବୃଦ୍ଧି କରିଛନ୍ତି। ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ଏହି ଟ୍ରିବ୍ୟୁନାଲ ଗଠନ ହୋଇଛି। ଏହାର କାର୍ଯ୍ୟକାଳ ପୂର୍ବରୁ ୨ ବର୍ଷ ପାଇଁ ବୃଦ୍ଧି ହୋଇଥିଲା। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ-୧୯୫୬ର ଧାରା-୫(୨) ଅନୁସାରେ ଟ୍ରିବ୍ୟୁନାଲ ନିଜର ରିପୋର୍ଟ ଓ ନିଷ୍ପତ୍ତି ୩ ବର୍ଷ ମଧ୍ୟରେ ଦାଖଲ କରିବା ଆବଶ୍ୟକ। କିନ୍ତୁ ୨୦୨୧ ମାର୍ଚ୍ଚ ୧୧ ତାରିଖର ଧାର୍ଯ୍ୟ ସମୟସୀମା ଶେଷ ହେଉଥିଲେ ମଧ୍ୟ ଟ୍ରିବ୍ୟୁନାଲ ରିପୋର୍ଟ ଦେବାରେ ବିଫଳ ହେବା ପରେ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ୨ ବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୧୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିପାରି ନ ଥିବା ଦର୍ଶାଇ ଟ୍ରିବ୍ୟୁନାଲ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଅବଧି ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦ ଦେଖାଦେବା ପରେ ଏହାର ସମାଧାନ ପାଇଁ କେନ୍ଦ୍ର ସରକାର ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଏକ କମିଟି ଗଠନ କରିଥିଲେ। ୨୦୧୭ ମେ'ରେ କମିଟି ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଏହି କମିଟି ବିବାଦ ସମାଧାନ କରିବାରେ ସଫଳ ହୋଇ ନ ଥିଲା। ଫଳରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ରେ ୩ ଜଣିଆ ଖଣ୍ଡପୀଠଙ୍କୁ ନେଇ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଟ୍ରିବ୍ୟୁନାଲ ସଦସ୍ୟ ଇତିମଧ୍ୟରେ ମହାନଦୀ ପ୍ରବାହିତ ହେଉଥିବା ଓଡ଼ିଶା ସମେତ ଛତିଶଗଡ଼କୁ ଯାଇ ଏହାର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଏପଟେ ବୁଧବାର ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଗୋୱାଟର ସବ୍‌କମିଟି ଆବାହକ ଦେବୀଦତ୍ତ ଆର୍. ପଟ୍ଟନାୟକ ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ଋଷିକୁଲ୍ୟା ନଦୀର ୫ଦିନର ଜଳସ୍ତର କ'ଣ ରହିଛି ତା'ର ରିପୋର୍ଟ ଦେବାକୁ କ୍ଷେତ୍ରସ୍ତରର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀ ପ୍ରବାହିତ ହେଉଥିବା ଶରଡିହି, ହୀରାକୁଦ, ବେଲଗାଁ, ପଥରଳା, ଖଇରିମାଳ, ବରମୂଳ ଓ ମୁଣ୍ଡୁଳିଠାରେ ନଦୀର ଜଳସ୍ତର ଗତ ୫ଦିନ ଧରି କ'ଣ ରହିଛି ତାହା ଜଣାଇବାକୁ କହିଛନ୍ତି। ସେହିପରି ବ୍ରାହ୍ମଣୀ ନଦୀର ପାନପୋଷ, ରେଙ୍ଗାଲି, ତାଳଚେର ଓ ଜେନାପୁରଠାରେ ଜଳସ୍ତର, ବୈତରଣୀର ଚମ୍ପୁଆ, ଆନନ୍ଦପୁର, ଆଖୁଆପଦା ଓ ସାଳନ୍ଦୀ ଏବଂ ଋଷିକୁଲ୍ୟା ନଦୀର ପୁରୁଷୋତ୍ତମପୁରଠାରେ ଜଳସ୍ତର ଗତ ୫ଦିନ ଧରି କ'ଣ ରହିଛି ତାହା ଜଣାଇବାକୁ କହିଛନ୍ତି।

## ବାହୁଡ଼ା ଯାତ୍ରାରେ ଭୁଜାଲି ମାଡ଼, ୫ଗୁରୁତର

ସୁନ୍ଦରଗଡ଼,୨୮ା୬ (ଜୟନାରାୟଣ ମେଣ୍ଡୁଳି)

ସୁନ୍ଦରଗଡ଼ ଜିଲା ତଳସରା ଥାନା ସବ୍‌ଡେଗାରେ ବୁଧବାର ବାହୁଡ଼ାଯାତ୍ରା ବେଳେ ୫ଜଣ ଯୁବକ ଆକ୍ରମଣର ଶିକାର ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯାତ୍ରା ପଡିଆରେ ଦୁର୍ବୃତ୍ତମାନେ ସେମାନଙ୍କୁ ଭୁଜାଲିରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ଯୁବକମାନଙ୍କୁ ସବ୍‌ଡେଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ତଳସରା ଥାନା ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଛି।

## ଆଜି ରଥାରୂଢ଼ ମହାପ୍ରଭୁଙ୍କ ସୁନାବେଶ

ପୁରୀ, ୨୮ା୬(ଅଜିତ୍ ମହାନ୍ତି)

ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ଗୁରୁବାର ତିନି ରଥରେ ମହାପ୍ରଭୁଙ୍କ ଅନନ୍ୟ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ରଥାରୂଢ଼ ଚତୁର୍ଦ୍ଧାବିଗ୍ରହ ମହଣ ମହଣ ସୁନାରେ ସଜେଇ ହେବେ। ରଥ ଉପରେ ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଠାକୁରଙ୍କ ସୁନାବେଶ ନୀତି ଆରମ୍ଭ ହେବ। ଅପରାହ୍ନ ୫ଟାରୁ ସାଢେ ୬ଟା ୩୦ ମଧ୍ୟରେ ସୁନାବେଶ ବଢିବା ଲାଗି ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ତିନିଠାକୁର ହସ୍ତ, ପାଦ, କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନକୀରିଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି, କାନ୍ତ ଓ କଟି ମେଖଳା ଆଦି ସ୍ୱର୍ଣ୍ଣ ସହ ବହୁବିଧ ରତ୍ନଅଳଙ୍କାରରେ ସଜେଇ ହେବେ। ରାତି ୧୦ରୁ ୧୧ଟା ଭିତରେ ସୁନାବେଶ ମଇଲମ କରାଯିବ। ଅନ୍ୟାନ୍ୟ ନୀତି ବଢ଼ି ବଡ଼ସିଂହାର ବେଶ ପରେ ରାତି ୧ଟାରେ ରାତ୍ର ପହୁଡ଼ ହେବା ନେଇ ସୂଚନା ମିଳିଛି। ଚଳିତ ବର୍ଷ ଦୁର୍ଲଭ ସୁନାବେଶ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ତାଳଧ୍ୱଜ ରଥ ଦଉଡ଼ି ଛିଡ଼ି ଭକ୍ତ, ସେବାୟତ ଆହତ



ଜଣେ ଆହତଙ୍କୁ ହସ୍ପିଟାଲ ନିଆଯାଉଛି।

ପୁରୀ, ୨୮ା୬(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ବାହୁଡ଼ା ଯାତ୍ରାରେ ବୁଧବାର ଏକ ଅଘଟଣ ଘଟିଛି। ତାଳଧ୍ୱଜ ରଥର ଦଉଡ଼ି ଛିଡ଼ିଯିବାରୁ ଜଣେ ସେବାୟତଙ୍କ ସମେତ ୭ରୁ ଊର୍ଦ୍ଧ୍ୱ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାହୋଇ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଯାଉଥିଲା। ହଠାତ୍ ମାର୍କେଟ ଛକ ନିକଟରେ ରଥର ଗୋଟିଏ ଦଉଡ଼ି ଛିଡ଼ିଯାଇଥିଲା। ଫଳରେ ଭକ୍ତମାନେ ତଳେ ପଡ଼ିଯିବା ସହ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୭ରୁ ଅଧିକ ଭକ୍ତଙ୍କ ସମେତ ଭୋଇ ସେବାୟତ ନକୁଳ ଭୋଇ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଠାଯାଇଥିଲା। ତେବେ ରଥ ଦଉଡ଼ି ଛିଡ଼ିଯିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ଜଣାପଡ଼ିନାହିଁ। ଅଧିକ ସଂଖ୍ୟକ ଭକ୍ତ ଦଉଡ଼ି ଟାଣୁଥିବାରୁ ତାହା ଛିଡ଼ିଯାଇଥିଲା ବୋଲି ଅନୁମାନ କରାଯାଉଛି।

## ଜଳପ୍ରପାତରେ ଭାସି ଯୁବକ ନିଖୋଜ

ବରଗଡ଼,୨୮ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ନିକଟ ବାରବଖରା ଜଳପ୍ରପାତରେ ବୁଧବାର ଜଣେ ଯୁବକ ଭାସି ଯାଇଥିବା ସୂଚନା ମିଳିଛି । ଭାସି ଯାଇଥିବା ଯୁବକ ଜଣକ ବରଗଡ଼ ପୌର ପରିଷଦ ଅଧୀନ ଗୋବିନ୍ଦପାଲିର ଟୁନା ବେହେରା ବୋଲି ଜଣାପଡ଼ିଛି। ଅମ୍ବାଭୋନା ପୋଲିସ, ଅଗ୍ନିଶମ କର୍ମଚାରୀ ସ୍ଥାନୀୟ କର୍ଲା ଗ୍ରାମବାସୀଙ୍କ ସହାୟତାରେ ଖୋଜିଥିଲେ ମଧ୍ୟ ତାଙ୍କୁ ପାଇନାହାନ୍ତି।


**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୧୧-୨୦୨୩, ତାରିଖ: ୨୭ା୦୬ା୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୧-୨୦୨୩-୧, ୨, ୩ ଓ ୪ ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ତା୨୦ା୦୭ା୨୦୨୩ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., କାର୍ଯ୍ୟର ନାମ: (୧) ଚକ୍ରଧରପୁର ଡିଭିଜନର ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୫ ଗୋଟି ଷ୍ଟେସନଠାରେ ଆଇପି ଆଧାରିତ ଆଇପିଆଇଏସ୍, ଜିପିଏସ୍ ପ୍ଲାଟଫର୍ମ ଘଣ୍ଟା, ରିଜର୍ଭେସନ୍ ଚାର୍ଟ ଡିସ୍‌ପ୍ଲେର ବ୍ୟବସ୍ଥା କରିବା । (୨) ବାହାଲଦା ରୋଡ୍‌ଠାରେ ଏଫ୍‌ଓଆଇଏସ୍ କନେକ୍ଟିଭିଟି ଏବଂ ସିସିଟିଭି ସର୍ଭେଲାନ୍ସର ବ୍ୟବସ୍ଥା କରିବା । (୩) ରାଉରକେଲା ଏବଂ ଝାରସୁଗୁଡ଼ା ଷ୍ଟେସନଠାରେ ଲାଗିଥିବା ତ୍ରୁଟିପୂର୍ଣ୍ଣ ସିଆଇବି/ଟିଆଇବି/ଏଜିଡିବି/ପିଡିପି ଏର୍/ଏସିକା ଗଠନର ଆଇପିଆଇଏସ୍ ନିମନ୍ତେ କଣ୍ଟ୍ରୋଲ କନ୍‌ସୋଲ୍ ୟୁନିଟ୍ ଏବଂ ବିଭିନ୍ନ ଷ୍ଟେସନଠାରେ ଜିପିଏସ୍ ଘଣ୍ଟାଗୁଡ଼ିକର ମରାମତି । (୪) ହାଲୁଦପୁକୁର ଷ୍ଟେସନଠାରେ ଅତିରିକ୍ତ ଲୋଡିଂ ଲାଇନ୍‌ର ବ୍ୟବସ୍ଥା ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹ ୬,୨୬,୯୬,୮୩୪.୫୯ (କ୍ର.ସଂ. ୧ ପାଇଁ), ₹ ୪,୨୧,୧୬୯.୨୪ (କ୍ର.ସଂ. ୨ ପାଇଁ), ₹ ୨,୯୯,୫୮୨.୭୮ (କ୍ର.ସଂ. ୩ ପାଇଁ) ଏବଂ ₹ ୩୦,୯୯,୫୨୨.୮୭ (କ୍ର.ସଂ. ୪ ପାଇଁ) । ଅମାନତ ରାଶି: ₹ ୪,୬୩,୫୦୦/- (କ୍ର.ସଂ. ୧ ପାଇଁ), ₹ ୮,୪୦୦/- (କ୍ର.ସଂ. ୨ ପାଇଁ), ₹ ୬,୦୦୦/- (କ୍ର.ସଂ. ୩ ପାଇଁ) ଏବଂ ₹ ୬୨,୦୦୦/- (କ୍ର.ସଂ. ୪ ପାଇଁ) । ସମାପ୍ତି ଅବଧି: ୦୯ ମାସ (କ୍ର.ସଂ. ୧ ପାଇଁ) ଏବଂ ୬ ମାସ (କ୍ର.ସଂ. ୨, ୩ ଓ ୪ ପାଇଁ) । ଟେଣ୍ଡର http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ । (PR-343)

**ପୂର୍ବ ତଟ ରେଳପଥ**

e-Tender Notice No.: eTender CPMGSUBBS2023003 ତାରିଖ : 19.06.2023

କାର୍ଯ୍ୟର ନାମ : P.WAY କାର୍ଯ୍ୟଗୁଡିକର ସମ୍ପାଦନ ଯେପରି କି ଟ୍ରାକ୍ ଲିଙ୍କିଙ୍ଗ, ପଏଣ୍ଟସ୍ ଓ କ୍ରସିଂଗୁଡିକର ସ୍ଥାପନ P.WAY ସାମଗ୍ରୀଗୁଡିକର ପରିବହନ, ବାଲାଷ୍ଟ ଯୋଗାଣ ଏବଂ ଏମ୍‌ସିଏଲର ଏନଟିପିସି ଲାଇନ୍‌ର ଲିଙ୍ଗରାଜ ଏସଆଇଏଲଓ କନେକ୍ଟିଭିଟି ଦୋହରୀକରଣ ସମ୍ବନ୍ଧୀୟ ଅନ୍ୟାନ୍ୟ ସଂଶ୍ଳିଷ୍ଟ କାର୍ଯ୍ୟଗୁଡିକ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1264.83 ଲକ୍ଷ, EMD : ଟ.7,82,400/-

କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.20.07.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ :http://www.ireps.gov.in. ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ, ଟେଣ୍ଡରଦାତାମାନଙ୍କ ପାଇଁ ଥିବା ସମସ୍ତ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅବଗତ ହେବା ଏବଂ ଚେକ୍ ଲିଷ୍ଟ, ଟେଣ୍ଡର ଫର୍ମ (ସେକେଣ୍ଡ ସିଟ୍)ର ପାରା ୩.୧ (ଅତିରିକ୍ତ ଚେକ-ଲିଷ୍ଟ), ଟେଣ୍ଡର କାଗଜାତର ଉପୁର ୨ର ଆନେକ୍ସର-୧, ଆନେକ୍ସର-ବିର ସଠିକ୍ ଯାଞ୍ଚ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ଦସ୍ତଖତ ସହିତ ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରିବା ଆବଶ୍ୟକ।

PR-36/CG/23-24 ସିପିଏମ/ଜିଏସୟୁ/ଭୁବନେଶ୍ୱର



**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, Pin-756089
No. FMU-DEV-FD-427/2023/6030 Date: 28.6.2023

**TENDER CALL NOTICE**

Sealed tenders are invited from reputed Tent House Owner/ Event Managers having valid GST Certificate and PAN number for arranging iron truss pandal and auditorium for about 800 guests for celebration of 25th Foundation Day of Fakir Mohan University at Nuapadhi Campus on 11-07-2023. The last date of receipt of filled-in tender papers at the end of the undersigned is 05-07-2023 by 02:00 PM. The tenders will be opened on the same day at 3.00 PM in the office chamber of the undersigned. The authority reserves the right to cancel or accept any or all tender(s) without assigning any reason thereof. For details, visit our website: www.fmuniversity.nic.in

By order of the Vice-Chancellor
Sd./- Registrar



FORM NO.13
**IN THE DEBTS RECOVERY APPELLATE TRIBUNAL, KOLKATA**
9, Old Post Office Street, 7th Floor, Kolkata-700001
Dairy No. 592 of 2022
Arising out of SA 113 of 2019 in DRT Cuttack

State Bank of India and Ors .....Applicant/s
-Versus-
Smt. Sanjukta Debta ....Respondent/s

To,
**Smt. Sanjukta Debta**, W/o.: Umesh Chandra Debta, residing at Kantiamura, P.O./P.S.: Bargaon, District: Sundargarh, Odisha, Pin-770016 (Respondent)

**SUMMONS**

1. WHEREAS the appellant has filed an appeal U/S 18 of the Securitisation and Reconstruction of Financial Assets & Enforcement of Security Interest Act, 2002 against the order passed by the Ld. Presiding Officer, DRT Cuttack, and other reliefs. You are hereby summoned to appear and file written statement before this Tribunal at 10.30 a.m. or at such time immediately thereafter according to the convenience of Tribunal on 17.07.2023 to answer the claim.
2. If you intend to file any documents you may file the same with a list along with the written statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader / Advocate duly instructed.
4. Take notice that, in default of your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this 21st day of June, 2023.

Sd/- Signature of the Officer
Authorized to issue Summons.
Sd/- Registrar
Debts Recovery Appellate Tribunal, Kolkata



**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office : Burla, Dist. - Sambalpur (Odisha)-768017

**Notice Inviting Tender**

TP Western Odisha Distribution Limited invites tender (2 part bidding) from eligible vendors for the following packages:

1. **TPWODL/SD/O/SER/025 : Rate Contract for ICC Building at Sambalpur.**
2. **TPWODL/SD/O/SER/026 : Rate Contract for Interior Works for Corporate Conference.**

Interested bidders to submit Tender Participation Fee and Authorization Letter through email on or before **5th July 2023, 1500 Hrs.** (for Srl No.-1) & **7th July 2023, 1500 Hrs.** (for Srl No.-2) respectively. After which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com**. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

**Sd./- Chief-Contracts and Stores**


# ମୌସୁମୀ ବର୍ଷା: ଉପକୂଳ ଶୁଖିଲା

- ୧୮ ଜିଲାରେ ନିଅଣ୍ଟିଆ
- ୫ ଦିନ ଯାଏ ପାଗ ଶୁଖିଲା

ଭୁବନେଶ୍ୱର,୨୮ା୬(ଅନିଲ ଦାସ)

ଗତ ଦୁଇଦିନ ଧରି ରାଜ୍ୟରେ ମୌସୁମୀଜନିତ ବର୍ଷା ଥମିଯାଇଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଅଧାରୁ ଅଧିକ ଜିଲାରେ ବର୍ଷା ନାହିଁ। ଫଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ୨୮ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୧୮ ପ୍ରତିଶତ କମ୍ ବର୍ଷା ହୋଇଛି। ସ୍ୱାଭାବିକ ଭାବେ ଏହି ସମୟରେ ରାଜ୍ୟରେ ୧୯୨.୩ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୬୭.୫ ମିଲିମିଟର। ତେବେ ପାଣିପାଗ ବିଭାଗ ହିସାବ ଏହାକୁ ସ୍ୱାଭାବିକ ବର୍ଷା ବୋଲି କହୁଛି। ପାଣିପାଗ ବିଭାଗ ହିସାବ ଯାହା କହୁନା କାହିଁକି ରାଜ୍ୟର ଅଧା ଜିଲାରେ ବର୍ଷାଭାବ ଯୋଗୁ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ରାଜ୍ୟର ୧୬ ଜିଲାରେ ବର୍ଷାଭାବ ଦେଖାଦେଇଛି। ରାୟଗଡ଼ାରେ ସ୍ୱାଭାବିକଠାରୁ ୭୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କଳାହାଣ୍ଡି ୬୧, ବଲାଙ୍ଗୀର ୩୦, ବାଲେଶ୍ୱର ୪୪, ଭଦ୍ରକ ୨୪, କଟକ ୩୬, ଗଜପତି ୩୨, ଗଞ୍ଜାମ ୪୦, ଜଗତ୍‌ସିଂହପୁର ୩୭, ଯାଜପୁର ୩୦, କନ୍ଧମାଳ ୫୭, କେନ୍ଦ୍ରାପଡ଼ା ୫୪, ଖୋର୍ଦ୍ଧା ୩୦, ମୟୂରଭଞ୍ଜ ୫୪, ନବରଙ୍ଗପୁର ୪୫, ପୁରୀ ୨୮, ସୁବର୍ଣ୍ଣପୁର ୨୧ ଏବଂ ନୟାଗଡ ଜିଲାରେ ସ୍ୱାଭାବିକଠାରୁ ୨୭ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସବୁ ଜିଲାରେ ବର୍ଷା ନ ଥିବାରୁ ଚାଷ କାର୍ଯ୍ୟ ମଧ୍ୟ ଆଗେଇପାରି ନାହିଁ।

ଅନ୍ୟପକ୍ଷରେ ଜୁଲାଇ ୩ ତାରିଖ ଯାଏ ରାଜ୍ୟରେ ବର୍ଷା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଯୋଗୁ କେଉଁଠି କାଁ ଭାଁ ଅସରାଏ କିମ୍ବା ଦି'ଅସରା ବର୍ଷା ହୋଇପାରେ। ମଙ୍ଗଳବାରଠାରୁ ବର୍ଷା ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଢେଙ୍କାନାଳରେ ୨୫ ମିଲିମିଟର ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୧୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟାନ୍ୟ ଭାଗରେ ପାଗ ମେଘୁଆ ରହିଛି।

## ଯୁବକଙ୍କୁ ହତ୍ୟା

**ସମ୍ବଲପୁର,୨୮ା୬ (ଶୁଭାଶିଷ ପାଢୀ):** ସମ୍ବଲପୁର ଜିଲା ଧନୁପାଲି ଥାନା ଭତରା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ମନୋରଞ୍ଜନ କୁମ୍ଭାର (୩୨)। ତାଙ୍କୁ କେହି ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ତାଙ୍କ ବଡଭାଇ ଧନଞ୍ଜୟ ପୋଲିସରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (୨୦୨/୨୩) ରୁଜୁ କରିଛି। ଧନଞ୍ଜୟଙ୍କ ଅଭିଯୋଗକ୍ରମେ, ଦୁଇଦିନ ପୂର୍ବରୁ ଗ୍ରାମର ଜଣେ ଯୁବକ ମନୋରଞ୍ଜନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଜୁନ ୨୬ରେ ମନୋରଞ୍ଜନ ଶ୍ୱଶୁର ଘର ଗୁଲୁଣ୍ଡା ଯାଉଛି କହି ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ବୁଧବାର ସ୍ଥାନୀୟ ଲୋକେ କୂଅରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହକୁ କୂଅରୁ ବାହାର କରିଥିଲେ। ଭାଇ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାକୁ କେହି ମାରି କୂଅକୁ ଫିଙ୍ଗି ଦେଇଥିବା ଧନଞ୍ଜୟ ଦର୍ଶାଇଛନ୍ତି।

**ବରଗଡ଼ ଜିଲାରେ ଖରିଫ ଚାଷ**

# ସାର, କୀଟନାଶକ ନକଲି



ବରଗଡ଼ ବ୍ଲକ କଳାପାଣି ଅଞ୍ଚଳରେ ଧାନ କିଆରୀ।

ବରଗଡ଼,୨୮ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ୩ଲକ୍ଷ ୪୮ହଜାର ୭୪୭ହେକ୍ଟର କୃଷି ଉପଯୋଗୀ ଜମି ରହିଥିବାବେଳେ ସେଥିମଧ୍ୟରୁ ୨ଲକ୍ଷ ୫୨ହଜାର ୬୫୬ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ସେହିପରି ଅନ୍ୟ ଚାଷ ତୁଳନାରେ ଧାନ ଫସଲ ପାଇଁ ଅଧିକ ସାର, କୀଟନାଶକ ଆବଶ୍ୟକତା ରହିଛି। ଏହି ଦୃଷ୍ଟିରୁ ରାଜ୍ୟର ଅନ୍ୟ ଜିଲା ଅପେକ୍ଷା ବରଗଡ଼ ଜିଲାରେ ସାର, କୀଟନାଶକର ସର୍ବାଧିକ ବିକ୍ରିବଟା ହୋଇଥାଏ। କିନ୍ତୁ ବିଭାଗୀୟ ଅପାରଗତା ଯୋଗୁ ଜିଲାରେ ସାର, କୀଟନାଶକର ନକଲି କାରବାର ଜୋର୍ ଧରିଛି। ଅନ୍ୟପଟେ ଏହାର ଦର ଆକାଶଛୁଆଁ ହୋଇଛି। ଖରିଫ ଚାଷ ଆରମ୍ଭରୁ ବରଗଡ଼ ଜିଲାରେ ଏଭଳି ସ୍ଥିତି ଉପୁଜିବା ଚାଷୀଙ୍କ ପାଇଁ ଚିନ୍ତାଜନକ ହୋଇପଡ଼ିଛି। ଗତ ମାର୍ଚ୍ଚ ଶେଷ ସପ୍ତାହରେ ଜିଲାର ଜାମମାଳ ଗ୍ରାମରେ ନକଲି ପଟାସ ସାର ପ୍ରସ୍ତୁତ ହେଉଥିବା ପୋଲିସ ହାତରେ ଧରାପଡ଼ି ଥିବାବେଳେ ମଙ୍ଗଳବାର ବରପାଲି ଥାନା ତୁଲଣ୍ଡି ଗ୍ରାମର ଏକ ଗୋଦାମରୁ ୯୦ପକେଟ୍ ପଟାସ୍ ସାର, ଲୁଣ ବସ୍ତା, ରଙ୍ଗ ସମେତ ସେଠାରୁ ଖାଲି ପକେଟ୍ ମଧ୍ୟ କୃଷି ବିଭାଗ ଜବତ କରିଛି। ତେବେ ତାହା ମଧ୍ୟ ନକଲି ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି। କେବଳ ଉକ୍ତ ୨ଟି ସ୍ଥାନ ନୁହେଁ, ଜିଲାର ଅନେକ ସ୍ଥାନରେ ଏଭଳି ଚାଲିଥିବା ଆଲୋଚନା ହେଉଛି। ଆରମ୍ଭରୁ ଯଦି କୃଷି ବିଭାଗ ତାହା ରୋକିବାକୁ ତତ୍ପର ନ ହୁଏ, ଆଗାମୀ ଦିନରେ ଜିଲାର ଅନେକ ଚାଷୀ ସେଭଳି ମୁନାଫାଖୋର ବ୍ୟବସାୟୀଙ୍କ ଦ୍ୱାରା ଶୋଷିତ ହେବା ଆଶଙ୍କା ରହିଛି।

### ଏମାନେ ଯାହା କୁହନ୍ତି...

**କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର**



ବରଗଡ଼ ଜିଲାରେ ନକଲି କାରବାର ନୂଆ ନୁହେଁ। ନକଲି ସାର, କୀଟନାଶକ ବିକ୍ରିନେଇ ବାରମ୍ବାର ଅଭିଯୋଗ ହେଉଛି। ବହୁ ପୂର୍ବରୁ ସେଭଳି ସୂଚନା ରହି ଆସିଛି। ମାତ୍ର ଜିଲା ପ୍ରଶାସନ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ବହୁତ ଜାଗାରେ ସେଭଳି ଚାଲିଛି। କାଁ ଭାଁ କେତେବେଳେ ଲୋକ ଦେଖାଣିଆଁ ଧରପଗଡ଼ ଚାଲିଛି। ଯାହାକି ଧର୍ମକୁ ଆଖିଠାର ଭଳି। ଏଭଳି ନକଲି ସାର, କୀଟନାଶକ କାରବାର ଏବଂ କଳାବଜାରକୁ ଦୃଢ଼ ଭାବେ ଦମନ କରା ନ ଗଲେ ଚାଷୀଙ୍କ ବହୁତ କ୍ଷତି ହେବ।

- ରମେଶ ମହାପାତ୍ର, ଚାଷୀନେତା

**ସତର୍କ ରହୁନି କୃଷି ବିଭାଗ**



ବହୁତ ଜାଗାରେ ନକଲି ସାର, କୀଟନାଶକ ବିକ୍ରି ହେଉଛି। ଗାଇସିଲେଟରେ ଧରାପଡ଼ିଥିଲା। ହେଲେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ନକଲି ସାର ସେଠାରୁ କେଉଁ ସ୍ଥାନକୁ ଯାଉଥିଲା, ଆଉ କେଉଁ ବ୍ୟବସାୟୀ ସମ୍ପୃକ୍ତ, ସେମାନଙ୍କୁ ଖୋଜି ବାହାର କରିବାର ଥିଲା। ତାହା ହେଲା ନାହିଁ। ନମୁନା ପରୀକ୍ଷା ଆଳରେ ସମୟ ଗଡ଼ାଯାଉଛି। ବରଗଡ଼ରେ ପରୀକ୍ଷାଗାର ଖୋଲାଯିବା ସହିତ ନକଲି କାରବାର ପ୍ରତି କୃଷି ବିଭାଗ ମଧ୍ୟ ସତର୍କ ରହିବା ଦରକାର।

- ସୁରେଶ ନେକାଣ୍ଟି, ଚାଷୀନେତା

**ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ**



ଜିଲାରେ ଯେଭଳି ନକଲି ସାର, କୀଟନାଶକ ବିକ୍ରି ହେବ ନାହିଁ କିମ୍ବା କଳାବଜାର ହେବ ନାହିଁ, ସେଥିପ୍ରତି କୃଷି ବିଭାଗ ସଜାଗ ରହିଛି। ତୁଲଣ୍ଡିରେ ଜବତ ସାର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲାରେ ପର୍ଯ୍ୟାପ୍ତ ସାର ମହଜୁଦ ରହିଛି। ଚାଷୀମାନେ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କ ପାଖକୁ ଯାଇ କିଣିପାରିବେ। କିଛି ଅନିୟମିତତା ଅଭିଯୋଗ ପାଇଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

- ଅଶୋକ କୁମାର ଅମାତ, ଜିଲା ମୁଖ୍ୟ କୃଷି ଅଧିକାରୀ


झारखण्ड सरकार
**कार्यपालक अभियंता का कार्यालय ग्रामीण विकास विशेष प्रमण्डल, धनबाद।**
मोबाईल नं0 : 8789242462 Email : rdsd.dhanbad@rediffmail.com

पत्रांकः– 662 धनबाद/दिनांक– 28.06.2023

ई0–अल्पकालीन निविदा आमंत्रण सूचना

ई– निविदा सूचना संख्या – 22/2023-24/RDSD/EE/Dhanbad (Two Envelope System)

1.कार्य की विस्तृत विवरणीः (जिला खनिज फाउण्डेशन ट्रस्ट मद)

| क्र0 सं0 | कार्य का नाम | परिमाण विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | धनबाद जिला के कलियासोल प्रखण्ड अन्तर्गत उरमा पंचायत के उरमा गांव में हीडबांध पुल का निर्माण। | 22009566.00 | परिमाण विपत्र की राशि 2% | 10000.00 | 15 महीना |

2. वेबसाइट में निविदा प्रकाशन की तिथि – 10.07.2023
3. ई–निविदा प्राप्ति की तिथि एवं समय – दिनांक 17.07.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 19.07.2023 अपराह्न 05:00 बजे तक।
5. निविदा शुल्क एवं अग्रधन की राशि जमा करने का स्थानः–
   i) ग्रामीण विकास विशेष प्रमंडल, धनबाद।
   ii) ग्रामीण विकास विशेष अंचल, हजारीबाग।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान– E-Procurement Cell, कार्यपालक अभियंता, ग्रामीण विकास विशेष प्रमंडल, धनबाद।
8. निविदा खोलने की तिथि एवं समय– 21.07.2023 अपराह्न 2:00 बजे तक।
9. निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
10. ई–निविदा प्रकोष्ठ का दूरभाश सं0 – 8789242462 (संबंधित कार्यपालक अभियंता का दूरभाष नम्बर)
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, धनबाद के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार)
कार्यपालक अभियंता
ग्रामीण विकास विशेष प्रमंडल,धनबाद

PR 301126 Rural Development(23-24)D

# ବିଜେଡି କର୍ପୋରେଟରଙ୍କ ଭାଇ, ପୁତୁରାଙ୍କୁ ଗୁଳିମାଡ଼

## ରାଜଧାନୀରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ

**ପୋଲିସ ଉପସ୍ଥିତିରେ ଗୁଳି ଫୁଟିଲା**

- ସାଇଡ୍‌ମରାକୁ ନେଇ ଗଣ୍ଡଗୋଳ
- ୫ଖୋକା ଜବତ, ୩ରୁ ଉର୍ଦ୍ଧ୍ୱ ଅଟକ

ଭୁବନେଶ୍ୱର,୨୮।୬ (ସତ୍ୟଜିତ ରାଉତ)

ରାଜଧାନୀ ରାସ୍ତାରେ ଗୁରୁବାର ରାତିରେ ଗୁଳିମାଡ଼ ହୋଇଛି। ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜଗନ୍ନାଥ ନଗର ଲେନ୍-୧ସ୍ଥିତ ଶ୍ରୀ ପ୍ରଜାପତି ବିବାହ ମଣ୍ଡପ ସାମ୍ନାରେ ୨ଟି କାର୍ ମଧ୍ୟରେ ସାଇଡ୍‌ମରାକୁ ନେଇ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା। ଗୁଳିମାଡ଼ରେ ୩୨ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ଶ୍ରୀଧର ଜେନାଙ୍କ ବଡ଼ଭାଇ ଶ୍ରୀଖର ଜେନା ଓ ତାଙ୍କ ପୁତୁରା ଆଲୋକ ଜେନା ଆହତ ହୋଇଛନ୍ତି। ଉଭୟଙ୍କ ଶରୀରରେ ଏକାଧିକ ଗୁଳି ବାଜିଥିବା ସୂଚନା ମିଳିଛି। ସେମାନଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୋଲିସ ଘଟଣାସ୍ଥଳରୁ ୫ରୁ ଉର୍ଦ୍ଧ୍ୱ ଖୋକା ଓ ଗୋଟିଏ ବନ୍ଧୁକ ଜବତ କରିବା





ଗୁଳିମାଡ଼ରେ ଆହତ ବିଜେଡି ନେତା ଶ୍ରୀଖର ଜେନା । ତାଙ୍କ ସାନପୁଅ ଆଲୋକଙ୍କ ଗୋଡ଼ରେ ଗୁଳି ବାଜିଛି।

ସହ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ରାଜନୈତିକ ପ୍ରତିପକ୍ଷ ପକ୍ଷରୁ ଏହି ଗୁଳିମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ନେତାଙ୍କ ସୁରକ୍ଷାକର୍ମୀଙ୍କ ବନ୍ଧୁକରୁ ଗୁଳି ଫୁଟିଥିବା ମଧ୍ୟ କୁହାଯାଉଛି। ଏପରିକି ଅପରପକ୍ଷରୁ ମଧ୍ୟ ଗୁଳିମାଡ଼ କରାଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ଏଥିରେ ପ୍ରତିପକ୍ଷର ମଧ୍ୟ କେତେଜଣ ଆହତ ହୋଇଥିବା କୁହାଯାଉଥିଲେ ମଧ୍ୟ ପୋଲିସ ଏନେଇ ମୁହଁଖୋଲିନି। ଘଟଣା ପରେ ଡିସିପି ପ୍ରତୀକ ସିଂ, ଜୋନ-୪ ଏସିପି ଶୁଭନାରାୟଣ ମୁଦୁଲି, ଥାନା ଅଧିକାରୀ ଶ୍ୟାମସୁନ୍ଦର ରାଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ରାଜନୈତିକ ସଂଘର୍ଷ ହୋଇଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱ ସହ ନେଇ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଉକ୍ତ ମଣ୍ଡପରେ ଏକ ବିବାହ କାର୍ଯ୍ୟ ଚାଲିଥିଲା। ରାତି ପ୍ରାୟ ୧୦ଟା ୩୦ରେ ଲକ୍ଷ୍ମୀସାଗରରୁ ବର ଆସି ପହଞ୍ଚିଥିଲା। ତେବେ ଏହାର ପ୍ରାୟ ୨୦ ମିନିଟ ପରେ ସାମ୍ନା ରାସ୍ତାରେ ଦୁଇଟି କାର୍ ମୁହାଁମୁହିଁ ହୋଇଥିଲା। କେହି କାହାକୁ ସାଇଡ୍ ନ ଦେବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏହି ସମୟରେ ସେଠାରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ତେବେ ମଣ୍ଡପ ପକ୍ଷରୁ ଏ ନେଇ ପୋଲିସକୁ ଖବର ଦିଆଯିବା ପରେ ସ୍ଥାନୀୟ ପିସିଆର ଟିମ୍ ଘଟଣାସ୍ଥଳକୁ ଆସିଥିଲା। ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରୁଥିବାବେଳେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଅଚାନକ ଗୁଳିମାଡ଼ ହୋଇଥିଲା। ଏହାପରେ ଘନଘନ ଗୁଳି ଶବ୍ଦ ଶୁଣି ବିବାହ ଉତ୍ସବରେ ଉପସ୍ଥିତ ଲୋକେ ଭୟଭୀତ ହୋଇ ଯିଏଯୁଆଡେ ଦୌଡ଼ିଥିଲେ। ଫଳରେ ପୋଲିସକୁ ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୁଳିମାଡ଼ରେ ୨ରୁ ଉର୍ଦ୍ଧ୍ୱ ଓ ଧସ୍ତାଧସ୍ତିରେ ୩ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ତେବେ ଗୁଳିମାଡ଼ରେ ଗୁରୁତର ହୋଇପଡିଥିବା ଶ୍ରୀଖର ଜେନା ଓ ତାଙ୍କ ସାନପୁଅ ଆଲୋକଙ୍କୁ ପୋଲିସ ଏବଂ ସମର୍ଥକମାନେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଶ୍ରୀଖର ଗଣମାଧ୍ୟମକୁ କହିଛନ୍ତି, ରାଜନୈତିକ ଶତ୍ରୁତାରୁ ଯୋଜନାବଦ୍ଧ ଭାବେ ଭାଜପା ନେତାଙ୍କ (ନିର୍ଦ୍ଦିଷ୍ଟ ଜଣଙ୍କ ନାମ ନେଇ) ପକ୍ଷରୁ ଏହି ଆକ୍ରମଣ ହୋଇଛି। ବଡ଼ ପୁଅ କାର୍ ନେଇ ମଣ୍ଡପ ନିକଟରେ ଆସୁଥିବା ବେଳେ ସେମାନେ ତାଙ୍କୁ ବଳପୂର୍ବକ ଅଟକାଇଥିଲେ। ପୁଅଠାରୁ ସୂଚନା ପାଇ ଆମେ ସେଠାକୁ ଯାଇଥିଲୁ । ହେଲେ ସେଠାରେ ଉପସ୍ଥିତ ୧୦ରୁ ଉର୍ଦ୍ଧ୍ୱ ଯୁବକ ଅଚାନକ ଆମ ଉପରେ ୧୦ରୁ ଉର୍ଦ୍ଧ୍ୱ ରାଉଣ୍ଡ ଗୁଳି ଚାଳନା କରିଥିଲେ ବୋଲି ଶ୍ରୀଖର କହିଛନ୍ତି। ଅନ୍ୟପଟେ ବିଧାୟକ ଅନନ୍ତ ନାରାୟଣ ଜେନା ହସ୍ପିଟାଲ ଯାଇ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।

## ଦେଢ଼ବର୍ଷ ଜେଲଦଣ୍ଡ, ୯୦ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୬ (ସତ୍ୟଜିତ୍ ରାଉତ)

**ଚେକ୍ ବାଉନ୍‌ସ ଠକେଇ ମାମଲାର ରାୟ**

ଏକ ଚେକ୍ ବାଉନ୍‌ସ ଠକେଇ ମାମଲାରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ବୁଧବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସରୋଜ କୁମାର ତରାସିଆଙ୍କୁ ଦେଢ଼ ବର୍ଷ ସରଳ ଜେଲଦଣ୍ଡ ହୋଇଛି। ଏଥିସହ ପୀଡ଼ିତାଙ୍କୁ ୯୦ ଲକ୍ଷ କ୍ଷତିପୂରଣ ରାଶି ଦେବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ଦେଇ ନ ପାରିଲେ ଅଧିକ ୫ ମାସ ଜେଲଦଣ୍ଡ ଭୋଗିବେ। ଏପରିକି ସରୋଜ ସମ୍ପୂର୍ଣ୍ଣ ଜେଲଦଣ୍ଡ ଭୋଗିଲେ ମଧ୍ୟ ୯୦ ଲକ୍ଷ କ୍ଷତିପୂରଣ ରାଶି ଦେବାକୁ ବାଧ୍ୟ ବୋଲି ବିଚାରପତି ଶିଶିର କୁମାର ସାହୁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ଚକାଡୋଲା ଇଣ୍ଟରପ୍ରାଇଜେସ୍‌ର ମାଲିକ ଇନ୍ଦ୍ରା ପଟ୍ଟନାୟକ (୭୫)ଙ୍କୁ ସରୋଜ ଠକିଥିଲେ। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଇଡ୍‌କୋର ଦୁଇଟି ପ୍ଲଟ୍ ନଂ. ୭୭ ଓ ୭୭/୧ ସମେତ ଭିତ୍ତିଭୂମିକୁ ବିକ୍ରି କରିବାକୁ ମାଲିକ ତଥା ଫରିଦାବାଦ୍‌ର ଏମ୍/ଏସ୍ କ୍ରିଷ୍ଣା ଷ୍ଟିଲ୍ କର୍ପୋରେଶନର ପ୍ରୋପ୍ରାଇଟର ସିଙ୍ଘଲ ତାଙ୍କୁ ଅନୁମତି ଦେଇଥିବା ଇନ୍ଦ୍ରାଙ୍କୁ ସରୋଜ କହିଥିଲେ। ୨୦୧୧ ନଭେମ୍ବରରେ ଜାଲ ଦସ୍ତାବିଜ୍ ଦେଖାଇ ଉକ୍ତ ଜମି ଇନ୍ଦ୍ରାଙ୍କ ନାଁରେ କରିଦେବାକୁ ସରୋଜ କହି ବ୍ରୋକର୍ ଚାର୍ଜ ସହ ୭୭.୪୦ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବା ପରେ ସରୋଜ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଇନ୍ଦ୍ରାଙ୍କ ସନ୍ଦେହ ହେବାରୁ ସେ ଜମିର ମାଲିକ ସିଙ୍ଘଲଙ୍କୁ ଯୋଗାଯୋଗ କରିଥିଲେ। ତେବେ ଉକ୍ତ ଦୁଇଟି ପ୍ଲଟ୍‌କୁ କୌଣସି ବ୍ୟକ୍ତିଙ୍କୁ ବିକ୍ରି କରିବାକୁ ସ୍ୱୀକୃତି ଦେଇ ନ ଥିବା ସିଙ୍ଘଲ କହିଥିଲେ। ଏହାପରେ ସରୋଜ ଦେଖାଇଥିବା ସମସ୍ତ ଦସ୍ତାବିଜ୍ ଜାଲ ବୋଲି ଇନ୍ଦ୍ରା ଜାଣିବାକୁ ପାଇ ଟଙ୍କା ଫେରାଇବାକୁ କହିଥିଲେ। ପରେ ଇନ୍ଦ୍ରାଙ୍କୁ ସରୋଜ ୩୦ ଲକ୍ଷ ଟଙ୍କା ଫେରାଇ ବାକି ୪୭.୪୦ ଲକ୍ଷ ଟଙ୍କା ଫେରାଉ ନ ଥିଲେ। ଏହାପରେ ବାକି ଟଙ୍କାର ଚେକ୍ ଦେଇଥିଲେ ମଧ୍ୟ ତାହା ବାଉନ୍‌ସ ହୋଇଯାଇଥିଲା। ଏନେଇ ଇନ୍ଦ୍ରା ୨୦୧୪ ଫେବୃୟାରୀରେ ସରୋଜଙ୍କୁ ନୋଟିସ୍ ପଠାଇ ୧୫ ଦିନ ମଧ୍ୟରେ ବାକି ଟଙ୍କା ଫେରାଇବାକୁ କହିଥିଲେ। ହେଲେ ସରୋଜ ଟଙ୍କା ନ ଫେରାଇବାରୁ ଇନ୍ଦ୍ରା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଅଭିଯୋଗକାରୀ ଇନ୍ଦ୍ରାଙ୍କ ପକ୍ଷରୁ ଓକିଲ ଚିତ୍ତରଞ୍ଜନ ଦାସ ଓ ସରୋଜଙ୍କ ପକ୍ଷରୁ ଓକିଲ ଏ.କେ ସୁବୁଦ୍ଧି ମାମଲା ପରିଚାଳନା କରୁଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଝିଲିକ ମୋଶନ ପିକ୍ଚର୍ସ ପକ୍ଷରୁ ଫିଲ୍ମ 'ପ୍ରିୟେ ତୁ ମୋ ସିଏ'ର ଗ୍ରାଣ୍ଡ ପ୍ରିମିୟର, ସ୍ୱସ୍ତି ହଲ, ୟୁନିଟ୍-୩, ଅପରାହ୍ନ ୪ଟା ୧୫।
- ଶ୍ରୀଜଗନ୍ନାଥ ଭକ୍ତ ଟ୍ରଷ୍ଟ ପକ୍ଷରୁ ସୁନାବେଶ ଆରମ୍ଭ, ଶ୍ରୀଜଗନ୍ନାଥ ମନ୍ଦିର, ଫେଜ୨, ଶୈଳଶ୍ରୀ ବିହାର, ଅପରାହ୍ନ ୪ଟା ୫୦।
- ୧୨ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଫିଲ୍ମ ଜର୍ନାଲିଷ୍ଟ ଫୋରମ୍‌ର ଉନବିଂଶ 'ସ୍ମୃତିଛାୟା', ପ୍ରଥମ ଓଡ଼ିଆ ଟେଲି ଫିଲ୍ମ 'ଉଷା', ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।
- ରୁଦ୍ରାକ୍ଷ ଫାଉଣ୍ଡେଶନର ଷଷ୍ଠ ବର୍ଷାଳୀ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

# ପ୍ରତି ୱାର୍ଡରେ ଗଠନ ହେବ ଡେଙ୍ଗୁ ତଦାରଖ କମିଟି

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

**ବିଏମ୍‌ସିର ଡେଙ୍ଗୁ ମୁକାବିଲା ବୈଠକ**

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ମୁକାବିଲା ପାଇଁ ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଶନର ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ଡେଙ୍ଗୁ ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ପ୍ରତି ୱାର୍ଡରେ ଏକ ପ୍ରତ୍ୟକ୍ଷ ତଦାରଖ କମିଟି ଗଠନ ହେବ। ଏହି କମିଟି ୱାର୍ଡର ବିଭିନ୍ନ ସ୍ଥାନ, ସାଧାରଣ ଲୋକଙ୍କ ଘର ଚାରିପାଖ ଓ ଛାତ ଉପର ଆଦି ବୁଲି ଅନୁଧ୍ୟାନ କରିବ। ପାଣି ଜମିବା ସ୍ଥାନ, ବିଶେଷକରି ପଡିରହିଥିବା ବର୍ଜ୍ୟ ପାତ୍ର, ସାଧାରଣସ୍ଥାନ, ଟାୟାର ମରାମତି ଦୋକାନ, ଆଜବେଷ୍ଟସ ଏବଂ ଛାତ ଉପରେ ଥିବା ଫୁଲକୁଣ୍ଡ ଓ ପାଣିପାତ୍ର ଆଦି ସ୍ଥାନ ଚିହ୍ନଟ କରିବା ସହ ସେହି ପାତ୍ରଗୁଡ଼ିକୁ ନଷ୍ଟ କରିବ। ସେହିପରି ମଶା ପ୍ରଜନନ ସ୍ଥାନଗୁଡ଼ିକରେ ମଶା ଲାର୍ଭା ନାଶକ ସିଞ୍ଚନ କରିବା, ଘାସ କାଟିବା ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିୟୋଜିତ ସ୍ୱେଚ୍ଛାସେବୀମାନେ ଏବଂ ଅନ୍ୟକ୍ଷେତ୍ର କର୍ମଚାରୀ ଓ ସହଯୋଗୀମାନେ ମଶା ବଂଶ ବୃଦ୍ଧି ଆଶଙ୍କା ଥିବା ସ୍ଥାନକୁ ତୁରନ୍ତ ସଫା କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗଣସଫେଇକୁ ଆଗେଇନେବା ସହ ବିଭିନ୍ନ କାର୍ଯ୍ୟାଳୟ ଓ ଅନୁଷ୍ଠାନରେ ପଡିରହିଥିବା ଅକାମୀ ଗାଡିଗୁଡ଼ିକୁ ମଧ୍ୟ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ କର୍ମୀ ବିଭିନ୍ନ ଅଞ୍ଚଳରୁ ଚିହ୍ନଟ ହେଉଥିବା ଡେଙ୍ଗୁ ରୋଗୀଙ୍କ ଉପରେ ଦୈନିକ ନଜର ରଖିବା ସହିତ ଆଖପାଖରେ ରୋଗ ନ ବ୍ୟାପିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ସେହିପରି ଜୋନାଲ ଡେପୁଟି କମିଶନରମାନେ ଜୋନ୍ ସ୍ତରୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ନେଇ ବୈଠକ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡେଙ୍ଗୁ ସଚେତନତା ସୃଷ୍ଟି କରିବା ପାଇଁ 'ମୋ ୱାର୍ଡ' ମିଟିଂ କରାଯିବା, ଡେଙ୍ଗୁ ହଟସ୍ପଟ ଅଞ୍ଚଳ ଚିହ୍ନଟ କରି ଗୋଷ୍ଠୀ ସହଭାଗିତା ବୃଦ୍ଧି କରିବା, ସନ୍ଦିଗ୍ଧ ରୋଗୀ ନିର୍ଦ୍ଦିଷ୍ଟ ସରକାରୀ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରାଇବା ନେଇ ନିର୍ଦ୍ଦିଷ୍ଟ କର୍ମୀ ଦାୟିତ୍ୱ ନେଇ ସହଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଖୋର୍ଦ୍ଧା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଜୀବନ୍ତ କୁମାର ଆଚାର୍ଯ୍ୟ, ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମି ମିଶ୍ର ଏବଂ ଭେକ୍ଟରବାହିତ ରୋଗ କନସଲଟାଣ୍ଟ ସ୍ମୃତି ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରକୁ ଜିଲା ଘୋଷଣା ଦାବି

ବାଲିପାଟଣା,୨୮।୬ (ଅଭିମନ୍ୟୁ ନାୟକ)

ଭୁବନେଶ୍ୱରକୁ ଜିଲା ଘୋଷଣା ଦାବି ନେଇ ଦ୍ୱିତୀୟ ବୈଠକ ବୁଦ୍ଧିପଡ଼ାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀର ବହୁ ସଚେତନ ନାଗରିକ ଏଥିରେ ଯୋଗଦେଇ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ଗ୍ରାମର ଯୁବକ, ମହିଳା ଓ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହେବା ସହିତ ଦଳମତ ନିର୍ବିଶେଷରେ ଜିଲା ଗଠନର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିଛନ୍ତି ବୋଲି ବୈଠକରେ ବକ୍ତାମାନେ ସୂଚନା ଦେଇଥିଲେ। ଆମର ଯଥାର୍ଥ ଦାବି ଗ୍ରହଣ କରି ତୁରନ୍ତ ଭୁବନେଶ୍ୱରକୁ ସତନ୍ତ୍ର ଜିଲା ଘୋଷଣା କରିବାକୁ ସରକାରଙ୍କୁ ଅନୁରୋଧ କରି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ବାସୁଦେବ ଭଞ୍ଜ, ବାବୁନୀ ସାହୁ, ପୂର୍ବତନ ସରପଞ୍ଚ ରସାନନ୍ଦ ପରିଡ଼ା, ଲକ୍ଷ୍ମୀଧର ଜେନା, ନରେନ୍ଦ୍ର ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ନାରାୟଣ ସାହୁ, ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ସମିତି ସଭ୍ୟ ଶୈଳେନ୍ଦୁ ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମାଗୁଣି ସେଠୀ, ଶିକ୍ଷକ ବଂଶୀଧର ବିଶାଳ, ଓକିଲ ନିର୍ମଳ ରଥ, ସୁରେଶ ଦାସ ପ୍ରମୁଖ ବହୁ ସଚେତନ ନାଗରିକ ଯୋଗଦେଇଥିଲେ।

## ସଂକ୍ଷେପରେ

### 'ତମିସ୍ରାର ନୀଳଜହ୍ନ' ଉନ୍ମୋଚିତ

ଭୁବନେଶ୍ୱର,୨୮।୬(ଶର୍ମିଷ୍ଠା ପାଣିଗ୍ରାହୀ): କବି ଅଶୋକ କୁମାର ପଟ୍ଟନାୟକଙ୍କ ପ୍ରଥମ କବିତା ସଂକଳନ 'ତମିସ୍ରାର ନୀଳଜହ୍ନ' ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ କବି ଅଶୋକ ପଟ୍ଟନାୟକ, କବି ରକ୍ଷକ ନାୟକ, ମହେନ୍ଦ୍ର ନାୟକ ଏବଂ ପ୍ରକାଶକ ମାନମୟୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ନିଜର ପ୍ରଥମ କବିତା ସଂକଳନ ପାଠକଙ୍କ ମନକୁ ଛୁଇଁବ ବୋଲି ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି।

### ନିକୁଞ୍ଜ ବିହାରୀ ଦେବ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

ବାଲିଅନ୍ତା,୨୮।୬ (ନୀଳମାଧବ ସାହୁ): ବାଲିଅନ୍ତାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀନିକୁଞ୍ଜବିହାରୀ ମନ୍ଦିର ପରିସରରେ ନିର୍ମିତ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସକୁ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ବୁଧବାର ଉଦ୍‌ଘାଟନ କରିଛନ୍ତି। ଶ୍ରୀନିକୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିର୍ମିତ ଏହି କମ୍ପ୍ଲେକ୍ସରେ ୬ଟି ଦୋକାନ ଗୃହ ରହିଛି। ଏହି ଉଦ୍‌ଘାଟନ ଉତ୍ସବରେ ଟ୍ରଷ୍ଟ ବୋର୍ଡର ମୁଖ୍ୟ ଦିଲୀପ କୁମାର ସାହୁ, ସଭ୍ୟ ବୈକୁଣ୍ଠ ରାଉତରାୟ, ମହେନ୍ଦ୍ର ଭୋଇ, ସତ୍ୟନାରାୟଣ ରାୟ, ବିଶିଷ୍ଟ ପାଲାକାର ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ୧୦୨ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା): ଜୟଦେବ ବିହାର ଅଞ୍ଚଳରେ ପାଟ୍ରୋଲିଂବେଳେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ରଘୁନାଥପୁରର ସୋମନାଥ ପ୍ରଧାନ (୨୯)। ତାଙ୍କଠାରୁ ୧୦୨ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୦ ଲକ୍ଷରୁ ଅଧିକ ହେବ। ଏହାସହ ବ୍ୟବହୃତ ମୋଟରସାଇକେଲକୁ ମଧ୍ୟ ଜବତ କରାଯାଇଥିଲା।

## ମାର୍ଗି ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୨୮।୬ (ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାନୁଷ୍ଠାନ ପକ୍ଷରୁ ଚାଲିଥିବା ମାର୍ଗି ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପଦ୍ମଶ୍ରୀ ରଞ୍ଜନା ଗହ୍ୱର, ପ୍ରତିଷ୍ଠିତ ଓଡିଶୀ ନୃତ୍ୟ ଗବେଷକ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ମର୍ଦ୍ଦଳ ଗୁରୁ ସଚ୍ଚିକାନ୍ତ ଦାସ, ନୃତ୍ୟାଶାଳା ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗଦେଇଥିଲେ। ପଦ୍ମଶ୍ରୀ ଗୁରୁ ଇଲିୟାନା ସୀତାରିଷ୍ଟିଙ୍କ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୃତ୍ୟ ସଂଯୋଜନା ଗୁରୁ କେଳୁଚରଣ ମହାପାତ୍ର କରିଥିବା ବେଳେ ସଂଗୀତ ସଂଯୋଜନା କରିଥିଲେ ପଣ୍ଡିତ ପ୍ରଫୁଲ୍ଲ କର। ପରବର୍ତ୍ତୀ ଏକକ ଅଭିନୟ ନେଇ ଆସିଥିଲେ ଶିଳ୍ପୀ ଯୁଧିଷ୍ଠିର ନାୟକ। ମହାନଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନାକୁ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଦ୍ୱୈତ୍ୟ ନୃତ୍ୟ ପର୍ଯ୍ୟାୟରେ ପ୍ରଭୁତୋଷ ପଣ୍ଡା ଓ ଦୀପିକା ପ୍ରିୟଦର୍ଶିନୀ ଯୁଗ୍ମ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ଅଶୋକ କୁମାର ଘୋଷାଲଙ୍କ ପରିକଳ୍ପନା ଓ ନୃତ୍ୟ ନିର୍ଦ୍ଦେଶନାରେ ନୃତ୍ୟନାଟିକା ମୁଁ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ମଧୁସ୍ମିତା ମହାନ୍ତି ସଂଯୋଜନା କରିଥିଲେ।

# ଧାର ଟଙ୍କା ମାଗିବାରୁ ହତ୍ୟା କରିଥିଲେ ସାଙ୍ଗ

ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)

**ଅମିତ୍‌ଙ୍କ ରହସ୍ୟଜନକ ମୃତ୍ୟୁ ଉପରୁ ପରଦା ହଟିଲା**



- ଅଭିଯୁକ୍ତ ପାନ ଦୋକାନୀ ଗିରଫ
- ଦୁର୍ଘଟଣାର ରୂପ ଦେଇଥିଲେ ଅଭିଯୁକ୍ତ
- ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଲା ସତ

ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଅମିତ୍ କାନୁନ୍‌ଗୋ ନାମକ ଜଣେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ସପ୍ତାହ ପରେ ପରଦା ଉଠିଛି। ଧାର ଟଙ୍କା ମାଗିବାରୁ ଅମିତ୍‌ଙ୍କ ସମେତ ଦୁଇ ସାଙ୍ଗଙ୍କୁ ମାଡ଼ ମାରିଥିଲେ ସମ୍ପୃକ୍ତ ଅଭିଯୁକ୍ତ। ଏଥିରେ ଅମିତ୍‌ଙ୍କ ମୃତ୍ୟୁ ହୋଇଥିଲାବେଳେ ଦ୍ୱାରୀ ଓରଫ ଲକ୍ଷ୍ମୀଧର ନାୟକ ଗୁରୁତର ହୋଇଥିଲେ। ହେଲେ ପୋଲିସ ନଜର ହଟାଇବାକୁ ଏହାକୁ ଦୁର୍ଘଟଣାର ରୂପ ଦେଇଥିଲେ। ତଦନ୍ତବେଳେ ପଚରାଉଚରା ସହ ବ୍ୟବଚ୍ଛେଦ ରିପୋର୍ଟରୁ ଘଟଣା ପଛର ସବୁ ପ୍ରମାଣ ମିଳିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୪/୨୦୨୩) ରୁଜୁ କରି ଅଭିଯୁକ୍ତ ସାଙ୍ଗ ତଥା ପାନ ଦୋକାନୀଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଶବର ସାହିର ବିକାଶ ମହାପାତ୍ର। ତାଙ୍କଠାରୁ ପୋଲିସ ଏକ ମୋବାଇଲ ଜବତ କରିଛି। ବିକାଶଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଗୁରୁତର ସାଙ୍ଗ ଦ୍ୱାରୀ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଅମିତ୍, ଦ୍ୱାରୀ ଓ ବିକାଶ ସମ୍ପର୍କରେ ସାଙ୍ଗ। ଅମିତ୍ ଏକ କୋ-ଅପରେଟିଭ୍ ବ୍ୟାଙ୍କରେ ଚାକିରି କରିବା ସହ ଜାଗମରାସ୍ଥିତ କ୍ରିଷ୍ଣା ଗାର୍ଡେନ୍ ଆପାର୍ଟମେଣ୍ଟରେ ରହୁଥିଲେ। ବିକାଶ ଶିରିପୁର ମାର୍କେଟରେ ଏକ ପାନ ଦୋକାନ କରିଛନ୍ତି। ବ୍ୟବସାୟ ପାଇଁ ଅମିତ୍‌ଙ୍କଠାରୁ ବିକାଶ କିଛିଟଙ୍କା ଧାର ନେଇଥିଲେ। ଏଥିରୁ ବିକାଶ କିଛି ଫେରାଇଥିବା ବେଳେ ପ୍ରାୟ ୨୦ ହଜାର ଟଙ୍କା ଦେବାର ଥିଲା। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗତ ଜୁନ ୨୧ ତାରିଖ ରାତି ପ୍ରାୟ ୧୨ଟାରେ ଦ୍ୱାରୀଙ୍କ ସହ ଅମିତ ପ୍ରଥମେ ବିକାଶଙ୍କ ଘର ଓ ପରେ ତାଙ୍କ ପାନ ଦୋକାନକୁ ଯାଇ ଟଙ୍କା ମାଗିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ବିକାଶ ଉଭୟଙ୍କୁ ଧକ୍କା ଦେବା ସହ ମାଡ଼ ମାରିଥିଲେ। ଫଳରେ ଦ୍ୱାରୀ ଓ ଅମିତ ଅଚେତ ହୋଇ ପଡ଼ିଯାଇଥିଲେ। ଅନ୍ୟପଟେ ଅମିତ୍ ମଦ୍ୟପାନ କରି ରାସ୍ତାରେ ପଡ଼ି ରହିଛନ୍ତି ବୋଲି ତାଙ୍କ ସ୍ତ୍ରୀଙ୍କୁ ବିକାଶ ଫୋନ୍‌ରେ ଜଣାଇ ଖସିଯିବାକୁ ଚେଷ୍ଟା କରିଥିଲେ। ଏପରିକି ଅମିତଙ୍କୁ ତାଙ୍କ ପରିବାର ଲୋକଙ୍କ ସହ ବିକାଶ ମଧ୍ୟ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ଅମିତ୍‌ଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପ୍ରଥମେ ନିଜ ଆଡୁ ଏକ ଅପମୃତ୍ୟୁ ମାମଲା (ନଂ.୧୩୪/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ତେବେ ଅମିତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଥିବାରୁ ପୋଲିସର ସନ୍ଦେହ ହୋଇଥିଲା। ଏପରିକି ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିବା ଦ୍ୱାରୀଙ୍କୁ ପଚରାଉଚରା କରିବା ପରେ ସେ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ଅନ୍ୟପକ୍ଷରେ ମଙ୍ଗଳବାର ଆସିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଅମିତ୍‌ଙ୍କ ଛାତିରେ ଆଘାତ ଫଳରେ ପିଞ୍ଜରା ହାଡ଼ ଭାଙ୍ଗି ଯକୃତରେ କ୍ଷତ ସୃଷ୍ଟି ହେବାରୁ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ପରେ ଜେରାବେଳେ ବିକାଶ ସବୁ ସତ ମାନିଯାଇଥିଲେ।









ଭୁବନେଶ୍ୱରଠାରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ (ବାମରୁ) ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି ଓ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ଟାଇମ୍‌ସ ପାୱାର ୱମେନ-୨୦୨୩' ପ୍ରଦାନ କରୁଛନ୍ତି।

# ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ଭକ୍ତମୟ

ଖୋର୍ଦ୍ଧା,୨୮ା୬(ପ୍ରଭାତ ପାଣିଗ୍ରାହୀ)

ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ନବଦିନ ମାନବୀୟ ଲୀଳା ସାରି ଭଉଣୀଭାଇଙ୍କୁ ଧରି ବୁଧବାର ସ୍ୱମନ୍ଦିରକୁ ବାହୁଡ଼ିଛନ୍ତି କାଳିଆ ସାଆନ୍ତ। ଫଳରେ ଗଡ଼ଖୋର୍ଦ୍ଧା ପାଲଟିଥିଲା ଭକ୍ତମୟ। ଗଡ଼ଠାରେ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ନବଦିନାତ୍ମକ ଯାତ୍ରା ସାରି ଭକ୍ତଙ୍କ ଗହଣରେ ଫେରିଥିଲେ ଶ୍ରୀଜୀଉ। ଘଣ୍ଟ, ମୃଦଙ୍ଗ ବାଦ୍ୟଯନ୍ତ୍ର ସହ ମହିଳାଙ୍କ ହୁଳହୁଳି, ଜୟଜୟକାରରେ ଗଡ଼ଖୋର୍ଦ୍ଧା ଉତ୍ସବମୁଖର ହୋଇଉଠିଥିଲା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ହୋଇଥିଲା ସମାଗମ। ପାଗ ଅନୁକୂଳ ରହିଥିବାରୁ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ରଥଯାତ୍ରାରେ ସାମିଲ ହୋଇଥିଲେ।

ପୂର୍ବାହ୍ନରେ ସମସ୍ତ ନୀତି ସମାପନ ପରେ ୧୧ଟାରେ ବାହୁଡ଼ା ଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଚତୁର୍ଦ୍ଧା ମୂର୍ତ୍ତି ଧାଡ଼ି ପହଣ୍ଡିରେ ଆସି ରଥାରୂଢ ହୋଇଥିଲେ। ରଥରେ ଶ୍ରୀଜୀଉଙ୍କ ବେଶ ନୀତି ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ବଢ଼ିବା ପରେ ୨ଟାରେ ରଥରେ ଛେରାପହଁରା, ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ପରେ ଚାରମାଳ ଫିଟାଯାଇ ସାରଥି ଏବଂ ଘୋଡ଼ାଲାଗି କରାଯାଇଥିଲା।ଅପରାହ୍ନ୩ଟାରେଆରମ୍ଭ ହୋଇଥିଲା ରଥଟଣା। ନବଦିନାତ୍ମକ ଯାତ୍ରା ସାରି କାଳିଆ ଠାକୁର ଭକ୍ତଙ୍କ ଗହଣରେ ମନ୍ଦିରକୁ ବାହୁଡ଼ିଥିଲେ। ମନ୍ଦିର ନିକଟରେ ମହାଲକ୍ଷ୍ମୀଙ୍କ ଭେଟନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ସାଢେ ୪ଟା ସୁଦ୍ଧା ରଥ ମନ୍ଦିର ଆଗରେ ପହଞ୍ଚିଯାଇଥିଲା। ଏକାଦଶୀ ତିଥିରେ ରଥରେ ତିନିଠାକୁର ସୁନାବେଶରେ ଦର୍ଶନ ଦେବେ। ସନ୍ଧ୍ୟାରେ ସାଂସ୍କୃତିକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀଙ୍କ ଗୋଟିଏ ପରେ ଗୋଟିଏ ଭକ୍ତି ସଙ୍ଗୀତରେ ଦର୍ଶକ, ଶ୍ରଦ୍ଧାଳୁ ଭକ୍ତ ବିମୋହିତ ହୋଇପଡିଥିଲେ।

ଏ ନେଇ ଗବେଷକ ଗୋପାଳକୃଷ୍ଣ ଦାସ କୁହନ୍ତି, ମାଦଳା ପାଞ୍ଜି ଅନୁଯାୟୀ ମୋଗଲ ଆକ୍ରମଣ ସମୟରେ ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ ୧୫୭୫ରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ ୮ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ପୁନଶ୍ଚ ଖ୍ରୀ ୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଏଠାରେ ଅବସ୍ଥାନ କରିଥିଲେ। ୨୦୧୪ ଜୁନ ୨୬ତାରିଖ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଥିଲା।

## ଭଉଣୀଭାଇଙ୍କୁ ଧରି ବାହୁଡ଼ିଲେ କାଳିଆ ସାଆନ୍ତ



# ସଅଳ ନୀତିରେ ବାହୁଡ଼ିଲେ ପୂର୍ଣ୍ଣବିଗ୍ରହ

ଖୋର୍ଦ୍ଧା,୨୮ା୬(ପ୍ରଭାତ ପାଣିଗ୍ରାହୀ)

ନବଦିନାତ୍ମକ ଯାତ୍ରା ସାରି ବାହୁଡ଼ିଲେ ଶ୍ରୀ ଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)। ଆବେଗର ସହ ଚାହିଁ ରହିଥିବା ଲକ୍ଷାଧିକ ଭକ୍ତ ରଥକୁ ଟାଣି ନେଇ ମନ୍ଦିର ସିଂହଦ୍ୱାର ଆଗରେ ଲଗାଇଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ସବୁ ରଥ ମନ୍ଦିର ନିକଟରେ ଲାଗିଥିଲା। ଜାଗୁଳିପାଟଣା ଦାଣ୍ଡ ପାଲଟିଥିଲା ବଡ଼ଦାଣ୍ଡ। ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ଜୟଜୟକାର, ଘଣ୍ଟ, ବିଜେ କାହାଳୀ ପ୍ରଭୃତି ବାଦ୍ୟଯନ୍ତ୍ରରେ ପ୍ରକମ୍ପିତ ହୋଇଥିଲା ଜାଗୁଳିପାଟଣା ଦାଣ୍ଡ। ରଥାରୂଢ ଶ୍ରୀଜୀଉଙ୍କ ଦର୍ଶନ କରି ଭାବ ବିହ୍ୱଳ ହୋଇପଡିଥିଲେ ଭକ୍ତ। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମୁଖରେ ରହିଥିଲା ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ଜୟ।

ବୁଧବାର ଭୋର ୪ଟାରେ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ବଢିଥିଲା। ମଧ୍ୟାହ୍ନ ଧୂପ ପରେ ବାହୁଡା ପହଣ୍ଡି ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ଧାଡ଼ି ପହଣ୍ଡିରେ ଆସି ଶ୍ରୀଜୀଉମାନେ ରଥାରୂଢ ହୋଇଥିଲେ। ପ୍ରଥମେ ଶ୍ରୀସୁଦର୍ଶନ ପହଣ୍ଡି ୨.୧୫ମିନିଟ୍‌ରେ ରଥାରୂଢ ହୋଇଥିଲେ। ପରେ ଶ୍ରୀବଳଭଦ୍ର ୨.୩୦ ମିନିଟ, ଦେବୀ ସୁଭଦ୍ରା ୨.୪୦ରେ ଆରମ୍ଭ ହୋଇ ୨.୫୫ରେ ରଥାରୂଢ ହେବା ପରେ ଅଝଟିଆ ଠାକୁର କାଳିଆ ସାଆନ୍ତଙ୍କ ୩ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ଝୁଲି ଝୁଲି ଆସି ମହାପ୍ରଭୁ ୩.୪୫ ମିନିଟରେ ରଥାରୂଢ ହୋଇଥିଲେ। ପରେ ରଥରେ ଠାକୁରମାନଙ୍କୁ ରୁନ୍ଧାଯାଇ ବେଶଲାଗି ପରେ ଅନ୍ୟାନ ନୀତି ବଢିଥିଲା। ୪ଟାରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ ପାଟସାଣୀ ରଥରେ ଛେରାପହଁରା ନୀତି କରିବା ସହ ତିନିଠାକୁରଙ୍କ ବନ୍ଦାପନା ଓ ଆଳତି କରିଥିଲେ। ପରେ ଚାରମାଳ ଫିଟାଯାଇ ସାରଥି ଏବଂ ଘୋଡା ଯୋଚା ଯାଇଥିଲା। ଅପରାହ୍ନ ୫ଟାରେ ଆରମ୍ଭ ହୋଇଥିଲା ରଥଟଣା। ମନ୍ଦିର ନିକଟରେ ମହାଲକ୍ଷ୍ମୀ ଭେଟ ନୀତି ସମ୍ପନ୍ନ ହୋଇଥିଲା। ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ସହ ବନ୍ଦାପନା କରାଯାଇଥିଲା। ଶତାଧିକ ଭକ୍ତ ମହାପ୍ରଭୁଙ୍କ ରଥକୁ ଅତି ଶ୍ରଦ୍ଧା, ଆନନ୍ଦ ଉଲ୍ଲାସର ସହ ରଥକୁ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ପ୍ରାୟ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ।



ଜାଗୁଳିପାଟଣାସ୍ଥିତ ରଥାରୂଢ଼ ହୋଇଥିବା ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ପୂର୍ଣ୍ଣବିଗ୍ରହ ରୂପ।

## ଗୁଣ୍ଡିଚାଘରୁ ସ୍ୱମନ୍ଦିରକୁ ବାହୁଡ଼ିଲେ ତୃତୀୟାଦେବ

ବୋଲଗଡ଼,୨୮ା୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୂପରେ ପୂଜା ପାଉଥିବା ତୃତୀୟାଦେବ ଜନ୍ମବେଦିରେ ନିଜର ନବଦିନାତ୍ମକ ଯାତ୍ରା ଶେଷକରି ସ୍ୱମନ୍ଦିରକୁ ବାହୁଡ଼ିଛନ୍ତି। ସ୍ଥାନୀୟ ନନ୍ଦିଘୋଷ ଭବନ ଗୁଣ୍ଡିଚା ଘରୁ ଚତୁର୍ଦ୍ଧାମୂର୍ତ୍ତି ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ଘଣ୍ଟବାଦ୍ୟ ଓ ତୂରୀ ନାଦରେ ଅପରାହ୍ନ ୩ଟାରେ ଗୋଟି ପହଣ୍ଡି ମାଧ୍ୟମରେ ରଥାରୂଢ଼ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାହୁଡ଼ା ରାସ୍ତାର ଗାନ୍ଧୀବଜାରଠାରେ ଥିବା ଗଡ଼ଦେବୀ ମା’ ରାମଚଣ୍ଡୀ ସ୍ଥାୟୀ ଭୋଗମଣ୍ଡପରେ ଚଉଦୋଳରେ ବିଜେ କରି ପ୍ରଭୁଙ୍କୁ ପୋଡପିଠା ଲାଗି କରିଥିଲେ। ପରେ ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଲକ୍ଷ୍ମୀ ନାରାୟଣ ଭେଟ ଓ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା। ଏହି ରଥଯାତ୍ରା ପରିଚାଳନାରେ ରଥଯାତ୍ରା ପରିଚାଳନା କମିଟି ସଦସ୍ୟ ପଞ୍ଚାୟତ କାର୍ଯ୍ୟାଳୟ ବ୍ଲକ ପ୍ରଶାସନ, ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିବା ବେଳେ ରଥ ସନ୍ଧ୍ୟା ୬ଟା ସମୟରେ ମନ୍ଦିର ନିକଟରେ ପହଞ୍ଚିଥିଲା। ଗୁରୁବାର ଏକାଦଶୀ ଅବସରରେ ଠାକୁରମାନଙ୍କର ସୁନାବେଶ ନିତୀ ଅନୁଷ୍ଠିତ ହେବ ବୋଲି ସଦସ୍ୟ ମନୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି।



ବୋଲଗଡ଼ ବ୍ଲକ ଅଞ୍ଚଳରେ ମହାପ୍ରଭୁଙ୍କ ରଥକୁ ଭକ୍ତମାନେ ଟାଣୁଛନ୍ତି।

## ପାରିକୁଦ ଗଡ଼ରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା

କୃଷ୍ଣପ୍ରସାଦ,୨୮ା୬(କୈଳାସଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ ଇପିଙ୍ଗ ସାହିସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଦେବ ନବଦିନାତ୍ମକ ଯାତ୍ରା ସାରି ସ୍ୱମନ୍ଦିରକୁ ବାହୁଡ଼ିଛନ୍ତି। ଏହି ଅବସରରେ ସ୍ଥାନୀୟ ଚନ୍ଦନ ପଡ଼ିଆସ୍ଥିତ ମାଉସୀ ମା’ ମନ୍ଦିରରୁ ଶ୍ରୀଜୀଉଙ୍କୁ ରଥ ପହଣ୍ଡି ବିଜେ କରାଯାଇଥିଲା। ପାରିକୁଦ ରାଜା ସାହେବଙ୍କ ପ୍ରତିନିଧି ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ଛେରାପହଁରା କରିବା ପରେ ରଥ ଟଣାଯାଇଥିଲା। ଭଗବାନ ସେନାପତିଙ୍କ ତରଫରୁ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ମହାପ୍ରଭୁଙ୍କୁ ପୋଡ଼ପିଠା ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ରଥ ଟାଣିବା ସହ ସନ୍ଧ୍ୟା ୬ଟା ସୁଦ୍ଧା ମନ୍ଦିର ସିଂହଦ୍ୱାର ନିକଟରେ ଲାଗିଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବଡ଼ ଏକାଦଶୀ ଓ ସୁନାବେଶ ଲାଗି ରଥଯାତ୍ରା ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ୍ରୁ, ସମ୍ପାଦକ ସୁବ୍ରତ ପଣ୍ଡା ପ୍ରକାଶ କରିଛନ୍ତି। କମିଟିର ଉପସଭାପତି ମକଦ୍ଦମ ସିଂହ, ସହସମ୍ପାଦକ ପ୍ରମୋଦ ସାହୁ, ଦୁର୍ଯ୍ୟୋଧନ ନାୟକ, ବାଉରୀବନ୍ଧୁ ଦଳେଇ, ସୁଶାନ୍ତ ଭାରିମଲ, ପ୍ରଶାନ୍ତ ଜେନା, ଚରଣ ପରିଡ଼ା, କୃଷ୍ଣଚନ୍ଦ୍ର ବାହୁବଳେନ୍ଦ୍ର ସମେତ ୫ମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ସମ୍ପାଦକ ଈଶ୍ୱର ପଲେଇ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଗୁରୁବାଇ, ଦେଉଳପଡା, ତିଁତିପ, ସିଆଳ ଆଦି ସ୍ଥାନରେ ବାହୁଡ଼ା ଯାତ୍ରା ସମାପନ ହୋଇଯାଇଛି।

## ସଂକ୍ଷେପରେ

### ନିମାପଡ଼ା ବଜାରରେ ଗଡ଼ିଲା କୁନି ରଥ

ନିମାପଡ଼ା,୨୮ା୬(ବିଚିତ୍ରାନନ୍ଦ ସାହୁ): ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଅବସରରେ ବୁଧବାର ନିମାପଡ଼ା ବଜାର ବଡ଼ଦାଣ୍ଡରେ ପିଲାମାନଙ୍କ ଦ୍ୱାରା କୁନି ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ପିଲାମାନେ ଏକାଠି ହୋଇ ଘଣ୍ଟ ବଜାଇ, ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ଦେଇ ରଥକୁ ଟାଣି ନେଉଥିଲେ। ରଥଟଣା ବେଳେ ପିଲାମାନେ ଗାଁ, ବଜାରର ଲୋକମାନଙ୍କୁ ଓ ଦୋକାନୀଙ୍କୁ ଭୋଗ ବାଣ୍ଟିଥିଲେ। ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ବହୁ ସଂଖ୍ୟାରେ ଛୋଟ ପିଲାମାନେ ଏଥିରେ ଯୋଗଦେଇ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା।

### ବାରଙ୍ଗରେ ବାହୁଡ଼ା ଯାତ୍ରା

ବାରଙ୍ଗ,୨୮ା୬(ଲିଙ୍ଗରାଜ ରାଉତ): ବାରଙ୍ଗର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ନବଦିନାତ୍ମକ ଯାତ୍ରା ସାରି ଭଉଣୀଭାଇଙ୍କୁ ସାଙ୍ଗରେ ଧରି ରତ୍ନସିଂହାସନକୁ ଫେରିଲେ ମହାବାହୁ। ମାଉସୀ ମା’ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ନୀତିକାନ୍ତି ସରିବା ପରେ ତିନିଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଛେରାପହଁରା ପରେ ଅପରାହ୍ନ ସମୟରେ ରଥଟଣା ହୋଇଥିଲା। ବାରଙ୍ଗ ଅଞ୍ଚଳରେ ହେଉଥିବା ସମସ୍ତ ରଥଯାତ୍ରା ପରିଚାଳନା କମିଟି, ଗ୍ରାମବାସୀ ଓ ସ୍ଥାନୀୟ ପୋଲିସର ସହଯୋଗରେ ସମ୍ପୂର୍ଣ୍ଣ ହୋଇଥିଲା। ବାରଙ୍ଗ ଅଞ୍ଚଳର ତ୍ରିଶୂଳିଆ, ବ୍ରାହ୍ମଣୀଗାଁ, ବେଣ୍ଟ କାରପଡା, ନରାଜ, ମାର୍ଥାପୁର, ମୁଣ୍ଡଳି, କଣ୍ଟାପାଟଣା, ଫୁଲପୋଖରୀ, ଗଦେଇକୁଦ, ତଳଗଡ, ଗୋଡିସାହି, ପଦାସାହି, ଇଞ୍ଚଣା ଆଦି ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଯାଇଛି। ବାରଙ୍ଗ ଅଞ୍ଚଳର ସର୍ବପୁରାତନ ବାହୁଡ଼ା ଯାତ୍ରା ରଘୁନାଥପୁର ଗାଁ ମୁଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ହୁଳହୁଳି ଓ ଘଣ୍ଟଘଣ୍ଟା ନାଦରେ କମ୍ପିଥିଲା ରଘୁନାଥପୁର ମାଉସୀମା ମନ୍ଦିର। ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ରଥଟଣା ଆରମ୍ଭ ହୋଇଥିଲା। ରଘୁନାଥପୁର ଗ୍ରାମବାସୀଙ୍କ ସହ ଆଖପାଖ ଗ୍ରାମର ବହୁ ଭକ୍ତ ସାମିଲ ହୋଇଥିଲେ। ଶହଶହ ଭକ୍ତ ରଥ ଟାଣି ରାତି ୭ଟା ସୁଦ୍ଧା ନନ୍ଦନକାନନ ଛକସ୍ଥିତ ଜଗନ୍ନାଥ ମନ୍ଦିରରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ପହଞ୍ଚାଇଥିଲେ।

### ନିକୁଞ୍ଜ ବିହାରୀ ଦେବ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

ବାଲିଅନ୍ତା,୨୮ା୬(ନୀଳମାଧବ ସାହୁ): ବାଲିଅନ୍ତାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀନିକୁଞ୍ଜବିହାରୀ ମନ୍ଦିର ପରିସରରେ ନିର୍ମିତ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସକୁ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ବୁଧବାର ଉଦ୍‌ଘାଟନ କରିଛନ୍ତି। ଶ୍ରୀନିକୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିର୍ମିତ ଏହି କମ୍ପ୍ଲେକ୍ସରେ ୬ଟି ଦୋକାନ ଗୃହ ରହିଛି। ଏହି ଉଦ୍‌ଘାଟନ ଉତ୍ସବରେ ଟ୍ରଷ୍ଟ ବୋର୍ଡର ମୁଖ୍ୟ ଦିଲୀପ କୁମାର ସାହୁ, ସଭ୍ୟ ବୈକୁଣ୍ଠ ରାଉତରାୟ, ମହେନ୍ଦ୍ର ଭୋଇ, ସତ୍ୟନାରାୟଣ ରାୟ, ବିଶିଷ୍ଟ ପାଲାକାର ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନେଶ୍ୱରକୁ ଜିଲା ଘୋଷଣା ଦାବି

ବାଲିପାଟଣା,୨୮ା୬(ଅଭିମନ୍ୟୁ ନାୟକ): ଭୁବନେଶ୍ୱରକୁ ଜିଲା ଘୋଷଣା ଦାବି ନେଇ ଦ୍ୱିତୀୟ ବୈଠକ ବୁଦ୍ଧିପଡ଼ାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀର ବହୁ ସଚେତନ ନାଗରିକ ଏଥିରେ ଯୋଗଦେଇ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ଗ୍ରାମର ଯୁବକ, ମହିଳା ଓ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହେବା ସହିତ ଦଳମତ ନିର୍ବିଶେଷରେ ଜିଲା ଗଠନର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିଛନ୍ତି ବୋଲି ବୈଠକରେ ବକ୍ତାମାନେ ସୂଚନା ଦେଇଥିଲେ। ଆମର ଯଥାର୍ଥ ଦାବି ଗ୍ରହଣ କରି ତୁରନ୍ତ ଭୁବନେଶ୍ୱରକୁ ସତନ୍ତ୍ର ଜିଲା ଘୋଷଣା କରିବାକୁ ସରକାରଙ୍କୁ ଅନୁରୋଧ କରି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ବାସୁଦେବ ଭଞ୍ଜ, ବାବୁନୀ ସାହୁ, ପୂର୍ବତନ ସରପଞ୍ଚ ରସାନନ୍ଦ ପରିଡ଼ା, ଲକ୍ଷ୍ମୀଧର ଜେନା, ନରେନ୍ଦ୍ର ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ନାରାୟଣ ସାହୁ, ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ସମିତି ସଭ୍ୟ ଶୈଳେନ୍ଦୁ ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମାଗୁଣି ସେଠୀ, ଶିକ୍ଷକ ବଂଶୀଧର ବିଶାଳ, ଓକିଲ ନିର୍ମଳ ରଥ, ସୁରେଶ ଦାସ ପ୍ରମୁଖ ବହୁ ସଚେତନ ନାଗରିକ ଯୋଗଦେଇଥିଲେ।

# ରେଳ ଫାଟକରେ ଫସିଲା ଆମ୍ବୁଲାନ୍ସ

ନିରାକାରପୁର,୨୮ା୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀଜଗନ୍ନଥଙ୍କ ବାହୁଡ଼ା ଯାତ୍ରା ଉପଲକ୍ଷେ ବୁଧବାର ଖୋର୍ଦ୍ଧା ଜିଲା ନିରାକାରପୁର ରେଳବାଇ ଫାଟକଠାରେ ପ୍ରବଳ ଭିଡ଼ ଯୋଗୁ ଗୋଟିଏ ଆମ୍ବୁଲାନ୍ସ ପ୍ରାୟ ଅଧଘଣ୍ଟା ଧରି ଫସିରହିଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଉଭୟ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ନୂଆ ଜଗନ୍ନାଥ ସଡ଼କଟି ପୁରୀକୁ କମ୍ ଦୂରତା ବିଶିଷ୍ଟ ରାସ୍ତା ଅଟେ। ଯାହା ନିରକାରପୁର ରେଳଫାଟକ ଅତିକ୍ରମ କରି ପୁରୀ ଅଭିମୁଖେ ଯାଇଛି। ଏହି ରାସ୍ତାରେ ସବୁବେଳେ ଭିଡ଼ ଲାଗିରହିଥାଏ। ଭିଡ଼କୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ଏକ ଓଭର ବ୍ରିଜ୍‌ର ପରିଯୋଜନା କରି ଦୀର୍ଘ ବର୍ଷ ତଳୁ ଆରମ୍ଭ ହୋଇଥିଲା। ହେଲେ ଏହାର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅଟକି ରହିଛି। ଫଳରେ ଉକ୍ତ ଫାଟକ ଉପରେ ନିର୍ଭର କରି ଆସୁଥିବା ବ୍ୟକ୍ତିମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପୁରୀରେ ବାହୁଡ଼ା ଯାତ୍ରା ପାଇଁ ରେଳ ବିଭାଗ ପକ୍ଷରୁ ଅନେକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ହୋଇଥିଲା। ଏଥି ଯୋଗୁ ରେଳ ଫାଟକଟି ପ୍ରାୟ ୫/୧୦ ମିନିଟରେ ଥରେ ସଡ଼କ ଯାତ୍ରୀଙ୍କ ପାଇଁ ବନ୍ଦ ରହୁଥିଲା। ତେବେ ବୁଧବାର ମଧ ପୁରୀ ଯିବା ପାଇଁ ପ୍ରବଳ ସଂଖ୍ୟାରେ ଗାଡ଼ି ଯାଉଥିଲା। ଫଳରେ ଉକ୍ତ ରାସ୍ତାରେ ଭିଡ଼ ଦେଖିବାକୁ ମିଳିଥିଲା। ଏଠାରେ ଟ୍ରାଫିକ ବ୍ୟବସ୍ଥା ସେତେ କଡାକଡି ହୋଇ ନ ଥିବାରୁ ବାଟୋଇମାନେ ନାନା ଅସୁବିଧା ହୋଇଥିଲେ ଏବଂ ଅପରାହ୍ନ ସମୟରେ ଗୋଟେ ଆମ୍ବୁଲାନ୍ସ ମଧ ଫସିଯାଇଥିଲା। ପରେ ସ୍ଥାନୀୟ ଯୁବକମାନେ ଉପସ୍ଥିତ ବୁଦ୍ଧି ଲଗାଇ ଗହଳି ଭାଙ୍ଗି ଫସିରହିଥିବା ଆମ୍ବୁଲାନ୍ସଟି ଆଗକୁ ଯିବାକୁ ରାସ୍ତା ଦେଇଥିଲା।



ନିରାକାରପୁର ରେଳ ଫାଟକରେ ଭିଡ଼ ଯୋଗୁ ଏକ ଆମ୍ବୁଲାନ୍ସ ଫସି ରହିଛି।

# ମିଥ୍ୟା ଖବର ରୋକିବାରେ ଗଣମାଧମ ଭୂମିକା ମୁଖ୍ୟ

ଖୋର୍ଦ୍ଧ,୨୮ା୬(ପ୍ରଭାତ ପାଣିଗ୍ରାହୀ)

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ସୂଚନା ପତ୍ର କାର୍ଯ୍ୟାଳୟ(ପିଆଇବି) ଭୁବନେଶ୍ୱର ଆନୁକୂଲ୍ୟରେ ସ୍ଥାନୀୟ ଟାଉନହଲଠାରେ ଆଞ୍ଚଳିକ ଗଣମାଧମ କର୍ମଶାଳା ‘ବାର୍ତ୍ତାଳାପ’ ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେନ୍ଦ୍ର ଏନଡିଏ ସରକାରଙ୍କ ୯ବର୍ଷ, ଭାରତୀୟ ଅର୍ଥବସ୍ଥାରେ ଅଭିବୃଦ୍ଧି, ସେବା, ସୁଶାସନ ଓ ଗରିବ କଲ୍ୟାଣ ଆଦି ବିଭିନ୍ନ ପ୍ରସଙ୍ଗ ଉପରେଉପରେଆଲୋଚନା ହୋଇଥିଲା।

ଭାରତ ସରକାରଙ୍କ କେନ୍ଦ୍ର ସଂଚାର ବ୍ୟୁରୋ(ସିବିସି)ର ଯୁଗ୍ମ ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ(ସିବିଏଫସି)ର ଆଞ୍ଚଳିକ ଅଧିକାରୀ ଡ. ଗିରିଶ ଚନ୍ଦ୍ର ଦାଶ କର୍ମଶାଳାରେ ଅଧକ୍ଷତା କରି କହିଥିଲେ, ବାର୍ତ୍ତାଳାପ କର୍ମଶାଳା ଭାରତ ସରକାର ଏବଂ ଗଣମାଧମ ପ୍ରତିନିଧିଙ୍କ ସହିତ ପ୍ରତ୍ୟକ୍ଷ ଖବର ସ୍ଥାପନ କରିବାର ଏକ ମାଧ୍ୟମ। କେବଳ ସୂଚନାକୁ ଖବର ବୋଲି କୁହାଯାଇପାରିବ ନାହିଁ। ସୂଚନାକୁ ଠିକ୍ ଢଙ୍ଗରେ ପରିବେଷଣ କଲେ ତାହା ଖବର ହୋଇଥାଏ। ସମ୍ପ୍ରତି ସମାଜରେ ବହୁଳ ମିଥ୍ୟା ଖବର ପ୍ରସାରିତ ହେଉଛି। ଏଭଳି ଖବରକୁ ରୋକିବା ଦିଗରେ ମୁଖ୍ୟ ସ୍ରୋତର ଗଣମାଧମର ଏକ ପ୍ରମୁଖ ଭୂମିକା ରହିଛି। ଏହି କ୍ରମରେ ପିଆଇବି ଦ୍ୱାରା ଭ୍ରାମାତ୍ମକ ଖବର ପ୍ରସାରଣ ଉପରେ ଅଙ୍କୁଶ ଲଗାଇବାକୁ ଏକ ଫ୍ୟାକ୍ଟଚେକ ୟୁନିଟ ପରିଚାଳନା କରାଯାଇଥିବା ସମ୍ପର୍କରେ ସେ ସୂଚନା ଦେଇଥିଲେ।

କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖରବଦାତା ପ୍ରଦ୍ୟୁମ୍ନ ଶତପଥୀ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧମର ଏକ ପ୍ରମୁଖ ଭୂମିକା ରହିଛି। ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଓ ଖୋର୍ଦ୍ଧା ମାଟିର ଅବଦାନ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଖବରଦାତା ଅକ୍ଷୟ ସାହୁ ଏନଡିଏ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ୯ବର୍ଷ ଅର୍ଥନୈତିକ ଅଭିବୃଦ୍ଧି, ସେବା, ସୁଶାସନ, ଉପରେ ଉଦ୍‌ବୋଧ ଦେଇ କହିଥିଲେ, ମହାମାରୀ ପରେ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଭାରତ ବିଶ୍ୱର ୫ମ ସର୍ବବୃହତ ଅର୍ଥବସ୍ଥାର ମାନ୍ୟତା ଲାଭ କରିଥିବା ବେଳେ ଖୁବ୍‌ଶୀଘ୍ର ୩ୟ ଅର୍ଥବ୍ୟବସ୍ଥା ହେବା ଦିଗରେ ଅଗ୍ରସର ହେଉଛି ବୋଲି ସାହୁ କହିଥିଲେ।

■ ପିଆଇବିର ଆଞ୍ଚଳିକ ଗଣମାଧମ କର୍ମଶାଳା ‘ବାର୍ତ୍ତାଳାପ’

■ ଏନ୍‌ଡିଏ ସରକାରଙ୍କ ୯ବର୍ଷ ସଫଳତା ଉପରେ ଆଲୋଚନା

ମୁଖ୍ୟବକ୍ତା ବରିଷ୍ଠ ପ୍ରାଧାପକ ସୂର୍ଯ୍ୟନାରାୟଣ ମିଶ୍ର କହିଥିଲେ, ଖୋର୍ଦ୍ଧା ଏକ ଐତିହାସିକ ମାଟି। ପାଇକଙ୍କ ବୀରତ୍ୱ, ବଳିଦାନ, ତ୍ୟାଗ ପାଇଁ ଏ ମାଟି ସର୍ବଦା ବନ୍ଦନୀୟ। ପାଇକ ବିଦ୍ରୋହ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତେବେ ସ୍ୱାଧୀନ ଭାରତରେ ଖୋର୍ଦ୍ଧା ଇତିହାସ ଏବଂ ପାଇକ ବିଦ୍ରୋହ ଉଚିତ ମୂଲ୍ୟାଙ୍କନ କରାଯାଇ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ଖବରଦାତା ପ୍ରଭାତ ପାଣିଗ୍ରାହୀ କହିଥିଲେ, ଭାରତର ସାମଗ୍ରିକ ବିକାଶରେ ଗଣତନ୍ତ୍ର ଏବଂ ଗଣମାଧମ ଦୁଇଟି ପ୍ରମୁଖ ଅଙ୍ଗ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଗଣମାଧମ ଅନତମ। ଗଣ ଏବଂ ତନ୍ତ୍ର ମଧ୍ୟରେ ସଂଯୋଗର ସେତୁ ଭାବେ କାର୍ଯ୍ୟ କରିଥାଏ। ଗଣମାଧମ ବିନା ଗଣତନ୍ତ୍ରର ଚକା ଚାଲିପାରିବ ନାହିଁ। ଗଣମାଧମ ନିଜ ଦାୟିତ୍ୱବୋଧ ପ୍ରତି ସଚେତନ ହେବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ସ୍ଥାନୀୟ ଖବରଦାତାଙ୍କ ସହିତ ଏକ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ପିଆଇବି ଗଣମାଧମ ଓ ଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିକାରୀ, କର୍ମଚାରୀ, ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।




ଖୋର୍ଦ୍ଧା ଟାଉନ୍ ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୯ ଜୁନ୍, ୨୦୨୩



## ଗୋରୁ ବୋଝେଇ ଗାଡ଼ି ଜବତ

କଟକ ସଦର, (ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ରାସ୍ତାର ଫକୀରପଡାଠାରେ ହିନ୍ଦୁ ସେନା ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ଗୋରୁ ବୋଝେଇ ଗାଡିକୁ ଜବତ କରାଯାଇ କନ୍ଦରପୁର ପୋଲିସ ଜିମା ଦିଆଯାଇଛି। ଉକ୍ତ ଗାଡ଼ିରେ ଥିବା ୧୩ଟି ଗୋରୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୋରୁ ବୋଝେଇ ଗାଡି ପାରାଦୀପରୁ କଟକ ଯାଉଥିଲା। ଖବରପାଇ ହିନ୍ଦୁ ସେନାରୁ ସଦସ୍ୟମାନେ ଉକ୍ତ ଗାଡିକୁ ଅଟକାଇଥିଲେ।

## ସଂକ୍ଷେପରେ

### ୫ ଜଣଙ୍କୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନ୍ୟତା

କଟକ,୨୮।୬ (କାର୍ତ୍ତିକ ସାହୁ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଭାବେ ୫ ଜଣ ଆଇନଜୀବୀଙ୍କୁ ମାନ୍ୟତା ପ୍ରଦାନ କରାଯାଇଛି। ସେମାନେ ହେଲେ ସୁଙ୍କୁରୁ ସୁଧାକର ରାଓ, ରୁଦ୍ର ପ୍ରସାଦ କର, ସମୀର କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ରଥ ଓ ପମି ରଥ। ଆଇନଜୀବୀ ଆଇନ, ୧୯୬୧ର ଉପଧାରା ୧୬ ଆଧାରରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏହି ଜଣ ୫ ଆଇନଜୀବୀଙ୍କୁ ବରିଷ୍ଠ ଆଇନ୍‌ଜୀବୀର ମାନ୍ୟତା ଦେଇଛନ୍ତି। ଏ ସମ୍ପର୍କରେ ହାଇକୋର୍ଟ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

### ଛୁରାମାଡ଼ ଘଟଣା, ୨ କୋର୍ଟ ଚାଲାଣ

ଖୁଣ୍ଟୁଣୀ,୨୮।୬(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ଗ୍ରାମରେ ପୁତୁରାଙ୍କୁ ଛୁରାମାଡ଼ କରିବା ଘଟଣାରେ ୨ ଜଣ ଦାଦାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଧାକୃଷ୍ଣପୁର ଗ୍ରାମର ଅଭିମନ୍ୟୁ ସ୍ୱାଇଁ ଓ ଅଲେଖ ସ୍ୱାଇଁ। ଜମିବାଡି ବିବାଦକୁ କେନ୍ଦ୍ର କରି ମଙ୍ଗଳବାର ଅଭିଯୁକ୍ତ ଦ୍ୱୟ ନିଜ ପୁତୁରା ଅର୍ଜୁନଙ୍କୁ ଛୁରାମାଡ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୨୪/୨୩) ରୁଜୁ କରିଛି।

### କିଶୋର ନଗର ପଞ୍ଚାୟତ ବିଜେଡି ସଭାପତି ମନୋନୀତ

କଟକ ସଦର,୨୮।୬(ସୁଶାନ୍ତ କୁମାର ଜେନା): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତର ବିଜେଡି ସଭାପତି ଭାବେ ଭବାନୀ ଶଙ୍କର ରାୟ ଓ କାର୍ଯ୍ୟକାରୀ ସଭାପତି ଗଗନ ବିହାରୀ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନମଣ୍ଡଳୀର ସଭାପତି ପ୍ରମୋଦ ମହାପାତ୍ର ଏହି ନିଯୁକ୍ତି ଦେଇଥିବା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ସ୍କୁଲ ଗୃହ ଓଳେଇବାକୁ ନେଇ ବିବାଦ

କଟକ ସଦର,୨୮।୬(ସୁଶାନ୍ତ କୁମାର ଜେନା): ରଜ ଛୁଟି ପରେ କଟକ ସଦର ବ୍ଲକ ଅଞ୍ଚଳର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଯାଇଛି। ହେଲେ ଛାତ୍ରୀମାନେ ବିଦ୍ୟାଳୟ ଶ୍ରେଣୀଗୃହ ଓଳାଇବାକୁ ନେଇ ବିବାଦ ଦେଖାଦେଇଛି। କଟକ ସଦର ବ୍ଲକ ଅଧୀନ ବାରଦା ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ପାଳି କରି ଶ୍ରେଣୀଗୃହ ଓଳାଇବାକୁ ଛାତ୍ରୀମାନଙ୍କୁ କୁହାଯାଉଛି। ନଚେତ୍ ଶିକ୍ଷକମାନେ ଦଣ୍ଡ ଦେବାକୁ ପଛାଉନାହାନ୍ତି। ଏ ସମ୍ପର୍କରେ ଜାଣିବା ପରେ ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସରସ୍ୱତୀ କାନୁନ୍‌ଗୋଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପାଚିକା ଓ ସହାୟିକାଙ୍କ ଦ୍ୱାରା ଏହି କାର୍ଯ୍ୟ କରିବା ପାଇଁ ଅନୁରୋଧ କରାଯାଇଛି। କାରଣ ଏହି ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ଏକ ଘରୋଇ ସଂସ୍ଥା ରନ୍ଧାଖାଦ୍ୟ ଯୋଗାଇ ଦେଉଛି। ପାଚିକା ଓ ସହାୟିକା କେବଳ ପରଷିବା କାମ କରୁଛନ୍ତି। ତେଣୁ ୨/୩ଟି ଶ୍ରେଣୀଗୃହକୁ ଓଳେଇ ଦେଲେ କିଛି ଅସୁବିଧା ହେବ ନାହିଁ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବାବେଳେ ଛାତ୍ରୀମାନଙ୍କୁ ଶାରୀରିକ ଦଣ୍ଡ ଦିଆ ନ ଯିବା ପାଇଁ ଅନୁରୋଧ କରାଯାଇଛି। ବିଇଓ କାନୁନ୍‌ଗୋଙ୍କୁ ପଚାରିବାରୁ ଏ ବିଷୟରେ ବିଦ୍ୟାଳୟ ପରିଚାଳନା କମିଟି ନିଷ୍ପତ୍ତି ଗ୍ରହଣ କରିବ ବୋଲି କହିଥିଲେ।




ବାହୁଡ଼ାଯାତ୍ରା ଅବସରରେ ବୁଧବାର କଟକ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ତିନି ରଥ।



ଚାନ୍ଦିନୀଚୌକଠାରେ ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ନେଉଛନ୍ତି।

# ବାହୁଡ଼ିଲେ ତିନି ଠାକୁର

କଟକ,୨୮।୬(ସୁପ୍ରିୟା ପ୍ରିୟଦର୍ଶିନୀ/କାର୍ତ୍ତିକ ସାହୁ)

ଗୁଣ୍ଡିଚା ମନ୍ଦିରରେ ୯ ଦିନର ରହଣି ପରେ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କୁ ସାଙ୍ଗରେ ଧରି ବୁଧବାର ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଭକ୍ତଙ୍କ ମେଳରେ ଲୀଳାଖେଳା କରି ବାହୁଡିଛନ୍ତି କାଳିଆ ଠାକୁର। ସୁସଜ୍ଜିତ ରଥରେ ବସାଇ ଘଣ୍ଟଘଣ୍ଟା ସାଙ୍ଗକୁ ଶଙ୍ଖ, ହୁଳହୁଳିରେ ଠାକୁରଙ୍କୁ ତିନି ରଥରେ ବାହୁଡାଇ ଆଣିଛନ୍ତି ଶ୍ରଦ୍ଧାଳୁ। ଶ୍ରୀଜୀଉଙ୍କ ବାହୁଡାଯାତ୍ରା ଦେଖିବା ପାଇଁ ଉତ୍ସବମୁଖର ହୋଇଥିଲା କଟକ ସହର। ଗୁରୁବାର ବିଭିନ୍ନ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି।

ଚାନ୍ଦିନୀଚୌକଠାରେ ଶ୍ରୀଜଗନ୍ନାଥଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ରଥାରୂଢ କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ଅପରାହ୍ଣ ୫ଟାରେ ରଥକୁ ଟାଣି ନେଇ ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ୨୯ ଓ ୩୦ ତାରିଖ ଦୁଇଦିନ ଧରି ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖ ଦାଣ୍ଡରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ଦୋଳମୁଣ୍ଡାଇଠାରେ ଠାକୁରଙ୍କୁ ରଥାରୂଢ କରାଯିବା ପରେ ଅପରାହ୍ଣ ସାଢେ ୫ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ଯୋବ୍ରା ନୂଆସାହିରେ ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ଅପରାହ୍ଣ ୩ଟାରେ ସାହି ଅଧିକାରୀ କାଶୀନାଥ ନାୟକ ଛେରାପହଁରା କରିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିନେଇ ସନ୍ଧ୍ୟା ୬ଟାରେ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ନୂଆସାହି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅମ୍ବିକା ସାମଲ, ଉପଦେଷ୍ଟା ଭରତ ନାୟକ, ଉପେନ୍ଦ୍ର ମହାପାତ୍ର, ଶୁଭେନ୍ଦୁ ମହାନ୍ତିଙ୍କ ସମେତ ଅନ୍ୟମାନେ ରଥ ଟଣା କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଜୟ ଜଗନ୍ନାଥ କଲୋନୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ମନ୍ଦିର ପରିଚାଳନା ସମିତିର ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ପହଣ୍ଡିରେ ନିଆଯିବା ପରେ ପୀତାମ୍ବର ସ୍ୱାଇଁ ଛେରାପହଁରା କରିଥିଲେ। ଅପରାହ୍ଣ ୪ଟାରେ ଶ୍ରଦ୍ଧାଳୁମାନେ ରଥ ଟାଣି ନେଇ ସନ୍ଧ୍ୟା ୬ଟା ସୁଦ୍ଧା ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ।




ଡ୍ରିମ୍ସ ପରିସରରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା।

କୋଟସାହି ପଞ୍ଚାୟତ ଅଧୀନ କଏରାପାରୀରେ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଡ୍ରିମ୍‌ସ ପରିସରସ୍ଥ ସଙ୍କଟମୋଚନ ମନ୍ଦିର ଆଡ଼ପ ମଣ୍ଡପରେ ଠାକୁରଙ୍କ ନୀତିକାନ୍ତି ହୋଇଥିଲା। ଅପରାହ୍ଣରେ ଚତୁର୍ଦ୍ଧା ବିଗ୍ରହଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା। ସଂକୀର୍ତ୍ତନ ଓ ଘଣ୍ଟୁଆଙ୍କ ଘଣ୍ଟ, ମର୍ଦ୍ଦଳ ନାଦରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଶ୍ରଦ୍ଧାଳୁମାନେ ରଥକୁ ଜାତୀୟ ରାଜପଥରେ ଟାଣି ନେଇ ରଥସାହିସ୍ଥିତ ମା' ଦୁର୍ଗାଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ରଥ ପରିବାର ପକ୍ଷରୁ ନିୟମିତା ରଥଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ପିଠା ରଥ ଉପରେ ଠାକୁରଙ୍କୁ ଅର୍ପଣ ସହ ସନ୍ଧ୍ୟା ଆଳତି କରାଯାଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଶିବ ପ୍ରସାଦ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଣୀହାଟସ୍ଥିତ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ରଥ।

## 'କଳା କ୍ଷେତ୍ରରେ ଅସିତ୍‌ଙ୍କ ଅବଦାନ ଅବିସ୍ମରଣୀୟ'



ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଶିଳ୍ପୀ ଅସିତ୍ ମୁଖାର୍ଜୀଙ୍କ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୮।୬ (କାର୍ତ୍ତିକ ସାହୁ)

ଓଡ଼ିଶା ଲଳିତକଳା ଏକାଡେମୀ ଓ ଶିଳ୍ପୀ ଅସିତ୍ ମୁଖାର୍ଜୀ ସ୍ମୃତି ସଂସଦ ପକ୍ଷରୁ କିମ୍ବଦନ୍ତୀ ଶିଳ୍ପୀ ଅସିତ୍ ମୁଖାର୍ଜୀଙ୍କ ପଞ୍ଚଦଶ ସ୍ମୃତି ସମାରୋହ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ଲେଖକ ସହଯୋଗ ସମିତି ସମ୍ପାଦକ ରଘୁନାଥ ମହାପାତ୍ର ଯୋଗଦେଇ କହିଥିଲେ, ଓଡ଼ିଶାର କଳାକ୍ଷେତ୍ରକୁ ଶିଳ୍ପୀ ଅସିତ୍ ମୁଖାର୍ଜୀଙ୍କ ଅବଦାନ ଅବିସ୍ମରଣୀୟ। ସେହିପରି ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଥିଲେ, ଓଡ଼ିଆ ପୁସ୍ତକ ପ୍ରକାଶନ ଶିଳ୍ପକୁ ରୁଚିପୂର୍ଣ୍ଣ କରିବା, ଶିଶୁଶିଳ୍ପୀମାନଙ୍କ କଳା ପ୍ରତିଭାକୁ ତୃଣମୂଳ ସ୍ତରରୁ ବିକଶିତ କରିବା ଆଦି ଅସିତ୍‌ଙ୍କ ଦୂରଦୃଷ୍ଟିର ପ୍ରତିଫଳନ। ସମ୍ମାନିତ ଅତିଥି ଶିଳ୍ପୀ ପଞ୍ଚାନନ ସାମଲ ବ୍ୟାବହାରିକ କଳାକୁ ସ୍ୱାଧୀନ ବୃତ୍ତି ରୂପେ ଗ୍ରହଣ କରି ସାଲିସବିହୀନ ଜୀବନ ଅତିବାହିତ କରିବାରେ ତାଙ୍କର ଆଦର୍ଶ ଅନୁକରଣୀୟ ହୋଇ ରହିଥିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଆଇନଜୀବୀ ପ୍ରଦୀପ ପଟ୍ଟନାୟକ କହିଥିଲେ, ଅସିତ୍ ହେଉଛନ୍ତି ଓଡ଼ିଶା ଶିଳ୍ପୀ ଜଗତର ଅନନ୍ୟ ପ୍ରତିଭା। ଏହି ଅବସରରେ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତଙ୍କୁ ଶିଳ୍ପୀ ଅସିତ୍ ମୁଖାର୍ଜୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ସମ୍ପାଦକ ହରେକୃଷ୍ଣ ରାଉତ ବିବରଣୀ ପାଠ, ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ସରପଞ୍ଚଙ୍କୁ ଆକ୍ରମଣ ମାମଲା**

କଣ୍ଠାପଡା, ୨୮।୬(ସୁର ନାରାୟଣ ସାହୁ)

କଣ୍ଠାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତର ସରପଞ୍ଚ ସଞ୍ଜୟ ରାଉତରାୟଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଟକ ସଦର ଏସ୍‌ଡିପିଓଙ୍କ ନିକଟରେ ଦାବି ହୋଇଛି। ଉତ୍ତାରଣ ସରପଞ୍ଚ ହେମନ୍ତ ମଲ୍ଲିକଙ୍କ ନେତୃତ୍ୱରେ ୧୪ଟି ପଞ୍ଚାୟତର ସରପଞ୍ଚ ଏସ୍‌ଡିପିଓଙ୍କୁ ଏ ନେଇ ଦାବିପତ୍ର ଦେଇଥିଲେ। ୨ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ସରପଞ୍ଚମାନେ ଗୋବିନ୍ଦପୁର ଥାନା ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ସକାଳେ ରାଉତରାୟଙ୍କୁ ବ୍ରାହ୍ମଣବାଟୀ ଗ୍ରାମର ସୁବ୍ରତ ପାତ୍ର ଓ ତାଙ୍କ ସାନଭାଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଅପରପକ୍ଷରେ ରାଉତରାୟ ଓ ଅନ୍ୟଜଣେ ଯୁବକ ସୁବ୍ରତ ଏବଂ ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଗୋବିନ୍ଦପୁର ଥାନାରେ ୨ଟି ମାମଲା ରୁଜୁ ହୋଇଛି।

## ଠିକ୍‌ଭାବେ ହେଉନି ୱାର୍ଡ ସଫେଇ

**ଚୌଦ୍ୱାର ପୌର ପରିଷଦ ବୈଠକ**

ଚୌଦ୍ୱାର,୨୮।୬(ଆଶୁତୋଷ ଦାସ)

ଚୌଦ୍ୱାର ପୌର ପରିଷଦ ବୈଠକ ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଆଲୋଚନା ହେବାର ପ୍ରସ୍ତାବ ରହିଥିଲା। ହେଲେ ଆଲୋଚନା ଅନ୍ୟ ଦିଗକୁ ଚାଲିଯିବାରୁ କାଉନ୍‌ସିଲରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୁକ୍ତା ଯୋଜନାରେ କାଉନ୍‌ସିଲର ଦିଲ୍ଲୀପ କୁମାର ସାହୁ ନିଜ ୱାର୍ଡ ପାଇଁ ଦେଇଥିବା ପ୍ରସ୍ତାବ ଉପରେ ସନ୍ଦେହ ପ୍ରକଟ କରି ପୌରପାଳିକାର ମୁକ୍ତା ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ପ୍ରଶ୍ନ କରିବାରୁ ବୈଠକରେ ହଟଗୋଳ ସୃଷ୍ଟି ହୋଇଥିଲା। ଫଳରେ କିଛି ସମୟ ପାଇଁ ବୈଠକ ସ୍ଥଗିତ ରହିଥିଲା। ପରେ ବୈଠକ ହୋଇଥିଲା। ଗତ ମାର୍ଚ୍ଚ ମାସ ବୈଠକରେ ସ୍ଥାନୀୟ ବିଧାୟକ ୩ ମାସ ଭିତରେ ଚୌଦ୍ୱାର ସହରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ପୌରପାଳିକା ଏ ଦିଗରେ କି ପଦକ୍ଷେପ ନେଇଛି ବୋଲି କାଉନ୍‌ସିଲର ସୁବ୍ରତ ସାମଲ ପୌରାଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପୌରଯନ୍ତ୍ରୀ ଶୁଭଶ୍ରୀ ବେହେରା କହିଥିଲେ, କାର୍ଯ୍ୟକାରିତା ରିପୋର୍ଟ ବାଧକ ସାଜିବା ହେତୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ନୂତନ କାଉନସିଲ ଗଠନ ହେବାର ଦେଢବର୍ଷ ବିତିଯାଇଥିଲେ ମଧ୍ୟ ୱାର୍ଡଗୁଡିକରେ ଆଶାନୁରୂପକ ଭାବେ ଉନ୍ନୟନ କାର୍ଯ୍ୟ ହୋଇପାରିନାହିଁ। ବିଶେଷକରି ବିଭିନ୍ନ ୱାର୍ଡରେ ସଫେଇ କାର୍ଯ୍ୟ ଠିକ୍ ଭାବେ କରାଯାଉ ନ ଥିବା ନେଇ ଅନେକ କାଉନ୍‌ସିଲର ଅଭିଯୋଗ କରିଥିଲେ। ୨ ଦିନ ଭିତରେ ଏହାର ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ନିର୍ବାହୀ ଅଧିକାରୀ ମହାପାତ୍ର ପରିମଳ ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡା, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୁଭ ଦେଇଥିଲେ ମେୟର, ସମ୍ବର୍ଦ୍ଧିତ ହେଲେ ବିଧାୟକ

କଟକ,୨୮।୬(ସୁପ୍ରିୟା ପ୍ରିୟଦର୍ଶିନୀ)

**ପେଟାନାଳ ଶ୍ରେୟ ଘଟଣା**

ପେଟାନାଳ ଶ୍ରେୟ ରାଜନୀତି ପୁଣି ମୁଣ୍ଡ ଟେକିଛି । ଗତ ୧୦ ତାରିଖରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ସିଡିଏସ୍ଥିତ ପେଟାନାଳର ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ହେଲେ ଏହି କାର୍ଯ୍ୟକ୍ରମକୁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ଡକାଯାଇ ନ ଥିବାରୁ ବିବାଦ ଦେଖାଦେଇଥିଲା। ପେଟାନାଳକୁ ନେଇ ୩ ପକ୍ଷ ଶ୍ରେୟ ନେବାକୁ ଚେଷ୍ଟା କରିଥିଲେ। ଏହି ଘଟଣାର କିଛିଦିନ ପରେ ଅର୍ଥାତ୍ ବୁଧବାର ମର୍କତ ନଗର ବିକାଶ ପରିଷଦ ପକ୍ଷରୁ ସିଡିଏସ୍ଥିତ ସନ୍ତୁକା ପାଲେସଠାରେ ଏକ ବିଶାଳ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ମୋକିମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ନିତ୍ୟାନନ୍ଦ ରାଉତରାୟ ପୌରୋହିତ୍ୟ କରି କହିଥିଲେ, ଦୀର୍ଘଦିନ ଅବହେଳିତ ଅବସ୍ଥାରେ ପଡିଥିବା ପେଟାନାଳର ପୁନରୁଦ୍ଧାର ପାଇଁ ବିଧାୟକ ମୋକିମ ଡ୍ରେନେଜ କମିଟି ସହ ବାରମ୍ବାର ଆଲୋଚନା କରିଥିଲେ। ଏପରି କି ପେଟାନାଳ ଭିତରେ ପଶି ନିଆରା ଢଙ୍ଗରେ ପ୍ରତିବାଦ କରିଥିଲେ। ପରେ ସରକାର ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବାରୁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ଅପରପକ୍ଷରେ ଏହି ପ୍ରକଳ୍ପ ପ୍ରତି ଆନ୍ତରିକତା ପାଇଁ ସରକାରଙ୍କୁ ମର୍କତ ନଗର ବିକାଶ ପରିଷଦ ପକ୍ଷରୁ ଧନ୍ୟବାଦ ଜଣାଇ ଦିଆଯାଇଛି। ସାମ୍ବାଦିକ ଅରୁଣ କୁମାର ପଣ୍ଡା ମଧ୍ୟ ବିଧାୟକ ମୋକିମଙ୍କୁ ଧନ୍ୟବାଦ ଜଣାଇଥିଲେ।

ପେଟାନାଳ ପୁନରୁଦ୍ଧାର ପାଇଁ ହୋଇଥିବା ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସାମନ୍ତରାୟଙ୍କୁ ଡକାଯାଇ ନ ଥିଲା। ପରେ ସେ ବିଧାୟକ ମୋକିମଙ୍କ ସପକ୍ଷ ଓ ମେୟରଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ତେବେ ଏଭଳି ଘଟଣାକୁ ଘୋଡାଇବା ପାଇଁ ସିଏମ୍‌ସିର ରାସ୍ତା ଶିଳାନ୍ୟାସଠାରୁ ଆରମ୍ଭକରି ସଭାଗୃହ ଉଦ୍‌ଘାଟନ ପର୍ଯ୍ୟନ୍ତ ସାମନ୍ତରାୟଙ୍କୁ ନିମନ୍ତ୍ରଣ କରାଯାଉଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ମୋକିମ ଓ ମେୟରଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ସାଧାରଣରେ ଆଲୋଚନା ହୋଇଥିଲା। ଗତ ରଜ ଉତ୍ସବ ସମୟରେ ମେୟର ଓ ବିଧାୟକ ମୋକିମ ରଜ ଦୋଳିରେ ଝୁଲି ସବୁ ଭୁଲିଯାଇଥିବା ଲୋକଲୋଚନକୁ ଆସିଥିଲା । ହେଲେ ବୁଧବାର ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପେଟାନାଳ ପୁନରୁଦ୍ଧାର ପାଇଁ ବିଧାୟକ ମୋକିମଙ୍କୁ ଶ୍ରେୟ ଦିଆଯିବା ପରେ ପୁଣି ଏନେଇ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଛି।

# ନବୀକରଣ ହେବ ସହିଦ ଭବନ

କଟକ,୨୮।୬(ସୁପ୍ରିୟା ପ୍ରିୟଦର୍ଶିନୀ)

- କଲ୍ୟାଣମଣ୍ଡପର ପୁନରୁଦ୍ଧାର ହେବ
- ଶୁଭ ଦେଲେ ମେୟର
- ଉଭୟ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୪କୋଟି ୮୦ ଲକ୍ଷ
- ୬ ମାସରେ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟଧାର୍ଯ୍ୟ

ଚୌଧୁରୀବଜାରସ୍ଥିତ କଟକ ମହାନଗର ନିଗମ(ସିଏମ୍‌ସି) ପରିସରରେ ଥିବା ସହିଦ ଭବନର ନବୀକରଣ ଓ କଲ୍ୟାଣମଣ୍ଡପର ପୁନରୁଦ୍ଧାର କରାଯିବ। ବୁଧବାର ମେୟର ସୁବାସ ସିଂ ଉଭୟ ପ୍ରକଳ୍ପ ପାଇଁ ଶୁଭ ଦେଇଥିଲେ। ଆସନ୍ତା ୬ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସହିଦ ଭବନ ନବୀକରଣ ପାଇଁ ୩ କୋଟି ଓ କଲ୍ୟାଣମଣ୍ଡପ ପୁନରୁଦ୍ଧାର ନିମନ୍ତେ ୧ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସହିଦ ଭବନକୁ ସମ୍ପୂର୍ଣ୍ଣ ଭାବେ ନବୀକରଣ କରାଯିବ। ବିଶେଷକରି ଅତ୍ୟାଧୁନିକ ଲାଇଟ୍, ସାଉଣ୍ଡ, ଫ୍ଲୋର୍ କାର୍ପେଟିଙ୍ଗ୍, ଲିଫ୍ଟ, ଲ୍ୟାଣ୍ଡ ସ୍କେପିଙ୍ଗ, ପାର୍କିଂ ବ୍ୟବସ୍ଥା କରାଯିବ। ଏଥିସହ ସ୍ମାର୍ଟ ଶୌଚାଳୟ, ଗ୍ରୀନ୍‌ରୁମ୍‌ର ନବୀକରଣ ଓ ବାଲ୍‌କୋନିକୁ ନୂଆ ରୂପ ଦିଆଯିବ। ସେହିପରି କଲ୍ୟାଣ ମଣ୍ଡପକୁ ନୂତନ ରୂପରେଖ ଦିଆଯିବ। ଯେପରି କି ଏକାଥରକେ ଦୁଇଟି ବିବାହ ଉତ୍ସବ ବା ଅନ୍ୟ କାର୍ଯ୍ୟକ୍ରମ ହୋଇପାରିବ। ରୋଷେଇ ଓ ଷ୍ଟୋର୍ ରୁମ୍ ସମ୍ପ୍ରସାରଣ ସହ ଅଧିକ ଗାଡ଼ି ରହିଲା ଭଳି ବନ୍ଦୋବସ୍ତ କରାଯିବ। ଏଥିସହ ଉନ୍ନତମାନର ଶୌଚାଳୟ, ଉତ୍ତମ ଜଳ ଯୋଗାଣ ପାଇଁ ଅତ୍ୟାଧୁନିକ ସରାମ ବ୍ୟବହାର କରାଯିବ। ଆଧୁନିକ ବିଦ୍ୟୁତ୍ ବ୍ୟବସ୍ଥା ସହ ନୂତନ ଶୈଳୀରେ କାନ୍ଥ ସଜା ଓ ଫଲ୍ସ ସିଲିଂ ବ୍ୟବସ୍ଥା କରାଯାଇ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ବିଧାୟକ ଇଂ. ମହମ୍ମଦ ମୋକିମ ଓ କର୍ପୋରେଟର ଦୀପ୍ତିମୟୀ ମୁଳିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



ସହିଦ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ, ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୬।୨୦୨୩

| ୪,୭୨,୯୩୧ ଟଙ୍କା | |
|---|---|
| ସୁନା | ୮୪.୬୫୦ ଗ୍ରାମ୍ |
| ରୁପା | ୩.୮୦୦ ଗ୍ରାମ୍ |

# ସଅଳ ନୀତିକାନ୍ତିରେ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

**କୋଣାର୍କ(ଜ୍ୟୋତିରାଜ ମହାନ୍ତି)/ଗୋପ, ୨୮।୬(ଭାରତୀ ଭୂଷଣ ଉପାଧ୍ୟାୟ)**

କୋଣାର୍କରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡା ଯାତ୍ରା ସଅଳ ନୀତିକାନ୍ତିରେ ସମ୍ପନ୍ନ ହୋଇଛି। ରାଉଳପାଟଣାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପକ୍ଷରୁ ଶ୍ରୀଜିଉମାନଙ୍କ ଦ୍ୱାରାଫିଟା ନୀତି, ମଙ୍ଗଳ ଆଳତି, ମଇଲମ ନୀତି, ଦ୍ୱାରାପାଳ ପୂଜା ନୀତି, ଭୋଗ ଲାଗି, ହୋମଯଜ୍ଞ ଆଦି କାର୍ଯ୍ୟ କରାଯାଇଥିଲା। ପରେ ସ୍ଥାନୀୟ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯିବା ସହ ଚାରମାଳ ଓ ଘୋଡା ବନ୍ଧା ଯାଇ ସାରଥୀମାନଙ୍କୁ ରଥାରୂଢ଼ କରାଯାଇଥିଲା। ପରେ ଆଦ୍ୟ ସେବକ ମହାରାଜ ଗୋପାଳ ଚନ୍ଦ୍ର ଛେରାପହଁରା ନୀତି କରି ଅପରାହ୍ନ ୪ଟାରେ ରଥଟଣା ହୋଇଥିଲା। ଏହି ବାହୁଡା ଯାତ୍ରାରେ ୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡାଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ସନ୍ଧ୍ୟା ୬ଟାରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଗୋପ ବ୍ଲକ ଅନ୍ତର୍ଗତ ନାଗପୁର, ନୟାହାଟ ଓ ଡଭାର ଗ୍ରାମରେ ବୁଧବାର ବାହୁଡା ଯାତ୍ରା ହୋଇଥିଲା। ନାଗପୁର ଖରିଦାସାହି ଗ୍ରାମରେ ଥିବା ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିଙ୍କୁ ରୀତି ନୀତି ଅନୁଯାଇ ନୀତିକାନ୍ତି କରି ପହଣ୍ଡି କରି ରଥକୁ ନିଆଯାଇଥିଲା। ସେହିପରି ନୟାହାଟସ୍ଥିତ ବାସୁଦେବ ମନ୍ଦିରରେ ପୂଜା ପାଉଥିବା ବାସୁଦେବ ଶ୍ରୀଜଗନ୍ନାଥଙ୍କୁ ମଧ ନୀତି ଅନୁଯାୟୀ ରଥାରୂଢ଼ କରାଯାଇଥିବା ବେଳେ ଡଭାର ଗ୍ରାମରେ ଠାକୁରଙ୍କୁ ରଥକୁ ନିଆଯାଇ ରଥ ଟଣା କାର୍ଯ୍ୟ ହୋଇଥିଲା। ଏହି ୩ଟି ବାହୁଡା ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗୋପ ଥାନା ଓ ନୟାହାଟ ଫାଣ୍ଡି ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



କୋଣାର୍କର ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖେ ବାହାରିଥିବା ରଥ।

## ସଂକ୍ଷେପରେ

### ସୁନାବେଶ ପାଇଁ ୯୦ ପ୍ଲାଟୁନ୍ ଫୋର୍ସ

**ପୁରୀ, ୨୮।୬(ଅଜିତ ମହାନ୍ତି):** ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିଥିବାରୁ ଓ ପୋଲିସକୁ ସହଯୋଗ କରିଥିବାରୁ ସମସ୍ତ ପୁରୀବାସୀ, ସେବାୟତ ଏବଂ ଭକ୍ତଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଜଣାଇଛନ୍ତି। ମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ସହଯୋଗରେ ତଥା ମହାପ୍ରଭୁଙ୍କ ଆର୍ଶୀବାଦରୁ ଘୋଷଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଗୁରୁବାର ସୁନାବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ କୃପାରୁ ସୁନାବେଶ ମଧ ଭଲରେ ସମ୍ପନ୍ନ ହେବ। ସୁନାବେଶକୁ ଆଖି ଆଗରେ ରଖି ୯୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବ। ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ଫଳରେ ଭକ୍ତମାନେ ସୁବିଧାରେ ସୁନାବେଶ ଦର୍ଶନ କରିପାରିବେ। ଟ୍ରାଫିକ ନିର୍ଦ୍ଦେଶ ମଧ ଜାରି କରାଯିବ। ଘୋଷଯାତ୍ରା ଅତି ଶୃଙ୍ଖଳିତ ତଥା ଓ ଠିକ ସମୟରେ ସମ୍ପନ୍ନ ହୋଇଛି। ଏଥିପାଇଁ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ସରକାରୀ ଅଧିକାରୀ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ସ୍ୱେଚ୍ଛାସେବୀ, ସେବାୟତ ମିଳିମିଶି କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେହିପରି ସୁନିଲ ବଂଶଲ କହିଛନ୍ତି, ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ତିନି ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଲାଗିଛି। ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ। ସୁନାବେଶରେ ଯେପରି ଅଧିକ ଭକ୍ତ ଆସିବେ ସେ ନେଇ ବ୍ୟବସ୍ଥା ଗ୍ରହଣ କରାଯିବ।

### ବାରଙ୍ଗରେ ବାହୁଡ଼ା ଯାତ୍ରା

**ବାରଙ୍ଗ,୨୮।୬(ଲିଙ୍ଗରାଜ ରାଉତ):** ବାରଙ୍ଗର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ନବଦିନାତ୍ମକ ଯାତ୍ରା ସାରି ଭଉଣୀଭାଇଙ୍କୁ ସାଙ୍ଗରେ ଧରି ରତ୍ନସିଂହାସନକୁ ଫେରିଲେ ମହାବାହୁ। ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ନୀତିକାନ୍ତି ସରିବା ପରେ ତିନିଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଛେରାପହଁରା ପରେ ଅପରାହ୍ନ ସମୟରେ ରଥଟଣା ହୋଇଥିଲା। ବାରଙ୍ଗ ଅଞ୍ଚଳରେ ହେଉଥିବା ସମସ୍ତ ରଥଯାତ୍ରା ପରିଚାଳନା କମିଟି, ଗ୍ରାମବାସୀ ଓ ସ୍ଥାନୀୟ ପୋଲିସର ସହଯୋଗରେ ସମ୍ପୂର୍ଣ୍ଣ ହୋଇଥିଲା। ବାରଙ୍ଗ ଅଞ୍ଚଳର ତ୍ରିଶୂଳିଆ, ବ୍ରାହ୍ମଣୀଗାଁ, ବେଣ୍ଟ କାରପଡା, ନରାଜ, ମାର୍ଥାପୁର, ମୁଣ୍ଡଳି, କଣ୍ଟାପାଟଣା, ଫୁଲପୋଖରୀ, ଗଦେଇକୁଦ, ତଳଗଡ, ଗୋଡିସାହି, ପଦାସାହି, ଇଞ୍ଜଣା ଆଦି ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଯାଇଛି। ବାରଙ୍ଗ ଅଞ୍ଚଳର ସର୍ବପୁରାତନ ବାହୁଡ଼ା ଯାତ୍ରା ରଘୁନାଥପୁର ଗାଁ ମୁଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ରଥଟଣା ଆରମ୍ଭ ହୋଇଥିଲା।

# ପତିତପାବନ ଦେବଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ

**ପିପିଲି,୨୮।୬(ପ୍ରଭାତ ମହାପାତ୍ର)**

ପିପିଲି ପୌରାଞ୍ଚଳର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ବାହୁଡ଼ାଯାତ୍ରା ବୁଧବାର ସମ୍ପନ୍ନ ହୋଇଯାଇଛି। ମଡ଼ିଆଳି ସାହିସ୍ଥିତ ମାଉସୀ ମା'ଙ୍କ ମନ୍ଦିରରେ ସକାଳେ ମୁଖ୍ୟ ପୂଜକ ଲକ୍ଷ୍ମୀଧର ପଣ୍ଡାଙ୍କ ଦ୍ୱାରା ଠାକୁରମାନଙ୍କ ବିଭିନ୍ନ ରୀତିନୀତି ସମ୍ପନ୍ନ କରାଯିବା ପରେ ମଧ୍ୟାହ୍ନ ୧୨ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଦଇତାସେବକ ଜୟଦେବ ମହାପାତ୍ର, ଅକ୍ଷୟ ମହାପାତ୍ର ଓ ଚନ୍ଦନ ମହାପାତ୍ର ଠାକୁରଙ୍କ ବିଭିନ୍ନ ସେବାନୀତି କରିଥିବା ବେଳେ ସାମାଜିକ କର୍ମୀ ପ୍ରଭାକର ପଣ୍ଡା ରଥ ଉପରେ ଛେରାପହଁରା କରିଥିଲେ। ଅପରାହ୍ନ ସାଢେ ୨ଟାରେ ରଥଟଣା ଆରମ୍ଭ ହୋଇଥିବା ବେଳେ ଶତାଧିକ ଭକ୍ତ ଉତ୍ସାହର ସହ ରଥକୁ ଦରଜି ସାହିସ୍ଥିତ ଶ୍ରୀପତିତପାବନ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ମା' ଲକ୍ଷ୍ମୀ ବିମାନରେ ଆସି ଅଧବାଟରେ ପତିତପାବନଙ୍କୁ ଭେଟ ହୋଇଥିଲେ। ପିପିଲି ରଥଯାତ୍ରା ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ଶତପଥୀ, ଉପସଭାପତି ବାମଦେବ ମିଶ୍ର, ସମ୍ପାଦକ ପ୍ରଭାତ ମହାପାତ୍ର, ଉପଦେଷ୍ଟା ସୁଧୀର ମହାନ୍ତି, ସୁରେନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ନନ୍ଦକିଶୋର ମହାପାତ୍ର, ମନୋଜ ପ୍ରଧାନ, ମନ୍ଦିରର ଟ୍ରଷ୍ଟି ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ଉପଦେଷ୍ଟା ନୃସିଂହ ମହାପାତ୍ର, ମନ୍ଦିର ପରିଚାଳନା କମିଟିର ସଭାପତି ବବୁଲ ମହାପାତ୍ର, ଉପସଭାପତି ଦେବବ୍ରତ ମହାପାତ୍ର, ସମ୍ପାଦକ ଦେବାଶିଷ ମହାପାତ୍ର, କୋଷାଧ୍ୟକ୍ଷ ରାକେଶ ମହାପାତ୍ର, ସହସମ୍ପାଦକ ବଳଭଦ୍ର ମହାପାତ୍ର, ସନ୍ତୋଷ ମହାପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପିପିଲି ପୋଲିସ ଉପସ୍ଥିତ ଥିଲେ।



ପିପିଲିରେ ଭକ୍ତମାନେ ରଥ ଟାଣୁଛନ୍ତି।

## ନିମାପଡ଼ା ବଜାରରେ ଗଡ଼ିଲା କୁନି ରଥ

**ନିମାପଡ଼ା,୨୮।୬(ବିଚିତ୍ରାନନ୍ଦ ସାହୁ)**

ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଅବସରରେ ବୁଧବାର ନିମାପଡ଼ା ବଜାର ବଡ଼ଦାଣ୍ଡରେ ପିଲାମାନଙ୍କ ଦ୍ୱାରା କୁନି ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ପିଲାମାନେ ଏକାଠି ହୋଇ ଘଣ୍ଟ ବଜାଇ, ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ଦେଇ ରଥକୁ ଟାଣି ନେଉଥିଲେ। ରଥଟଣା ବେଳେ ପିଲାମାନେ ଗାଁ, ବଜାରର ଲୋକମାନଙ୍କୁ ଓ ଦୋକାନୀଙ୍କୁ ଭୋଗ ବାଣ୍ଟିଥିଲେ। ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ବହୁ ସଂଖ୍ୟାରେ ଛୋଟ ପିଲାମାନେ ଏଥିରେ ଯୋଗଦେଇ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା।



# ପୋଡ଼ପିଠା ଖାଇ ବାହୁଡ଼ିଲେ ଠାକୁରଅଜା ସିଦ୍ଧବଳରାମ

**ସାକ୍ଷୀଗୋପାଳ,୨୮।୬ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**

ନବଦିନ ଯାତ୍ରାରେ ଆସି ଚନ୍ଦନ ମଣ୍ଡପରେ ଅବସ୍ଥାନ କରିଥିବା ଠାକୁରଅଜା ଶ୍ରୀ ସିଦ୍ଧବଳରାମ ଦେବ ବୁଧବାର ବକୁଳବନସ୍ଥିତ ନିଜ ମନ୍ଦିରକୁ ରଥରେ ବାହୁଡି ଯାଇଛନ୍ତି। ଫେରିବା ବାଟରେ ସାକ୍ଷୀଗୋପାଳ ଠାକୁରଙ୍କ ମହାସୁଆର ସ୍ୱର୍ଗତ ଦାଶରଥୀ ଖୁଣ୍ଟିଆଙ୍କ ଘରେ ସ୍ୱର୍ଗତ ଖୁଣ୍ଟିଆ ଙ୍କ ପୁଅ ଅଦାଲତ ପୋଡପିଠା ଭୋଗଲାଗି କରିଥିଲେ। ଦୈନନ୍ଦିନ ଦେବନୀତି ମଧରେ ମଙ୍ଗଳ ଆଳତି, ଅବକାଶ, ବାଳ ଭୋଗ ପରେ ମଧ୍ୟାହ୍ନରେ ଚକା ଛାଡ଼ ଖେଚୁଡ଼ି ଭୋଗ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଛେରାପହଁରା ନୀତି ପରେ ଘଣ୍ଟ, ଘଣ୍ଟି, କାହାଳୀ, ମୃଦଙ୍ଗ ବାଦ୍ୟ ମଧରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଶ୍ରୀରାମଚନ୍ଦ୍ରପୁର ଗ୍ରାମର ବୁଟୁ ମିଶ୍ର ଅଧରପଣା ଭୋଗ ଲଗାଇ ବିତରଣ କରିଥିଲେ। ଶ୍ରଦ୍ଧାଳୁ ଓ ଛୋଟ ପିଲାମାନେ ଚନ୍ଦନ ମଣ୍ଡପ ନିକଟରୁ ରଥ ଟାଣି ନେଇଥିଲେ। ନବ ଦିନ ଅସ୍ଥାନ ସମୟରେ ଆଖପାଖ ଲୋକେ ଆଡପ ମଣ୍ଡପ ଭୋଗ ଲାଗି କରିବା ସହିତ କିଛି ଶ୍ରଦ୍ଧାଳୁ ପ୍ରତ୍ୟହ ଆଡ଼ପ ଦର୍ଶନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ତରଫରୁ ଏହି ସୁସଜ୍ଜିତ ରଥ ନିର୍ମାଣ କରାଯାଇଥିଲା। ସେବାୟତ ଦେବରାଜ ପଣ୍ଡା, ବ୍ରଜରାଜ ପଣ୍ଡା ଓ ଅନ୍ୟମାନେ ଠାକୁରଙ୍କ ଦେବନୀତି ସମ୍ପାଦନା କରିଥିଲେ। ରଥଟଣା ସମୟରେ ମନ୍ଦିର କର୍ମଚାରୀଙ୍କ ସହିତ କାହାଳିଆ ବିଶକର୍ମା, ମଣ୍ଡଣି ସୁଆଁସିଆ, ବାଜାବାଲା, ଭୋଇ ସେବାୟତମାନେ ରଥଚଳା କାର୍ଯ୍ୟରେ ସହଯୋଗ କରିଥିଲେ।



ସାକ୍ଷୀଗୋପାଳରେ ଠାକୁରଙ୍କୁ ପୋଡ଼ପିଠା ଲାଗି କରାଯାଉଛି।

# ମହାପ୍ରଭୁଙ୍କ ପହଣ୍ଡି ସମୟରେ ବର୍ଷା

**ପୁରୀ, ୨୮।୬(ଅଜିତ୍ ମହାନ୍ତି):** ଚଳିତ ବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶରଧାବାଲିରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଭକ୍ତମୟ ହୋଇଉଠିଥିଲା। ସେବାୟତମାନେ ବାହୁଡ଼ା ଯାତ୍ରା ପାଇଁ ସଅଳ ନୀତି କରିଥିଲେ। ଫଳରେ ପହଣ୍ଡି ଶୀଘ୍ର ଆରମ୍ଭ ହୋଇଥିଲା। ପହଣ୍ଡି ସମୟରେ ଖରା ଓ ଗୁଳୁଗୁଳି ହେଉଥିଲା। ଖରା ଗୁଳୁଗୁଳିକୁ ଖାତିର ନ କରି ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଠିଆହୋଇ ରହିଥିଲେ। ତେବେ ମହାପ୍ରଭୁଙ୍କ ପହଣ୍ଡି ହୋଇ ନାକଚଣା ଦ୍ୱାର ଦେଇ ଆସିବା ପରେ ହଠାତ ଆକାଶ ମେଘାଛନ୍ନ ହୋଇଯାଇଥିଲା। ପରେ ଟିକେ ସମୟ ପାଇଁ ହାଲ୍କା ବର୍ଷା ହୋଇଥିଲା। ଏହା ମହାପ୍ରଭୁଙ୍କ ମାୟା ବୋଲି ଭକ୍ତମାନେ କହୁଥିବା ଶୁଣିବାକୁ ମିଳିଥିଲା।

### ଜଳିଲା ୧୨ ଫୁଟ ଉଚ୍ଚତାର ଧୂପକାଠି



ବାହୁଡ଼ା ଯାତ୍ରା ସମୟରେ ଶରଧାବାଲିରେ ଜଳିଲା ବଡ଼ ଧୂପକାଠି। କେତେଜଣ ସାଧୁ ସନ୍ଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଡ଼ ଧୂପ କାଠି ଜାଳିଥିବା ଦେଖବାକୁ ମିଳିଥିଲା। ତେବେ ପ୍ରାୟ ୨୦ ବର୍ଷ ହେବ ପ୍ରତ୍ୟେକ ବର୍ଷ ଗୁଣ୍ଡିଚା ଓ ବାହୁଡ଼ା ଅବସରରେ ବଡ଼ ଧୂପ କାଠି ରଥ ସମ୍ମୁଖରେ ଜାଳିଥାନ୍ତି ବୋଲି ସାଧୁସନ୍ଥମାନେ କହିଛନ୍ତି। କର୍ନାଟକ ମହୀଶୂରରୁ ମହାପ୍ରଭୁଙ୍କ ନିମନ୍ତେ ସୁଗନ୍ଧିତ ଧୂପକାଠି ଆଣିଥାନ୍ତି। ୧୦ କିମ୍ବା ୧୫ ଫୁଟ୍‌ର ଧୂପକାଠି ପ୍ରଜ୍ୱଳନ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥାନ୍ତି। ଚଳିତ ବର୍ଷ ୧୨ ଫୁଟ ଉଚ୍ଚତାର ଧୂପକାଠି ଆଣି ମହାପ୍ରଭୁଙ୍କ ରଥ ସମ୍ମୁଖରେ ଜାଳିଛନ୍ତି। ଏହା ପ୍ରାୟ ୭୨ଘଣ୍ଟା ପର୍ଯ୍ୟନ୍ତ ଜଳିବ ବୋଲି ସେମାନେ ପ୍ରକାଶ କରିଥିଲେ।

### ବିଭିନ୍ନ ବେଶଧାରୀ ଓ ଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ନୃତ୍ୟ ଓ ସଙ୍ଗୀତ ପ୍ରିୟ। ତେଣୁ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରାରେ ତାଙ୍କ ସମ୍ମୁଖରେ ଭକ୍ତମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥାନ୍ତି। ବାହାର ଚନ୍ଦନ ଯାତ୍ରା, ସ୍ନାନଯାତ୍ରା, ରଥଯାତ୍ରା ହେଉ ଅବା ବାହୁଡ଼ା ଯାତ୍ରା ସବୁ ଯାନିଯାତ୍ରାରେ ନୃତ୍ୟଶିଳ୍ପୀମାନେ ମହାପ୍ରଭୁଙ୍କ ନିକଟରେ ନୃତ୍ୟ ପରିବେଷଣ ମାଧମରେ ତାଙ୍କ ମନ ଖୁସି କରିବା ସହ ନିଜକୁ ଧନ୍ୟ ମଣିଥାନ୍ତି। ତେବେ ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରିବାକୁ ଆସିଥିବା ନୃତ୍ୟଶିଳ୍ପୀଙ୍କୁ ପୋଲିସ ରଥ କର୍ଡନ ଭିତରକୁ ଛାଡ଼ି ନ ଥିଲା। ଫଳରେ ନୃତ୍ୟ ଶିଳ୍ପୀମାନେ ପ୍ରଶାସନର ଏପରି ନିଷ୍ପତ୍ତିକୁ ବିରୋଧ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ କର୍ଡନ ବାହାରେ ବସି ବିକ୍ଷୋଭ କରିଥିଲେ। କିଛି ସମୟ ପରେ ଏସ୍‌ପି କନଓ୍ୱର ବିଶାଲ ସିଂ ଘଟଣାସ୍ଥଳକୁ ଯାଇ ନୃତ୍ୟଶିଳ୍ପୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ କର୍ଡନ ଭିତରକୁ ଯାଇ ନୃତ୍ୟ କରିବାକୁ ଅନୁମତି ଦେଇଥିଲେ। ଫଳରେ ନୃତ୍ୟ ଶିଳ୍ପୀମାନେ ଆତ୍ମବିଭୋର ହୋଇ ରଥ ତ୍ରୟ ସମ୍ମୁଖରେ ଗୋଟିପୁଅ, ମାହାରୀ, ଓଡ଼ିଶୀ ଆଦି ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଯାତ୍ରା ଅଭିନେତ୍ରୀ ରାଣୀ ପ୍ରିୟଦର୍ଶିନୀ ମୀରାବାଈ ବେଶରେ ଆସି ରଥ ସମ୍ମୁଖରେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଅନେକ ବ୍ୟକ୍ତି କୃଷ୍ଣ, ଶିବ ଏବଂ ହନୁମାନ ଆଦି ବିଭିନ୍ନ ବେଶରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା।

### ତିନି ରଥ ଲାଗିବା ପରେ ସେବକ, ଭକ୍ତ ଗାଇଲେ ଗୀତଗୋବିନ୍ଦ



ଭକ୍ତିପୂତ ପରିବେଶ ମଧ୍ୟରେ ନାକଚଣା ଦ୍ୱାର ସମ୍ମୁଖରୁ ମହାପ୍ରଭୁଙ୍କ ରଥକୁ ଭକ୍ତମାନେ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ଟଣା ଆରମ୍ଭ ହୋଇଥିଲା। ପର୍ଯ୍ୟାୟ କ୍ରମେ ଶ୍ରୀମନ୍ଦିର ସମ୍ମୁଖରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ଶେଷରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ପହଞ୍ଚିଥିଲା। ତିନି ରଥ ଲାଗିବା ପରେ ସେବାୟତମାନେ ଭାବ ବିହ୍ୱଳ ହୋଇଉଠିଥିଲେ। ମହାପ୍ରଭୁଙ୍କ ରଥ ସମ୍ମୁଖରେ ସେବାୟତ, ଭକ୍ତ ଏବଂ ଗବେଷକମାନେ ଏକାଠି ହୋଇ ଗୀତଗୋବିନ୍ଦ ଓ ଜଣାଣ ଗାଇଥିଲେ। ସେଠାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

### ମହାପ୍ରଭୁଙ୍କ ଟାହିଆ ଛିଣ୍ଡାଇନେଲେ

ଚଳିତ ବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା କାଁ ଭାଁ କିଛି ଘଟଣାକୁ ଛାଡ଼ିଦେଲେ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ତେବେ କେତେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଶ୍ରୀବିଗ୍ରହମାନେ ରଥ ଉପରକୁ ଆସିବା ଏବଂ ରଥ ଉପରୁ ଶ୍ରୀମନ୍ଦିର ଓ ଆଡ଼ପ ମଣ୍ଡପକୁ ବିଜେ କରିବା ସମୟରେ ମସ୍ତକରେ ସୁସଜ୍ଜିତ ଟାହିଆ ପରିଧାନ କରି ପହଣ୍ଡି ହୋଇଥାନ୍ତି। ଏହି ଟାହିଆ ରାଘବ ଦାଶ ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ଟାହିଆର ସୁନ୍ଦରତା କାରଣରୁ ବିଗତ କିଛିବର୍ଷ ହେବ ଟାହିଆଗୁଡିକୁ ପହଣ୍ଡି ପରେ ଶ୍ରୀମନ୍ଦିର ପ୍ରଶାସନ ସଂରକ୍ଷିତ ଭାବେ ରଖି ଆସୁଛି। ତେଣୁ ଶ୍ରୀବିଗ୍ରହମାନେ ରଥ ଉପରକୁ ଉଠିବା ପରେ ରଥରେ ରୁନ୍ଧାହେବା ପୂର୍ବରୁ ସେବାୟତମାନେ ଟାହିଆକୁ ସୁରକ୍ଷିତ ଭାବେ ରଖିଥାନ୍ତି। ତେବେ ରଥଯାତ୍ରା ପରି ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ଟାହିଆକୁ ସେବକମାନେ ଛିଣ୍ଡାଇ ନେଉଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ଭକ୍ତମାନଙ୍କ ମନକୁ କଷ୍ଟ ଦେଇଥିଲା।

### ବଡ଼ଦାଣ୍ଡରେ ଗଡ଼ିଲା କୁନି ରଥ

ପବିତ୍ର ବାହୁଡା ଯାତ୍ରା ଅବସରରେ ଶ୍ରୀକ୍ଷେତ୍ର ହୋଇଉଠିଥିଲା ଶ୍ରୀଜଗନ୍ନାଥମୟ। ଭକ୍ତ ଓ ଭଗବାନଙ୍କ ମିଳନ ଘଟିଥିଲା। ରଥଯାତ୍ରା ପରି ବାହୁଡ଼ା ଯାତ୍ରାର ଅନ୍ୟତମ ଆର୍କଷଣ ଥିଲା କୁନିରଥ। ପୁରୀର ବିଭିନ୍ନ ସାହିରୁ ଛୋଟ ଛୋଟ ରଥ ବହାରିଥିଲା, ଯାହାକୁ ଦେଖିବା ଓ ଟାଣିବା ପାଇଁ ପିଲାଙ୍କ ମଧ୍ୟରେ ବେଶ ଆଗ୍ରହ ରହିଥିଲା। କୁନି ରଥକୁ ଭିଡ଼ି ନେଉଥିଲେ କୁନି କୁନି ଭକ୍ତ। ବଡ଼ଦାଣ୍ଡରେ ୧୫ରୁ ଅଧିକ କୁନି ରଥ ଗଡୁଥିବା ଦେଖିବାକୁ ମିଳିଥିଲା।



କଣାସରେ ଭକ୍ତମାନେ ରଥ ଟାଣୁଛନ୍ତି।

# ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ରି ହେଲା ମହାପ୍ରସାଦ

**ଭକ୍ତଙ୍କ ମଧରେ ଅସନ୍ତୋଷ : ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି**

**ପୁରୀ, ୨୮।୬(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ସମୟରେ ବୁଧବାର ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନିକଟରେ ମହାପ୍ରସାଦ ବିକ୍ରି ଘଟଣା ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। କେତେଜଣ ସେବାୟତ ମହାପ୍ରସାଦ ଆଣି ରାସ୍ତା ଉପରେ ଭକ୍ତଙ୍କୁ ବିକ୍ରୟ କରୁଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ଆସି ଆଡ଼ପମଣ୍ଡପରେ ଅବସ୍ଥାନ କରିବା ପରେ ବାହୁଡା ଯାତ୍ରା ଅବସରରେ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ମହାପ୍ରଭୁ ରଥ ଉପରକୁ ବିଜେ ହେବା ପୂର୍ବରୁ ତାଙ୍କ ନିକଟରେ ଖେଚୁଡି ମହାପ୍ରସାଦ ଲାଗି ହୋଇଥାଏ। ମହାପ୍ରଭୁ ଖେଚୁଡି ଖାଇ ଯାତ୍ରାକୁ ଆସିଥାନ୍ତି। ତେଣୁ ମହାପ୍ରଭୁଙ୍କ ନିକଟରେ ଅନ୍ୟ କିଛି ଭୋଗ ହୋଇ ନ ଥାଏ। ମାତ୍ର ମହାପ୍ରଭୁ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ଆସୁଥିବା ସମୟରେ ଶ୍ରୀଗୁଣ୍ଡିଚା ସିଂହଦ୍ୱାର ନିକଟରେ କେତେଜଣ ସେବାୟତ ରାସ୍ତାକଡରେ ରଖି ଭକ୍ତମାନଙ୍କୁ ବିକ୍ରୟ କରିଥିଲେ। ଜଣଙ୍କ ପିଛା ୧୦୦ ଏବଂ ୧୫୦ ଟଙ୍କା ହିସାବରେ ମହାପ୍ରସାଦ ବିକ୍ରୟ କରାଯାଇଥିଲା। ଅବଢ଼ା, ଡାଲି, ବେସର, ମହୁର, କାନିକା, ମିଠା ଡାଲି ଆଦି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି କରିବା ପାଇଁ ପ୍ରଶାସନ କହିଥିବା ବେଳେ ମନ୍ଦିର ବାହାରେ ମହାପ୍ରସାଦ ବିକ୍ରି ଉପରେ କଟକଣା ଜାରି କରିଛି। ଏହାସତ୍ତ୍ୱେ କେଉଁ ପରିସ୍ଥିତିରେ ଶ୍ରୀଗୁଣ୍ଡିଚା ମନ୍ଦିର ବାହାରେ ମହାପ୍ରସାଦ ବିକ୍ରି କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଏ ନେଇ ସେବାୟତ ନିଯୋଗ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଗ୍ରୀନ୍ କରିଡର

**ପୁରୀ, ୨୮।୬(ଅଜିତ୍ ମହାନ୍ତି)**

ରଥଯାତ୍ରା ପରି ବାହୁଡ଼ା ଯାତ୍ରାରେ ଅସୁସ୍ଥମାନଙ୍କୁ ମେଡିକାଲରେ ପହଞ୍ଚାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ଗ୍ରୀନ କରିଡର କରାଯାଇଥିଲା। ଗୁଣ୍ଡିଚା ମନ୍ଦିରଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଏହି ଗ୍ରୀନ କରିଡର ହୋଇଥିଲା। ଫଳରେ ଏହି ଗ୍ରୀନ କରିଡର ଦେଇ ଆମ୍ବୁଲାନ୍ସ ସୁବିଧାରେ ଯାତାୟାତ କରିଥିଲା। ଅସୁସ୍ଥ ଓ ଆହତ ଭକ୍ତମାନଙ୍କୁ ତୁରନ୍ତ ମେଡିକାଲରେ ପହଞ୍ଚାଯାଇପାରିଥିଲା। ଏଥିପାଇଁ ସ୍ୱେଚ୍ଛାସେବୀମାନଙ୍କୁ ସାଧାରଣରେ ପ୍ରଶଂସା କରାଯାଇଥିଲା।



ଆମ୍ବୁଲାନ୍ସ ପାଇଁ ସ୍ୱେଚ୍ଛାସେବୀ ଗ୍ରୀନ୍ କରିଡର କରିଛନ୍ତି।


ଜନ୍ମବେଦିରୁ ବାହୁଡ଼ିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ୩ ରଥ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)


ଶରଧାବାଲିରେ ଥିବା ରଥ ସମ୍ମୁଖରେ ଶିବ ବେଶଧାରୀ ଭକ୍ତ ନୃତ୍ୟ ପରିବେଷଣ କରୁଛନ୍ତି।

# ଭାବରେ ଭିଜିଲେ ଭକ୍ତ

**ପୁରୀ, ୨୮।୬(ଅଜିତ୍ ମହାନ୍ତି)**

ଚଳିତ ବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶରଧାବାଲିରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଭକ୍ତମୟ ହୋଇଉଠିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ଶରଧାବାଲିରେ ପାଦ ରଖି ଭାବ ବିହ୍ୱଳ ହୋଇପଡ଼ିଥିଲେ। ଅନେକ ଭକ୍ତ ଶରଧାବାଲିର ବାଲିକୁ ଶ୍ରଦ୍ଧା ଓ ଭକ୍ତିର ସହ ନେଇ ନିଜ ମଥାରେ ମାରୁଥିବା ଦେଖିବାକୁ ମିଳିଥିଲା। ଭକ୍ତମାନେ ରଥାରୂଢ଼ ଦାରୁଦିଅଁଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଘୋଷଯାତ୍ରା ସମୟରେ ରଥ କହେ ମୁଁ ଦେବତା, ପଥ ବି କହେ ମୁଁ ଦେବତା। ଏହି କଥନକୁ ବିଶ୍ୱାସ କରି ଅନେକ ଭକ୍ତ ଶରଧାବାଲିରୁ ଟିକେ ସାଉଣ୍ଟି ନେଉଥିଲେ। ତିନିରଥ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିବା ପରେ ଶରଧାବାଲିରେ ରଥ ଚକ ଚିହ୍ନ ରହିଯାଇଥିଲା। ଗହଳି ମଧ୍ୟରେ ରଥକୁ ଛୁଇଁ ନ ପାରିଲେ ମଧ୍ୟ ସେହି ଶରଧାବାଲିକୁ ଭକ୍ତମାନେ ମୁଣ୍ଡିଆ ମାରି ମହାପ୍ରଭୁଙ୍କ ଆର୍ଶୀବାଦ ନେବା ସହ ତାହାକୁ ସାଥିରେ ନେଇଥିଲେ। କିଏ ବୋତଲରେ ତ କିଏ ଗାମୁଛା ଓ ପଣତ କାନିରେ ବାଲି ନେଉଥିବା ପରିଲକ୍ଷିତ ହୋଇଥିଲା। ସେହିପରି ଅନେକ ଭକ୍ତ ଶରଧାବାଲିରେ ସାଷ୍ଟାଙ୍ଗ ପ୍ରଣାମ କରି ଏବଂ ଦୀପ ଜଳାଇ ଓ ନଡ଼ିଆ ବାଡେଇ ମହାପ୍ରଭୁଙ୍କୁ ନିଜର ଗୁହାରି ଜଣାଉଥିବା ଦେଖିବାକୁ ମିଳିଥିଲା।


ଶ୍ରୀରାମକୃଷ୍ଣଙ୍କୁ ରଥକୁ ପହଣ୍ଡି କରାଯାଉଛି।


ଶ୍ରୀମଦନମୋହନଙ୍କ ପହଣ୍ଡି ବିଜେ।


ପହଣ୍ଡି ବିଜେରେ ଚକ୍ରରାଜ ଶ୍ରୀସୁଦର୍ଶନ


ପ୍ରଭୁ ବଳଭଦ୍ର


ଦେବୀ ସୁଭଦ୍ରା


ପ୍ରଭୁ ଶ୍ରୀଜଗନ୍ନାଥ


ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥରେ ଛେରାପହଁରା କରୁଛନ୍ତି।


ମାଉସୀ ମା' ମନ୍ଦିର ନିକଟରେ ମହାପ୍ରଭୁଙ୍କୁ ପୋଡ଼ପିଠା ଲାଗି କରିବାକୁ ଅପେକ୍ଷାରତ ସେବାୟତ।


ଶ୍ରୀନଅର ସମ୍ମୁଖରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ କରୁଛନ୍ତି।


୩ ରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ।


ରଥଟଣା ପୂର୍ବରୁ ଶ୍ରୀହନୁମାନ ବେଶଧାରୀ ଶ୍ରଦ୍ଧାଳୁଙ୍କ ନୃତ୍ୟ ପ୍ରଦର୍ଶନ।

## ସଂକ୍ଷେପରେ

### ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦେଇ ଚାକିରି
#### ୪ ଶିକ୍ଷକଙ୍କୁ ୪ବର୍ଷ ଜେଲ

ବାଲେଶ୍ୱର, ୨୮।୬ (ମାନସ ବିଶ୍ୱାଳ): ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦେଇ ଚାକିରି କରିଥିବା ୪ଜଣ ଶିକ୍ଷକ ବାଲେଶ୍ୱର ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୩ଜଣଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୋଷୀ ଶିକ୍ଷକମାନେ ହେଲେ ନୀଳଗିରି ଥାନା ମହିଷାପଟା ୟୁଜିଏମ୍ଇ ସ୍କୁଲର ସହକାରୀ ଶିକ୍ଷକ ଦୈତାରୀ ନାୟକ, ଝରଣାଘାଟି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନରହରି ନାୟକ, ତେନ୍ତୁଳିଆ ୟୁଜିଏମ୍ଇ ସ୍କୁଲର ପୂର୍ବତନ ଶିକ୍ଷକ ତଥା ବର୍ତ୍ତମାନ ମିତ୍ରପୁରସ୍ଥିତ କଲ୍ୟାଣୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଦେବେନ୍ଦ୍ର କୁମାର ମହାପାତ୍ର ଓ ପିଠାହାଟ ନୋଡ଼ାଲ୍ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ନାୟକ। ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ସମସ୍ତ ଦୋଷୀ ଶିକ୍ଷକଙ୍କୁ ୪ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୪ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ନିର୍ଦ୍ଦେଶ ପରେ ଦୋଷୀମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଚାକିରିରୁ ଅବସର ନେଇଥିବା ଧୀରେନ୍ଦ୍ର ନାୟକଙ୍କ ପେନସନ୍ ତତ୍କାଳ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଦୈତାରୀ ନାୟକ, ନରହରି ନାୟକ ଓ ଦେବେନ୍ଦ୍ର କୁମାର ମହାପାତ୍ରଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ ରାୟ ଶୁଣାଇଛନ୍ତି। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଗାଙ୍ଗୁଲାଇ ବେହେରା ଏହି ଜାଲିଆତି ମାମଲାର ପର୍ଦ୍ଦାଫାସ କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ଅଦାଲତର ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଏସ୍‌କେ ରାୟ ମାମଲାର ପରିଚାଳନା କରିଥିଲେ।

### ୨୦ ଫୁଟ ତଳକୁ ପିକ୍ଅପ୍ ଭ୍ୟାନ୍ ଖସି ୧୫ ଆହତ

ଆର.ଉଦୟଗିରି, ୨୮।୬ (ମନୋଜ କୁମାର ପାଢୀ): ମଙ୍ଗଳବାର ରାତିରେ ଏକ ପିକ୍ଅପ୍ ଭ୍ୟାନ୍ ଚମ୍ପାଘାଟି ବୁଲାଣି ବୁଲାଇ ନ ପାରି ୨୦ ଫୁଟ୍ ତଳକୁ ଖସି ପଡ଼ିବାରୁ ୧୫ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ଅଛନ୍ତି। ଆର.ଉଦୟଗିରି ଥାନା ଲୁବୁସିଂ ଗ୍ରାମର ଠାକୁର ମାଷ୍ଟରଙ୍କ ଛାତ ପକାଇବାକୁ ଘର କରିବା ଠିକାଦାର ବାପି ନାଇଡୁ ପୁରୁଣାପାଣି ଅଞ୍ଚଳର ୧୫ ଜଣ ଶ୍ରମିକ ଧରିଆସିଥିଲେ। ଛାତ ପକାଇବା ସରିବା ପରେ ଶ୍ରମିକମାନେ ନିଜନିଜର ଗ୍ରାମକୁ ପିକ୍ଅପ୍‌ରେ ଫେରୁଥିବା ସମୟରେ ଚମ୍ପାଘାଟିରେ ଗାଡି ଭାରସାମ୍ୟ ହରାଇ ବୁଲାଣି କାଟିନପାରି ଗାଡିଟି ରାସ୍ତାକୁ ଖସି ଦୁର୍ଘଟଣା ଘଟିଥିଲା। ସମସ୍ତ ଆହତଙ୍କୁ ଆର.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି। ଆହତମାନେ ହେଲେ ପୁରୁଣାପାଣି ଗଣେଶ ରଇତ, ଗୁଡିସାହିର ରଞ୍ଜିତ କୁମାର, ପୃଣ୍ଡୋର ଶିମାଞ୍ଚଳ ଗୌଡ, ପୁରୁଣାପାଣି ଗ୍ରାମର ଅଶୋକ ରଇତ, ଶିମାଞ୍ଚଳ ଗୌଡ, ବାୟା ଗୌଡ, ନିରଞ୍ଜନ ରଇତ, ସୁଦଶନ ରଇତ, କୁରେଶ ରଇତ, ଶିମନ ଦଳେଇ, ବିପିନ୍ ଗୌଡ, ନିରଞ୍ଜନ ଗୌଡ ଓ ଅଶୋକ ରଇତଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିଲା। ଶିମନ, ବିପିନ୍, ନିରଞ୍ଜନ ଓ ଅଶୋକଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଗାଡି ଜବତ କରିବା ସହ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଚାଷୀଙ୍କୁ ମିଳିନି ଧାନ ବିକ୍ରି ପ୍ରାପ୍ୟ

## ସୁବର୍ଣ୍ଣପୁର ଜିଲା
### ଚିନ୍ତାରେ ୬୬୦ ଚାଷୀ

ସୋନପୁର, ୨୮।୬ (ମୃତ୍ୟୁଞ୍ଜୟ ଶତପଥୀ)

ମଣ୍ଡିରେ ଧାନ ବିକ୍ରି କରିବାର ୪୮ ଘଣ୍ଟା ଭିତରେ ଚାଷୀଙ୍କୁ ପ୍ରାପ୍ୟ ମିଳିବ ବୋଲି ସରକାର ବାହାସ୍ଫୋଟ ମାରୁଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସରକାରୀ ମଣ୍ଡିରେ ଧାନ ବିକ୍ରି କରି ଚାଷୀ ଅସୁବିଧା ଭୋଗୁଛି। ସୁବର୍ଣ୍ଣପୁର ଜିଲାର ୬୬୦ ଚାଷୀ ରବି ଧାନ ବିକ୍ରି କରି ଅଦ୍ୟାବଧି ପ୍ରାପ୍ୟ ପାଇନାହାନ୍ତି। ସେମାନେ ପ୍ରାପ୍ୟ ପାଇବା ପାଇଁ ସମବାୟ ବିଭାଗ ଓ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଛନ୍ତି। ଅଧିକାରୀଙ୍କୁ ନେହୁରା ହେଉଛନ୍ତି। କିନ୍ତୁ ଧାନ ବିକ୍ରିର ୨୬ ଦିନ ପରେ ବି ଚାଷୀଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହୋଇନି। ଫଳରେ ଚାଷୀ ଏବେ ଚିନ୍ତାରେ ଅଛନ୍ତି।

ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତ ରୁଗୁଡିପାଲିର ଚାଷୀ ସନ୍ତୋଷ କୁମାର ରଣା। ସେ ଜଣେ ଭାଗଚାଷୀ। ୮ ଏକର ଜମିରେ ରବି ଧାନ ଚାଷ କରିଥିଲେ। ଅମଳ ସମୟରେ ପାଣି ଅଭାବରୁ ୫ ଏକର ଚାଷ ନଷ୍ଟ ହେଲା। ବାକି ୩ ଏକର ଜମିରେ ୮୧ କୁଇଣ୍ଟାଲ ଧାନ ଅମଳ ହୋଇଥିଲା। ମୟୂରଉଡାନ ପ୍ୟାକ୍ସରେ ଜୁନ୍ ୨ ତାରିଖରେ ସନ୍ତୋଷ ଧାନ ବିକ୍ରି କରିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ହିସାବରେ ତାଙ୍କୁ ୧ଲକ୍ଷ ୬୫ହଜାର ୨୪୦ଟଙ୍କା ମିଳିବା କଥା। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନି। ଜମି ମାଲିକଙ୍କୁ କିଭଳି ଟଙ୍କା ଦେବେ ଓ ଖରିଫ ଚାଷ କରିବେ ସେ ନେଇ ସନ୍ତୋଷଙ୍କୁ ଚିନ୍ତା ଘାରିଛି। ବିନିକା ବ୍ଲକ ତିତାରପାଲି ଗାଁର ଚାଷୀ ଝାନୁ ମେଣ୍ଡଲି। ସେ ଗତ ୧୨ ତାରିଖରେ ସିଲାଟି ପ୍ୟାକ୍ସରେ ୬୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନି। ବିନିକା ବ୍ଲକ ଭଣ୍ଡାର ଗାଁର ଚାଷୀ ତ୍ରିଲୋଚନ ପୂଜାହାରୀ। ସେ ଜୁନ୍ ୧୨ ତାରିଖରେ ସିଲାଟି ପ୍ୟାକ୍ସରେ ୬୩ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଏପର୍ଯ୍ୟନ୍ତ ଧାନ ବିକ୍ରି ପ୍ରାପ୍ୟ ନ ପାଇ ଅସୁବିଧାରେ ଥିବା କହିଛନ୍ତି। ସେହିଭଳି ବିନିକା ବ୍ଲକ ଶଙ୍କରା ପ୍ୟାକ୍ସର ୧୦ ଜଣ ଚାଷୀ, ସିନ୍ଦୂରପୁର ପ୍ୟାକ୍ସର ୮ ଜଣ ଚାଷୀ, ସେଲେଡି ପ୍ୟାକ୍ସର ୨ ଜଣ, ବାଙ୍କିଘିଡି ପ୍ୟାକ୍ସର ୧୩ ଜଣ ଚାଷୀ, ଚରଦା ପ୍ୟାକ୍ସର ୧୩ ଜଣ, ମହଦା ପ୍ୟାକ୍ସର ୧୧ ଜଣ, ବାଉଁଶୁଣୀ ପ୍ୟାକ୍ସର ୭ ଜଣ, ଡୁଙ୍ଗୁରିପାଲି ପ୍ୟାକ୍ସର ୧୧ ଜଣ, ଇଛାପୁର ପ୍ୟାକ୍ସର ୧୧ ଜଣ, ରାମପୁର ପ୍ୟାକ୍ସର ୫ ଜଣ, ସହଲା ପ୍ୟାକ୍ସର ୯ଜଣ, ବିନିକା ପ୍ୟାକ୍ସର ୧୨ ଜଣ ଏବଂ ଜିଲାର ବିଭିନ୍ନ ପ୍ୟାକ୍ସ ଓ ମହିଳା ଏସଏଚଜିରେ ଧାନ ବିକ୍ରି କରିଥିବା ୬୬୦ ଜଣ ଚାଷୀ ଧାନ ବିକ୍ରି ପ୍ରାପ୍ୟ ପାଇନାହାନ୍ତି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ହୀରାକୁଦ କେନାଲରୁ ପାଣି ଛଡାଗଲାଣି। ଚାଷୀ ଖରିଫ ଧାନ ଚାଷ ପାଇଁ ତଳି ପକାଇବା ଆରମ୍ଭ କଲେଣି। ଏଭଳି ସ୍ଥିତିରେ ଧାନ ବିକ୍ରି ଟଙ୍କା ପାଇ ନ ଥିବା ଚାଷୀ କିଭଳି ବ୍ୟାଙ୍କ ଓ ସାହୁକାରଙ୍କ ଋଣ ଶୁଝିବେ ଏବଂ ଆସନ୍ତା ଚାଷ ପାଇଁ ଜମି ପ୍ରସ୍ତୁତି, ଧାନବିହନ ଓ ସାର କିଣିବେ ସେହି ଚିନ୍ତାରେ ଅଛନ୍ତି।

ଜିଲାରେ ୨୦୨୨-୨୩ ରବି ଧାନ କ୍ରୟକୁ ସରକାର ଜୁନ୍ ୨୩ ତାରିଖରୁ ବନ୍ଦ କରିଛନ୍ତି। ଧାନ କ୍ରୟ ଅବଧି ମଧ୍ୟରେ ଅନ୍‌ଲାଇନ ଟୋକନ ବ୍ୟବସ୍ଥାରେ ଜିଲାର ୩୧ ହଜାର ୫୨୩ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ୨୨ ଲକ୍ଷ ୯୮ ହଜାର ୩୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ତେବେ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୋନପୁର ସମବାୟ ସମିତି ଉପନିବନ୍ଧକ ଲଳିତ ମାଝିଙ୍କୁ ପଚାରିବାରେ ଚାଷୀଙ୍କ ଆକାଉଣ୍ଟରେ କିଛି ତ୍ରୁଟି କାରଣରୁ ସମସ୍ୟା ହୋଇଛି। ଦିନେ ଦୁଇ ଦିନ ଭିତରେ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବ ବୋଲି କହିଥିଲେ। ସେହିପରି ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି, ଆମ ସ୍ତରରେ କିଛି ଭୁଲ ନାହିଁ। ପିଏଫ୍ଏମ୍ଏସରେ ରିଜେକ୍ଟ ହୋଇଛି। ଚାଷୀଙ୍କ ଆକାଉଣ୍ଟ ଅପଡେଟ୍ ହେଉଛି। ଖୁବ୍‌ଶୀଘ୍ର ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବ। ରାଜ୍ୟ ସରକାର ଜିଲାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କୃଷକ ସଂଗଠନଗୁଡିକ ପକ୍ଷରୁ ଦାବି ହେଉଛି।



## ଜାଲରେ ପଡ଼ିଲା ୩୦ କିଲୋର ସାରଣ୍ଟ ମାଛ

ଧାମନଗର, ୨୮।୬ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସୋହଡ଼ା ପଞ୍ଚାୟତ ପିତେଇପୁରସ୍ଥିତ ବୈତରଣୀ ନଦୀରୁ ପ୍ରାୟ ୩୦ କିଲୋ ଓଜନର ଏକ ସାରଣ୍ଟ ମାଛ ମଙ୍ଗଳବାର ଧରାଯାଇଛି। ବର୍ଷା ଯୋଗୁ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବାରୁ ସ୍ଥାନୀୟ ଧୀବର ମାଛ ଧରୁଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଅଶୋକ ତରାଇ ନଦୀରେ ଜାଲ ଟାଣୁଥିବା ବେଳେ ଏହି ମାଛ ପଡ଼ିଥିଲା। ମାଛର ଲମ୍ବ ୪ରୁ ୫ଫୁଟ୍ ମଧ୍ୟରେ ହେବ। ଅଶୋକ ମାଛଟିକୁ ବଞ୍ଚାଇ ରଖିବା ପାଇଁ ରଶିରେ ବାନ୍ଧି ନଦୀ ପାଣିରେ ରଖିଛନ୍ତି।



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ପାଠପଢ଼ା

## ଉଚ୍ଚସ୍ତରୀୟ କମିଟିର ସମୀକ୍ଷା

- ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଖୋଲିବ ଅସ୍ଥାୟୀ କାର୍ଯ୍ୟାଳୟ
- ସୋମବାରଠାରୁ ଅଫିସ୍ କାର୍ଯ୍ୟ ଆରମ୍ଭ

ସାକ୍ଷୀଗୋପାଳ, ୨୮।୬ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ ଜିଲା ସତ୍ୟବାଦୀ ବ୍ଲକର ବକୁଳବନରେ ନିର୍ମାଣ ହେଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିସହ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ। ସେହିପରି ଅଫିସିଆଲ କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ବୁଧବାର ସତ୍ୟବାଦୀ ଗସ୍ତରେ ଆସିଥିବା ବେଳେ ଏହି ସୂଚନା ପ୍ରଦାନ କରିଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଅଫିସ କାର୍ଯ୍ୟ, ନାମଲେଖା ସହ ପାଠ୍ୟଦାନ ହେବା ନିମନ୍ତେ ଏହି ଉଚ୍ଚସ୍ତରୀୟ କମିଟି ସତ୍ୟବାଦୀ ଗସ୍ତ କରିଥିଲେ। ଏହି ଗସ୍ତରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିସି ସଞ୍ଜୟ ନାୟକ, ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକୋରା, ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଯୁଧିଷ୍ଠିର ସାହୁ, ଓବିସିସିର ମୁଖ୍ୟଯନ୍ତ୍ରୀ ଗିରିଜା ଶଙ୍କର ନାୟକ, ଏବିସିଏଲ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା, ଟେକ୍ ଏବିସିଏଲ ନିର୍ଦ୍ଦେଶକ ଅକ୍ରୁର ରଞ୍ଜନ ପତିଙ୍କ ସମେତ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡିଓ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି କମିଟି ପ୍ରଥମେ ସତ୍ୟବାଦୀ ଥାନା ନିକଟରେ ଥିବା ପୂର୍ତ୍ତ ବିଭାଗର ଡାକବଙ୍ଗଳାରେ ପହଞ୍ଚି ଏକ ସଭା କରିଥିଲେ। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟର ମନ୍ଥରତା ନେଇ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶୀଘ୍ର କାର୍ଯ୍ୟ ସାରିବା ପାଇଁ ଓବିସିସିର ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବିଶ୍ୱବିଦ୍ୟାଳୟରେ କିଭଳି ଶୀଘ୍ର ବିଦ୍ୟୁତ୍ ସଂଯୋଗ, ଜଳଯୋଗାଣ, ୱାଇଫାଇ, ଫର୍ନିଚର, ରାସ୍ତାଘାଟ ଆଦି ନିର୍ମାଣ ସହ ପ୍ରାଥମିକତା ଭିତ୍ତିରେ ସମସ୍ତ ବିଲ୍ଡିଂର କାର୍ଯ୍ୟ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତବର୍ଷଠାରୁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ହେବ ବୋଲି ଶିକ୍ଷା ବିଭାଗର ନିଷ୍ପତ୍ତି ରହିଛି। କିନ୍ତୁ ବିଶ୍ୱବିଦ୍ୟାଳୟର କାମ ଅସମ୍ପୂର୍ଣ୍ଣ ଯୋଗୁ ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟର ଅଫିସ କାର୍ଯ୍ୟ ଓ ନାମଲେଖା ସହ ପାଠ୍ୟଦାନ ଆରମ୍ଭ କରାଯିବା ପାଇଁ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ବିଡିଓ ଲୋଚନ ଦାସ ଉପସ୍ଥିତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏଥିରେ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ଶିବସୁନ୍ଦର ମିଶ୍ର ରାଜି ହେବା ପରେ ଉପସ୍ଥିତ ଅଧିକାରୀମାନେ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଶେଷରେ ସେଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ସୋମବାରଠାରୁ ଆରମ୍ଭ କରାଯାଇ କିଛି ମାସ ପାଇଁ ଚାଳିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଗଞ୍ଜାମରେ କଂଗ୍ରେସ ସଙ୍ଗଠନ ଦୁର୍ବଳ

## ବ୍ରହ୍ମପୁର ମହାନଗରରେ ଦଳ ସ୍ଥିତି ଚିନ୍ତାଜନକ

ବ୍ରହ୍ମପୁର, ୨୮।୬ (ନରସିଂହ ସାହୁ)

ବୃହତମ ଜିଲା ଗଞ୍ଜାମରେ ଅତୀତର କଂଗ୍ରେସ ଦୁର୍ଗ ଭୁଶୁଡ଼ି ଯାଇଛି। ଆଗାମୀ ନିର୍ବାଚନ ପାଇଁ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ପକ୍ଷରୁ ବିଭିନ୍ନ ସମର ସଜ୍ଜା ଆରମ୍ଭ ହୋଇଥିବା ବେଳେ କଂଗ୍ରେସ ଏଯାବତ୍ ରଣନୀତି ପ୍ରସ୍ତୁତ କରିନଥିବା ମନେ ହେଉଛି। ବ୍ରହ୍ମପୁର ମହାନଗରରେ ସଂଗଠନ ଅଧିକ ଖରାପ ହୋଇଯାଇଛି। ବିଭିନ୍ନ ସମସ୍ୟା ଓ ଅନ୍ୟ ପ୍ରସଙ୍ଗ ନେଇ ଭାଜପା, ବାମପନ୍ଥୀ ଦଳ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ କଂଗ୍ରେସର ପଛଘୁଞ୍ଚା ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି।

୨୦୧୩ ପୌର ନିର୍ବାଚନ ପର୍ଯ୍ୟନ୍ତ ଦଳର ସ୍ଥିତି ସୁଦୃଢ଼ ଥିଲା। ମହାନଗର ପୌର ନିର୍ବାଚନରେ ବିଜେଡିକୁ କଡ଼ା ଟକ୍କର ଦେଇଥିଲା। ୨୦୧୯ ସାଧାରଣ ନିର୍ବାଚନ ଓ ୨୦୨୨ ପୌର ନିର୍ବାଚନରେ କଂଗ୍ରେସର ଶୋଚନୀୟ ସ୍ଥିତି ପଦାକୁ ଆସିଥିଲା। ବିଏମସିର ୨୦୧୩ ପୌର ନିର୍ବାଚନ କଂଗ୍ରେସ ଓ ବିଜେଡି ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଥିଲା। ବିଜେଡି ପ୍ରଚାର ଲାଗି ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମହାନଗରର ସବୁ ୱାର୍ଡରେ ରୋଡ ଶୋ କରିବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ଘୋଷଣା କରିଥିଲେ। ସେତେବେଳର ୪ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ବିକ୍ରମ କେଶରୀ ଆରୁଖ, ଉଷା ଦେବୀ ଓ କଳ୍ପତରୁ ଦାସ ଦୀର୍ଘଦିନ ଡ଼େରା ପକାଇଥିଲେ। ଅନ୍ୟପକ୍ଷରେ ଅନନ୍ତ ନାରାୟଣ ଜେନା, ସାରଦା ନାୟକ, ସୁବାସ ସିଂ ଓ ଅନ୍ୟ ନେତାମାନେ ନିର୍ବାଚନ ଦାୟିତ୍ୱରେ ରହିଥିଲେ। ଶାସକ ଦଳର ସବୁ ପ୍ରକାର କୌଶଳ ସତ୍ତ୍ୱେ ୪୦ ୱାର୍ଡରୁ ୧୫ଟିରେ କଂଗ୍ରେସ ଜିତିଥିଲା। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ତଳିତଳାନ୍ତ ଅବସ୍ଥାକୁ ଆସିଥିଲା। ଦଳର ବିଧାୟକ ପ୍ରାର୍ଥୀ ଚତୁର୍ଥ ସ୍ଥାନକୁ ଖସି ଅମାନତ ହରାଇବାର ରାଜନୀତିରେ ପ୍ରଥମ ଘଟଣା ହୋଇଥିଲା।

ଦୁଇ ବର୍ଷ ତଳେ କଂଗ୍ରେସର ଜିଲା ସଂଗଠନ ପୁନର୍ଗଠନ କରାଯାଇ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ସଭାପତି କରାଗଲା। ସେ ମଧ୍ୟ ଜିଲା ସଂଗଠନରେ ନୂଆ ଟିମ ଗଠନ କଲେ। ଅଭିଜ୍ଞତା ଥିବା ନେତାଙ୍କୁ ଦୂରେଇ ରଖିଲେ। ଅପରପକ୍ଷରେ ୨୦୧୯ ନିର୍ବାଚନ ପୂର୍ବରୁ ଏଆଇସିସି ସଦସ୍ୟ ଥିବା ଚନ୍ଦ୍ର ଶେଖର ସାହୁ ଓ ବିକ୍ରମ ପଣ୍ଡା କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଲେ। ଉଭୟଙ୍କ ସମର୍ଥକମାନେ ମଧ୍ୟ ବିଜେଡିରେ ମିଶିଲେ। ବହୁ ଚାପ ସତ୍ତ୍ୱେ କଂଗ୍ରେସ ଛାଡ଼ି ନ ଥିବା ନେତା ଓ କର୍ମୀଙ୍କୁ ନୂଆ ଜିଲା ସଭାପତି ଉପେକ୍ଷା କଲେ। ମାସ ମାସ ଧରି ଦଳ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ତାଲା ପକାଇ ରଖିଲେ। ଦୀର୍ଘ ମାସ ହେବ ଦଳର ଜିଲା ସମ୍ମିଳନୀ ହୋଇନାହିଁ। ଗତ ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନରେ ସମଗ୍ର ଜିଲାରେ କଂଗ୍ରେସର ଅବସ୍ଥା ଶୋଚନୀୟ ହେଲା। ୬୯ ଜିଲା ପରିଷଦ ଜୋନରୁ କଂଗ୍ରେସ ଗୋଟିଏରେ ବି ଜିତି ପାରିନଥିଲା। ସେହିପରି ପୌର ନିର୍ବାଚନରେ ବ୍ରହ୍ମପୁର କଂଗ୍ରେସ ମେୟର ପ୍ରାର୍ଥୀ ୪ ନମ୍ବରକୁ ଖସିଲେ। ମାତ୍ର ଗୋଟିଏ ୱାର୍ଡରେ କଂଗ୍ରେସର ମହିଳା କର୍ପୋରେଟର ପ୍ରାର୍ଥୀ ଜିତିଲେ। ବାହାନଗା ରେଳ ଟ୍ରାଜେଡି ନେଇ ୧୨ ବିରୋଧୀ ଦଳ ପକ୍ଷରୁ ବ୍ରହ୍ମପୁରରେ ରେଳ ଷ୍ଟେଶନ ରେଳ ମନ୍ତ୍ରୀଙ୍କ ଇସ୍ତଫା ଓ ଅନ୍ୟ ଦାବି ନେଇ ପ୍ରବଳ ବିକ୍ଷୋଭ ଓ ଆନ୍ଦୋଳନ ଗତ ୧୨ ତାରିଖରେ ହୋଇଥିଲା। ତେବେ ଜିଲା କଂଗ୍ରେସ ସାମିଲ ନ ହୋଇ ଚର୍ଚ୍ଚାକୁ ଆସିଥିଲା।

## କୂଅ ଭିତରୁ ଭାଲୁ ଉଦ୍ଧାର



ବୌଦ୍ଧ, ୨୮।୬ ( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ଗ୍ରାମ ପଞ୍ଚାୟତ ବେଲପଦର ଗ୍ରାମର ଏକ କୂଅ ଭିତରେ ଗଳି ପଡିଥିବା ଭାଲୁକୁ ବନ ବିଭାଗ କର୍ମଚାରୀମାନେ ବୁଧବାର ଉଦ୍ଧାର କରିଛନ୍ତି। ମଙ୍ଗଳବାର ରାତିରେ ନିକଟସ୍ଥ ଜଙ୍ଗଲରୁ ଏକ ଭାଲୁ ଚାଲି ଆସି କୃଷ୍ଣଚନ୍ଦ୍ର ମହାକୁଡଙ୍କ ଘର ପଛ ପଟେ ଥିବା କୂଅରେ ଗଳି ପଡିଥିଲା। ଏନେଇ ସକାଳେ ଗ୍ରାମବାସୀ ପୁରୁଣାକଟକ ବନ କର୍ମଚାରୀଙ୍କୁ ଜଣାଇଥିଲେ । ପରେ ବନ କର୍ମଚାରୀ ଚାରିଛକ ଦମକଳ ବାହିନୀ ସହାୟତାରେ ଭାଲୁକୁ କୂଅ ଭିତରୁ ବାହାର କରିଥିଲେ । ଉଦ୍ଧାର ସମୟରେ ଭାଲୁଟି ପୁରା ନାକେଦମ କରି ପକାଇଥିଲା । ତେବେ ବନ କର୍ମଚାରୀ ଜାଲ ବିଛାଇ ତାକୁ କାବୁ କରିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

# ଜାତୀୟ ସ୍ତରରେ ଶ୍ରେଷ୍ଠ ପଞ୍ଚାୟତିରାଜ ସଂସ୍ଥାକୁ ୬ ଗୁଣା ଆର୍ଥିକ ପୁରସ୍କାର

- ୬୦ ପଞ୍ଚାୟତରେ ଖୋଲିବ ପଞ୍ଚାୟତ ଲର୍ନିଂ ସେଣ୍ଟର
- ୭୦ ଅନୁସୂଚିତ ବ୍ଲକରେ ସାଟେଲାଇଟ ଇଣ୍ଟରାକ୍ଟିଭ ଟର୍ମିନାଲ ସ୍ଥାପନ ହେବ
- ଓଡ଼ିଶା ପଞ୍ଚାୟତିରାଜ ସଂସ୍ଥା ଦେଶର ପଥପ୍ରଦର୍ଶକ ହୋଇଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୬(ଅନିଲ ଦାସ)

ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ବୁଧବାର ଲୋକସେବା ଭବନର କନ୍‌ଭେନଶନ ହଲ୍‌ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ପଞ୍ଚାୟତିରାଜ ଅନୁଷ୍ଠାନ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବ ତାକୁ କେନ୍ଦ୍ର ସରକାର ଦେଉଥିବା ପୁରସ୍କାରର ୬ ଗୁଣ ଅର୍ଥ ରାଶି ରାଜ୍ୟ ସରକାର ପୁରସ୍କାର ଭାବରେ ଯୋଗାଇ ଦେବେ। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନକୁ ୩ ଗୁଣ ଓ ତୃତୀୟ ସ୍ଥାନ ପାଇଥିବା ଅନୁଷ୍ଠାନକୁ ୨ ଗୁଣ ଆର୍ଥିକ ପୁରସ୍କାର ଦିଆଯିବ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ବିକାଶ ପାଇଁ ଏକ ସୁସ୍ଥ ପ୍ରତିଯୋଗିତା ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଘୋଷଣା ଅନୁଯାୟୀ, ଜାତୀୟ ସ୍ତରରେ ପ୍ରଥମ ହୋଇଥିବା ଗଞ୍ଜାମ ଜିଲା ପରିଷଦକୁ ୩୦ କୋଟି ଟଙ୍କା, ପ୍ରଥମ ସ୍ଥାନ ଅଧିକାର କରିଥିବା ହିଞ୍ଜିଳିକାଟୁ ପଞ୍ଚାୟତ ସମିତିକୁ ୧୨ କୋଟି ଟଙ୍କା ପୁରସ୍କାର ଦିଆଯାଇଛି। ସେହିପରି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ହିଞ୍ଜିଳିକାଟୁ ବ୍ଲକର କାଞ୍ଚୁରୁ ପଞ୍ଚାୟତ, ଭଞ୍ଜନଗର ବ୍ଲକର କୁଲଦା ପଞ୍ଚାୟତ, ହିଞ୍ଜିଳିକାଟୁର ଶାସନ ଆମ୍ବଗାଁ ଓ ପାତ୍ରପୁର ବ୍ଲକର ଆଙ୍କୁଲି ପଞ୍ଚାୟତକୁ ୨ କୋଟି ୨୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଛି। ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ ବଣାଇ ବ୍ଲକର ବଣାଇଗଡ ପଞ୍ଚାୟତକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯାଇଛି। ସମୁଦାୟ ୭ଟି ପଞ୍ଚାୟତିରାଜ ଅନୁଷ୍ଠାନକୁ ୫୨ କୋଟି ଟଙ୍କାର ପୁରସ୍କାର ଦିଆଯାଇଛି। ପୁରସ୍କୃତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଗାଁର ସରକାର ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ କାମ ହେଉଛି ଆମର ପରିଚୟ। ବିକାଶର ବିଭିନ୍ନ ମାପଦଣ୍ଡରେ ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଆଜି ସାରା ଦେଶର ପଥପ୍ରଦର୍ଶକ ହୋଇଛନ୍ତି। ଲୋକଙ୍କ ଆସ୍ଥା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ପଞ୍ଚାୟତ ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ନୂଆ ଘୋଷଣା କରିଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲାରେ ୨ଟି ପଞ୍ଚାୟତ ଚିହ୍ନଟ କରାଯାଇ ୬୦ଟି ପଞ୍ଚାୟତ ଲର୍ନିଂ ସେଣ୍ଟର ସ୍ଥାପନ କରାଯିବ। ଏକ ଜ୍ଞାନସମ୍ବଳ କେନ୍ଦ୍ର ଭାବେ ଏହା ପଞ୍ଚାୟତ ଅନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବ। ପଞ୍ଚାୟତଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଲକ୍ଷ୍ୟ ନେଇ ଲୋକାଲ ଚାମ୍ପିୟନ ଟ୍ରେନିଂ ପ୍ରୋଗ୍ରାମ କରାଯିବ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଏହା କରାଯିବ। ଅନୁସୂଚିତ ଅଞ୍ଚଳର ୭୦ଟି ବ୍ଲକରେ ସାଟେଲାଇଟ ଇଣ୍ଟରାକ୍ଟିଭ ଟର୍ମିନାଲ ସ୍ଥାପନ କରାଯାଇ ଦୂର ଶିକ୍ଷା ଯୋଗାଯୋଗ ବ୍ୟବସ୍ଥା କରାଯିବ। ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସଆଇଆର୍‌ଡି)ରେ ଅତ୍ୟାଧୁନିକ ଭିତ୍ତିଭୂମି ସୃଷ୍ଟି କରାଯିବ। ଏଥିରେ ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୨୫୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷ ଓ ସାଟେଲାଇଟ ଆଧାରିତ ଷ୍ଟୁଡିଓ ସ୍ଥାପନ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସୋସାଇଟି ଫର୍ ସୋସିଆଲ ଅଡିଟ୍, ଆକାଉଣ୍ଟାବିଲିଟି ଆଣ୍ଡ ଟ୍ରାନ୍ସପରେନ୍ସି ସଂସ୍ଥାର ଏକ ୱେବ୍‌ସାଇଟ ଏବଂ ଆମ ପଞ୍ଚାୟତ ସେବା ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ପଞ୍ଚାୟତ କାମରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଏହି ପୋର୍ଟାଲ ସହାୟକ ହେବ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓଡ଼ିଶାର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସଫଳ ନେତୃତ୍ୱ ପାଇଁ ଓଡ଼ିଶା ଆଜି ବିଶ୍ୱ ଦରବାରରେ ସମ୍ମାନର ଅଧିକାରୀ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପାନୀୟ ଜଳ ନିର୍ଦ୍ଦେଶକ ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ ଦେଇଥିଲେ।

# ରାଜଧାନୀରେ ବାହୁଡ଼ାଯାତ୍ରା

ଭୁବନେଶ୍ୱର,୨୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନଅଦିନର ରହଣି ସାରି ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ବାହୁଡ଼ିଛନ୍ତି ମହାବାହୁ। ଭୁବନେଶ୍ୱରରେ ୫୦ରୁ ଅଧିକ ସ୍ଥାନରେ ଏହି ରଥଯାତ୍ରା ଆୟୋଜିତ ହୋଇଥିବାବେଳେ ବୁଧବାର ବାହୁଡ଼ାଯାତ୍ରା ପାଇଁ ଅଧିକ ଚଳଚଞ୍ଚଳ ହୋଇପଡ଼ିଥିଲା ସହର। କେଉଁଠି ୩ଟି ରଥ ଗଡ଼ିଥିଲା ତ କେଉଁଠି ଗୋଟିଏ ରଥରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଭକ୍ତଙ୍କ ସହ ବାହୁଡ଼ିଥିଲେ। ସବୁଠି ନାମ ସଂକୀର୍ତ୍ତନ, ଭଜନ ସମାରୋହ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସହରସାରା ଘଣ୍ଟଘଣ୍ଟା, ଖୋଲତାଳ ସହ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ଭାବବିହ୍ୱଳ ଭକ୍ତଙ୍କ ମେଳରେ ଭଗବାନଙ୍କ ଏହି ନିଆରା ଯାତ୍ରାକୁ ସ୍ୱତନ୍ତ୍ର କରିବା ପାଇଁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିଲା। କେତକ ସ୍ଥାନରେ ଗୁରୁବାର ସୁନାବେଶ ଅନୁଷ୍ଠିତ ହେବ। ସେଥିପାଇଁ ବିଳମ୍ବିତ ରାତି ଯାଏ ରଥରେ ଦର୍ଶନ ଦେଇଛନ୍ତି ଦିଅଁ।


ଶ୍ରଦ୍ଧାଳୁଙ୍କ ଗହଣରେ ଚତୁର୍ଦ୍ଧାମୂର୍ତ୍ତି ୩ ରଥରେ ବସି ଇସ୍କନ ମନ୍ଦିରକୁ ବାହୁଡୁଛନ୍ତି। (ଫଟୋ: ବିକାଶ ନାୟକ)

## ଆଜି ଇସ୍କନରେ ସୁନାବେଶ

୮ ନମ୍ବର ଗୁଣ୍ଡିଚା ମନ୍ଦିରରୁ ଇସ୍କନ ଅଭିମୁଖେ ରଥ ବାହାରିବା ସମୟରେ ଭକ୍ତଙ୍କ ଭିଡ଼ ଖୁବ୍ ଜମିଥିଲା। ସମସ୍ତେ ହାତଯୋଡ଼ି ନତମସ୍ତକରେ ହରିବୋଲ ଓ ହୁଳହୁଳି ପକାଇ ଦାରୁବ୍ରହ୍ମଙ୍କୁ ମାଉସୀ ମା' ଘରୁ ବିଦାୟ ଦେଇଛନ୍ତି। ଦିନ୧୨ଟାରୁ ୨ଟା ପର୍ଯ୍ୟନ୍ତ ପହଣ୍ଡିରେ ବାହାରିଲେ ୩ ଦିଅଁ। ୨ଟା ୩୦ରେ ଛେରାପହଁରା କରାଯାଇ ୩ଟା ୩୦ ବେଳକୁ ରଥ ଗଡ଼ିଲା ଇସ୍କନ ଅଭିମୁଖେ। ରଥାରୂଢ଼ ମହାବାହୁଙ୍କୁ ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ସନ୍ଧ୍ୟା ଆଳତି କରାଗଲା। ରଥଟଣା ଦେଖିବା ପାଇଁ ରାସ୍ତାରେ ଭକ୍ତଙ୍କ ପ୍ରବଳ ସାମାଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ତିନିଠାକୁର ଇସ୍କନ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସନ୍ଧ୍ୟା ୭ଟା ବେଳକୁ ମନ୍ଦିର ପରିସରରେ ଆଳତି କରାଯାଇଥିଲା। ଗୁରୁବାର ରାତିରେ ୭ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଠାକୁରଙ୍କ ସୁନାବେଶ ହେବ।











## ଭିଏସ୍‌ଏସ୍ ନଗରରେ ବାହୁଡ଼ିଲା ରଥ

ବୀର ସୁରେନ୍ଦ୍ର ସାଏ ନଗରରେ ଶ୍ରୀ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିନି ଦିଅଁ ସୁସଜ୍ଜିତ ରଥରେ ଆଡପ ମଣ୍ଡପରୁ ଅପରାହ୍ନ ୪ଟା ୩୦ରେ ଯାତ୍ରା ଆରମ୍ଭ କରି ସନ୍ଧ୍ୟା ୬ଟା ୩୦ ପୂର୍ବରୁ ଡି.ଏଲ. କଲୋନୀ ସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ଥିବା ରତ୍ନବେଦୀରେ ପହଞ୍ଚିଛନ୍ତି। ଏହି ସମୟରେ ଡିଏଲ କଲୋନୀ ମହିଳା ଅନୁଷ୍ଠାନ, ହାଟ କମିଟି, ସୁରେନ୍ଦ୍ର ସାଏ ଯୁବକ ସଂଘ, ସ୍ମୃତି ସଦନ ଓ ପୂର୍ଣ୍ଣଚନ୍ଦ୍ର ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ଆଦି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ସେବା ପ୍ରଦାନ କରାଯାଇଥିଲା।




## ଆର୍‌ସିଏମ୍‌ରେ ଶୁଭଦ୍ରା ରଥ ଟାଣିଲେ ମହିଳା

ଚନ୍ଦ୍ରଶେଖରପୁରସ୍ଥିତ ଆରସିଏମ୍ ପରିସରରେ ବହୁ ଆଡ଼ମ୍ବରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଠାରେ ମହିଳାଙ୍କ ଦ୍ୱାରା ଶୁଭଦ୍ରାଙ୍କ ରଥକୁ ଟଣାଯାଇଥିଲା। ସକାଳ ୫ଟା ୩୦ରେ ମଙ୍ଗଳ ଆରତୀ, ମଇଲମ, ସୂର୍ଯ୍ୟପୂଜା, ରୋଷ ହୋମ ଆଦି କରାଯାଇଥିଲା। ଏହାପରେ ବିଭିନ୍ନ ନୀତିକାନ୍ତି କରାଯାଇ ଅପରାହ୍ନରେ ୩ ଦିଅଁଙ୍କର ପହଣ୍ଡି ବିଜେ ହୋଇଥିଲା। ଏହାପରେ ଛେରା ପହଁରା କରାଯାଇ ୩ଟା ୩୦ରେ ରଥ ଟଣା ହୋଇଥିଲା।




## ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ




ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଛନ୍ତି। ପୂର୍ବାହ୍ନରେ ମଙ୍ଗଳ ଆରତୀ, ମଇଲମ, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସଂପନ୍ନ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ଟାଣିଥିଲେ। ବାହୁଡ଼ା ଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ। ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନି ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା। ଗୁରବାର ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ।

## ଚଳଚଞ୍ଚଳ ହେଲା ବାଣୀକ୍ଷେତ୍ର

ବାଣୀକ୍ଷେତ୍ର ବାଣୀବିହାର ପରିସରରେ କାଳିଆ ସାଆନ୍ତେଙ୍କ ବାହୁଡା ଯାତ୍ରା ବୁଧବାର ଶେଷ ହୋଇଛି। ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରଙ୍କୁ ପୂଜାର୍ଚ୍ଚନା କରି ପହଣ୍ଡି ବିଜେ ପାଇଁ ପଥ ପ୍ରସ୍ତୁତି କରାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମନ୍ଦିର ପରିସର ଘଣ୍ଟ, ଘଣ୍ଟା, କାହାଳି, ବାଜାବାଦ୍ୟ ସାଙ୍ଗକୁ ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇ ଚଳଚଞ୍ଚଳ ହୋଇଉଠିଥିଲା। ପ୍ରଥମେ ସୁଦର୍ଶନଙ୍କ ପରେ ବଳଭଦ୍ର ଓ ଦେବୀ ସୁଭଦ୍ରା ଏବଂ କାଳିଆ ଠାକୁର ରଥକୁ ପହଣ୍ଡି ବିଜେ କଲା ପରେ ରଥାରୂଢ଼ ହୋଇଥିଲେ। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶ୍ରୀଜୀଉଙ୍କ ରଥ ଉପରେ ଜଗନ୍ନାଥଙ୍କର ରୀତିନୀତି ଅନୁସାରେ ଛେରାପହଁରା କରିଥିଲେ। ଏହାପରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପାଇଁ ରଥକୁ ବନ୍ଦାପନା କରାଯାଇଥିଲା ଏବଂ ବାହୁଡା ରଥଟଣା ଆରମ୍ଭ ହୋଇଥିଲା।




## ନୂଆଦିଲ୍ଲୀ ହଜ୍‌ଖାସ୍‌ରେ ଛେରାପହଁରା କଲେ ଅରିଜିତ ପଶାୟତ

ଭୁବନେଶ୍ୱର,୨୮।୬
(ଶର୍ମିଷ୍ଠା ପାଣିଗ୍ରାହୀ)

ନୂଆଦିଲ୍ଲୀର ହଜ୍‌ଖାସସ୍ଥିତ ଜଗନ୍ନାଥ ମନ୍ଦିରଠାରେ ୪୫ତମ ପବିତ୍ର ବାହୁଡା ଯାତ୍ରା ପର୍ବ ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର୍‌ରୁ ମୁଖ୍ୟ ମନ୍ଦିରର ବେସମେଣ୍ଟସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଏହାପରେ ଅପରାହ୍ନ ୪ଟାରେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଓ ଶଙ୍ଖ ଧ୍ୱନି ସହ ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜକ ଓ ଭକ୍ତମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ବଡ଼ଦାଣ୍ଡରେ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ନେଇଯାଇଥିଲେ। ଅପରାହ୍ନ ସାଢେ ୪ଟାରେ ମୁଖ୍ୟ ଅତିଥି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ ପାରମ୍ପାରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଏହାପରେ ଅପରାହ୍ନ ୫ଟାରେ ରଥଟଣାର ଶୁଭାରମ୍ଭ ହୋଇଥିଲା। ହଜ୍‌ଖାସ୍ ଭିଲେଜସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା।


ନୂଆଦିଲ୍ଲୀର ହଜ୍‌ଖାସସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ଅନୁଷ୍ଠିତ ବାହୁଡ଼ାଯାତ୍ରା।

## ରାୟପୁରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ଭୁବନେଶ୍ୱର,୨୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ରାୟପୁରର ଗାୟତ୍ରୀ ନଗରରେ ଥିବା ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରଠାରେ ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରୁଥିବା ମନ୍ଦିରର ବେସମେଣ୍ଟସ୍ଥିତ ମାଉସୀମା ଘରର ଆଡ଼ପ ମଣ୍ଡପ ସାମ୍ନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୪ ଟାରେ ଠାକୁରଙ୍କୁ ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ୩ ରଥ ଉପରକୁ ନିଆଯାଇଥିଲା। ଏହାପରେ ମୁଖ୍ୟଅତିଥି ଛତିଶଗଡ଼ ଭାଜପାର ପୂର୍ବତନ ସଂଗଠନ ମନ୍ତ୍ରୀ ରାମ ପ୍ରତାପ ସିଂହ ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିରର ପ୍ରତିଷ୍ଠାତା ପୁରନ୍ଦର ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ଅପରାହ୍ନ ୫ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି, ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଦ୍ୟର ତାଳେ ତାଳେ ଭଜନ, କୀର୍ତ୍ତନ ମଧ୍ୟରେ ମନ୍ଦିର ବେଢାରେ ରାଜକୀୟଠାଣିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ବଡ଼ ଭାଇ ଶ୍ରୀ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ରଥ ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ବେଢ଼ା ଭ୍ରମଣ କରି ରଥଗୁଡ଼ିକ ମୁଖ୍ୟ ମନ୍ଦିର ସାମ୍ନାକୁ ଆସିଯାଇଥିଲା। ସନ୍ଧ୍ୟା ୭ଟା ବେଳେ ସାହି ରୋଷଣୀ କରାଯାଇ ଶ୍ରୀ ଜୀଉମାନଙ୍କୁ ମନ୍ଦିର ମଧ୍ୟକୁ ନିଆଯାଇ ରତ୍ନ ସିଂହାସନରେ ଆସୀନ କରାଯାଇଥିଲା।


ରାୟପୁରର ଗାୟତ୍ରୀ ନଗରରେ ଥିବା ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରରେ ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ,୨୮।୬ (କାର୍ତ୍ତିକ ସାହୁ): ରାଜ୍ୟ ସାମ୍ବାଦିକ ସଂଘର ଆହ୍ୱାନକ୍ରମେ କଟକ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏସ୍‌ୟୁଜେ ଅନୁବନ୍ଧିତ ଜିଲା ସାମ୍ବାଦିକ ସଂଘର ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୧୧ ଦଫା ଦାବିପତ୍ର ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ରାଜ୍ୟ ଉପଦେଷ୍ଟା ରଘୁନାଥ ଆଚାର୍ଯ୍ୟ, ଜିଲା ସଂଘର କାର୍ଯ୍ୟକାରୀ ସଭାପତି ଶଶୀଭୂଷଣ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ସାହୁ, ଉପସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରଶି ଲଗାଇ ନାବାଳକଙ୍କ ଆତ୍ମହତ୍ୟା

ମାହାଙ୍ଗା,୨୮।୬(ଯଯାତି ସିଂହ) : କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଉଷ୍ଟୁମା ପଞ୍ଚାୟତ ରଘୁନାଇନଗର ( ପାଟଣା) ଗ୍ରାମର ଯତୀନ୍ଦ୍ର ଜେନାଙ୍କ ସାନ ପୁଅ ଆରୟନ(୧୨) ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସକାଳେ ଯତୀନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ବନ୍ଧୁ ଘରକୁ ଯାଇଥିବା ବେଳେ ସାନ ପୁଅ ଆରୟନ ଘରେ ଥିବା ଏକ ଫ୍ୟାନ୍‌ରେ ରଶି ଲଗାଇ ଦେଇଥିଲେ । ଯତୀନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ଘରକୁ ଫେରି ଦେଖନ୍ତି ତ ତାଙ୍କ ପୁଅ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ରହିଛି। ତାଙ୍କୁ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ନେଇଥିଲେ। ସେଠାରେ ଡାକ୍ତର ଆରୟନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ନଂ. ୧୫/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହା ଜଣାପଡ଼ିନାହିଁ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ଆବାସରୁ ବଞ୍ଚିତ ହିତାଧିକାରୀ ହଇରାଣ

### ବିଡିଓଙ୍କୁ କଲେ ଅଭିଯୋଗ

ନିଶ୍ଚିନ୍ତକୋଇଲି,୨୮।୬
(ଅଶୋକ କୁମାର ମହାପାତ୍ର)


ଚାଳଘର ସମ୍ମୁଖରେ ମୀନାକ୍ଷୀ ପାତ୍ର ।

ଦୀର୍ଘ ୩ ବର୍ଷର ପ୍ରତୀକ୍ଷା ପରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ତେବେ ବହୁ ଯୋଗ୍ୟ ହିତାଧିକାରୀ ଆବାସଟିଏ ପାଇବାକୁ ଆଶା ବାନ୍ଧିଥିବା ବେଳେ ସେମାନଙ୍କ ନାମ ତାଲିକାରୁ କଟିଯାଇଛି। ସେମାନେ ଏବେ ମୁଣ୍ଡ ଗୁଞ୍ଜିବା ପାଇଁ ରାହା ଖୋଜୁଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବାରୁ କିଏ ଅସଜଡ଼ା ଘରେ ପାଲ ପକାଉଛନ୍ତି ତ ଆଉ କିଏ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ଏଭଳି ଅଭିଯୋଗ ବିଡିଓଙ୍କୁ କରିଛନ୍ତି ବ୍ଲକ ଅଧୀନ ବଡ଼କ୍ଷୀର ଗାଁର ମୀନାକ୍ଷୀ ପାତ୍ର ଓ ତରତ ପଞ୍ଚାୟତ ଦାମୋଦରପୁର ଗାଁର କବିତା ନାୟକ। କବିତାଙ୍କ ନାମ ପୂର୍ବରୁ ଯୋଗ୍ୟ ତାଲିକାରେ ଥିଲେ ହେଁ ଚକ୍ରାନ୍ତ ପୂର୍ବକ କେତେଜଣ ଜନପ୍ରତିନିଧି ଉଦ୍ଦେଶ୍ୟମୂଳକ ଭାବେ କାଟି ଦେଇଥିବା ସେ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ତାଙ୍କର ପ୍ରଧାନମନ୍ତ୍ରୀ ଆବାସ ସମ୍ଭାବ୍ୟ ତାଲିକାର ୨୦ ନମ୍ବର ସିରିଏଲରେ ଥିଲା। ସେ ବହୁ କଷ୍ଟରେ ସ୍ୱାମୀ ଓ ୨ ପିଲାଙ୍କୁ ନେଇ ଚାଳ ଛପର ଘରେ ରହି ଆସୁଛନ୍ତି। ଅପରପକ୍ଷରେ ବଡକ୍ଷୀରର ମୀନାକ୍ଷୀ ଜଣେ ଅସହାୟ ବିଧବା ମହିଳା। ମୀନାକ୍ଷୀ (୭୦)ଙ୍କ ସମ୍ବଳ କହିଲେ ରାଶନ କାର୍ଡରୁ ମିଳୁଥିବା ମାତ୍ର ୫ କିଲୋ ଚାଉଳ ଓ ୫ ଶହ ଟଙ୍କା ଭତ୍ତା। ଏପରିକି ମୀନାକ୍ଷୀଙ୍କ ପାଇଁ ଆବାସ ଯୋଜନା ସାତସପନ ପାଲଟିଛି। ତାଙ୍କ ପୁଅ ଦୀର୍ଘବର୍ଷ ହେଲା ସ୍ତ୍ରୀଙ୍କୁ ନେଇ ପରିବାର ଠାରୁ ପୃଥକ୍ ଭାବେ ରହୁଛନ୍ତି। ସ୍ୱାମୀ କର୍ଣ୍ଣାଟ ପାତ୍ରଙ୍କ ୪ମାସ ତଳେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ମୀନାକ୍ଷୀ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ସେ ବାର୍ଦ୍ଧକ୍ୟରେ ଉପନୀତ ହୋଇଥିବାରୁ କୌଣସି କାମଧନ୍ଦା କରି ପାରୁନାହାନ୍ତି। ଏପରିକି ଆର୍ଥିକ ଅନଟନ କାରଣରୁ ଚଳିତ ବର୍ଷ ମୀନାକ୍ଷୀ ନିଜର ଚାଳଘରଟିକୁ ଛପର କରି ପାରି ନାହାନ୍ତି। ଏହି ଘର ଉପରେ ଏକ ଜରିପାଲ ପକାଇଛନ୍ତି। ବର୍ଷା ହେଲେ ଘରେ ବର୍ଷା ପାଣି ଗଳୁଛି। ଏପରିସ୍ଥଳେ ନିକଟରେ ସରକାରଙ୍କ ପକ୍ଷରୁ ପ୍ରକାଶିତ ଆବାସ ଯୋଜନା ତାଲିକାରେ କର୍ଣ୍ଣାଟଙ୍କ ନାମ ରହିଥିଲା। ମାତ୍ର ମୃତ୍ୟୁପରେ ତାଙ୍କର ନାମ କାଟି ଦିଆଯାଇଥିଲା। ଫଳରେ ତାଙ୍କର ସ୍ତ୍ରୀ ମୀନାକ୍ଷୀ ଆବାସ ଯୋଜନା କାର୍ଯ୍ୟାଦେଶ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ମୀନାକ୍ଷୀ ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କର ପ୍ରକୃତ ଅବସ୍ଥାକୁ ଦେଖି ତୁରନ୍ତ ତାଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବାକୁ ସେ ଦାବି କରିଛନ୍ତି। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରେ ମିଳିଥିବା ଅଭିଯୋଗର ତଦନ୍ତ କରାଯିବ। ଯଦି ସେମାନେ ଯୋଗ୍ୟ ବିବେଚିତ ହୁଅନ୍ତି ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ଡମପଡ଼ା ବ୍ଲକ କମ୍ପ୍ୟୁଟର ଗୃହରେ ଅଗ୍ନିକାଣ୍ଡ


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ।

ବାଙ୍କୀ,୨୮।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ କମ୍ପ୍ୟୁଟର ଗୃହରେ ବୁଧବାର ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଆସବାବପତ୍ର ନଷ୍ଟ ହୋଇଯାଇଛି। ବାଙ୍କୀ ଦମକଳ ବାହିନୀ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝା ଖବରପାଇ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ଅସ୍ପଷ୍ଟ ରହିଛି। ନିଆଁ ଲାଗିବା ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ିଯାଇଛି। ଶର୍ଟ ସର୍କିଟ୍ ଯୋଗୁ ଏଭଳି ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଖବରପାଇ ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ ଓ ବିଡିଓ ଶ୍ୟାମଳ କୁମାର ରାୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଦମ୍‌କଳ ବାହିନୀ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଟିକି ନିଖି ଅନୁଧ୍ୟାନ କରିଥିଲା।

## ଉପଡାକଘର କମ୍ପ୍ୟୁଟର ଅଚଳ: ସେବା ବାଧାପ୍ରାପ୍ତ



କୁଆଁପାଳ ଉପଡାକଘର କାର୍ଯ୍ୟାଳୟ ।

ମାହାଙ୍ଗା,୨୮।୬(ଯଯାତି ସିଂହ)

ମାହାଙ୍ଗା ବ୍ଲକ କୁଆଁପାଳ ଉପ ଡାକଘରର କମ୍ପ୍ୟୁଟର ୪ ଦିନ ଧରି ଅଚଳ ହୋଇଥିବାରୁ ଡାକ ସେବା ବାଧାପ୍ରାପ୍ତ ହେଉଛି। ଏହି ଉପ ଡାକଘର ଅଧୀନରେ ୧୧ଟି ଶାଖା ଡାକ ଘର ରହିଛି। ଏହି ଉପଡାକ ଘରରେ ୩ ଟି କମ୍ପ୍ୟୁଟର ଦ୍ୱାରା କାର୍ଯ୍ୟ କରାଯାଇଥାଏ। ଯେଉଁ କମ୍ପ୍ୟୁଟର ଦ୍ୱାରା ଡାକ ଘରର ସମସ୍ତ କାର୍ଯ୍ୟ ଅର୍ଥାତ୍ ମନି ଅର୍ଡର, ଟଙ୍କା ଜମା ଓ ଉଠାଣ ଆଦି କାର୍ଯ୍ୟ କରାଯାଇଥାଏ। ସେହି କମ୍ପ୍ୟୁଟରଟି ୪ ଦିନ ହେବ ଅଚଳ ହେବାରୁ କାର୍ଯ୍ୟାଳୟରେ କୌଣସି କାର୍ଯ୍ୟ ହୋଇପାରୁନାହିଁ। ଫଳରେ ଉପ ଡାକଘର ଉପରେ ନିର୍ଭର କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅନ୍ୟ ଏକ କମ୍ପ୍ୟୁଟର ୧୦ ଦିନ ହେବ ଅଚଳ ହୋଇଥିବାରୁ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ କମ୍ପ୍ୟୁଟର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଉପଡାକଘର ପୋଷ୍ଟ ମାଷ୍ଟର ଗୟାଧର ସାହୁଙ୍କୁ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ କମ୍ପ୍ୟୁଟର କମ୍ପାନୀକୁ ଜଣାଇଥିଲୁ। କମ୍ପ୍ୟୁଟର ମରାମତି କରାଯାଉଛି। ଖୁବ୍‌ଶୀଘ୍ର ଡାକ ସେବା ଯୋଗାଇଦିଆଯିବ ବୋଲି ସେ କହିଥିଲେ।

## ବେଆଇନ ଗଛକଟା: ତହସିଲଦାରଙ୍କ ଚଢ଼ାଉ

ନିଶ୍ଚିନ୍ତକୋଇଲି,୨୮।୬
(ଅଶୋକ କୁମାର ମହାପାତ୍ର)



କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ସରକାରୀ ଜାଗାରୁ ବେଆଇନ ଭାବେ ଗଛ କଟା ଚାଲିଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ତହସିଲଦାର ଦିଲୀପ କୁମାର ନାୟକ ବୁଧବାର ଜିଗ୍ନିପୁର ଅଞ୍ଚଳରେ ଚଢ଼ାଉ କରି କେତେଗୋଟି କଟା ହୋଇଥିବା ଗଛକୁ ଜବତ କରିଛନ୍ତି। ଜିଗ୍ନିପୁର ପଞ୍ଚାୟତ ପବନା ପଡ଼ିଆଠାରେ ବହୁ ପୁରାତନ ଚାକୁଣ୍ଡା ଗଛକୁ ସ୍ଥାନୀୟ ଅଞ୍ଚଳର ଲୁଟେରାମାନେ କରତ ସାହାଯ୍ୟରେ କାଟି ଦେଇଥିଲେ। ଏହି ଗଛକୁ ଚାଲାଣ କରାଯାଉଥିଲା ବେଳେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ନିଶ୍ଚିନ୍ତକୋଇଲି ତହସିଲଦାର ଜିଗ୍ନିପୁର ରାଜସ୍ୱ ନିରୀକ୍ଷକଙ୍କୁ ଏହି ଗଛ ଜବତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜିଗ୍ନିପୁର ରାଜସ୍ୱ ନିରୀକ୍ଷକ ଏହି ଗଛ ଜବତ କରିଛନ୍ତି। ଏହି ଗଛର ଆନୁମାନିକ ମୂଲ୍ୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

## ୧୦୨ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା)

ଜୟଦେବ ବିହାର ଅଞ୍ଚଳରେ ପାଟ୍ରୋଲିଂବେଳେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ରଘୁନାଥପୁରର ସୋମନାଥ ପ୍ରଧାନ (୨୯)। ତାଙ୍କଠାରୁ ୧୦୨ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୦ ଲକ୍ଷରୁ ଅଧିକ ହେବ। ଏହାସହ ବ୍ୟବହୃତ ମୋଟରସାଇକେଲକୁ ମଧ୍ୟ ଜବତ କରିଛି ଟିମ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।


ପଦ୍ମବେଶରେ ସୁସଜ୍ଜିତ ଆଠଗଡ଼ର ଅଙ୍ଖାଳି ଜଗନ୍ନାଥ ।

# ମନ୍ଦିରକୁ ବାହୁଡ଼ିଲେ ଦାରୁଦିଅଁ

ବାଙ୍କୀ,୨୮।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)/ମାହାଙ୍ଗା, (ଯଯାତି ସିଂହ)/ ସାଲେପୁର,(ଅରବିନ୍ଦ ଭୂୟାଁ)/ ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର)

ବାଙ୍କୀର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚର୍ଚ୍ଚିକା ପୀଠସ୍ଥ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ନିର୍ଦ୍ଦିଷ୍ଟ ସମୟରେ କରାଯାଇ ଖେଚୁଡ଼ି ଭୋଗ ଲାଗି ହୋଇଥିଲା। ଅପରାହ୍ନ ୪ଟାରୁ ୩ ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ମନ୍ଦିର ସେବାୟତ ଟ୍ରଷ୍ଟି ପ୍ରବୋଧ କୁମାର ପାତ୍ର ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ମେଘୁଆ ପାଗ ଥିବାରୁ ଶତାଧିକ ଶ୍ରଦ୍ଧାଳୁ ରଥକୁ ଟାଣି ନେଇ ଚର୍ଚ୍ଚିକା ଗ୍ରାମ ପରିକ୍ରମା କରିଥିଲେ। ଗୁଣ୍ଡିଚା ମନ୍ଦିରରୁ ରଥଟଣା ହୋଇ ମାଉସୀ ମା' ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ଘରଠାରେ ପିଠା ଖାଇବା ସହ ନୃସିଂହ ଛକ ଦେଇ ଚର୍ଚ୍ଚିକା ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଯୁଗଳ କିଶୋର ଭୂତ , ସନ୍ତୋଷ କୁମାର ରଣା, ବୃନ୍ଦାବନ ପ୍ରଧାନ, ଋଷି କୁମାର ରଣା, ଶରତ ଚନ୍ଦ୍ର ବାରିକ ଏବଂ ରଥ କମିଟିର ସଭ୍ୟମାନେ ଉପସ୍ଥିତ ରହି ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଡମପଡ଼ା, ସୁବର୍ଣ୍ଣପୁର, ତୁଳସୀପୁର ଓ ବାଙ୍କୀର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ସେହିପରି ବାହୁଡାଯାତ୍ରା ମାହାଙ୍ଗାର ବିଭିନ୍ନ ଅଞ୍ଚଳରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ରଥରେ ରଥାରୂଢ ହୋଇ ମାଉସୀ ମା' ଘରୁ ମନ୍ଦିରକୁ ବାହୁଡ଼ିଛନ୍ତି। ମଧୁପୁର ପଞ୍ଚାୟତ ବେନୁପୁରାସ୍ଥିତ ମାଉସୀ ମା' ମନ୍ଦିରରୁ ରଥାରୂଢ ଦିଅଁଙ୍କୁ କୁଣ୍ଡି ପଞ୍ଚାୟତ ଗୋପୀନାଥ ମନ୍ଦିରକୁ ଶ୍ରଦ୍ଧାଳୁ ଟାଣି ନେଇଥିଲେ। ସେହିପୁର ଧର୍ମଦାସପୁର ମାଉସୀ ମା' ମନ୍ଦିରରୁ ରଥାରୂଢ ଠାକୁରଙ୍କୁ ମା' ବରୁଣେଇ ପୀଠକୁ ଶ୍ରଦ୍ଧାଳୁମାନେ ରଥ ଟାଣି ପହଞ୍ଚିଥିଲେ। ସେହିପରି ଉମର, କୋଠପଦା, ମଣିଯୋରୀ, କଇଥା, ଭୋଳିଦାସପୁର, ଗୋତରା, ପଣସପୁର, ଜଳେଶ୍ୱରପୁର, କୁଆଁପାଳ, ଲଳିତଗିରି ଆଦି ସ୍ଥାନରେ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି।

ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଏହି ଅବସରରେ ବେଲହୁଡ଼ା ମାଉସୀ ମା' ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ରଥାରୂଢ଼ କରାଯାଇଥିଲା। ସେଠାରୁ ଭକ୍ତମାନେ ମହାପ୍ରଭୁଙ୍କ ରଥକୁ ଟାଣି ସାହେଶ୍ୱରୀ ମନ୍ଦିର ପରିସରରେ ଜଗନ୍ନାଥଙ୍କ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ରଥଟଣା ବେଳେ କିଛି ସମୟ ପାଇଁ ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେବାରୁ ଯାନବାହନ ଚଳାଚଳରେ ବ୍ୟାଘାତ ଉପୁଜିଥିଲା। ରାସ୍ତାର ଉଭୟପାର୍ଶ୍ୱରେ ବହୁ ସଂଖ୍ୟକ ୪ ଚକିଆ, ଭାରିଯାନ ଅଟକି ରହିଥିଲା। ଗୁରୁବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ସାଲେପୁର ଅଞ୍ଚଳର ବୋଦାମୁଣ୍ଡାଇ, ଛାଣିପୁର, ଚନ୍ଦ୍ରାଦେଇପୁର, ଶିଶୁଆ, ସପନପୁର, ରୋଧପୁର, ଉରବଟେଶ୍ୱରରେ ଠାକୁରଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।


ବାଙ୍କୀ ଜଗନ୍ନାଥ ମନ୍ଦିର ଅଭିମୁଖେ ତିନିଠାକୁର ।

ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧା ମୁରତି ନବ ଦିନାତ୍ମକ ଯାତ୍ରା ଶେଷ ପରେ ମନ୍ଦିରକୁ ଫେରିଛନ୍ତି। ଗୁରୁବାର ମନ୍ଦିରରେ ସୁନାବେଶ ଅନୁଷ୍ଠିତ ହେବ। ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକର ଜିଗ୍ନିପୁର ବ୍ରହ୍ମକ୍ଷେତ୍ରଠାରେ ଶ୍ରୀଶ୍ରୀବଳଦେବ ଜୀଉଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ଭାବେ ଅସୁରେଶ୍ୱର ପଞ୍ଚାୟତ କୋଇଲୋସ୍ଥିତ ଶ୍ରୀଶ୍ରୀଦଧିବାମନ ଜୀଉଙ୍କର ମଧ୍ୟ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡିଚା ମନ୍ଦିରହଂଠାରୁପ୍ରଥମେ ଶ୍ରୀବଳଭଦ୍ର, ଭଉଣୀ ସୁଭଦ୍ରା ଓ ପରେ ଶ୍ରୀଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା। ରଥରେ ଛେରାପହଁରା କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ରଥ ଟାଣି ଥିଲେ। ସେହିପରି ଭାବେ ନତକାଇ ଛନ୍ଦା ବଜାର ଓ ନେମାଳଠାରେ ମଧ୍ୟ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ବର୍ଷାରେ ଭିଜି ରଥ ଟାଣିଲେ ଭକ୍ତ

ଆଠଗଡ଼, ୨୮।୬(ସତ୍ୟ ପ୍ରସାଦ ରଥ)

### ଆଠଗଡ଼ର ଅଙ୍ଖାଳି ଜଗନ୍ନାଥ

ଗଡ଼ଜାତୀୟ ପରମ୍ପରା ରୀତିନୀତି ଅନୁଯାୟୀ ଆଠଗଡ଼ର ଶ୍ରୀଅଙ୍ଖାଳି ଜଗନ୍ନାଥ ଦେବ ଓ ଗଦାସାହିସ୍ଥିତ ଜଗନ୍ନାଥବଲ୍ଲଭ ମଠର ୩ ଠାକୁରଙ୍କ ବାହୁଡା ରଥଯାତ୍ରା ସମ୍ପନ୍ନ ହୋଇଛି। ସକାଳୁ ପରମ୍ପରା ଅନୁଯାୟୀ, ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ର ସମସ୍ତ ନୀତି ସମ୍ପାଦନା କରିଥିଲେ। ପରେ ଅବକାଶ ଆଳତି, ଖେଚୁଡ଼ି ଧୂପ ଆଦି ସରିବା ପରେ ଗୋଟି ପହଣ୍ଡିରେ ଶ୍ରୀଜୀଉମାନଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବା ବେଳକୁ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ସତ୍ତ୍ୱେ ଅଗଣିତ ଶ୍ରଦ୍ଧାଳୁ ଭିଜି ରଥଟାଣି ନେଇଥିଲେ। ଜଗନ୍ନାଥ ବଲ୍ଲଭ ମଠର ରଥକୁ ମହିଳାମାନେ ଟାଣିଥିଲେ। ଆଠଗଡ଼ ଆରକ୍ଷୀ ଉପାଧ୍ୟକ୍ଷ ବିଜୟ କୁମାର ବିଶିଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ଏହି କାର୍ଯ୍ୟରେ ବିଭିନ୍ନ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ ସହାୟତା କରିଥିଲେ। ଆଠଗଡ଼ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟବ୍ରତ ଦାସ ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟାରେ ରଥଗଡ଼ାରେ ରଥ ପହଞ୍ଚିଛି। ସେଠାରେ ଜଗନ୍ନାଥ କୃପା ପରିଷଦ ପକ୍ଷରୁ ଭଜନ ସମାରୋହ ଆୟୋଜନ କରାଯାଇଥିଲା।


ନିଶ୍ଚିନ୍ତକୋଇଲି ଜିଗ୍ନିପୁର ଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯାଉଛି ।


ସାଲେପୁରରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ।


ମାହାଙ୍ଗାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ରଥକୁ ଟାଣିନେଉଛନ୍ତି ।

## ସଂକ୍ଷେପରେ

### ୧୦୨ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା): ଜୟଦେବ ବିହାର ଅଞ୍ଚଳରେ ପାଟ୍ରୋଲିଂବେଳେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ରଘୁନାଥପୁରର ସୋମନାଥ ପ୍ରଧାନ (୨୯)। ତାଙ୍କଠାରୁ ୧୦୨ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୦ ଲକ୍ଷରୁ ଅଧିକ ହେବ। ଏହାସହ ବ୍ୟବହୃତ ମୋଟରସାଇକେଲକୁ ମଧ ଜବତ କରିଛି ଟିମ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଖଣ୍ଡା ଚୋଟ

ସମିତିସଭ୍ୟାଙ୍କୁ ମଧ ମାଡ଼, ଦୁର୍ବ୍ୟବହାର

ନିମାପଡ଼ା,୨୮।୬(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତରେ ବୁଧବାର ଏକ ରାଜନୈତିକ ହିଂସା ଘଟିଛି। ଅରିଲୋ ଗ୍ରାମର ଭାଜପା ସମିତିସଭ୍ୟାଙ୍କ ସ୍ୱାମୀ ତଥା ଧନୁଆଁ ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ରମେଶ ଜେନାଙ୍କୁ ଗାଁ ଦାଣ୍ଡରେ ୪ଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଖଣ୍ଡାରେ ହାଣିବା ସହ ତାଙ୍କ ବେକରୁ ଏକ ସୁନାଚେନ ଲୁଟି ନେଇଯାଇଛନ୍ତି। ଖଣ୍ଡା ଚୋଟରେ ରମେଶଙ୍କ କାନମୁଣ୍ଡା, ଛାତି, ପେଟରେ ଆଘାତ ଲାଗି ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏପରିକି ଆକ୍ରମଣକାରୀମାନେ କ୍ରୋଧାନ୍ୱିତ ହୋଇ ରମେଶଙ୍କ ସ୍ତ୍ରୀ ସମିତିସଭ୍ୟା ବେବିନା ଜେନାଙ୍କୁ ମଧ ମାଡ଼ ମାରି ଦୁର୍ବ୍ୟବହାର କରିଛନ୍ତି। ଏ ନେଇ ସମିତିସଭ୍ୟା ବେବିନା ଜେନା ଆକ୍ରମଣ କରିଥିବା ନୃସିଂହ ବେହେରାଙ୍କ ସମେତ ୪ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୨୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଘଟଣା ପରେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକଙ୍କ ସମେତ ଶତାଧିକ ନେତା ମେଡିକାଲରେ ପହଞ୍ଚି ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ଆଶୁ ଆରୋଗ୍ୟ କାମନା କରିଥିଲେ। ଏ ସମ୍ପର୍କରେ ପ୍ରଭାତି ପରିଡ଼ା ଦଳର ରାଜ୍ୟ ଓ ଜିଲା ସଭାପତିଙ୍କୁ ଅବଗତ କରିଥିବା ବେଳେ ତୁରନ୍ତ ଆକମ୍ରଣକାରୀଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୀ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ଏଥିସହ ଥାନାରେ ପହଞ୍ଚି ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୧୨ ଘଣ୍ଟା ମଧରେ ଆକ୍ରମଣକାରୀମାନଙ୍କୁ ଗିରଫ କରା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ଗଣଆନ୍ଦୋଳନ କରିବ ବୋଲି ପରିଡ଼ା ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ଅରିଲୋ ଗ୍ରାମରେ ଭାଜପା ପକ୍ଷରୁ ଏକ ଦଳୀୟ କାର୍ଯ୍ୟକ୍ରମ, ପଦଯାତ୍ରା ଚାଲିଥିଲା। ଏହି ସମୟରେ ରମେଶ ସେଠାରେ ଥିବାବେଳେ ୪ଜଣ ଯୁବକଙ୍କ ସହ ରାଜନୈତିକ ଆକ୍ରୋଶମୂଳକ ହୋଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଉକ୍ତ ୪ଜଣ ଗାଁର ମହାଦେବଙ୍କ ମନ୍ଦିର ନିକଟରେ ରମେଶଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଅପରପକ୍ଷେ ଉକ୍ତ ଗ୍ରାମର ନୃସିଂହ ବେହେରା ଗାଁ ଦାଣ୍ଡରେ ଠିଆ ହୋଇଥିବା ବେଳେ ପୂର୍ବ ବିବାଦକୁ ନେଇ ରମେଶଙ୍କ ସମେତ ୪ଜଣ ଆସି ତାଙ୍କୁ ମାଡ଼ ମାରି ଛୁରି ଭୁସିବାକୁ ଉଦ୍ୟମ କରିଥିଲେ ବୋଲି ଏକ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି।

# ଧାର ଟଙ୍କା ମାଗିବାରୁ ହତ୍ୟା କରିଥିଲେ ସାଙ୍ଗ

## ଅମିତ୍‌ଙ୍କ ରହସ୍ୟଜନକ ମୃତ୍ୟୁ ଉପରୁ ପରଦା ହଟିଲା



- ଅଭିଯୁକ୍ତ ପାନ ଦୋକାନୀ ଗିରଫ
- ଦୁର୍ଘଟଣାର ରୂପ ଦେଇଥିଲେ ଅଭିଯୁକ୍ତ
- ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଲା ସତ

ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଅମିତ୍ କାନୁନ୍‌ଗୋ ନାମକ ଜଣେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ସପ୍ତାହ ପରେ ପରଦା ଉଠିଛି। ଧାର ଟଙ୍କା ମାଗିବାରୁ ଅମିତ୍‌ଙ୍କ ସମେତ ଦୁଇ ସାଙ୍ଗଙ୍କୁ ମାଡ଼ ମାରିଥିଲେ ସମ୍ପୃକ୍ତ ଅଭିଯୁକ୍ତ। ଏଥିରେ ଅମିତ୍‌ଙ୍କ ମୃତ୍ୟୁ ହୋଇଥିଲାବେଳେ ଦ୍ୱାରୀ ଓରଫ ଲକ୍ଷ୍ମୀଧର ନାୟକ ଗୁରୁତର ହୋଇଥିଲେ। ହେଲେ ପୋଲିସ ନଜର ହଟାଇବାକୁ ଏହାକୁ ଦୁର୍ଘଟଣାର ରୂପ ଦେଇଥିଲେ। ତଦନ୍ତବେଳେ ପଚରାଉଚରା ସହ ବ୍ୟବଚ୍ଛେଦ ରିପୋର୍ଟରୁ ଘଟଣା ପଛର ସବୁ ପ୍ରମାଣ ମିଳିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୪/୨୦୨୩) ରୁଜୁ କରି ଅଭିଯୁକ୍ତ ସାଙ୍ଗ ତଥା ପାନ ଦୋକାନୀଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଶବର ସାହିର ବିକାଶ ମହାପାତ୍ର। ତାଙ୍କଠାରୁ ପୋଲିସ ଏକ ମୋବାଇଲ ଜବତ କରିଛି। ବିକାଶଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଗୁରୁତର ସାଙ୍ଗ ଦ୍ୱାରୀ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଅମିତ୍, ଦ୍ୱାରୀ ଓ ବିକାଶ ସମ୍ପର୍କରେ ସାଙ୍ଗ। ଅମିତ୍ ଏକ କୋ-ଅପରେଟିଭ୍ ବ୍ୟାଙ୍କରେ ଚାକିରି କରିବା ସହ ଜାଗମରାସ୍ଥିତ କ୍ରିଷ୍ଣା ଗାର୍ଡେନ୍ ଆପାର୍ଟମେଣ୍ଟରେ ରହୁଥିଲେ। ବିକାଶ ଶିରିପୁର ମାର୍କେଟରେ ଏକ ପାନ ଦୋକାନ କରିଛନ୍ତି। ବ୍ୟବସାୟ ପାଇଁ ଅମିତ୍‌ଙ୍କଠାରୁ ବିକାଶ କିଛିଟଙ୍କା ଧାର ନେଇଥିଲେ। ଏଥିରୁ ବିକାଶ କିଛି ଫେରାଇଥିବା ବେଳେ ପ୍ରାୟ ୨୦ ହଜାର ଟଙ୍କା ଦେବାର ଥିଲା। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗତ ଜୁନ ୨୧ ତାରିଖ ରାତି ପ୍ରାୟ ୧୨ଟାରେ ଦ୍ୱାରୀଙ୍କ ସହ ଅମିତ ପ୍ରଥମେ ବିକାଶଙ୍କ ଘର ଓ ପରେ ତାଙ୍କ ପାନ ଦୋକାନକୁ ଯାଇ ଟଙ୍କା ମାଗିଥିଲେ। ଏହି ସମୟରେ ସେମାନଙ୍କ ମଧରେ ବଚସା ହୋଇଥିଲା। ବିକାଶ ଉଭୟଙ୍କୁ ଧକ୍କା ଦେବା ସହ ମାଡ଼ ମାରିଥିଲେ। ଫଳରେ ଦ୍ୱାରୀ ଓ ଅମିତ ଅଚେତ ହୋଇ ପଡ଼ିଯାଇଥିଲେ। ଅନ୍ୟପଟେ ଅମିତ୍ ମଦ୍ୟପାନ କରି ରାସ୍ତାରେ ପଡ଼ି ରହିଛନ୍ତି ବୋଲି ତାଙ୍କ ସ୍ତ୍ରୀଙ୍କୁ ବିକାଶ ଫୋନ୍‌ରେ ଜଣାଇ ଖସିଯିବାକୁ ଚେଷ୍ଟା କରିଥିଲେ। ଏପରିକି ଅମିତଙ୍କୁ ତାଙ୍କ ପରିବାର ଲୋକଙ୍କ ସହ ବିକାଶ ମଧ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ଅମିତ୍‌ଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପ୍ରଥମେ ନିଜ ଆଡ଼ୁ ଏକ ଅପମୃତ୍ୟୁ ମାମଲା (ନଂ.୧୩୪/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ତେବେ ଅମିତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଥିବାରୁ ପୋଲିସର ସନ୍ଦେହ ହୋଇଥିଲା। ଏପରିକି ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିବା ଦ୍ୱାରୀଙ୍କୁ ପଚରାଉଚରା କରିବା ପରେ ସେ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ଅନ୍ୟପକ୍ଷରେ ମଙ୍ଗଳବାର ଆସିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଅମିତ୍‌ଙ୍କ ଛାତିରେ ଆଘାତ ଫଳରେ ପିଞ୍ଜରା ହାଡ଼ ଭାଙ୍ଗି ଯକୃତରେ କ୍ଷତ ସୃଷ୍ଟି ହେବାରୁ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ପରେ ଜେରାବେଳେ ବିକାଶ ସବୁ ସତ ମାନିଯାଇଥିଲେ।

# ଚିଲିକାରେ ଭାଜପାର 'ସମ୍ପର୍କରୁ ସମର୍ଥନ' ଅଭିଯାନ



'ସମ୍ପର୍କରୁ ସମର୍ଥନ' ଅଭିଯାନରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଜଣେ ମହିଳାଙ୍କୁ ପ୍ରଚାରପତ୍ର ଦେଉଛନ୍ତି।

ବାଲୁଗାଁ,୨୮।୬ (ସଂଗ୍ରାମ ପାଇକରାୟ)

ଚିଲିକା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବୁଧବାର 'ସମ୍ପର୍କରୁ ସମର୍ଥନ' ଅଭିଯାନ ପଦଯାତ୍ରା ବାଲୁଗାଁ ଏବଂ ମୋରାମୋରୀ ପଞ୍ଚାୟତରୁ ଶୁଭାରମ୍ଭ ହୋଇଛି। ଏହି ପଦଯାତ୍ରାରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଜିଲାର ଅନେକ ବରିଷ୍ଠ ନେତା ସାମିଲ ହୋଇଥିଲେ। ଏହି ଅବସରରେ ଉଭୟ ସ୍ଥାନରେ ଅନୁଷ୍ଠିତ ସମ୍ମିଳନୀରେ ମୋଦି ସରକାରଙ୍କ ୯ବର୍ଷ ଶାସନ କାଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ଜନସାଧାରଣଙ୍କୁ ଅବଗତ କରାଯିବା ସହ ବିଭିନ୍ନ ଜନହିତକାରୀ ଯୋଜନା ପ୍ରଚାର ପତ୍ର ମାଧମରେ ଘରେ ଘରେ ବଣ୍ଟନ କରାଯାଇଥିଲା। ଆଗାମୀ ନିର୍ବାଚନ ନିମନ୍ତେ ଭୋଟରଙ୍କୁ ଆପଣେଇବା ପାଇଁ ଭାଜପା ପକ୍ଷରୁ ତୃଣମୂଳସ୍ତରରୁ ଏପରି ପଦକ୍ଷେପ ନିଆଯାଇଥିବା ବେଳେ ନିର୍ବାଚନ ବୈତରଣୀ ପାର ପାଇଁ କର୍ମୀମାନେ ସଂକଳ୍ପବଦ୍ଧ ହୋଇଛନ୍ତି।



କୃଷ୍ଣପ୍ରସାଦର ଓରା ଗ୍ରାମର ଆରାଧ ଦେବତା ଶ୍ରୀ ଶ୍ରୀ ଚଣ୍ଡୀ ହରଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ବାହାରିଥିବା କଳସ ଶୋଭାଯାତ୍ରା।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨୮।୬(କୈଳାସଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ଓରା ଗ୍ରାମର ଆରାଧ ଦେବତା ଶ୍ରୀ ଶ୍ରୀ ଚଣ୍ଡୀ ହରଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ନିମନ୍ତେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ନଦୀରୁ ଜଳ ଆଣି ମନ୍ଦିର ନିକଟରେ ପହଞ୍ଚିଥିଲେ। ବୁଧବାର ପ୍ରତ୍ୟୁଷରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିବା ବେଳେ ଗୁରୁବାରଠାରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ମନ୍ଦିର ପରିଚାଳକ ଶଙ୍କର୍ଷଣ ଦାସ, ମନ୍ଦିର ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ତରେଇ ଉତ୍ସବକୁ ପରିଚାଳନା କରିଛନ୍ତି। ଉତ୍ସବ ପରିଚାଳନାରେ ଓରା ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଓ ଯୁବକ ସଂଘ ସହଯୋଗ କରୁଥିବା ଜଣାଯାଇଛି। ଏହି ଉତ୍ସବ ୫ଦିନ ଧରି ଚାଲିବ ବୋଲି ଓରା ଗ୍ରାମ୍ୟ କମିଟି ସଭାପତି ଗଦାଧର ନାୟକ, ସମ୍ପାଦକ ବୁଲାମଣି ତରେଇ ପ୍ରକାଶ କରିଛନ୍ତି।

## ରାଜ୍ୟ ଆଥ୍‌ଲେଟିକ ମିଟ୍: ଖୋର୍ଦ୍ଧାକୁ ୧୪ ପଦକ

ଖୋର୍ଦ୍ଧା,୨୮।୬(ପ୍ରଭାତ ପାଣିଗ୍ରାହୀ)

ଚଳିତ ମାସ ୨୨ରୁ ୨୫ତାରିଖ ଯାଏ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ୬୯ତମ ରାଜ୍ୟ ଆଥ୍‌ଲେଟିକ ମିଟ୍ ଚାଲିଥିବା ବେଳେ ଖୋର୍ଦ୍ଧା ଜିଲା ୧୪ଟି ପଦକ ହାସଲ କରିଛି। ସେଥିରେ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ରହିଛି। ୨୦ବର୍ଷ ବାଳକ ବିଭାଗରେ ଡିସ୍‌କସ୍ ଥ୍ରୋରେ ପ୍ରଦ୍ୟୁମ୍ନ କୁମାର ଜେନା, ୧୬ବର୍ଷ ବାଳିକା ବିଭାଗ ୧୦୦ମିଟର ଦୌଡ଼ରେ ସୁଶ୍ରୀ ସ୍ୱାଗତିକା ସାମନ୍ତରାୟ, ୧୪ବର୍ଷ ବାଳିକା ବିଭାଗ ଲମ୍ବାଡିଆଁରେ ହର୍ଷିତା ପାଣି, ୨୦ବର୍ଷ ବାଳିକା ବିଭାଗ ୨୦୦ମିଟରରେ କୃଷ୍ଣ ପ୍ରିୟା ବରିସଲ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୧୮ବର୍ଷ ବାଳକ ବିଭାଗ ୨୦୦ ମିଟର ଦୌଡରେ ଆସ୍ତିକ ପ୍ରଧାନ, ୨୦ବର୍ଷ ବାଳକ ବିଭାଗ ସଟପୁଟ ଥ୍ରୋରେ ପ୍ରଦ୍ୟୁମ୍ନ ଜେନା, ୨୦ବର୍ଷ ବାଳକ ବିଭାଗ ଡିସ୍‌କସ ଥ୍ରୋରେ ଯଶସ୍ୱୀ ଦାଶ, ୨୦ବର୍ଷ ବାଳକ ବିଭାଗ ହାମର୍ ଥ୍ରୋରେ ଆର୍ଯ୍ୟାନ ଖୁଲାର, ୨୩ବର୍ଷ ବାଳକ ବିଭାଗ ୮୦୦ ମିଟର ଦୌଡରେ ସମ୍ବିତ କୁମାର ବିଶ୍ୱାଳ, ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଥିଲେ। ୨୩ବର୍ଷ ବାଳକ ବିଭାଗ ୪୦୦ ମିଟର ଦୌଡରେ ସମ୍ବିତ କୁମାର ବିଶ୍ୱାଳ, ୧୮ବର୍ଷ ବାଳିକା ବିଭାଗ ୨୦୦ମିଟର ଓ ୪୦୦ ମିଟର ଦୌଡରେ ଅର୍ପିତା ପ୍ରିୟଦର୍ଶିନୀ, ୨୦ବର୍ଷ ବାଳିକା ବିଭାଗ ୧୦୦ମିଟର ଦୌଡରେ କୃଷ୍ଣପ୍ରିୟା ବରିସଲ, ପୁରୁଷ ବିଭାଗ ୨୦୦ମିଟର ଦୌଡରେ ସରଗଦିମ ପ୍ରବୀଣ କୁମାର ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ହେପାଥଲନ ବିଭାଗରେ ବିଷ୍ଣୁପ୍ରିୟା ସାହୁ ଭାଗନେଇ ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି। ଖେଳାଳିମାନଙ୍କ ସହ ଖୋର୍ଦ୍ଧା ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, ବରିଷ୍ଠ କାଉନସିଲ ସଭ୍ୟ ଅକ୍ଷୟ ମହାନ୍ତି, ଭବାନୀଶଙ୍କର ମହାପାତ୍ର, ମ୍ୟାନେଜର ଦୀନବନ୍ଧୁ ନାୟକ ଓ ଅଫିସିଆଲ ସୁନୀଲ ପଟ୍ଟନାୟକ, ମନୋଜ କୁମାର ନିଶଙ୍କ, ଜିତେନ୍ଦ୍ର ଦେଓ, ଗୁରୁପ୍ରସାଦ ପଟ୍ଟନାୟକ, ନବୀନ ରାଉତ ପ୍ରଭୃତି ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ଦିବ୍ୟାଙ୍ଗ ଆଲୋକଙ୍କୁ ଜୀବନସାଥୀ କଲେ ମଞ୍ଜୁବାଳା

ବୋଲଗଡ଼,୨୮।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ଜଣେ ଦିବ୍ୟାଙ୍ଗ ପୁଅଙ୍କୁ ଜଣେ ଯୁବତୀ ବିବାହ କରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ବାୟାପଲ୍ଲୀ ଗ୍ରାମର ଆଲୋକ ବଳିୟାରସିଂହ (୨୪) ଜନ୍ମରୁ ଗୋଡ଼ ୨ଟି ପାଦଠାରୁ ବଙ୍କା ହୋଇ ଦିବ୍ୟାଙ୍ଗ ଜୀବନ ବିତାଉଥିଲେ। ଏହା ମଧରେ ସେ ଏକ ସେ ଢାବାରେ କାର୍ଯ୍ୟକରି ସ୍ୱାବଲମ୍ବୀ ହୋଇଛନ୍ତି। ବିବାହ ପାଇଁ ବୟସ ହୋଇଯାଇଥିବାରୁ ପରିବାର ଲୋକ କନ୍ୟା ଖୋଜୁଥିଲେ ମଧ ଆଲୋକଙ୍କ ମନରେ ଦିବ୍ୟାଙ୍ଗ ପାଇଁ ଟିକେ ସଙ୍କା ରହୁଥିଲା। ହେଲେ ଚମ୍ପାଇଲୋ ଗ୍ରାମବାସୀଙ୍କ ଉଦ୍ୟମରେ ରଙ୍କନିଧି ବରାଡ଼ଙ୍କ ଝିଅ ମଞ୍ଜୁବାଳା (୨୩)ଙ୍କ ସହ ତାଙ୍କ ବିବାହ ପ୍ରସ୍ତାବ ପଡିବା ପରେ ମଞ୍ଜୁବାଳା ରାଜି ହୋଇଥିଲେ। ମଞ୍ଜୁବାଳା ଯେହେତୁ ପୂର୍ବରୁ ଦିବ୍ୟାଙ୍ଗ ଥିଲେ, ତେଣୁ ସେ ଆଲୋକଙ୍କ ମନକଥା ବୁଝିପାରିଥିଲେ। ବୁଧବାର ତାଙ୍କର ଆଡ଼ମ୍ବର ସହକାରେ ଗ୍ରାମଦେବତୀ ମା' ବଘେଇ ଦେବୀଙ୍କ ପୀଠରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଖବରଟି ପ୍ରଚାରିତ ହେବା ପରେ ବହୁ ଜନସାଧାରଣ ନବ ଦମ୍ପତିଙ୍କୁ ଆଶୀର୍ବାଦଦେବା ସହ କନ୍ୟାକୁ ଧନ୍ୟବାଦ ଦେଇଛନ୍ତି। ଏ ନେଇ କନ୍ୟା ମଞ୍ଜୁବାଳ କହିଛନ୍ତି, ସେ ପିଲାଦିନେ ଖେଳୁଥିବା ସମୟରେ ଏକ ଗାତ ମଧରେ ଗୋଡ଼ ପଡିଯିବାରୁ ଭାଙ୍ଗିଯାଇଥିଲା। ସେ ସମୟରେ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଠିକ ଚିକତ୍ସା ଅଭାବରୁ ୧୬ ବର୍ଷ ଧରି ଦିବ୍ୟାଙ୍ଗ ଜୀବନ ବିତାଇଥିଲେ। ପରେ ସରକାରଙ୍କ ପ୍ରୋତ୍ସାହନରେ ପୁଣିଥରେ ଅପରେଶନ ହୋଇ ଦିବ୍ୟାଙ୍ଗ ଜୀବନରୁ ଆଂଶିକ ମୁକ୍ତି ମିଳିଛି। ସେ ସମୟର ଶାରୀରିକ ଯନ୍ତ୍ରଣାର ଅନୁଭବରୁ ଜଣେ ଦିବ୍ୟାଙ୍ଗଙ୍କୁ ଜୀବନ ସାଥୀ କରିବା ବୋଲି ସେ ନିଷ୍ପତ୍ତି ନେଇଥିଲେ। ଯାହା ଏବେ ସାକାର ହୋଇଛି ବୋଲି ସେଠାରେ ପ୍ରକାଶ କରିଥିଲେ। ତେବେ ଝିଅର ଏପରି ପଦକ୍ଷେପକୁ ଗ୍ରାମବାସୀ ପ୍ରଶଂସା କରିବା ସହ ସହଯୋଗ ଯୋଗାଇଛନ୍ତି। ତୁରନ୍ତ ଜିଲା ଓ ବ୍ଲକ ପ୍ରଶାସନ ଦିବ୍ୟାଙ୍ଗ ବିବାହ ନିମନ୍ତେ ସରକାରୀ ପ୍ରୋତ୍ସାହନ ରାଶି ଏହି ନବଦମ୍ପତିଙ୍କୁ ପ୍ରଦାନ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।



ଆଲୋକଙ୍କ ସହ ମଞ୍ଜୁଲତାଙ୍କ ବିବାହ ଉତ୍ସବ।

# ମାର୍ଗ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୬(ଶର୍ମିଷ୍ଠା ପାଣିଗ୍ରାହୀ)



ନୃତ୍ୟାନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ମାର୍ଗ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥିଭାବେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ପଦ୍ମଶ୍ରୀ ରଞ୍ଜନା ଗହ୍ୱର, ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଗବେଷକ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ମର୍ଦ୍ଦଳ ଗୁରୁ ସଚ୍ଚିକାନ୍ତ ଦାସ, ନୃତ୍ୟାଶାଳା ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପଦ୍ମଶ୍ରୀ ଗୁରୁ ଇଲିୟାନା ସୀତାରିଷ୍ଟଙ୍କ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶୀ ନୃତ୍ୟର ବୈଭବକୁ ଚମତ୍କାର ଭାବେ ସେ ତାଙ୍କ ନୃତ୍ୟ ମାଧମରେ ପରିବେଷଣ କରିଥିଲେ। ସେ ଅଭିନୟରେ ଏକଲବ୍ୟ ଉପସ୍ଥାପିତ କରିଥିଲେ। ସାରଳା ଦାସ ରଚନା କରିଥିବା ଏକଲବ୍ୟ ବିଷୟ ନୃତ୍ୟାଂଶର ମୂଳ ବିଷୟ। ଗୁରୁ ଶିଷ୍ୟର ମହନୀୟ ପରମ୍ପରାକୁ ଅତି ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ ଶିଳ୍ପୀ ସୀତାରିଷ୍ଟ। ନୃତ୍ୟ ସଂଯୋଜନା ଗୁରୁ କେଳୁଚରଣ ମହାପାତ୍ର କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ପ୍ରଫୁଲ୍ଲ କର। ପରବର୍ତ୍ତୀ ଏକକ ଅଭିନୟ ନେଇ ଆସିଥିଲେ ଶିଳ୍ପୀ ଯୁଧିଷ୍ଠିର ନାୟକ। ସେ 'ଆହେ ନୀଳ ଶୈଳ...ଗୀତରେ ନୃତ୍ୟ କରିଥିଲେ। ଶେଷରେ ନୃତ୍ୟଶାଳା ଅନୁଷ୍ଠାନ ପକ୍ଷରୁ ଗୁରୁ ଅଶୋକ କୁମାର ଘୋଷାଲଙ୍କ ପରିକଳ୍ପନା ଓ ନୃତ୍ୟ ନିର୍ଦ୍ଦେଶନାରେ ନୃତ୍ୟନାଟିକା ମୁଁ ପରିବେଷିତ ହୋଇଥିଲା। ଏହାର ରଚନା ନବକିଶୋର ମିଶ୍ର କରିଥିବା ବେଳେ ହିମାଂଶୁ ସ୍ୱାଇଁ ସଙ୍ଗୀତରେ ସଜାଇ ଥିଲେ। ମଧୁସ୍ମିତା ମହାନ୍ତି ସଂଯୋଜନା କରିଥିଲେ।

# ବାଇକ୍, ୧୩୫ଲିଟର ମଦ ଜବତ: ମହିଳାଙ୍କ ସମେତ ୩ ଗିରଫ

ବାଲୁଗାଁ (ସଂଗ୍ରାମ ପାଇକରାୟ)/ ବାଣପୁର, ୨୮।୬ (ଦିଲୀପ ସ୍ୱାଇଁ)

ବାଲୁଗାଁ ଅବକାରୀ ବିଭାଗ ବୁଧବାର ପୃଥକ୍ ଭାବେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଗୋଟିଏ ବାଇକ୍ ସହ ୧୩୫ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବିଭାଗୀୟ ପକ୍ଷରୁ ଏ ନେଇ ପୃଥକ ଭାବେ ୩ଟି ମାମଲା(ନଂ.୫୧, ୫୨ ଓ ୫୩/୨୩) ରୁଜୁ କରାଯାଇଛି। ପ୍ରକାଶ ଯେ, ଶାଳିଆ ଡ୍ୟାମ ଓ କୋଶରଡ଼ା ଅଞ୍ଚଳରୁ ବେଆଇନ ଭାବେ ଦେଶୀମଦ ପ୍ରସ୍ତୁତ କରାଯାଇ ବାଲୁଗାଁ, ବାଣପୁର ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଚାଲାଣ ହେଉଥିବା ଅଭିଯୋଗ ହେଉଥିଲା। ନୂତନ ଭାବେ ଦାୟିତ୍ୱ ନେଇଥିବା ବାଲୁଗାଁ ଅବକାରୀ ଅଧିକାରୀ ବି.ମନୋଜ କୁମାରଙ୍କ ନେତୃତ୍ୱରେ ବୁଧବାର ସକାଳେ ଏକ ଟିମ୍ ବିଭିନ୍ନ ମଦ ଆଡ୍ଡା ଉପରେ ଚଢ଼ାଉ କରିଥିଲେ। ତେବେ ବାଣପୁର ନିକଟ ବାଲେଡ଼ିହ ଛକଠାରେ ଏକ ହିରୋ ବାଇକ୍ ଯୋଗେ ମଦ ଚାଲାଣ ହେଉଥିବା ବେଳେ ଅବକାରୀ ଟିମ୍ ଉକ୍ତ ଗାଡ଼ିକୁ ତଲାସି କରି ୯୦ଲିଟର ଦେଶୀ ମଦ ଜବତ କରିବା ସହ ଦାମିଆଁ ବରବରା ପଞ୍ଚାୟତର ସମ୍ପୃକ୍ତ ବ୍ୟବସାୟୀ ଗାଙ୍ଗୁଲି ଶବରକୁ ଗିରଫ କରିଥିଲେ। ସେହିପରି ବାଣପୁର ନିକଟ ଭୀମପୁର ଗ୍ରାମରୁ ପ୍ରତିମା ଦଳେଇଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୫ଲିଟର ଏବଂ ବାଲୁଗାଁସ୍ଥିତ ବଡ଼କୂଳ ଗ୍ରାମରୁ ୨୦ଲିଟର ଜବତ କରିବା ସହ ବ୍ୟବସାୟୀ ଭଗବାନ ସାମଲଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉ ସମଗ୍ର ଚିଲିକା ଅଞ୍ଚଳରେ ଜାରି ରହିବ ବୋଲି ଅବକାରୀ ଅଧିକାରୀ ମନୋଜ କୁମାର କହିଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

# ବୋଲଗଡ଼ର ସବୁ ମେଡିକାଲରେ ଡାକ୍ତର ନିଯୁକ୍ତ

## ଆମ ହସ୍ପିଟାଲ ଯୋଜନାରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବୋଲଗଡ,୨୮।୬(ଦେବବ୍ରତ ହୋତା)

ସ୍ଥାନୀୟ ବିଧାୟକଙ୍କ ପ୍ରତିଶ୍ରୁତି ମୁତାବକ ସୁଧୁରିଛି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସ୍ୱାସ୍ଥ୍ୟସେବା। ନୂଆ ଡାକ୍ତର ନିଯୁକ୍ତ ହେବା ସହ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯାଇଛି। ବୋଲଗଡ ବ୍ଲକ ଅନ୍ତର୍ଗତ ସମୁଦାୟ ୮ଟି ମେଡିକାଲରେ ଖାଲିଥିବା ଡାକ୍ତର ପଦବୀ ପୂରଣ କରାଯାଇଛି। ତାଳତୁମ୍ବ ଓ ଦେଉଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଥିବାବେଳେ ଦୀର୍ଘଦିନ ଧରି ଖାଲିପଡିଥିବା ପିଟୁକୁଳି, ମାଣିବନ୍ଧ, ଗୌଡନୂଆଗାଁ ଓ ମାଣିକାଗୋଡା ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏ ଓ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ଡାକ୍ତରଙ୍କୁ ରାଜ୍ୟ ସରକାର ନିଯୁକ୍ତି ପ୍ରଦାନ କରିଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ନବନିଯୁକ୍ତ ଡାକ୍ତରମାନଙ୍କ ସହ ଆଲୋଚନା କରି ନିଯୁକ୍ତି ସ୍ଥାନ ପ୍ରଦାନ କରିଛନ୍ତି। ସେହି କ୍ରମରେ ଡା. ସମିଧା ଦାସ ପିଟୁକୁଳି ପିଏଚ୍‌ସି, ଡା. ଜ୍ୟୋତ୍ସ୍ନାରାଣୀ ରାଉତ ଗୌଡନୂଆଗାଁ ପିଏଚସି, ଡା. ବିଶ୍ୱଜିତ ମୁଦୁଲି ମାଣିବନ୍ଧ ପିଏଚସି, ଡା. ଦ୍ୱେସା ପଣ୍ଡା ମାଣିକାଗୋଡା ପିଏଚସିରେ ଏବଂ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା.ମହମଦ ଅବଦୁଲ ମୁଜିବ ଓ ଡା. ରୁତାୟନି ମିଶ୍ର ପ୍ରମୁଖ ଯୋଗଦେବେ। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ଧରି ଡାକ୍ତର ଅଭାବ ନେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୋଲଗଡ ବ୍ଲକ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଥିଲା, ଏଥିନେଇ ଗତ ନଭେମ୍ବରରେ ବୋଲଗଡ ମିନିଷ୍ଟାଡିୟମରେ ବ୍ଲକସ୍ତରୀୟ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦୁର୍ଗାପ୍ରସାଦ ଜେନା, ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରତିରଞ୍ଜନ ଷଣ୍ଢ ପ୍ରମୁଖଙ୍କ ସମେତ ବ୍ଲକ ଅଧ୍ୟକ୍ଷା, ବିଡିଓ, ତହସିଲଦାର, ବିଇଓ, ସିଡିପିଓ ଓ ରୋଗୀ କଲ୍ୟାଣ ସମିତି ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ଡାକ୍ତର ଅଭାବ ନେଇ ଚିନ୍ତା ପ୍ରକଟ କରିଥିଲେ। ଏହାର ଗୁରୁତ୍ୱ ଉପଲବ୍ଧି କରି ଖାଲିପଡିଥିବା ଚିକିତ୍ସକ, ଫାର୍ମାସିଷ୍ଟ, ଷ୍ଟାଫ ନର୍ସ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ଚତୁର୍ଥ ଶ୍ରେଣୀ ପଦବୀଗୁଡିକ ବହୁଶୀଘ୍ର ପୂରଣ କରାଯିବ ବୋଲି ବିଧାୟକ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ପୂରଣ ହୋଇଛି ଏବଂ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଧାୟକଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସରକାର ଆମ ହସ୍ପିଟାଲ ଯୋଜନାରେ ସାମିଲ କରିଛନ୍ତି। ଗୁରୁବାର ନବନିଯୁକ୍ତ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେବେ ବୋଲି ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦେବଦତ୍ତ ଦାସ ସୂଚନା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ୧.୨ ଲକ୍ଷ ଥିବା ବ୍ୟାଗ ଝାମ୍ପିନେଲେ ୨ ଦୁର୍ବୃତ୍ତ

ନିମାପଡ଼ା,୨୮।୬(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତ ଅଧୀନ ମରାରୀପୁର ଗ୍ରାମର ସଦାଶିବ ମିଶ୍ରଙ୍କଠାରୁ ୧ଲକ୍ଷ ୨୦ହଜାର ଟଙ୍କା ବ୍ୟାଗକୁ ୨ ଦୁର୍ବୃତ୍ତ ଝାମ୍ପି ନେଇଯାଇଥିବା ନେଇ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୨୨୧/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବର ଅନୁଯାୟୀ, ମୁରରୀପୁର ଗ୍ରାମର ସଦାଶିବ ଅପରାହ୍ନରେ ନିମାପଡ଼ା ଷ୍ଟେଟ ବ୍ୟାଙ୍କ ଶାଖାରୁ ୯୦ହଜାର ଟଙ୍କା ଉଠାଇ ଏକ ବ୍ୟାଗରେ ରଖିଥିଲେ। ସେହି ବ୍ୟାଗରେ ପୂର୍ବରୁ ସଦାଶିବ ୩୦ହଜାର ଟଙ୍କା, ଆଧାର କାର୍ଡ ଓ କିଛି କାଗଜପତ୍ର ରଖିଥିଲେ। ଟଙ୍କା ବ୍ୟାଗକୁ ସଦାଶିବ କାନ୍ଧରେ ଝୁଲାଇ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବାମଦେଇପୁର ଗ୍ରାମ କେନାଲ ବନ୍ଧ ରାସ୍ତାରେ ବାଇକ୍ ରଖି ପରିସ୍ରା କରିବା ପାଇଁ ଠିଆ ହୋଇଥିଲେ। ଏତି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସଦାଶିବଙ୍କ ନିକଟରେ ପହଞ୍ଚି କାନ୍ଧରୁ ଜବରଦସ୍ତ ଟଙ୍କା ବ୍ୟାଗଟିକୁ ଝାମ୍ପି ନେଇ ନିମାପଡ଼ା ରାସ୍ତାରେ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସଦାଶିବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଭୁବନେଶ୍ୱରକୁ ଜିଲା ଘୋଷଣା ଦାବି

ବାଲିପାଟଣା,୨୮।୬(ଅଭିମନ୍ୟୁ ନାୟକ): ଭୁବନେଶ୍ୱରକୁ ଜିଲା ଘୋଷଣା ଦାବି ନେଇ ଦ୍ୱିତୀୟ ବୈଠକ ବୁଦ୍ଧିପଡ଼ାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀର ବହୁ ସଚେତନ ନାଗରିକ ଏଥିରେ ଯୋଗଦେଇ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ଗ୍ରାମର ଯୁବକ, ମହିଳା ଓ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହେବା ସହିତ ଦଳମତ ନିର୍ବିଶେଷରେ ଜିଲା ଗଠନର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିଛନ୍ତି ବୋଲି ବୈଠକରେ ବକ୍ତାମାନେ ସୂଚନା ଦେଇଥିଲେ। ଆମର ଯଥାର୍ଥ ଦାବି ଗ୍ରହଣ କରି ତୁରନ୍ତ ଭୁବନେଶ୍ୱରକୁ ସତନ୍ତ୍ର ଜିଲା ଘୋଷଣା କରିବାକୁ ସରକାରଙ୍କୁ ଅନୁରୋଧ କରି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ବାସୁଦେବ ଭଞ୍ଜ, ବାବୁନୀ ସାହୁ, ପୂର୍ବତନ ସରପଞ୍ଚ ରସାନନ୍ଦ ପରିଡ଼ା, ଲକ୍ଷ୍ମୀଧର ଜେନା, ନରେନ୍ଦ୍ର ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ନାରାୟଣ ସାହୁ, ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ସମିତି ସଭ୍ୟ ଶୈଳେନ୍ଦୁ ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମାଗୁଣି ସେଠୀ, ଶିକ୍ଷକ ବଂଶୀଧର ବିଶାଳ, ଓକିଲ ନିର୍ମଳ ରଥ, ସୁରେଶ ଦାସ ପ୍ରମୁଖ ବହୁ ସଚେତନ ନାଗରିକ ଯୋଗଦେଇଥିଲେ।

### ୧୦୨ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା): ଜୟଦେବ ବିହାର ଅଞ୍ଚଳରେ ପାଟ୍ରୋଲିଂବେଳେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ସେ ହେଲେ ରଘୁନାଥପୁରର ସୋମନାଥ ପ୍ରଧାନ (୨୯)। ତାଙ୍କଠାରୁ ୧୦୨ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି।

# ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଖଣ୍ଡା ଚୋଟ

- ସମିତିସଭ୍ୟାଙ୍କୁ ମଧ ମାଡ଼, ଦୁର୍ବ୍ୟବହାର
- ଅପରପକ୍ଷରୁ ପାଲଟା ଅଭିଯୋଗ



ନିମାପଡ଼ା,୨୮।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତରେ ବୁଧବାର ଏକ ରାଜନୈତିକ ହିଂସା ଘଟିଛି। ଅରିଲୋ ଗ୍ରାମର ଭାଜପା ସମିତିସଭ୍ୟାଙ୍କ ସ୍ୱାମୀ ତଥା ଧନୁଆଁ ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ରମେଶ ଜେନାଙ୍କୁ ଗାଁ ଦାଣ୍ଡରେ ୪ଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଖଣ୍ଡାରେ ହାଣିବା ସହ ତାଙ୍କ ବେକରୁ ଏକ ସୁନାଚେନ ଲୁଟି ନେଇଯାଇଛନ୍ତି। ଖଣ୍ଡା ଚୋଟରେ ରମେଶଙ୍କ କାନମୁଣ୍ଡା, ଛାତି, ପେଟରେ ଆଘାତ ଲାଗି ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏପରିକି ଆକ୍ରମଣକାରୀମାନେ କ୍ରୋଧାନ୍ୱିତ ହୋଇ ରମେଶଙ୍କ ସ୍ତ୍ରୀ ସମିତିସଭ୍ୟା ବେବିନା ଜେନାଙ୍କୁ ମଧ ମାଡ଼ ମାରି ଦୁର୍ବ୍ୟବହାର କରିଛନ୍ତି। ଏ ନେଇ ସମିତିସଭ୍ୟା ବେବିନା ଜେନା ଆକ୍ରମଣ କରିଥିବା ନୃସିଂହ ବେହେରାଙ୍କ ସମେତ ୪ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୨୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଘଟଣା ପରେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକଙ୍କ ସମେତ ଶତାଧିକ ନେତା ମେଡିକାଲରେ ପହଞ୍ଚି ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ଆଶୁ ଆରୋଗ୍ୟ କାମନା କରିଥିଲେ। ଏ ସମ୍ପର୍କରେ ପ୍ରଭାତି ପରିଡ଼ା ଦଳର ରାଜ୍ୟ ଓ ଜିଲା ସଭାପତିଙ୍କୁ ଅବଗତ କରିଥିବା ବେଳେ ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୀ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ଏଥିସହ ଥାନାରେ ପହଞ୍ଚି ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଆକ୍ରମଣକାରୀମାନଙ୍କୁ ଗିରଫ କରା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ଗଣଆନ୍ଦୋଳନ କରିବ ବୋଲି ପରିଡ଼ା ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଅରିଲୋ ଗ୍ରାମରେ ଭାଜପା ପକ୍ଷରୁ ଏକ ଦଳୀୟ କାର୍ଯ୍ୟକ୍ରମ, ପଦଯାତ୍ରା ଚାଲିଥିଲା। ଏହି ସମୟରେ ରମେଶ ସେଠାରେ ଥିବାବେଳେ ୪ଜଣ ଯୁବକଙ୍କ ସହ ରାଜନୈତିକ ଆକ୍ରୋଶମୂଳକ ହୋଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଉକ୍ତ ୪ଜଣ ଗାଁର ମହାଦେବଙ୍କ ମନ୍ଦିର ନିକଟରେ ରମେଶଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଅପରପକ୍ଷେ ଉକ୍ତ ଗ୍ରାମର ନୃସିଂହ ବେହେରା ଗାଁ ଦାଣ୍ଡରେ ଠିଆ ହୋଇଥିବା ବେଳେ ପୂର୍ବ ବିବାଦକୁ ନେଇ ରମେଶଙ୍କ ସମେତ ୪ଜଣ ଆସି ତାଙ୍କୁ ମାଡ଼ ମାରି ଛୁରି ଭୁସିବାକୁ ଉଦ୍ୟମ କରିଥିଲେ ବୋଲି ଏକ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ସେମାନଙ୍କ ଆକ୍ରମଣରେ ନୃସିଂହ ମେଡିକାଲରେ ଚିକିତ୍ସିତ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ଓଡ଼ିଆ ସାହିତ୍ୟକୁ କୃପାସିନ୍ଧୁଙ୍କ ଅବଦାନ ଅନନ୍ୟ

ସାକ୍ଷୀଗୋପାଳ,୨୮।୬(ଭରତ ରାଉତ)

ସତ୍ୟବାଦୀ ବ୍ଲକରେ ସାହିତ୍ୟିକ କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ କୃପାସିନ୍ଧୁ ସ୍ମୃତି ସମିତି ପକ୍ଷରୁ ଏକ ସଭା ଆୟୋଜନ ହୋଇଥିଲା। ସଭାରେ ସାହିତ୍ୟ ଏକାଡେମୀର ସଦସ୍ୟା ପ୍ରତିଭା ମହାରଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃପାସିନ୍ଧୁଙ୍କ ଲେଖା ଓ ଶିକ୍ଷକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ତାଙ୍କ ଲେଖା ମାଧ୍ୟମରେ ଓଡ଼ିଆ ସାହିତ୍ୟର ଉତ୍କର୍ଷତା ବଢ଼ିଥିଲା। ସାହିତ୍ୟ ପ୍ରତି କୃପାସିନ୍ଧୁଙ୍କ ଅବଦାନ ଅନନ୍ୟ ବୋଲି ସେ କହିଥିଲେ। ସାହିତ୍ୟ, ସଂସ୍କୃତି ଇତିହାସ କ୍ଷେତ୍ରରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ଅବଦାନ ଥିଲା ଅତୁଳନୀୟ ଓ ଗୁରୁତ୍ୱପୂର୍ଣ୍ଣ। ଓ ଯେଉଁ ପଞ୍ଚସଖାଙ୍କର ଆର୍ବିଭାବ ହୋଇଥିଲା ଓ ଯେଉଁମାନେ ଏକ ନୂତନ ଯୁଗର ଆବିଷ୍କାର କରିଥିଲେ ସେମାନଙ୍କ ଭିତରେ ଜଣେ ଥିଲେ କୃପାସିନ୍ଧୁ ମିଶ୍ର। ସେ ଓ ଇତିହାସରେ ଚିର ଅମ୍ଳାନ ହୋଇ ରହିଛନ୍ତି ବୋଲି ମୁଖ୍ୟ ବକ୍ତା ଭାବେ ସୁସାହିତ୍ୟିକ ଡ.ସୁଷମା ମିଶ୍ର ଯୋଗଦେଇ କହିଛନ୍ତି। ସମ୍ମାନନୀୟ ଅତିଥି ଭାବେ ସୁସାହିତ୍ୟକ ସଚ୍ଚିକାନ୍ତ ବିଶ୍ୱାଳଙ୍କ ସମେତ ସମିତିର ସଭ୍ୟମାନେ ଯୋଗଦେଇଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨୮।୬(କୈଳାସଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ଓରା ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଚଣ୍ଡୀ ହରଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ନିମନ୍ତେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ନଦୀରୁ ଜଳ ଆଣି ମନ୍ଦିର ନିକଟରେ ପହଞ୍ଚିଥିଲେ। ବୁଧବାର ପ୍ରତ୍ୟୁଷରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିବା ବେଳେ ଗୁରୁବାରଠାରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ମନ୍ଦିର ପରିଚାଳକ ଶଙ୍କର୍ଷଣ ଦାସ, ମନ୍ଦିର ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ତରେଇ ଉତ୍ସବକୁ ପରିଚାଳନା କରିଛନ୍ତି । ଉତ୍ସବ ପରିଚାଳନାରେ ଓରା ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଓ ଯୁବକ ସଂଘ ସହଯୋଗ କରୁଥିବା ଜଣାଯାଇଛି। ଏହି ଉତ୍ସବ ୫ଦିନ ଧରି ଚାଲିବ ବୋଲି ଓରା ଗ୍ରାମ୍ୟ କମିଟି ସଭାପତି ଗଦାଧର ନାୟକ, ସମ୍ପାଦକ ବୁଲାମଣି ତରେଇ ପ୍ରକାଶ କରିଛନ୍ତି।

# ଭକ୍ତ ଦାସିଆ ପୀଠରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ

ପିପିଲି,୨୮।୬
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)



ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ବାଲିଗ୍ରାମସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଓ ୪ଟି ପାର୍ଶ୍ୱ ମନ୍ଦିର ମା' ମହାଲକ୍ଷ୍ମୀ, ମା' ବିମଳା, ମହାବୀର, ଶ୍ରୀଗଣେଶଙ୍କ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଦିବସୀୟ ଯଜ୍ଞ କର୍ମରେ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ସୁଭାଶିଷ ମହାପାତ୍ର, ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତ, ପ୍ରହଲ୍ଲାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମରେ ଅନୁଷ୍ଠାନ ସଦସ୍ୟ ହରେରାମ ସାହୁ ଓ ତାଙ୍କର ଧର୍ମପତ୍ନୀ ଆଇନଜୀବୀ ନିବେଦିତା ସାହୁ କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଖୋର୍ଦ୍ଧା ଜିଲା ଭିଙ୍ଗାରପୁର ନିବାସୀ ଅନିରୁଦ୍ଧ ବେହେରାଙ୍କ ନେତୃତ୍ୱରେ ମା' ଭାନୁମତି ଭଜନ ମଣ୍ଡଳୀର କଳାକାରଙ୍କ ଦ୍ୱାରା ଜଗନ୍ନାଥ ଜଣାଣ ଓ ଭଜନ ପରିବେଷଣ କରାଯାଇଥିଲା। ପରେ ପୀଠସ୍ଥ ସମସ୍ତ ମନ୍ଦିର ନିମନ୍ତେ ଆବଶ୍ୟକ ହେଉଥିବା ଏକ ସ୍ଥାୟୀ ମନ୍ଦିର ପୂଜା ସାମଗ୍ରୀ ଓ ଭୋଗ ଦୋକାନ ଗୃହର ଭୂମିପୂଜନ ସଦସ୍ୟ ହରେରାମ ସାହୁଙ୍କ ଦ୍ୱାରା ସମାପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ, ପ୍ରତାପ ଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ସେନାପତି, ସତ୍ୟବାଦୀ ଦାସ, ଜଗନ୍ନାଥ ରାଉତ, ଫଗୁ ବେହେରା, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ଲେଙ୍କା, ସ୍ୱୟଂପ୍ରକାଶ ପରିଡ଼ା, ଭକ୍ତ ଦାସିଆ ଆଞ୍ଚଳିକ କମିଟିର ସଦସ୍ୟ ପ୍ରଫୁଲ୍ଲ ବିଶ୍ୱାଳ, ଜୟକୃଷ୍ଣ ରାଉତ, କବିନ୍ଦ୍ର ବେହେରା, ଭକ୍ତ ଦାସିଆ ସେବା ଦଳର ସଦସ୍ୟ ନୃସିଂହଚରଣ ପାତ୍ର, ବିଶ୍ୱନାଥ ସ୍ୱାଇଁ, ସାଧୁଚରଣ ଦାସ, ସୁରେଶ ଦାସ, ନିରଞ୍ଜନ ସାହୁ, ସର୍ବେଶ୍ୱର ପାଢ଼ୀ, ସାଧୁଚରଣ ଟଙ୍ଗ, କୃଷ୍ଣଚନ୍ଦ୍ର ଲେଙ୍କା ତଥା ବାଲିଗ୍ରାମର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।




**ପୁରୀ:** ବାହୁଡ଼ା ଯାତ୍ରା ଅବସରରେ ରଥ ସମ୍ମୁଖରେ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର)

# ପାରିକୁଦ ଗଡ଼ରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା

କୃଷ୍ଣପ୍ରସାଦ,୨୮।୬(କୈଳାସଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ ଇପିଙ୍ଗ ସାହିସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଦେବ ନବଦିନାତ୍ମକ ଯାତ୍ରା ସାରି ସ୍ୱମନ୍ଦିରକୁ ବାହୁଡ଼ିଛନ୍ତି। ଏହି ଅବସରରେ ସ୍ଥାନୀୟ ଚନ୍ଦନ ପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରରୁ ଶ୍ରୀଜୀଉଙ୍କୁ ରଥ ପହଣ୍ଡି ବିଜେ କରାଯାଇଥିଲା। ପାରିକୁଦ ରାଜା ସାହେବଙ୍କ ପ୍ରତିନିଧି ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ଛେରାପହଁରା କରିବା ପରେ ରଥ ଟଣାଯାଇଥିଲା। ଭଗବାନ ସେନାପତିଙ୍କ ତରଫରୁ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ମହାପ୍ରଭୁଙ୍କୁ ପୋଡ଼ପିଠା ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ରଥ ଟାଣିବା ସହ ସନ୍ଧ୍ୟା ୬ଟା ସୁଦ୍ଧା ମନ୍ଦିର ସିଂହଦ୍ୱାର ନିକଟରେ ଲାଗିଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବଡ଼ ଏକାଦଶୀ ଓ ସୁନାବେଶ ଲାଗି ରଥଯାତ୍ରା ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ଼ୁ, ସମ୍ପାଦକ ସୁବ୍ରତ ପଣ୍ଡା ପ୍ରକାଶ କରିଛନ୍ତି। କମିଟିର ଉପସଭାପତି ମକଦ୍ଦମ ସିଂହ, ସହସମ୍ପାଦକ ପ୍ରମୋଦ ସାହୁ, ଦୁର୍ଯ୍ୟୋଧନ ନାୟକ, ବାଉରୀବନ୍ଧୁ ଦଳେଇ, ସୁଶାନ୍ତ ଭାରିମଲ, ପ୍ରଶାନ୍ତ ଜେନା, ଚରଣ ପରିଡ଼ା, କୃଷ୍ଣଚନ୍ଦ୍ର ବାହୁବଳେନ୍ଦ୍ର ସମେତ ୫ମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ସମ୍ପାଦକ ଈଶ୍ୱର ପଲେଇ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଗୁରୁବାଇ, ଦେଉଳପଡା, ତିତିପ, ସିଆଳ ଆଦି ସ୍ଥାନରେ ବାହୁଡ଼ା ଯାତ୍ରା ସମାପନ ହୋଇଯାଇଛି।

# ଦିବ୍ୟାଙ୍ଗ ଆଲୋକଙ୍କୁ ଜୀବନସାଥୀ କଲେ ମଞ୍ଜୁବାଳା



ଆଲୋକଙ୍କ ସହ ମଞ୍ଜୁଲତାଙ୍କ ବିବାହ ଉତ୍ସବ।

ବୋଲଗଡ଼,୨୮।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ଜଣେ ଦିବ୍ୟାଙ୍ଗ ପୁଅଙ୍କୁ ଜଣେ ଯୁବତୀ ବିବାହ କରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ବାୟାପଲ୍ଲୀ ଗ୍ରାମର ଆଲୋକ ବଳିୟାରସିଂହ (୨୪) ଜନ୍ମରୁ ଗୋଡ଼ ୨ଟି ପାଦଠାରୁ ବଙ୍କା ହୋଇ ଦିବ୍ୟାଙ୍ଗ ଜୀବନ ବିତାଉଥିଲେ। ଏହା ମଧ୍ୟରେ ସେ ଏକ ସେ ଢାବାରେ କାର୍ଯ୍ୟକରି ସ୍ୱାବଲମ୍ବୀ ହୋଇଛନ୍ତି। ବିବାହ ପାଇଁ ବୟସ ହୋଇଯାଇଥିବାରୁ ପରିବାର ଲୋକ କନ୍ୟା ଖୋଜୁଥିଲେ ମଧ ଆଲୋକଙ୍କ ମନରେ ଦିବ୍ୟାଙ୍ଗ ପାଇଁ ଟିକେ ସଙ୍କା ରହୁଥିଲା। ହେଲେ ଚମ୍ପାଇଲୋ ଗ୍ରାମବାସୀଙ୍କ ଉଦ୍ୟମରେ ରଙ୍କନିଧି ବରାଡ଼ଙ୍କ ଝିଅ ମଞ୍ଜୁବାଳା (୨୩)ଙ୍କ ସହ ତାଙ୍କ ବିବାହ ପ୍ରସ୍ତାବ ପଡିବା ପରେ ମଞ୍ଜୁବାଳା ରାଜି ହୋଇଥିଲେ। ମଞ୍ଜୁବାଳା ଯେହେତୁ ପୂର୍ବରୁ ଦିବ୍ୟାଙ୍ଗ ଥିଲେ, ତେଣୁ ସେ ଆଲୋକଙ୍କ ମନକଥା ବୁଝିପାରିଥିଲେ। ବୁଧବାର ତାଙ୍କର ଆଡ଼ମ୍ବର ସହକାରେ ଗ୍ରାମଦେବତୀ ମା' ବଘେଇ ଦେବୀଙ୍କ ପୀଠରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଖବରଟି ପ୍ରଚାରିତ ହେବା ପରେ ବହୁ ଜନସାଧାରଣ ନବ ଦମ୍ପତିଙ୍କୁ ଆଶୀର୍ବାଦଦେବା ସହ କନ୍ୟାକୁ ଧନ୍ୟବାଦ ଦେଇଛନ୍ତି। ଏ ନେଇ କନ୍ୟା ମଞ୍ଜୁବାଳ କହିଛନ୍ତି, ସେ ପିଲାଦିନେ ଖେଳୁଥିବା ସମୟରେ ଏକ ଗାତ ମଧ୍ୟରେ ଗୋଡ଼ ପଡିଯିବାରୁ ଭାଙ୍ଗିଯାଇଥିଲା। ସେ ସମୟରେ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଠିକ ଚିକତ୍ସା ଅଭାବରୁ ୧୬ ବର୍ଷ ଧରି ଦିବ୍ୟାଙ୍ଗ ଜୀବନ ବିତାଇଥିଲେ। ପରେ ସରକାରଙ୍କ ପ୍ରୋତ୍ସାହନରେ ପୁଣିଥରେ ଅପରେଶନ ହୋଇ ଦିବ୍ୟାଙ୍ଗ ଜୀବନରୁ ଆଂଶିକ ମୁକ୍ତି ମିଳିଛି। ସେ ସମୟର ଶାରୀରିକ ଯନ୍ତ୍ରଣାର ଅନୁଭବରୁ ଜଣେ ଦିବ୍ୟାଙ୍ଗଙ୍କୁ ଜୀବନ ସାଥୀ କରିବା ବୋଲି ସେ ନିଷ୍ପତ୍ତି ନେଇଥିଲେ। ଯାହା ଏବେ ସାକାର ହୋଇଛି ବୋଲି ସେଠାରେ ପ୍ରକାଶ କରିଥିଲେ। ତେବେ ଝିଅର ଏପରି ପଦକ୍ଷେପକୁ ଗ୍ରାମବାସୀ ପ୍ରଶଂସା କରିବା ସହ ସହଯୋଗ ଯୋଗାଇଛନ୍ତି। ତୁରନ୍ତ ଜିଲା ଓ ବ୍ଲକ ପ୍ରଶାସନ ଦିବ୍ୟାଙ୍ଗ ବିବାହ ନିମନ୍ତେ ସରକାରୀ ପ୍ରୋତ୍ସାହନ ରାଶି ଏହି ନବଦମ୍ପତିଙ୍କୁ ପ୍ରଦାନ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ମାର୍ଗି ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୬
(ଶର୍ମିଷ୍ଠା ପାଣିଗ୍ରାହୀ)



ନୃତ୍ୟାନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ମାର୍ଗି ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥିଭାବେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ପଦ୍ମଶ୍ରୀ ରଞ୍ଜନା ଗହ୍ୱର, ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଗବେଷକ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ମର୍ଦ୍ଦଳ ଗୁରୁ ସଚ୍ଚିକାନ୍ତ ଦାସ, ନୃତ୍ୟାଶାଳା ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପଦ୍ମଶ୍ରୀ ଗୁରୁ ଇଲିୟାନା ସୀତାରିଷ୍ଟଙ୍କ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶୀ ନୃତ୍ୟର ବୈଭବକୁ ଚମତ୍କାର ଭାବେ ସେ ତାଙ୍କ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ସେ ଅଭିନୟରେ ଏକଲବ୍ୟ ଉପସ୍ଥାପିତ କରିଥିଲେ। ସାରଳା ଦାସ ରଚନା କରିଥିବା ଏକଲବ୍ୟ ବିଷୟ ନୃତ୍ୟାଂଶର ମୂଳ ବିଷୟ। ଗୁରୁ ଶିଷ୍ୟର ମହନୀୟ ପରମ୍ପରାକୁ ଅତି ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ ଶିଳ୍ପୀ ସୀତାରିଷ୍ଟ। ନୃତ୍ୟ ସଂଯୋଜନା ଗୁରୁ କେଳୁଚରଣ ମହାପାତ୍ର କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ପ୍ରଫୁଲ୍ଲ କର। ପରବର୍ତ୍ତୀ ଏକକ ଅଭିନୟ ନେଇ ଆସିଥିଲେ ଶିଳ୍ପୀ ଯୁଧିଷ୍ଠିର ନାୟକ। ସେ 'ଆହେ ନୀଳ ଶୈଳ...ଗୀତରେ ନୃତ୍ୟ କରିଥିଲେ। ଶେଷରେ ନୃତ୍ୟଶାଳା ଅନୁଷ୍ଠାନ ପକ୍ଷରୁ ଗୁରୁ ଅଶୋକ କୁମାର ଘୋଷାଲଙ୍କ ପରିକଳ୍ପନା ଓ ନୃତ୍ୟ ନିର୍ଦ୍ଦେଶନାରେ ନୃତ୍ୟନାଟିକା ମୁଁ ପରିବେଷିତ ହୋଇଥିଲା। ଏହାର ରଚନା ନବକିଶୋର ମିଶ୍ର କରିଥିବା ବେଳେ ହିମାଂଶୁ ସ୍ୱାଇଁ ସଙ୍ଗୀତରେ ସଜାଇ ଥିଲେ। ମଧୁସ୍ମିତା ମହାନ୍ତି ସଂଯୋଜନା କରିଥିଲେ।

# ଧାର ଟଙ୍କା ମାଗିବାରୁ ହତ୍ୟା କରିଥିଲେ ସାଙ୍ଗ

ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଅମିତ୍ କାନୁନ୍‌ଗୋ ନାମକ ଜଣେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ସପ୍ତାହ ପରେ ପରଦା ଉଠିଛି। ଧାର ଟଙ୍କା ମାଗିବାରୁ ଅମିତ୍‌ଙ୍କ ସମେତ ଦୁଇ ସାଙ୍ଗଙ୍କୁ ମାଡ଼ ମାରିଥିଲେ ସମ୍ପୃକ୍ତ ଅଭିଯୁକ୍ତ। ଏଥିରେ ଅମିତ୍‌ଙ୍କ ମୃତ୍ୟୁ ହୋଇଥିଲାବେଳେ ଦ୍ୱାରୀ ଓରଫ ଲକ୍ଷ୍ମୀଧର ନାୟକ ଗୁରୁତର ହୋଇଥିଲେ। ହେଲେ ପୋଲିସ ନଜର ହଟାଇବାକୁ ଏହାକୁ ଦୁର୍ଘଟଣାର ରୂପ ଦେଇଥିଲେ। ତଦନ୍ତବେଳେ ପଚରାଉଚରା ସହ ବ୍ୟବଚ୍ଛେଦ ରିପୋର୍ଟରୁ ଘଟଣା ପଛର ସବୁ ପ୍ରମାଣ ମିଳିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୪/୨୦୨୩) ରୁଜୁ କରି ଅଭିଯୁକ୍ତ ସାଙ୍ଗ ତଥା ପାନ ଦୋକାନୀଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଶବର ସାହିର ବିକାଶ ମହାପାତ୍ର। ତାଙ୍କଠାରୁ ପୋଲିସ ଏକ ମୋବାଇଲ ଜବତ କରିଛି।

## ଅମିତ୍‌ଙ୍କ ରହସ୍ୟଜନକ ମୃତ୍ୟୁ ଉପରୁ ପରଦା ହଟିଲା



- ଅଭିଯୁକ୍ତ ପାନ ଦୋକାନୀ ଗିରଫ
- ଦୁର୍ଘଟଣାର ରୂପ ଦେଇଥିଲେ ଅଭିଯୁକ୍ତ
- ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଲା ସତ

ବିକାଶଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଗୁରୁତର ସାଙ୍ଗ ଦ୍ୱାରୀ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଅମିତ୍, ଦ୍ୱାରୀ ଓ ବିକାଶ ସମ୍ପର୍କରେ ସାଙ୍ଗ। ଅମିତ୍ ଏକ କୋ-ଅପରେଟିଭ୍ ବ୍ୟାଙ୍କରେ ଚାକିରି କରିବା ସହ ଜାଗମରାସ୍ଥିତ କ୍ରିଷ୍ଣା ଗାର୍ଡେନ୍ ଆପାର୍ଟମେଣ୍ଟରେ ରହୁଥିଲେ। ବିକାଶ ଶିରିପୁର ମାର୍କେଟରେ ଏକ ପାନ ଦୋକାନ କରିଛନ୍ତି। ବ୍ୟବସାୟ ପାଇଁ ଅମିତ୍‌ଙ୍କଠାରୁ ବିକାଶ କିଛିଟଙ୍କା ଧାର ନେଇଥିଲେ। ଏଥିରୁ ବିକାଶ କିଛି ଫେରାଇଥିବା ବେଳେ ପ୍ରାୟ ୨୦ ହଜାର ଟଙ୍କା ଦେବାର ଥିଲା। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗତ ଜୁନ ୨୧ ତାରିଖ ରାତି ପ୍ରାୟ ୧୨ଟାରେ ଦ୍ୱାରୀଙ୍କ ସହ ଅମିତ ପ୍ରଥମେ ବିକାଶଙ୍କ ଘର ଓ ପରେ ତାଙ୍କ ପାନ ଦୋକାନକୁ ଯାଇ ଟଙ୍କା ମାଗିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ବିକାଶ ଉଭୟଙ୍କୁ ଧକ୍କା ଦେବା ସହ ମାଡ଼ ମାରିଥିଲେ। ଫଳରେ ଦ୍ୱାରୀ ଓ ଅମିତ ଅଚେତ ହୋଇ ପଡ଼ିଯାଇଥିଲେ। ଅନ୍ୟପଟେ ଅମିତ୍ ମଦ୍ୟପାନ କରି ରାସ୍ତାରେ ପଡ଼ି ରହିଛନ୍ତି ବୋଲି ତାଙ୍କ ସ୍ତ୍ରୀଙ୍କୁ ବିକାଶ ଫୋନ୍‌ରେ ଜଣାଇ ଖସିଯିବାକୁ ଚେଷ୍ଟା କରିଥିଲେ। ଏପରିକି ଅମିତଙ୍କୁ ତାଙ୍କ ପରିବାର ଲୋକଙ୍କ ସହ ବିକାଶ ମଧ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ଅମିତ୍‌ଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପ୍ରଥମେ ନିଜ ଆଡ୍ରୁ ଏକ ଅପମୃତ୍ୟୁ ମାମଲା (ନଂ.୧୩୪/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ତେବେ ଅମିତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଥିବାରୁ ପୋଲିସର ସନ୍ଦେହ ହୋଇଥିଲା। ଏପରିକି ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିବା ଦ୍ୱାରୀଙ୍କୁ ପଚରାଉଚରା କରିବା ପରେ ସେ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ଅନ୍ୟପକ୍ଷରେ ମଙ୍ଗଳବାର ଆସିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଅମିତ୍‌ଙ୍କ ଛାତିରେ ଆଘାତ ଫଳରେ ପିଞ୍ଜରା ହାଡ଼ ଭାଙ୍ଗି ଯକୃତରେ କ୍ଷତ ସୃଷ୍ଟି ହେବାରୁ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ପରେ ଜେରାବେଳେ ବିକାଶ ସବୁ ସତ ମାନିଯାଇଥିଲେ।

# ସତ୍ୟମ୍ ଶିବମ୍ ସୁନ୍ଦରମ୍...




'ଏକାମ୍ର ପ୍ରକଳ୍ପ' ଶିଳାନ୍ୟାସ ଉତ୍ସବର ବୁଧବାର ଅନ୍ତିମ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ଏ. ହରିହରନ୍, ମୈଥିଳି ଠାକୁର ଶିବ ଭଜନ ପରିବେଷଣ କରୁଛନ୍ତି। (ଫଟୋ: ମୌସମ)

## ଏକାମ୍ର ପ୍ରକଳ୍ପ ଶିଳାନ୍ୟାସ

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

ଯଜ୍ଞବେଦିରେ ପଣ୍ଡିତଙ୍କ ମନ୍ତ୍ରଧ୍ୱନି ସାଙ୍ଗକୁ କଣ୍ଠଶିଳ୍ପୀଙ୍କ ସୁମଧୁର ଶିବଧ୍ୱନି ଏକାମ୍ର କ୍ଷେତ୍ରରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରୁଥିଲା। ତା' ସାଙ୍ଗକୁ ସଂକୀର୍ତ୍ତନ ଓ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ ମନ୍ଦିରର ଅପରୂପ ଶୋଭା ମନରେ ଶିବଭକ୍ତିର ଭାବ ଭରି ଦେଉଥିଲା। ଅବସର ଥିଲା ଏକାମ୍ର ପ୍ରକଳ୍ପ ପାଇଁ ଭୂମିପୂଜା। ପ୍ରକଳ୍ପର ଶିଳାନ୍ୟାସ ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ୩ଦିନ ଧରି ଚାଲିଥିବା ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବୁଧବାର ଥିଲା ଶେଷ ଦିବସ। ସକାଳେ ଯଜ୍ଞ ପୂର୍ଣ୍ଣାହୁତି ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ କରିଥିଲେ। ପରେ ସନ୍ଧ୍ୟାରେ ଦେବୀପାଦହରା ପୁଷ୍କରିଣୀ ନିକଟ ଭଜନ ମଣ୍ଡପରେ ବିଶିଷ୍ଟ କଣ୍ଠଶିଳ୍ପୀମାନେ ଶିବଙ୍କ ଉପରେ ଭଜନ ଗାନ କରିଥିଲେ। କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦଙ୍କ କଣ୍ଠରୁ 'କେଉଁ ନାମ ଧରି ଡାକିବି ତୁମକୁ'... ସଙ୍ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ 'ସତ୍ୟମ ଶିବମ୍ ସୁନ୍ଦରମ୍'..., ନମୋ ନମୋ ଶଙ୍କର ଭଳି ଲୋକପ୍ରିୟ ଗୀତ ଗାଇ ପରିବେଶକୁ ଭକ୍ତିମୟ କରିଦେଇଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ କଣ୍ଠଶିଳ୍ପୀ ଏ. ହରିହରନ୍। ତାଙ୍କ କଣ୍ଠରୁ 'ହେ ଶିବ ପିତା ପରମାତ୍ମା'... ଓ ଅନ୍ୟାନ୍ୟ ଭଜନ ଉପସ୍ଥିତ ଭକ୍ତଙ୍କୁ ବିମୋହିତ କରିଥିଲା। ସେହିପରି କଣ୍ଠଶିଳ୍ପୀ ମୈଥିଳୀ ଠାକୁର, ଅଭିଲିପ୍ସା ପଣ୍ଡା ଓ ଅଙ୍କିତ୍ ବତ୍ରା ଭଜନ ପରିବେଷଣ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ ଉଠାଇଲେ ସେବାୟତ



ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ସେବାୟତମାନେ ନିଜର ଖୁସି ବ୍ୟକ୍ତ କରିବା ସହ ତାଙ୍କ ସହିତ ଫଟୋ ଉଠାଇଥିଲେ। ଏପରିକି କେତେଜଣ ସେବାୟତ ସେଲ୍‌ଫି ଉଠାଇଥିଲେ। ସେହିପରି ଶିଳାନ୍ୟାସ ସ୍ଥାନରେ ମୁଖ୍ୟମନ୍ତ୍ରୀ ନିଜେ ଠିଆହୋଇ ଫଟୋ ଉଠାଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମନ୍ତ୍ରୀ, ଏମ୍‌ପି, ବିଧାୟକ, ମୁଖ୍ୟ ଶାସନ ସଚିବ, ଏସ୍‌ଆର୍‌ସି, ମେୟର, କମିଶନର, କର୍ପୋରେଟର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖଣ୍ଡଗିରି କୁମ୍ଭମେଳା ସ୍ଥଳ ଉନ୍ନତି ପାଇଁ ଦାବି ରଖିଲେ ସାଧୁସନ୍ଥ

ଭୂମିପୂଜନ କାର୍ଯ୍ୟକ୍ରମକୁ ସାଧୁସନ୍ଥମାନେ ନିମନ୍ତ୍ରିତ ହୋଇ ଆସିଥିଲେ। ସେମାନେ ଏକାମ୍ର ପ୍ରକଳ୍ପକୁ ନେଇ ଖୁସିବ୍ୟକ୍ତ କରିବା ସହ ଖଣ୍ଡଗିରି କୁମ୍ଭମେଳା ସ୍ଥଳର ମଧ୍ୟ ଏପରି ବିକାଶ କରିବାକୁ ଦାବି ରଖିଥିଲେ। ଏଥିସହ ଲିଙ୍ଗରାଜ ମନ୍ଦିରର ମଧ୍ୟ ସତ୍ତ୍ୱଲିପି ପ୍ରକାଶ କରାଯାଇ ଜଣେ ଆଇଏଏସ୍ ଅଫିସରଙ୍କୁ ପ୍ରଶାସକ ଭାବେ ନିଯୁକ୍ତି ଦେବାକୁ ସେମାନେ ନିବେଦନ କରିଥିଲେ।

## ମନ କିଣିଲା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍

ଭୂମି ପୂଜନ ଉତ୍ସବ ଆରମ୍ଭ ହେବା ଦିନଠାରୁ ୩ଦିନ ଧରି ପ୍ରିନ୍ସ ଡ୍ୟାନ୍ସଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରତି ସନ୍ଧ୍ୟାରେ ସେମାନଙ୍କ ଦ୍ୱାରା ଦର୍ଶକଙ୍କୁ ନୂଆ ନୂଆ ଭେଟି ଦିଆଯାଇଥିଲା। ଶେଷ ସନ୍ଧ୍ୟାରେ 'ଶିବଶଙ୍କର ଶିବଶମ୍ଭୁ' ଗୀତରେ ପରିବେଷିତ ନୃତ୍ୟ ଦର୍ଶକଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା। ସେହିପରି ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସରେ ପ୍ରଦର୍ଶିତ ହେଉଥିବା ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ'ରେ ଲିଙ୍ଗରାଜଙ୍କ ଆବିର୍ଭାବ ଓ ଶିବ ସ୍ତୁତି ପ୍ରଦର୍ଶିତ ହୋଇଥିଲା।

## ଚର୍ଚ୍ଚାରେ ଫଟୋ ୱିଥ୍ ସିଏମ୍

ଆୟୋଜକଙ୍କ ପକ୍ଷରୁ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସଠାରେ ଏକ ମ୍ୟାଜିକାଲ ଫଟୋ ବୁଥ୍‌ର ଆୟୋଜନ କରାଯାଇଥିଲା। ସେଠାରେ ଲୋକମାନେ ମାଗଣାରେ ନିଜ ଫଟୋ ଉଠାଉଥିଲେ। ତେବେ ଏକୁଟିଆ ଫଟୋ ଉଠାଉଥିଲେ ମଧ୍ୟ ଫଟୋ ବାହାରିବା ବେଳକୁ ମୁଖ୍ୟମନ୍ତ୍ରୀଙ୍କ ସହ ଥିବା ଦେଖି ସମସ୍ତେ ଖୁସି ଅନୁଭବ କରୁଥିଲେ। ଏଥିସହ ତଳେ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ମଧ୍ୟ ରହିଥିଲା। ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଏପରିକି କର୍ପୋରେଟର ଓ ଅଧିକାରୀଙ୍କ ପର୍ଯ୍ୟନ୍ତ ଅଧିକାଂଶ ଏଠାରେ ଫଟୋ ଉଠାଇ 'ଫଟୋ ୱିଥ୍ ସିଏମ୍' ଲେଖି ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।




ସେଲ୍ଫି ବୁଥ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ।



ଯଜ୍ଞ ପୂର୍ଣ୍ଣାହୁତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।




'ଏକାମ୍ର ପ୍ରକଳ୍ପ' ଶିଳାନ୍ୟାସ ସ୍ଥଳରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସମେତ ନେତା, ମନ୍ତ୍ରୀ, ଅଧିକାରୀ ଓ ଅନ୍ୟମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପି



@ ଦେବାଶିଷ



@ ଆଲୋକ



@ ଚନ୍ଦ୍ରମଣି



@ ଶକ୍ତିଦତ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସେଲ୍ଫ ଫାଇନାନ୍ସିଂ କୋର୍ସ ପାଇଁ ନାମଲେଖା ଆବେଦନରେ ସମସ୍ୟା

### ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୨୮।୬ (ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଜୁନ ୨୦ରେ ଶେଷ ହୋଇଥିବା ବେଳେ ହାର୍ଡ କପି ୨୨ ଓ ୨୩ ତାରିଖରେ ଦାଖଲ କରିବାର ଥିଲା। ମାତ୍ର ଅନ୍‌ଲାଇନ୍‌ରେ ବିଭିନ୍ନ ସମସ୍ୟା ଉପୁଜିବାରୁ ବହୁ ଛାତ୍ରୀଛାତ୍ର ଆବେଦନ କରିପାରିନାହାନ୍ତି। ବିଶେଷତଃ ଆବେଦନ ଓ ଫି ପୈଠ ସମୟରେ ବୈଷୟିକ ତ୍ରୁଟି ପାଇଁ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଫର୍ମ ପୂରଣ ହୋଇଯାଉଛି କିନ୍ତୁ ଫି ଦାଖଲ ହେଉନି ତ ଆଉ କେତେ ବେଳେ ସାଇଟ ଖୋଲୁନି। ପୁଣି ଫି ପୈଠ କରିବା ପରେ ଚୂଡ଼ାନ୍ତ ଫର୍ମ ଦାଖଲ ହୋଇପାରୁନି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସୂଚନା ଥାଉ କି, ଚଳିତବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟର ସେଲଫ ଫାଇନାନ୍ସ କୋର୍ସରେ ନାମଲେଖା ଆବେଦନ ଲାଗି ନିଜସ୍ୱ ୱେବସାଇଟ ଜାରିକରିଥିଲା। ସାମସ୍ ପୋର୍ଟାଲରେ ନାମଲେଖା ସମସ୍ୟା ଓ ବିଳମ୍ବିତ ନାମଲେଖା ପ୍ରକ୍ରିୟା ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁନ ୨ ତାରିଖରୁ ଅନଲାଇନ ଆବେଦନ ଆରମ୍ଭ ହୋଇଥିଲେ ମଧ୍ୟ ଅନେକ ଆଶାୟୀମାନେ ଆବେଦନ କରିପାରିନାହାନ୍ତି। ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ ହେଲପ୍ ଲାଇନ ନମ୍ବରକୁ ଫୋନ କଲେ କେହି ଫୋନ ଉଠାଉନାହାନ୍ତି। ଅଧିକାଂଶ ସମୟ ଫୋନ ମଧ୍ୟ ବନ୍ଦ ରହୁଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଆଶା ରଖିଥିବା ଦୂର ଦୂରାନ୍ତର ଛାତ୍ରୀଛାତ୍ର ବାଧ୍ୟ ହୋଇ ବାରମ୍ବାର ବିଶ୍ୱବିଦ୍ୟାଳୟ ଆସିବାକୁ ପଡୁଛି। ଅନେକ ପିଲା ହେଲ୍ପ ଲାଇନ ନମ୍ବରକୁ ଫୋନ କରି ସମସ୍ୟା ବିଷୟରେ ଜଣାଉଥିଲେ ମଧ୍ୟ ସର୍ଭର ସମସ୍ୟା ସମାଧାନ ହୋଇପାରୁନଥିବା ଅନେକ ଛାତ୍ରୀଛାତ୍ର ନାମ ଗୋପନ ରଖିଛନ୍ତି।




ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଙ୍ଗଳବାର କାଶୀପୁରଠାରେ ଆରୋମା ପାର୍କର ଉଦ୍‌ଘାଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବିଭିନ୍ନ ହିତାଧିକାରୀଙ୍କୁ ପ୍ଲଟ୍ ଆବଣ୍ଟନ ସହ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧାମିଙ୍କ ସମେତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ଉତ୍ତରାଖଣ୍ଡର ବିଧାୟକ ଏବଂ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଟାଟା ଏଆଇଏର ଡିଜିଟାଲ ଅଭିଯାନ

ଭୁବନେଶ୍ୱର,୨୮।୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ତଥା ସ୍ୱତନ୍ତ୍ର ଡିଜିଟାଲ ଅଭିଯାନ 'ଯାଦୁଇ ପକେଟ୍ କା ସିକ୍ରେଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯେଉଁଥିରେ ପିଲାମାନଙ୍କ ସ୍ୱପ୍ନ ପୂରଣ କରିବାରେ ବାପାଙ୍କ ବାସ୍ତବ ଗୋପନୀୟତାକୁ ମଧ୍ୟ ବିଶେଷ ଭାବେ ଉନ୍ମୋଚନ କରାଯାଇଛି। ସେହି ଭାବନାରୁ ମ୍ୟାଜିକ ପକେଟ୍ ଅଭିଯାନର ପରିକଳ୍ପନା କରାଯାଇଛି। ଏହି ଡିଜିଟାଲ ସିନେମା ଶେଷରେ ବାର୍ତ୍ତା ଦିଆଯାଇଛି ଯେ ଟାଟା ଏଆଇଏର ଫର୍ଚ୍ଚୁନ୍ ଗ୍ୟାରେଣ୍ଟି ପ୍ଲସ୍ ସେଭିଂ ପ୍ଲାନ୍ ଜରିଆରେ ଏହି ଯାଦୁ ସମ୍ଭବ ଯାହା ପଲିସି ଅବଧି ସାରାରେ ଗ୍ୟାରେଣ୍ଟି ନିୟମିତ ଆୟ ପ୍ରଦାନ କରୁଛି। ଏ ସମ୍ପର୍କରେ ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ଚିଫ୍ ମାର୍କେଟିଂ ଅଫିସର ଗିରୀଶ କାଲ୍‌ରା କହିଛନ୍ତି, ପରିବାରର ଆୟକାରୀ ସଦସ୍ୟ ଭାବେ ଜଣେ ବାପା ନୀରବରେ ବହୁ ତ୍ୟାଗ କରିଥାଏ।

## ଓଏମ୍‌ସିଗୁଡ଼ିକ ପକ୍ଷରୁ ଖୁଚୁରା ଆଉଟ୍‌ଲେଟ୍ ଡିଲର ଚୟନ

ଭୁବନେଶ୍ୱର,୨୮।୬

ଦେଶର ପ୍ରମୁଖ ତୈଳ ବିପଣନକାରୀ କମ୍ପାନୀ ତଥା ପିଏସ୍‌ୟୁ ଅଏଲ ମାର୍କେଟିଂ କମ୍ପାନୀ (ଓଏମ୍‌ସି)ଗୁଡିକ ପକ୍ଷରୁ ସମଗ୍ର ଦେଶରେ ନୂତନ ଖୁଚୁରା ଆଉଟ୍‌ଲେଟ୍ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ନୂତନ ଖୁଚୁରା ଆଉଟ୍‌ଲେଟ୍ ଆଶାୟୀମାନେ କମ୍ପାନୀର ୱେବ୍‌ସାଇଟ www.petrolpupmdealer-chayan.in ରେ ସମସ୍ତ ସୂଚନା ପାଇପାରିବେ ବୋଲି କୁହାଯାଇଛି। ଭାରତୀୟ ଗ୍ରାହକଙ୍କର ପେଟ୍ରୋଲ ଏବଂ ଡିଜେଲର ଚାହିଦା ପୂରଣ କରିବା ପାଇଁ ଭାରତୀୟ ତୈଳ ନିଗମ ଲିମିଟେଡ୍ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ପକ୍ଷରୁ ସର୍ବଭାରତୀୟ ସ୍ତରରେ ଖୁଚୁରା ଆଉଟ୍‌ଲେଟ୍ ଡିଲର ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବର୍ତ୍ତମାନ ସମୟରେ ଦେଶର ସମସ୍ତ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳ କ୍ଷେତ୍ରରେ ମଧ୍ୟ କମ୍ପାନୀଗୁଡିକ ନୂତନ ଡିଲର ସନ୍ଧାନରେ ରହିଛନ୍ତି। ସେହିଭଳି କମ୍ପାନୀଗୁଡିକର ଏହି ସମ୍ପ୍ରସାରଣ ଯୋଜନା ଫଳରେ ଗୁଣାତ୍ମକ ପେଟ୍ରୋଲିୟମ ଉତ୍ପାଦଗୁଡିକ ଗ୍ରାହକଙ୍କ ନିକଟରେ ପହଞ୍ଚିପାରିବ। ସେହିପରି ଓଏମ୍‌ସିଗୁଡିକର ଖୁଚୁରା ଆଉଟଲେଟ୍ ନେଟ୍‌ୱାର୍କ ସମ୍ପ୍ରସାରଣ ବଳରେ ଉଭୟ ଅର୍ଥନୀତି ଓ ରୋଜଗାର ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ଅପରପକ୍ଷରେ ଖୁଚୁରା ଆଉଟ୍‌ଲେଟ୍ (ପେଟ୍ରୋଲ୍ ପମ୍ପ) ସ୍ଥାପନ ପାଇଁ ୨୦୧୮ରେ ଶେଷ ଥର ପାଇଁ ଓଏମ୍‌ସିଗୁଡିକ ପକ୍ଷରୁ ବିଭିନ୍ନ ମାଧ୍ୟମରେ ବିଜ୍ଞାପନ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସମୟରେ ବଜାର ଚାହିଦା ଓ କାରବାର ବୃଦ୍ଧି ପାଇଁ ତୈଳ ମାର୍କେଟିଂ କମ୍ପାନୀଗୁଡିକ ଆଶାୟୀ ପ୍ରାର୍ଥୀଙ୍କଠାରୁ ଆବେଦନ ଆହ୍ୱାନ କରୁଥିବା ବିଜ୍ଞାପନ ଜାରି କରିଛନ୍ତି।

## ପ୍ରଯୁକ୍ତିଭିତ୍ତିକ ପଦକ୍ଷେପକୁ ଟିପିସିଓଡିଏଲ୍‌ର ଗୁରୁତ୍ୱ

ଭୁବନେଶ୍ୱର,୨୮।୬

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ 'ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍' (ଟିପିସିଓଡିଏଲ) ପକ୍ଷରୁ ବିଦ୍ୟୁତ୍ ନେଟ୍‌ୱର୍କ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀର ପ୍ରାୟ ୨୭ ଲକ୍ଷ ଗ୍ରାହକଙ୍କ ପାଇଁ ବିଦ୍ୟୁତ୍ ଯୋଗାଣକୁ ଭରସାଯୋଗ୍ୟ କରିବା ଲାଗି ଗତ କିଛି ବର୍ଷ ମଧ୍ୟରେ ବହୁ ପ୍ରଯୁକ୍ତିଭିତ୍ତିକ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଏପରିକି ଭୁବନେଶ୍ୱରଠାରେ ଥିବା କମ୍ପାନୀର କେନ୍ଦ୍ରୀୟ ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ସିପିଏସ୍‌ସିସି)ର ପ୍ରମୁଖ ବ୍ୟବସ୍ଥା ଯାହା ସୁପରଭାଇଜରି କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ(ସ୍କାଡା) ଭଳି ଆଇଟି ଓ ଓଟି ପ୍ରଯୁକ୍ତି କାର୍ଯ୍ୟକାରୀ କରି ଏକ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଥିବା ବେଳେ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ବ୍ୟବସ୍ଥା ଭିତ୍ତିକ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ବ୍ୟବସ୍ଥା 'ସୁରକ୍ଷା କବଚ' ରହିଛି। ସେହିଭଳି ସିପିଏସ୍‌ସିସି ଏକ ଉତ୍ସର୍ଗୀକୃତ ପରିଚାଳନା ଇଞ୍ଜିନିୟରଙ୍କ ଟିମ୍ ଦ୍ୱାରା ୨୪ଘଣ୍ଟା ପରିଚାଳିତ ହେଉଛି। ଦ୍ରୁତ ସୁଧାର ଜରିଆରେ ବ୍ୟବସ୍ଥା ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, କଟକ ଓ ପୁରୀର ପ୍ରମୁଖ ସ୍ଥାନରେ ଥିବା ୧୫୦ ୩୩/୧୧କେଭି ପ୍ରାଥମିକ ସବ୍‌ଷ୍ଟେଶନର ରିମୋଟ ନିରୀକ୍ଷଣ ଓ ନିୟନ୍ତ୍ରଣ କରୁଛନ୍ତି। ଏପରିକି ଉପକରଣ ଓ କର୍ମଚାରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନେଟ୍‌ୱର୍କ ଉପକରଣର ପ୍ରତିଷେଧମୂଳକ ଓ ବ୍ରେକ୍‌ଡାଉନ୍ ରକ୍ଷଣାବେକ୍ଷଣ ପାଇଁ ବିଭ୍ରାଟ ପରିଚାଳନା କରୁଛନ୍ତି, ଯଦ୍ୱାରା ବିଦ୍ୟୁତ୍ ଯୋଗାଣର ଭରସାଯୋଗ୍ୟତା ସୁନିଶ୍ଚିତ ହୋଇପାରିଛି। ସେହିପରି ବାସ୍ତବ ସମୟ ମଧ୍ୟରେ ବିଦ୍ୟୁତ୍ ପରିଚାଳନା ଲାଗି ଏକ ନିର୍ଦ୍ଦିଷ୍ଟ ସମୟର ବିଦ୍ୟୁତ୍ ସଂଗ୍ରହ ବାସ୍ତବ ସ୍ଥିତିକୁ ଦର୍ଶାଇ ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ଏହି ସିପିଏସ୍‌ସିସି କେନ୍ଦ୍ରୀୟ ଭାବେ ପ୍ରଭାବଶାଳୀ ଢଙ୍ଗରେ ନେଟ୍‌ୱର୍କ ପରିଚାଳନାର ସଂଯୋଜନା କରୁଛି।

## ଭୁବନେଶ୍ୱରରେ ଦି ସ୍ଲିପ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୮।୬ (ଅଭୟ ଦାଶ)

ଦେଶର ପ୍ରମୁଖ ତଥା ଏସିଆର ପ୍ରଥମ ଓ ଏକମାତ୍ର ସ୍ମାର୍ଟ ସ୍ଲିପ୍ ବୈଷୟିକ ସଂସ୍ଥା ଦି ସ୍ଲିପ୍ କମ୍ପାନୀର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଖାରବେଳନଗର ସ୍ଥିତ ନରୁଲା ମାର୍କେଟ କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅର୍ଥୋପେଡିକ୍ସ ତଥା ସ୍ପୋର୍ଟସ ସର୍ଜନ ଡ. ସାର୍ଥକ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦି ସ୍ଲିପ୍ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଦି ସ୍ଲିପ୍ କମ୍ପାନୀର ସହ ପ୍ରତିଷ୍ଠାତା ପ୍ରିୟଙ୍କା ସାଲଟ କହିଛନ୍ତି, ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଭୁବନେଶ୍ୱର ସହର ପାଇଁ ସ୍ମାର୍ଟ ସ୍ଲିପ୍ ଅଭିଜ୍ଞତାକୁ ଉପସ୍ଥାପିତ କରି ଆମେ ବେଶ୍ ଉତ୍ସାହିତ। ଏପରିକି ସ୍ମାର୍ଟସିଟି ଭୁବନେଶ୍ୱରବାସୀଙ୍କୁ ଏକ ଅଭିନବ ଶୟନ ସାମଗ୍ରୀ ସହ ଗ୍ରାହକଙ୍କର ଚାହିଦା ମୁତାବକ ଅତ୍ୟାଧୁନିକ ଡିଜାଇନର ମ୍ୟାଟ୍ରେସ୍‌ଠାରୁ ଆରମ୍ଭକରି ତକିଆ ଓ ଶୟନ ସାମଗ୍ରୀ ଉକ୍ତ ଷ୍ଟୋର ଜରିଆରେ ଯୋଗାଇଦେବେ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ପୂର୍ବ ଭାରତର ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଦି ସ୍ଲିପ୍ କମ୍ପାନୀ ଭୁବନେଶ୍ୱରରେ ତା'ର ପ୍ରଥମ ଷ୍ଟୋର ଆରମ୍ଭ କରିଛି। ଉକ୍ତ ଷ୍ଟୋରକୁ ମିଶାଇ କମ୍ପାନୀର ମୋଟ ଫିଜିଟାଲ ଷ୍ଟୋର ସଂଖ୍ୟା ୩୧ରେ ପହଞ୍ଚିଛି। ଚଳିତ ବର୍ଷ ଶେଷ ସୁଦ୍ଧା ସାରା ଦେଶରେ ୧୦୦ରୁ ଅଧିକ ଷ୍ଟୋର ଖୋଲିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି।



ଓଡ଼ିଶା ବଜାରରେ କମ୍ପାନୀର ପ୍ରଥମ ଫିଜିଟାଲ ଷ୍ଟୋରକୁ ସମ୍ମାନିତ ଅତିଥି ଡ.ସାର୍ଥକ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସହ ପ୍ରତିଷ୍ଠାତା ପ୍ରିୟଙ୍କା ସାଲଟ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ହୋଣ୍ଡା ଆକ୍ଟିଭାର ନୂତନ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୨୮।୬

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ସ୍କୁଟର ବ୍ରାଣ୍ଡ ହୋଣ୍ଡା ଆକ୍ଟିଭା ନିକଟରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ହୋଣ୍ଡା ଆକ୍ଟିଭା ୩ କୋଟି ଯାନ ବିକ୍ରିର ଏକ ଐତିହାସିକ ରେକର୍ଡ ସ୍ଥାପନ କରିଛି, ଏହି ଉଲ୍ଲେଖନୀୟ ଉପଲବ୍ଧି ଭାରତୀୟ ସ୍କୁଟର ବଜାରରେ ହୋଣ୍ଡା ଆକ୍ଟିଭାର ଆଧିପତ୍ୟ ଓ ଭରସାଯୋଗ୍ୟ ଯାନ ପାଲଟିଛି। ଉଲ୍ଲେଖଯୋଗ୍ୟ, ୨୦୦୧ ରେ ହୋଣ୍ଡା ଆକ୍ଟିଭାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ହେଲେ ଦୀର୍ଘ ୨୨ ବର୍ଷର ଯାତ୍ରାରେ ହୋଣ୍ଡା ଆକ୍ଟିଭା ଅନେକ ମାଇଲଖୁଣ୍ଟ ହାସଲ ସହ ଅତୁଳନୀୟ ସଫଳତା ଆଡ଼କୁ ଅଗ୍ରସର ହୋଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍‌ର ସଭାପତି, ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସୁତ୍ସୁମୁ ଓଟାନି କହିଛନ୍ତି, ହୋଣ୍ଡା ଆକ୍ଟିଭାର ଏହି ଉଲ୍ଲେଖନୀୟ ଯାତ୍ରାକୁ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ମାତ୍ର ୨୨ ବର୍ଷରେ ୩ କୋଟିର ମାଇଲଖୁଣ୍ଟ ହାସଲ କରିବା ସହ ଆମ ପ୍ରତି ଗ୍ରାହକଙ୍କ ଅତୁଟ ସମର୍ଥନ ଓ ଭରସାର ଏକ ପ୍ରତିଫଳନ। ଏଚ୍‌ଏମ୍‌ଏସ୍‌ଆଇ ଆମ ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ମୂଲ୍ୟ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛି। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ସ୍କୁଟର ଶିଳ୍ପର ବିପ୍ଳବକୁ ଆଗକୁ ବଢ଼ାଇବା ପ୍ରତି ଆମର ରହିଥିବା ଉତ୍ସର୍ଗୀକୃତ ମନୋଭାବକୁ ଏହି ମାଇଲଖୁଣ୍ଟ ସୁଦୃଢ଼ କରୁଛି ଏବଂ ଆକ୍ଟିଭା ବ୍ରାଣ୍ଡ ଓ ଏଚ୍‌ଏମ୍‌ଏସ୍‌ଆଇ ଉପରେ ଭରସା ପ୍ରକଟ କରିଥିବା ୩ କୋଟି ଭାରତୀୟଙ୍କୁ ଆମେ ଧନ୍ୟବାଦ ଜଣାଉଛୁ।

ଫୁର୍‌ସତ୍



## ଭାରତରୁ ପ୍ରତିନିଧିତ୍ୱ କରିବେ ସୋନମ

**ଲଣ୍ଡନ:** ବ୍ରିଟେନ୍-ଇଣ୍ଡିଆ ୱିକ୍ ୨୦୨୩ ରିସେପ୍ସନ୍‌ରେ ଯୋଗ ଦେବା ଲାଗି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ବଲିଉଡ୍ ଅଭିନେତ୍ରୀ ସୋନମ କପୁରଙ୍କୁ ନିମନ୍ତ୍ରଣ କରିଛନ୍ତି। ଖବର ମୁତାବକ ଆୟୋଜିତ ରିସେପ୍ସନ୍ କାର୍ଯ୍ୟକ୍ରମରେ ଭାରତ ପକ୍ଷରୁ ସୋନମ ପ୍ରତିନିଧିତ୍ୱ କରିବେ। ଏହାପୂର୍ବରୁ ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ରାଜ୍ୟାଭିଷେକ ଅବସରରେ ସୋନମ ଏକମାତ୍ର ବଲିଉଡ୍ ଅଭିନେତ୍ରୀ ଭାବେ ଯୋଗଦେଇଥିଲେ। ବ୍ରିଟେନ୍-ଇଣ୍ଡିଆ ୱିକ୍ ୨୦୨୩ ରିସେପ୍ସନ୍ କାର୍ଯ୍ୟକ୍ରମ ଋଷି ସୁନକ ହୋଷ୍ଟ କରୁଛନ୍ତି। ୨୬ରୁ ଆରମ୍ଭ ହୋଇଥିବା ରିସେପ୍ସନ୍ ୩୦ ପର୍ଯ୍ୟନ୍ତ ଚାଲିବ। ସ୍ୱାମୀ ଆନନ୍ଦ ଆହୁଜା, ପୁଅ ବାୟୁ ସହିତ ସୋନମ ଏବେ ଲଣ୍ଡନରେ ରହୁଛନ୍ତି। ପୂର୍ବରୁ ଚାର୍ଲ୍ସଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ଯୋଗଦେଇ ସୋନମ ଭାରତ ସମ୍ପର୍କରେ ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ଦିନରେ ସୋନମ ଶୋମ ମଖିଜାଙ୍କ ଫିଲ୍ମ 'ବ୍ଲାଇଣ୍ଡ'ରେ ନଜର ଆସିବେ। ଏଥିରେ ପୂରବ କୋହଲି, ବିନୟ ପାଠକ, ଶୁଭମ ସରଫ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ ।

## ସାମାଜିକ ଉନ୍ନତି ପାଇଁ ପରିସଂଖ୍ୟାନ

ସାମାଜିକ ଉନ୍ନତି ପାଇଁ ପରିସଂଖ୍ୟାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିସଂଖ୍ୟାନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଭାରତରେ ପ୍ରତିବର୍ଷ ୨୯ ଜୁନ୍‌ରେ ଜାତୀୟ ପରିସଂଖ୍ୟାନ ଦିବସ ପାଳନ କରାଯାଇଥାଏ। ଏହିଦିନ କିମ୍ବଦନ୍ତୀ ଭାରତୀୟ ପରିସଂଖ୍ୟାନ ବିଶେଷଜ୍ଞ ପି.ସି. ମାହାଲାନୋବିସଙ୍କ ଜନ୍ମ ଦିବସକୁ ସ୍ମରଣ କରିଥାଏ। ପ୍ରତିବର୍ଷ ଜାତୀୟ ପରିସଂଖ୍ୟାନ ଦିବସରେ ଭାରତ ସରକାର ଏହି ଦିନ ପାଳନ ପାଇଁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଭାରତରେ ଜାତୀୟ ପରିସଂଖ୍ୟାନ ଦିବସ ପ୍ରଥମେ ୨୦୦୭ରେ ପାଳନ କରାଯାଇଥିଲା। ଏନେଇ ୫ ଜୁନ୍ ୨୦୦୭ରେ ଇଣ୍ଡିଆନ ଗେଜେଟରେ ଏକ ଘୋଷଣା ପ୍ରକାଶ ପାଇଲା। ସେବେଠାରୁ ସାମାଜିକ ଉନ୍ନତି ପାଇଁ ସରକାରୀ



ପରିସଂଖ୍ୟାନର ମହତ୍ତ୍ୱ ବିଷୟରେ ଜନସାଧାରଣଙ୍କ ଲାଗି ସଚେତନତା ସୃଷ୍ଟି କରିବା ପାଇଁ ପରିସଂଖ୍ୟାନ ଦିବସରେ ସେମିନାର, ଆଲୋଚନାଚକ୍ର, ବିତର୍କ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଭାରତ ସରକାର ପରିସଂଖ୍ୟାନକୁ ସମ୍ମାନ ଦେବା ପାଇଁ ମାହାଲାନୋବିସଙ୍କ ଜନ୍ମଦିନକୁ ଚୟନ କରିଥିଲେ। ଜାତୀୟ ପରିସଂଖ୍ୟାନ ଦିବସର ଉଦ୍ଦେଶ୍ୟ ହେଉଛି ଭାରତର ଅର୍ଥନୈତିକ ଯୋଜନାରେ ଅବଦାନ ପାଇଁ ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମାହାଲାନୋବିସଙ୍କୁ ସମ୍ମାନିତ କରିବା। ଜାତୀୟ ପରିସଂଖ୍ୟାନ ଦିବସରେ ପରିସଂଖ୍ୟାନ ଶିକ୍ଷାକୁ ଆଗକୁ ବଢ଼ାଇବା ଏବଂ ଏହାର ମହତ୍ତ୍ୱ ପ୍ରତି ଧ୍ୟାନ ଦେବା ପାଇଁ ଭାରତ ସରକାର ଏହି

### ଜାତୀୟ ପରିସଂଖ୍ୟାନ ଦିବସ

କାର୍ଯ୍ୟକ୍ରମଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ପ୍ରତିବର୍ଷ ପରିସଂଖ୍ୟାନ ଦିବସ ସମସାମୟିକ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଥିମ ସହିତ ପାଳନ କରାଯାଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ପରିସଂଖ୍ୟାନ ଦିବସର ବିଷୟବସ୍ତୁ ହେଉଛି 'ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ନଜର ରଖିବା ପାଇଁ ଜାତୀୟ ସୂଚକ ଫ୍ରେମୱାର୍କ ସହିତ ରାଜ୍ୟ ସୂଚକ ଫ୍ରେମୱାର୍କର ସହଯୋଗିତା'(ଆଲାଇନମେଣ୍ଟ ଅଫ ଷ୍ଟେଟ ଇଣ୍ଡିକେଟର ଫ୍ରେମୱାର୍କ ୱିଥ୍ ନ୍ୟାଶନାଲ ଇଣ୍ଡିକେଟର ଫ୍ରେମୱାର୍କ ଫର ମନିଟରିଂ ସସଟେନେବୁଲ ଡେଭଲପମେଣ୍ଟ ଗୋଲସ୍)।

## ୧,୬୩୯ କୋଟିର ଘର

**ବର୍ନ:** ସୁଇଜରଲାଣ୍ଡରେ ବିଶ୍ୱର ସବୁଠୁ ଦାମୀ ଘର ୨୦୦ ନିୟୁତ ଡଲାର (ପାଖାପାଖି ୧,୬୩୯ କୋଟି)ରେ କିଣି ଚର୍ଚ୍ଚାକୁ ଆସିଛନ୍ତି ଭାରତୀୟ ବଂଶୋଦ୍ଭବ ପଙ୍କଜ ଓସ୍ୱାଲ ଏବଂ ସ୍ତ୍ରୀ ରାଧିକା ଓସ୍ୱାଲ। ୪୩୦,୦୦୦ ସ୍କୋୟାର୍ ଫୁଟ୍‌ରେ ଏହି ଘରକୁ ପୂର୍ବରୁ ଗ୍ରୀସ୍ ବ୍ୟବସାୟୀ ଆରିଷ୍ଟଟଲ୍ ଓନାସିସ୍‌ଙ୍କ ଝିଅ କ୍ରିଷ୍ଟିନା ଓନାସିସ୍ କିଣିଥିଲେ। ଓସ୍ୱାଲ ଗ୍ରୁପ୍ ଗ୍ଲୋବାଲ ନାଁରେ ପଙ୍କଜଙ୍କର ଏକ କମ୍ପାନୀ ରହିଛି। ପଙ୍କଜ ପେଟ୍ରୋକେମିକାଲ୍ସ, ରିୟଲ ଇଷ୍ଟେଟ୍, ଫର୍ଟିଲାଇଜର୍ସ ଏବଂ ଖଣି କାରବାର କରନ୍ତି। ବିଶ୍ୱର ଏହି ସବୁଠୁ ଦାମୀ ଘରର ଇଣ୍ଟେରିୟର ବଦଳାଯିବ, ଯାହାପାଇଁ ପଙ୍କଜ ଡିଜାନର ଜିଓଫ୍ରି ୱିଲକରଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ୨୦୧୩ରେ ଅଷ୍ଟ୍ରେଲିଆରୁ ଓସ୍ୱାଲଙ୍କ ପରିବାର ସୁଇଜରଲାଣ୍ଡ ଆସିଥିଲା। ବଡ଼ ଝିଅ ବସୁନ୍ଧରା ଓସ୍ୱାଲ (୨୪) କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିବାବେଳେ ସାନ ଝିଅ ରିଧି ଓସ୍ୱାଲ (୧୯) କେମିକାଲ ଇଞ୍ଜିନିୟରିଂ ଛାତ୍ରୀ।



## ୮ ଫୁଟ୍‌ର ଆଇଫୋନ୍

ନ୍ୟୁୟର୍କ

୮ ଫୁଟ୍‌ର ଆଇଫୋନ୍‌କୁ ନେଇ ଏବେ ନ୍ୟୁୟର୍କର ୟୁଟ୍ୟୁବର ମଥେଉ ବିମ୍ ଚର୍ଚ୍ଚାକୁ ଆସିଛନ୍ତି। ଆଇ-ଫୋନ୍ ୧୪ ପ୍ରୋ ମାକ୍ସର ଏହି ମଡେଲ ସାଧାରଣ ଫୋନ୍ ଭଳି କାମ କରୁଛି। ଫୋନ୍‌ରେ କ୍ୟାମେରା ଥିବାବେଳେ ସେଲ୍‌ଫି ପାଇଁ ଫ୍ରଣ୍ଟ କ୍ୟାମେରା ମଧ୍ୟ ରହିଛି। ସାଧାରଣ ଫୋନ୍ ଭଳି ଅନ୍ୟ ଫିଚର୍ସ ମଧ୍ୟ ଏହି ଫୋନ୍‌ରେ ରହିଛି। କିନ୍ତୁ ଜଣଙ୍କ ପକ୍ଷେ ଏହାକୁ ଟେକି ନେବା ସହଜ ନୁହେଁ। ଫୋନ୍‌ଟି ଖୁବ୍ ଭାରି । ଏହି ବିରାଟକାୟ ଫୋନ୍‌ରେ ସେଲ୍‌ଫି ନେବା କଷ୍ଟକର ବୋଲି ବିମ୍ କହିଛନ୍ତି। ୨୦୨୦ରେ ଜେଡ୍‌ଏସ୍‌ସି ନାମରେ ଜଣେ ୟୁଟ୍ୟୁବର ୬ ଫୁଟ୍‌ର ମୋବାଇଲ୍ ତିଆରି କରି ରେକର୍ଡ କରିଥିଲେ। ପୂର୍ବ ରେକର୍ଡକୁ ଭାଙ୍ଗିବାକୁ ଯାଇ ବିମ୍ ୮ ଫୁଟ୍‌ର ଫୋନ୍ ତିଆରି କରିଥିବା କହିଛନ୍ତି।



## ସେନାରେ ରବି କିଶନଙ୍କ ଝିଅ ଈଶିତା

**ମୁମ୍ବାଇ:** ଜଣାଶୁଣା ଅଭିନେତା ରବିକିଶନଙ୍କ ଝିଅ ଈଶିତା ଶୁକ୍ଲା ସେନାରେ ଯୋଗ ଦେଇଛନ୍ତି । ବିବାଦୀୟ ଅଗ୍ନିବୀର ଯୋଜନା ଅନ୍ତର୍ଗତ ଈଶିତା ଆର୍ମିରେ ଜଏନ୍ କରିବାର ସୁଯୋଗ ପାଇଛନ୍ତି। ଏ ନେଇ ଭାଜପା ନେତା ରବି କିଶନ ଝିଅ ଈଶିତାଙ୍କ ଫଟୋ ଟୁଇଟରରେ ଶେୟାର କରିଛନ୍ତି। ଈଶିତାଙ୍କ ବୟସ ୨୧ ବର୍ଷ ହୋଇଥିବାବେଳେ ସେ ଦିଲ୍ଲୀ ଡିରେକ୍ଟୋରେଟର '୭ ଗାର୍ଲ ବାଟାଲିଅନ୍' କାଡେଟ୍ ବୋଲି ରବି ଶେୟାର କରିଥିବା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଝିଅ ଈଶିତାଙ୍କୁ ନେଇ ରବିଙ୍କୁ ସୋସିଆଲ ମିଡିଆ ୟୁଜର୍ସ ଖୁବ୍ ପ୍ରଶଂସା କରିବା ଆରମ୍ଭ କରିଛନ୍ତି। ରବିଙ୍କର ଆଉ ୩ ଜଣ ପିଲା ଅଛନ୍ତି ସେମାନେ ହେଲେ ରିଭା, ତିନସ୍କ ଏବଂ ସକ୍ଷମ। ରିଭା ଆକ୍ଟିଂରେ ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି। ଭୋଜପୁରୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ରବି କିଶନ (୫୩) ବେଶ୍ ଲୋକପ୍ରିୟ ଅଭିନେତା। ଏହାଛଡ଼ା ସେ ତାମିଲ, ତେଲୁଗୁ ଏବଂ ଅନେକ ହିନ୍ଦୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।



# ଉଚ୍ଛୁଳିଲା ପୁଞ୍ଜିବଜାର

## ୧୯,୦୦୦ ଛୁଇଁ ନିଫ୍ଟିର ସର୍ବକାଳୀନ ରେକର୍ଡ

**ମୁମ୍ବାଇ,୨୮।୬**

ଭାରତୀୟ ପୁଞ୍ଜିବଜାର ବୁଧବାର ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ବକ୍ରଇଦ୍ ପାଇଁ ଗୁରୁବାର ମାର୍କେଟ ଛୁଟି ଥିବାରୁ ବୁଧବାର ଥିଲା ମାସର କ୍ଲୋଜିଂ ସେସନ୍। ଏହି ସେସନ୍ ଆରମ୍ଭରେ ସବୁ ସୂଚକାଙ୍କ ଉଚ୍ଚରେ ଖୋଲିଥିଲା। ବିଏସ୍ଇ ସେନ୍ସେକ୍ସ ପ୍ରଥମ ଥର ପାଇଁ ୬୪,୦୦୦ ମାର୍କ ଅତିକ୍ରମ

### ନିବେଶକଙ୍କ ଲାଭ ୩.୪୩ ଲକ୍ଷ କୋଟି

କରିଥିବାବେଳେ ଏନ୍ଏସ୍ଇ ନିଫ୍ଟି ୧୯,୦୦୦ ଲେଭେଲ କ୍ରସ୍ କରିଥିଲା। ସେହିପରି ବ୍ୟାଙ୍କ ନିଫ୍ଟି ମଧ୍ୟ ୪୪,୫୦୦ ଅତିକ୍ରମ କରି ନୂଆ ରେକର୍ଡ କରିବାରେ ସକ୍ଷମ ହୋଇଛି। ଫାଇନାନ୍ସିଆଲ ଏବଂ ଅଏଲ୍, ଗ୍ୟାସ୍ ସେକ୍ଟର ସୂଚକାଙ୍କଗୁଡ଼ିକୁ ଉଚ୍ଚତମ ସ୍ତରକୁ ଟାଣିବାରେ ନେତୃତ୍ୱ ନେଇଛନ୍ତି।

ଯଦିଓ ମାର୍କେଟ ଭାଲ୍ୟୁଏଶନ୍‌କୁ ନେଇ ଚିନ୍ତା ରହିଥିଲା ତଥାପି ନିବେଶକମାନେ ପ୍ରଫିଟ୍ ବୁକ୍ କରିବାରେ ସକ୍ଷମ ହୋଇଛନ୍ତି। ଏସୀୟ ବଜାରଗୁଡ଼ିକର ପ୍ରଦର୍ଶନ ମିଶ୍ରିତ ଥିଲା। ଟୋକିଓ ଏବଂ ହଂକଂ ଉପରକୁ ଉଠିଥିବାବେଳେ ସିଓଲ ତଳମୁହାଁ ହୋଇଥିଲା। ଗ୍ଲୋବାଲ ସପୋର୍ଟ ଏବଂ ଆର୍ଥିକ କ୍ଷେତ୍ରରେ ଘରୋଇ ଡେଟାରେ ଉନ୍ନତି ଯୋଗୁ ଦେଶରେ ବେଞ୍ଚମାର୍କ ଇକ୍ୱିଟି ଇଣ୍ଡାଇସେସ୍ ସର୍ବକାଳୀନ ଉନ୍ନତ ପ୍ରଦର୍ଶନ କରିଛି। ପ୍ରାୟ ସବୁ ସେକ୍ଟରରେ ଶେୟାରଗୁଡ଼ିକର ପ୍ରଦର୍ଶନ ଲାଭଦାୟକ ରହିଥିଲା। ସେନ୍ସେକ୍ସ କାରବାର ୪୯୯.୩୯ (୦.୭୯%) ପଏଣ୍ଟରେ ଶେଷ ହୋଇ ୬୩,୯୧୫.୪୨ ରହିଛି। ସେହିପରି ନିଫ୍ଟି କାରବାର ଶେଷ ବେଳକୁ ୧୫୪.୭୦ ପଏଣ୍ଟ (୦.୮୨%) ବୃଦ୍ଧି ପାଇ ୧୮,୯୭୨ରେ ରହିଛି। ସେସନରେ କାରବାର ବେଳେ ସେନ୍ସେକ୍ସ ପ୍ରଥମ ଥର ପାଇଁ ୬୪,୦୫୦.୪୪ ସ୍ତରକୁ ଉଠିଥିଲା। ପ୍ରାୟ ୭ ମାସର କନ୍ସୋଲିଡେଶନ୍ ପରେ ନିଫ୍ଟି ୧୯,୦୧୧.୨୫ ସ୍ତରରେ ପହଞ୍ଚି ନୂଆ ରେକର୍ଡ କରିଥିଲା। ନିଫ୍ଟିକୁ ଏହି ସ୍ତରରେ ପହଞ୍ଚାଇବା ପଛରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଟାଟା ମୋଟର୍ସ ଓ ଟାଇଟାନ୍ ଭଳି ହେଭିୱେଟ୍ ଷ୍ଟକ୍ସର ପ୍ରଦର୍ଶନ କାମ କରିଥିଲା। ଅପୱାର୍ଡ ଟ୍ରେଣ୍ଡ ପାଇଁ ବ୍ୟାଙ୍କ ଓ ଫାଇନାନ୍ସିଆଲ ସର୍ଭିସଗୁଡ଼ିକୁ ମଧ୍ୟ ଦାୟୀ କରାଯାଉଛି। ଇଣ୍ଟ୍ରାଡେ ଟ୍ରେଡ୍‌ରେ ୪୪,୫୦୮.୪୦ ସ୍ତରରେ ପହଞ୍ଚି ନିଫ୍ଟି ବ୍ୟାଙ୍କ ଏକ ନୂଆ ଇତିହାସ ରଚିଛି। ମାର୍କେଟ ରାଲି ଯୋଗୁ ନିବେଶକମାନେ ୩.୪୩ ଲକ୍ଷ କୋଟି ଟଙ୍କା ଲାଭ ପାଇଛନ୍ତି।



ଭାରତୀୟ ପୁଞ୍ଜି ବଜାରର ସର୍ବକାଳୀନ ରେକର୍ଡ ପ୍ରଦର୍ଶନକୁ ନେଇ ଉଲ୍ଲସିତ ନିବେଶକ ଓ ବ୍ରୋକରମାନେ ଖୁସି ମନାଉଛନ୍ତି।

## ୨୦ ବର୍ଷ ପରେ ଆମେରିକାରେ ମ୍ୟାଲେରିଆ ରୋଗୀ ଚିହ୍ନଟ

**ୱାଶିଂଟନ୍,୨୮।୬:** ୨୦ ବର୍ଷ ପରେ ପ୍ରଥମ ଥର ପାଇଁ ଆମେରିକାରେ ୫ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଫ୍ଲୋରିଡାର ୪ ଆକ୍ରାନ୍ତ ହୋଇଥିବାବେଳେ ଟେକ୍ସାସ୍‌ରୁ ଜଣେ ରୋଗୀ ବାହାରିଥିବା ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ୍ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଡାକ୍ତରଖାନାରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ତେବେ ରୋଗୀଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

## ହିମାଚଳରେ ବର୍ଷା, ଭୂସ୍ଖଳନ ନେଲାଣି ୧୯ ଜୀବନ

**ଶିମଳା, ୨୮।୬:** ହିମାଚଳ ପ୍ରଦେଶରେ ୫ ଦିନ ହେଲା ବାଦଲଫଟା ବର୍ଷା ଓ ଭୂସ୍ଖଳନ ଲାଗିରହିଥିବାବେଳେ ୧୯ ଜଣଙ୍କ ଜୀବନ ଗଲାଣି। ୩ ଜଣ ନିଖୋଜ ଥିବାବେଳେ ୩୪ ଜଣ ଆହତ ହୋଇଛନ୍ତି। ୨୪ ତାରିଖରେ ଏହି ପାର୍ବତ୍ୟାଞ୍ଚଳ ରାଜ୍ୟରେ ମୌସୁମୀ ପହଞ୍ଚିବା ପରେ ବର୍ଷା ଲାଗିରହିଛି। ବର୍ଷା ବିପତ୍ତିଜନିତ କ୍ଷତି ପରିମାଣ ୨୧୯.୨୯ କୋଟି ଟଙ୍କା ବୋଲି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆକଳନ କରିଛି। ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନରେ ୩୫୨ ପ୍ରାଣୀଙ୍କ ମୃତ୍ୟୁ ଘଟିଲାଣି। ପ୍ରବଳ ବର୍ଷା ଯୋଗୁ ଶିମଳାରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି।

## ୮୦୦ ଲୋକ ଚାଲାଣକାରୀ ଭାରତୀୟ ବଂଶୋଦ୍ଭବଙ୍କୁ ଜେଲ

**ନ୍ୟୁୟର୍କ, ୨୮।୬:** ରାଇଡ୍ ହେଲିଂ ଆପ୍ ଉବର ବ୍ୟବହାର କରି ୮୦୦ରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକଙ୍କୁ ଆମେରିକାକୁ ଚୋରା ଚାଲାଣ କରିଥିବା ଜଣେ ୪୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଅଭିଯୁକ୍ତ ରାଜିନ୍ଦର ପାଲ୍ ସିଂ ଓରଫ ଯଶପାଲ ଗିଲ୍ ଗତ ଫେବୃୟାରୀରେ ଦୋଷ ସ୍ୱୀକାର କରିଥିଲେ। ସେ ଏକ ସ୍ମଗଲିଂ ରିଙ୍ଗ୍‌ର ସଦସ୍ୟ ଏବଂ ଏହି କାରବାରରୁ ତାଙ୍କୁ ୫ ଲକ୍ଷ ଡଲାରରୁ ଊର୍ଦ୍ଧ୍ୱ ମିଳୁଥିଲା। ସେ ୪ ବର୍ଷ ହେଲା ଏହି କାରବାରରେ ଲିପ୍ତ ଥିଲେ। ସେ ଭାରତୀୟଙ୍କୁ କାନାଡ଼ା ସୀମାରୁ ଆଣି ଆମେରିକାରେ ପହଞ୍ଚାଉଥିଲେ। କାଲିଫର୍ଣ୍ଣିଆ ବାସିନ୍ଦା ଯଶପାଲଙ୍କୁ ମଙ୍ଗଳବାର ଦଣ୍ଡାଦେଶ ଦିଆଯାଇଛି।

## ୨ ବିଚାରପତିଙ୍କ ଅବସର ପରେ ସୁପ୍ରିମକୋର୍ଟ କଲେଜିୟମରେ ପରିବର୍ତ୍ତନ



**ନୂଆଦିଲ୍ଲୀ, ୨୮।୬(ପି.ଟି.)**

ସୁପ୍ରିମକୋର୍ଟର ୨ ବରିଷ୍ଠ ବିଚାରପତିଙ୍କ ଅବସର ପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମରେ ପରିବର୍ତ୍ତନ ହୋଇଛି। ଏଥିରେ ଜଷ୍ଟିସ୍. ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନିଆଯାଇଛି। ପୂର୍ବରୁ କଲେଜିୟମରେ ଥିବା କେ.ଏମ୍. ଜୋସେଫ ଏବଂ ଅଜୟ ରାସ୍ତୋଗୀ ଯଥାକ୍ରମେ ଜୁନ୍ ୧୬ ଓ ୧୭ରେ ଅବସର ନେଇଥିଲେ। ବର୍ତ୍ତମାନ କଲେଜିୟମରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ ସଞ୍ଜୟ କିଷନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତ ଅଛନ୍ତି।

ବିଚାରପତି ଭି. ରାମସୁବ୍ରମଣ୍ୟନ ଗୁରୁବାର ଅବସର ନେବାକୁ ଯାଉଥିଲାବେଳେ ଜୁଲାଇ ୮ରେ ଜଷ୍ଟିସ୍ କୃଷ୍ଣ ମୁରାରି ଅବସର ଗ୍ରହଣ କରିବେ। ଗ୍ରୀଷ୍ମାବକାଶ ପରେ ଜୁଲାଇ ୩ରେ ସୁପ୍ରିମକୋର୍ଟ ଖୋଲିବାକୁ ଯାଉଛି। ୪ ବିଚାରପତିଙ୍କ ଅବସର ପରେ ସର୍ବୋଚ୍ଚ ଅଦାଲତ ବିଚାରପତିଙ୍କ ସଂଖ୍ୟା ୩୦କୁ ହ୍ରାସ ପାଇବ।

## ପଦ୍ମ ପୁରସ୍କାର ଆବେଦନ ପ୍ରକ୍ରିୟା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ

**ନୂଆଦିଲ୍ଲୀ,୨୮।୬**

୨୦୨୪ ପଦ୍ମ ପୁରସ୍କାର ପାଇଁ ଅନ୍‌ଲାଇନ୍‌ରେ ଆବେଦନ ପ୍ରକ୍ରିୟା କାର୍ଯ୍ୟ ଚଳିତ ବର୍ଷ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଲୋକେ ଏହି ସମ୍ମାନଜନକ ପୁରସ୍କାର ପାଇଁ ଆବେଦନ କରିପାରିବେ। ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ପୁରସ୍କାର ପାଇଁ ଚୟନ ହୋଇଥିବା ବ୍ୟକ୍ତିଙ୍କ ନାମ ତାଲିକା ଘୋଷଣା କରାଯାଏ। ୧୯୫୪ରୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଉଛି। କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ସାମାଜିକ କାର୍ଯ୍ୟ, ବିଜ୍ଞାନ, ପ୍ରଶାସନିକ ସେବା ଆଦି କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ କରିଥିବା ବ୍ୟକ୍ତିଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଏ।



## ବିହାରରେ ନିର୍ମାଣାଧୀନ ପୋଲ ଭାସିଗଲା



**ବୈଶାଳୀ, ୨୮।୬**

ଲଗାଣ ବର୍ଷା ସାଙ୍ଗକୁ ଝଡ଼ତୋଫାନ ଯୋଗୁ ବିହାରର ବୈଶାଳୀ ଜିଲା ଅନ୍ତର୍ଗତ ରଘୁପୁରଠାରେ ଗଙ୍ଗାନଦୀରେ ନିର୍ମାଣାଧୀନ ଏକ ପୋଲ ଭାସିଯାଇଛି। ଫଳରେ ରଘୁପୁରକୁ ବୈଶାଳୀ ଜିଲା ମୁଖ୍ୟାଳୟ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମାସକ ମଧ୍ୟରେ ବିହାରରେ ଏହା ତୃତୀୟ ପୋଲ ଦୁର୍ଘଟଣା। ବ୍ରିଜ୍‌ର କିଛି ଅଂଶ ଭାସିଯିବାରୁ କେତେକ ଲୋକ ଏହା ଉପରେ ଅଟକି ରହିଛନ୍ତି। ଗତ ୨୪ ତାରିଖରେ ଜାତୀୟ ରାଜପଥ-୩୨୭ଇ ନିକଟରେ ଅରାରିଆକୁ କିଶନଗଞ୍ଜ ଜିଲା ସହ ସଂଯୋଗ କରୁଥିବା ମେଚି ନଦୀର ଏକ ନିର୍ମାଣାଧୀନ ପୋଲ ଭୁଶୁଡ଼ି ପଡ଼ିଥିଲା। ଏଥିପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ପ୍ରକଳ୍ପର ୪ ଜଣ ଅଫିସରଙ୍କୁ ନିଲମ୍ବନ କରିଛନ୍ତି। ଜୁନ୍ ୪ରେ ଖଗରିଆ ଜିଲାକୁ ଭାଗଲପୁର ସହ ସଂଯୋଗ କରୁଥିବା ଏକ ନିର୍ମାଣାଧୀନ ପୋଲ ଭୁଶୁଡ଼ିଥିଲା। ଏହା ପୂର୍ବରୁ ଗତବର୍ଷ ଏପ୍ରିଲ ୩୦ରେ ମଧ୍ୟ ଉକ୍ତ ବ୍ରିଜ୍‌ର କିଛି ଅଂଶ ଭୁଶୁଡ଼ିପଡ଼ିଥିଲା।

## ଗୁଜରାଟ ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

### ମୁସଲମାନଙ୍କୁ ପୋଲିସର ବେତମାଡ଼

**ଅହମଦାବାଦ, ୨୮।୬**

ଗୁଜରାଟର ଜୁନାଗଡ଼ ସହରରେ ଟେକାମାଡ଼ ଘଟଣା ପରେ ପୋଲିସ କେତେଜଣ ମୁସଲମାନ ଲୋକଙ୍କୁ ଉଠାଇନେଇ ବେତ୍ରାଘାତ କରିବା ଘଟଣାରେ ଗୁଜରାଟ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ହାଇକୋର୍ଟ ବୁଧବାର ଉକ୍ତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛି। ଗୁଜରାଟ ସରକାର ଏବଂ ପୋଲିସ ମୁଖ୍ୟ ଜୁଲାଇ ୧୭ ସୁଦ୍ଧା ଜବାବ ଦାଖଲ କରିବା ପାଇଁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଏ.ଜେ. ଦେଶାଇ ଏବଂ ଜଷ୍ଟିସ୍ ବୀରେନ ବୈଷ୍ଣବଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପିଆଇଏଲ୍ ଅନୁଯାୟୀ ଗତ ୧୬ ତାରିଖରେ ଜୁନାଗଡ଼ ସହରରେ ଏକ ଦରଘା ଉଚ୍ଛେଦ ପାଇଁ ପ୍ରଶାସନର ନୋଟିସ୍ ପରେ ସଂଘର୍ଷ ଉପୁଜିଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଟେକାମାଡ଼ରେ ଜଣେ ବ୍ୟକ୍ତି ନିହତ ହେବା ସହ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ପୋଲିସ ୮ରୁ ୧୦ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ଗେବାନ ଶାହ ମସ୍‌ଜିଦ ଆଗରେ ଛିଡ଼ାକରାଇ ସର୍ବସାଧାରଣରେ ବେତ୍ରାଘାତ କରିବା ସହ ସେମାନଙ୍କ ଘରେ ଭଙ୍ଗାରୁଜା କରିଥିଲା। ବେତ୍ରାଘାତ ସମୟର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ପୋଲିସ ଅଡୁଆରେ ପଡ଼ିଛି। ଲୋକ ଅଧିକାର ସଂଘ ଏବଂ ସଂଖ୍ୟାଲଘୁ ସମନ୍ୱୟ କମିଟି ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା।

## ରାହୁଲ ବିରୋଧୀ ଟୁଇଟ୍: ଅମିତ ମାଲବ୍ୟଙ୍କ ବିରୋଧରେ ମାମଲା


ଅମିତ ମାଲବ୍ୟ


ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୨୮।୬(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପତ୍ତିଜନକ ଟୁଇଟ୍ କରିବା ଅଭିଯୋଗରେ ଭାଜପାର ଆଇଟି ବିଭାଗ ମୁଖ୍ୟ ଅମିତ ମାଲବ୍ୟଙ୍କ ବିରୋଧରେ କର୍ଣ୍ଣାଟକରେ ମାମଲା ରୁଜୁ ହୋଇଛି। ଉକ୍ତ ଟୁଇଟ୍‌ରେ ରାହୁଲଙ୍କ ସହ କଂଗ୍ରେସ ପାର୍ଟିକୁ ନ୍ୟୂନ ଦର୍ଶାଯାଇଥିଲା। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ରମେଶ ବାବୁଙ୍କ ଏତଲାକ୍ରମେ ମାଲବ୍ୟଙ୍କ ବିରୋଧରେ ଆଇପିସି ଦଫା ୧୫୩(ଏ), ୧୨୦(ବି), ୫୦୫(୨) ଏବଂ ୩୪ ବଳରେ ମାମଲା ହୋଇଛି। ମାଲବ୍ୟଙ୍କୁ ଭୟଭୀତ ଓ ଚୁପ୍ କରାଇବା ପାଇଁ କର୍ଣ୍ଣାଟକ ପୋଲିସ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନେଇଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି।

## ଜୁଲାଇ ୧୩ରେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ



**ନୂଆଦିଲ୍ଲୀ,୨୮।୬: (ପି.ଟି.)**

ଜୁଲାଇ ୧୩ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ ହେବା ନେଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଅଧ୍ୟକ୍ଷ ଏସ୍. ସୋମନାଥ ବୁଧବାର ସୂଚନା ଦେଇଛନ୍ତି। ଜୁଲାଇ ୧୨ରୁ ୧୯ ପର୍ଯ୍ୟନ୍ତ ପାଗ ଅନୁକୂଳ ଥିବାରୁ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ କରାଯିବ। ଉତ୍କ୍ଷେପଣ ପୂର୍ବରୁ ଅଭିଯାନ ସମ୍ପର୍କିତ ସମସ୍ତ ପରୀକ୍ଷାମୂଳକ କାର୍ଯ୍ୟ ଶେଷ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଶ୍ରୀହରିକୋଟାସ୍ଥିତ ସତିଶ ଧାୱନ ସ୍ପେସ୍ ସେଣ୍ଟରରୁ ଲଞ୍ଚର ଭେହିକଲ୍ ମାର୍କ-୩ ଦ୍ୱାରା ଏହା ଚନ୍ଦ୍ର ପୃଷ୍ଠକୁ ପଠାଯିବ। ମଡେଲରେ ବ୍ୟବହୃତ ଲ୍ୟାଣ୍ଡର ଏବଂ ରୋଭର ଚନ୍ଦ୍ରର କକ୍ଷପଥରେ ୧୦୦ କି.ମି. ଦୂର ଅତିକ୍ରମ କରିବେ। ୨୦୧୯ ଜୁଲାଇ ୨୨ରେ ଚନ୍ଦ୍ରଯାନ-୨ ଉତ୍କ୍ଷେପଣ କରାଯାଇଥିବାବେଳେ ୨୦୦୮ ଅକ୍ଟୋବର ୨୨ରେ ଚନ୍ଦ୍ରଯାନ-୧ ଚନ୍ଦ୍ର ପୃଷ୍ଠକୁ ପ୍ରେରଣ କରାଯାଇଥିଲା।

**NABARANGPUR FOREST DIVISION**
Notice No.01 of 2023-24, Date: 27.06.2023
**WALK-IN-INTERVIEW ON 20.07.2023**
No. MM-75: Nabarangpur Forest Division requires qualified candidates with M.Sc. in Zoology/Wildlife Biology/Life Sciences/ Animal Biotechnology/Microbiology/Forestry/Biodiversity Conservation/Bio Chemistry/Veterinary Science or allied subject from a recognized university for temporary engagement as **one Senior Research Fellow**. The **Walk-in-Interview** is scheduled **on 20.07.2023 10.00 A.M. at Conference Hall of Nabarangpur Forest Division.** The application form along with detail terms and conditions shall be available on the website **www.nabarangpur.nic.in/www.odishaforest.in** from **29.06.2023**.
Sd./- Divisional Forest Officer
Nabarangpur Forest Division
OIPR-08158/11/0001/2324

**WORKS DEPARTMENT** No.B-399
**OFFICE OF THE CHIEF CONSTRUCTION ENGINEER**
**EASTERN CIRCLE (R&B), BALASORE**
e-mail – seec_bls@rediffmail.com
**Government of Odisha "e" Procurement Notice**
**Bid Identification No. CCEEC-07/2023-24**
**No. 3096/Dt: 19.6.23**
Nature of work:- **Buildings Works**
Number of works: **07 Nos. Buildings Works**
Amount put to Tender: - **Rs. 995.73 Lakh to Rs. 116.67 Lakh**
Class of Contractor: - **"B" Class / "A" Class / "Special" Class**
Date & Time of availability of bid document in the portal: - **Dt.29.06.2023 at 10:00 AM**
Last Date / Time of receipt of bid in the portal: - **Dt.13.07.2023 up to 05:00 PM**
Date of opening of bid :- **Dt.14.07.2023 at 11:00 AM**
Name & address of the Office inviting bid: - **Chief Construction Engineer, Eastern Circle (R&B), Balasore**
The bidders have to participate in ONLINE bidding only. Further details can be seen from the e-procurement portal "**http//tendersodisha.gov.in**."
All future corrigendum will be available on ONLINE mode only.
**Sd./- R. Rout, Chief Construction Engineer**
OIPR-34026/11/0008/2324 **Eastern Circle (R&B), Balasore**

**WORKS DEPARTMENT** No.B-400
**OFFICE OF THE CHIEF CONSTRUCTION ENGINEER**
**EASTERN CIRCLE (R&B), BALASORE**
e-mail – seec_bls@rediffmail.com
**Government of Odisha "e" Procurement Notice**
**Bid Identification No. CCEEC-08/2023-24**
**No. 3239/Dt: 24.6.23**
Nature of work:- **Buildings Works**
Number of works: **05 Nos. Buildings Works**
Amount put to Tender: - **Rs. 362.55 Lakh to Rs. 335.31 Lakh**
Class of Contractor: - **"A" Class**
Date & Time of availability of bid document in the portal: - **Dt.04.07.2023 at 10:00 AM**
Last Date / Time of receipt of bid in the portal: - **Dt.18.07.2023 up to 05:00 PM**
Date of opening of bid :- **Dt.19.07.2023 at 11:00 AM**
Name & address of the Office inviting bid: - **Chief Construction Engineer, Eastern Circle (R&B), Balasore**
The bidders have to participate in ONLINE bidding only. Further details can be seen from the e-procurement portal "**http//tendersodisha.gov.in**."
All future corrigendum will be available on ONLINE mode only.
**Sd./- R. Rout, Chief Construction Engineer**
OIPR-34026/11/0007/2324 **Eastern Circle (R&B), Balasore**

**GOVERNMENT OF ODISHA**
**"e" - PROCUREMENT NOTICE**
**OFFICE OF THE BLOCK DEVELOPMENT OFFICER, ODAGAON**
**P.R. & D.W. DEPARTMENT**
E-mail: ori-odagaon@nic.in
**TENDER CALL NOTICE**
Tender Call Notice No. - eTcn03/odagaon/2023-24
Letter No. 2054 Dated: 27.06.2023
Bid Identification No. B.D.O., Odagaon - eTcn03/odagaon/2023-24
No. i-207: The Block Development Officer, Odagaon on behalf of Governor of Odisha inviting percentage rate bid in Single Cover System in ONLINE MODE from eligible contractors for construction of Building work as detailed in the table below.
1. Nature of Work : Building Works
2. No. of Work : 1 No.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.30.06.2023 11.00 A.M. to Dt.09.07.2023 upto 5.00 P.M.
6. Date of Opening of Bid : Dt.10.07.2023 at 11.00 A.M.
7. The have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any Addendum/ Corrigendum/Cancellation of tender can also be seen in the said website.
OIPR-19307/11/0003/2324 Sd./- Block Development Officer, Odagaon

**ଜିଲ୍ଲା ପରିଷଦ, ଅନୁଗୋଳ**
**ZILLA PARISHAD, ANGUL**
ପଞ୍ଚାୟତି ରାଜ
Dist-Angul, Odisha, Pin-759122
E-mail:ori-dangul@nic.in, drdaangul@gmail.com

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ ଅନୁଦାନ କମିଶନ ବ୍ଲକସ୍ତରୀୟ ଜନଶୁଣାଣି**

କାର୍ଯ୍ୟାଳୟ ଆଦେଶନାମା ସଂଖ୍ୟା ୨୬୩୩/ତା.୧୯.୦୬.୨୦୨୩
**No.CAD-1081:** ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (୦୧.୧୦.୨୦୨୨ଠାରୁ ୩୧.୦୩.୨୦୨୩) ଓ ପଞ୍ଚଦଶ ଅର୍ଥ ଅନୁଦାନ କମିଶନ ୨୦୨୦-୨୧ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି ।
ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ ।
ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପିତ କରିବା ହେବେ ।

| କ୍ର.ସଂ. | ବ୍ଲକର ନାମ | ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟକ୍ରମ | | | |
|---|---|---|---|---|---|
| | | ତାରିଖ | ସମୟ (ପୂର୍ବାହ୍ଣ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
| ୧ | ତାଳଚେର | ୧୧.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) |
| ୨ | ପାଲଲହଡା | ୧୨.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ପାଲଲହଡା |
| ୩ | କିଶୋରନଗର | ୧୩.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ଜିଲ୍ଲା ପରିଷଦ, ଅନୁଗୋଳ |
| ୪ | ବଣ୍ଟରପାଳ | ୧୫.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) |
| ୫ | ଛେଣ୍ଡିପଦା | ୧୮.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଅନୁଗୋଳ |
| ୬ | ଆଠମଲ୍ଲିକ | ୨୦.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଆଠମଲ୍ଲିକ |
| ୭ | ଅନୁଗୋଳ | ୨୫.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ |
| ୮ | କଣିହାଁ | ୨୯.୦୭.୨୦୨୩ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ତାଳଚେର |

ସ୍ୱା./-
ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ଅନୁଗୋଳ

ସ୍ୱା./-
ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ,
ମନରେଗା, ଅନୁଗୋଳ
OIPR-19236/11/0001/2324

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., SUBARNAPUR**
**(At/PO-Sonepur, Dist-Subarnapur, PIN-767017)**
**Dist. Website- www.subarnapur.nic.in**
No.CAD-1090:
**Tender No.1534 dt.28.06.2023** for **Level-I Transport Contractor** for the biennial 2023-25.
**Tender No.1535 dt.28.06.2023** for **Handling Contractor** (Labour Works) for the biennial 2023-25.
**Tender No.1536 dt.28.06.2023** for **Level-II Transport Contractor** for Sonepur Municipality for the biennial 2023-25.
District Manager, Odisha State Civil Supplies Corporation Ltd., Subarnapur invites tender in Double Cover System through ONLINE MODE ONLY on e-procurement portal www.tenderodisha.gov.in for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of food grains from FSD, FCI to RRCs, (ii) Level-II Transport Contractor for Sonepur Municipality for transportation of food grains from RRCs to Retail Centers (FPS), (iii) Handling Contractor (Labour Works) for Handling of Food grains (Rice, Wheat) at the RRCs (except in those PEG godowns where godown owner is undertaking handling work) in the Subarnapur District of the State of Odisha. |
| 2 | Availability of bid document in the portal | From dt.29.06.2023 for Level-I Transport Contractor, Handling Contractor & Level-II Transport Contractor for Sonepur Municipality. |
| 3 | Last Date/time for receipt of bids in the portal | Dt.13.07.2023 up to 5 PM for Level-I Transport Contractor, Handling Contractor & Level-II Transport Contractor for Sonepur Municipality. |
| 4 | Date/Time of opening of Technical Bid | Dt.14.07.2023 at 11.00 AM for Level-I Transport Contractor, Handling Contractors & Level-II Transport Contractor for Sonepur Municipality. |
| 5 | Name and address of the Officer Inviting Tender | District Manager, OSCSC Ltd., Subarnapur |

Tender Documents & other details can be seen from the e-procurement portal www.oscsc.in, www.foododisha.in , www.tenderodisha.gov.in and www.subarnapur.nic.in. Amendments/ corrigendum/ cancellation /re-tenders etc. if any shall be published only in above websites.
By Order of Collector
Sd./- Chief CSO-cum-DM
OSCSC Ltd., Subarnapur
OIPR-07030/11/0003/2324

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଲିସା
ପରିବାରବର୍ଗ


ଗୁଡୁଲୁ
ପରିବାରବର୍ଗ


ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରଥମ ଦିବସରେ ବୋଲରଙ୍କ ପ୍ରାଧାନ୍ୟ

### ଦୁଲୀପ ଟ୍ରଫି: କେନ୍ଦ୍ରାଞ୍ଚଳ ବନାମ ପୂର୍ବାଞ୍ଚଳ

ଅଲୁର, ୨୮।୬

ଘରୋଇ କ୍ରିକେଟର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର କ୍ୱାର୍ଟର ଫାଇନାଲ ବୁଧବାର କେନ୍ଦ୍ରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ଏଠାରେ ଆରମ୍ଭ ହୋଇଛି। ମ୍ୟାଚର ପ୍ରଥମ ଦିବସରେ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ ୭୧.୪ ଓଭରରେ ୧୮୨ରେ ସୀମିତ ରହିଥିବାବେଳେ ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହାର ବେଳକୁ ପୂର୍ବାଞ୍ଚଳ ୨ ଉଇକେଟ ହରାଇ ୩୨ ରନ ସଂଗ୍ରହ କରିଛି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ପୂର୍ବାଞ୍ଚଳ ଆହୁରି ୧୫୦ ରନ ପଛରେ ରହିଛି।

### ମୁରାସିଂଙ୍କୁ ୫ ଉଇକେଟ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା କେନ୍ଦ୍ରାଞ୍ଚଳ। ବିବେକ ସିଂ ଓ ହିମାଂଶୁ ମନ୍ତ୍ରୀ ଦଳକୁ ଭଲ ଆରମ୍ଭ ଦେଇଥିଲେ ହେଁ ଏହାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ କେନ୍ଦ୍ରାଞ୍ଚଳ ଇନିଂସ ଅଧିକ ସମୟ ତିଷ୍ଠିପାରି ନ ଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ତ୍ରିପୁରାର ଡାହାଣହାତୀ ମିଡିୟମ ପେସର ମଣିଶଙ୍କର ମୁରାସିଂ ଚମତ୍କାର ବୋଲିଂ କରି କେନ୍ଦ୍ରାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ଓପନିଂ ଯୋଡ଼ି ଭାଙ୍ଗିବା ସହ ୫ ଉଇକେଟ ସଫଳତା ପାଇଥିଲେ। ତାଙ୍କ ବୋଲିଂ ଫିଗର ଥିଲା ୨୦-୩-୪୨-୫। ଓପନିଂ ଯୋଡ଼ିରେ ୩୯ ରନ ଯୋଗ ହେବା ପରେ ବିବେକ ସିଂ (୨୧ ରନ)ଙ୍କୁ କ୍ଲିନ୍ ବୋଲ୍ଡ କରି ପୂର୍ବାଞ୍ଚଳକୁ ବ୍ରେକ୍ ଥ୍ରୁ ଦେଇଥିଲେ ମୁରାସିଂ। ହିମାଂଶୁ ମନ୍ତ୍ରୀ ୨୯ ରନକରି ରନ୍‌ଆଉଟ ହୋଇ ଯାଇଥିଲେ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚର୍ଚ୍ଚିତ ଚେହେରା ରିଙ୍କୁ ସିଂ ଦଳ ପକ୍ଷରୁ ସର୍ବାଧିକ ୩୮ ରନ କରିଥିଲେ। ଉଇକେଟ କିପର ଉପେନ୍ଦ୍ର ଯାଦବ ୨୫ ରନର ଯୋଗଦାନ ଦେଇଥିବାବେଳେ ଅନ୍ୟ କୌଣସି ବ୍ୟାଟର ୨୦ ରନ ସ୍ପର୍ଶ କରିପାରି ନ ଥିଲେ। ଅଧିନାୟକ ଶିବମ୍ ମାଭି ୧୬ରନକରି ଅପରାଜିତ ରହିଥିଲେ। ମୁରାସିଂଙ୍କ ବ୍ୟତୀତ ପୂର୍ବାଞ୍ଚଳ ପକ୍ଷରୁ ଶାହାବାଜ ଅହମଦ ୨ଟି ଏବଂ ଇଶାନ ପୋରେଲ ଓ ଶାହାବାଜ ନଦୀମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ନିରାଶ କଲେ ଶାନ୍ତନୁ

ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶାନ୍ତନୁ ମିଶ୍ର ସୁଯୋଗ ପାଇଥିବାବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ବାହାରେ ରହିଥିଲେ। ତେବେ ଶାନ୍ତନୁ ସୁଯୋଗର ସଦ୍‌ବ୍ୟବହାର କରି ନ ପାରି ନିରାଶ କରିଥିଲେ।


ମଣିଶଙ୍କର ମୁରାସିଂ

ସେ ଇନିଂସ ଓପନ କରି ୩୧ ବଲ୍‌ରୁ ୧ ଚୌକା ସହାୟତାରେ ମାତ୍ର ୬ ରନ କରିଥିବାବେଳେ ଦ୍ରୁତ ବୋଲର ଆଭେସ ଖାଁଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଥିଲେ। ପୂର୍ବାଞ୍ଚଳ ଇନିଂସ ଆରମ୍ଭରେ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିବା ପୂର୍ବରୁ ଆଭେସଙ୍କ ଶିକାର ହୋଇଥିଲେ। ଫଳରେ ଶୂନ୍ୟ (୦)ରେ ପ୍ରଥମ ଉଇକେଟ ହରାଇଥିବା ପୂର୍ବାଞ୍ଚଳ ୧୯ ରନରେ ଦ୍ୱିତୀୟ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ସୁଦୀପ କୁମାର ଘରମି ୧୯ ଓ ଶାହାବାଜ ନଦୀମ ୬ ରନରେ ଅପରାଜିତ ରହିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଭେସ ଖାଁ ୨ଟି ଯାକ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ: ୧୮୨/ଅଲ୍‌ଆଉଟ (ରିଙ୍କୁ ସିଂ-୩୮, ହିମାଂଶୁ ମନ୍ତ୍ରୀ-୨୯, ଉପେନ୍ଦ୍ର ଯାଦବ-୨୫, ମଣିଶଙ୍କର ମୁରାସିଂ-୫/୪୨, ଶାହାବାଜ ଅହମଦ-୨/୪୨, ଇଶାନ ପୋରେଲ-୧/୧୬, ଶାହାବାଜ ନଦୀମ-୧/୫୨)। ପୂର୍ବାଞ୍ଚଳ ପ୍ରଥମ ଇନିଂସ: ୩୨/୨।

# ଓସିଏଲ୍: ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ପାନ୍ଥର୍ସ ଦଳ।

ଭୁବନେଶ୍ୱର, ୨୮।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ରେ ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ୨୦ ଓଭର ବିଶିଷ୍ଟ ହୋଇଥିଲା। ବୁଧବାର ଅନୁଷ୍ଠିତ ରୋମାଞ୍ଚହୀନ ଫାଇନାଲରେ ପାନ୍ଥର୍ସ ୭ ଉଇକେଟରେ ଓଡ଼ିଶା ଚିତାସ୍‌କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚିତାସ୍ ୧୮.୪ ଓଭରରେ ମାତ୍ର ୮୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କିଷାନ ରଥ ସର୍ବାଧିକ ୩୬ ରନ କରିଥିଲେ। ବିପକ୍ଷ ଦଳର ବାଦଲ ବିଶ୍ୱାଳ ୪ଟି ଓ ଅଭିଷେକ ଯାଦବ ୨ଟି ଉଇକେଟ ନେଇଥିଲେ। ଜବାବରେ ପାନ୍ଥର୍ସ ୧୩.୩ ଓଭରରେ ୩ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ନେଇଥିଲା। ସନ୍ଦୀପ ପଟ୍ଟନାୟକ ୪୦ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ଚିତାସ୍‌ର ଶୁଭମ୍ ନାୟକ ୨ଟି ଉଇକେଟ ପାଇଥିଲେ। ଓଡ଼ିଶା ପାନ୍ଥର୍ସର ବାଦଲ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଅଭିଷେକ ଯାଦବ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ଆକାରରେ ଏ ଦୁହିଁଙ୍କୁ ଯଥାକ୍ରମେ ୪,୦୦୦ ଓ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଓଡ଼ିଶା ଚିତାସ୍‌ର ଗୌରବ ଚୌଧାରୀ ଶ୍ରେଷ୍ଠ ବ୍ୟାଟର, ଓଡ଼ିଶା ଲାୟନ୍ସର ପ୍ରଦୀପ ପ୍ରଧାନ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଫଳରେ ଗୌରବ ରେଡ୍ କ୍ୟାପ୍ ଓ ପ୍ରଦୀପ ଗ୍ରୀନ୍ କ୍ୟାପ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଓଡ଼ିଶା ରଣଜୀ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ଓ ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ ଅତିଥିଭାବେ ଯୋଗ ଦେଇଥିଲେ। ଉଭୟଙ୍କୁ ଓସିଏ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନସିଲ ସଦସ୍ୟ ରାକେଶ ମହାନ୍ତି, ସଦସ୍ୟ ଧୀରେନ ପଲେଇ, ଶିବବ୍ରତ ମଲିକ ଓ ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତରାଞ୍ଚଳ ୩୦୬/୬


ଧ୍ରୁବ ସୋରେ

**ବେଙ୍ଗାଲୁରୁ, ୨୮।୬:** ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ମ୍ୟାଚର ପ୍ରଥମ ଦିବସରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ଶତକ ହାସଲ କରିଥିବା ଓପନର ଧ୍ରୁବ ସୋରେ ୨୧୧ ବଲ୍‌ରୁ ୧୩୫ (୨୨ ଚୌକା) ରନ କରି ଆଉଟ ହୋଇଥିବାବେଳେ ନିଶାନ୍ତ ସିନ୍ଧୁ ୭୬ ଓ ପୁଲକିତ ନାରଙ୍ଗ ୨୩ ରନରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଚୋପ୍ରା ୩୨ ଓ ପ୍ରଭସିମରନ ସିଂ ୩୧ ରନ କରିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ବୋଲରଙ୍କ ମଧ୍ୟରେ ଫେଇରୋଇଜାମ ଜୋତିନ ଓ ଏଲ୍.କିଶାନ ସିଙ୍ଘା ୨ଟି ଲେଖାଏ ଏବଂ ଦୀପୁ ସାଙ୍ଗମା ଓ ଇମ୍‌ଲିୱାତି ଲେମତୁର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ଉତ୍ତର ପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ବିଜୟୀ

### ଜାତୀୟ ଜୁନିୟର ମହିଳା ହକି

ଭୁବନେଶ୍ୱର, ୨୮।୬
(ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୧୩ଶ ଜାତୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୩ ମ୍ୟାଚରେ ଉତ୍ତର ପ୍ରଦେଶ, ଛତିଶଗଡ଼ ଓ ଦିଲ୍ଲୀ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଉତ୍ତର ପ୍ରଦେଶ ୧୮-୦ ଗୋଲରେ ଦାଦ୍ରା ଓ ନଗର ହାବେଳିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଖୁଶି ରାଠୋର ୨, ୩, ୩୨, ୪୩ ଓ ୫୭ତମ ମିନିଟରେ ଏବଂ ଅଧିନାୟିକା ହିନା ବାନୋ ୧୮, ୨୨, ୪୫, ୪୬ ଓ ୬୦ତମ ମିନିଟରେ ୫ଟି ଲେଖାଏ ଗୋଲ ଦେଇଥିଲେ। ଦିବ୍ୟା ୧୦ ଓ ୫୯, ସୁନୀତା କୁମାରୀ ୩୭ ଓ ୪୫, ପୀତାମ୍ବରୀ କୁମାରୀ ୫୦ ଓ ୫୪ ମିନିଟରେ ୨ଟି ଲେଖାଏ ଏବଂ କାଞ୍ଚନ କୁମାରୀ ୨୬ ଓ ପୁଷ୍ପାଞ୍ଜଳି ସୋନକର ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚରେ ଛତିଶଗଡ଼ ୧୯-୦ରେ ବିହାରକୁ ପରାସ୍ତ କରିଛି। ଦଳ ପକ୍ଷରୁ ଗୀତା ଯାଦବ ୭, ୨୮, ୪୭, ୪୮ ଓ ୫୭ତମ ମିନିଟରେ ୫ଟି, ଆଞ୍ଚଲ ସାହୁ ୨୨, ୪୪ ଓ ୫୩ତମ ମିନିଟରେ ୩ଟି, ଅଞ୍ଜଳି ୧୯ ଓ ୫୧, ମମତେଶ୍ୱରୀ ଲାହାରେ ୨୫ ଓ ୩୪, ଶିବାନୀ ଦିବାକର ୩୨ ଓ ୩୩ତମ ମିନିଟରେ ୨ଟି ଲେଖାଏ ଏବଂ ଅନିଶା ସାହୁ ୨ୟ, ଜନଭି ଯାଦବ ୧୧, ମୋନିକା ତିର୍କୀ ୩୧, ରଜନୀ ସାହୁ ୪୪ ଓ ସୁନୀତା କୁମାରୀ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସଂଘର୍ଷପୂର୍ଣ୍ଣ ତୃତୀୟ ମ୍ୟାଚରେ ଦିଲ୍ଲୀ ୩-୨ ଗୋଲରେ କେରଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଆଂଶିକା ୭ମ, ଶୁଭମ୍ ୧୫ ଓ ସାନା ୪୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କେରଳର ଅନ୍‌ସା ଜୋସେଫ ୪୩ ଓ ୫୦ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ପରିଶୋଧ କରିଥିଲେ।


ଉତ୍ତର ପ୍ରଦେଶ ଏବଂ ଦାଦ୍ରା ଓ ନଗର ହାବେଳି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶାର ମୀରାରାଣୀଙ୍କୁ ଗୁରୁଦାୟିତ୍ୱ

### ଜାତୀୟ ସିନିୟର ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର, ୨୮।୬
(ତପନ ସ୍ୱାଇଁ)

ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଜମ୍ମୁରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟ ସିନିୟର ରିଦମିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା। ଆଗାମୀ ଏସୀୟ କ୍ରୀଡା ପାଇଁ ଚୟନ ଟ୍ରାଏଲ୍ ଭାବେ ଏହି ପ୍ରତିଯୋଗିତା ପରିଗଣିତ ହେଉଛି। ଅର୍ଥାତ୍ ଏଥିରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଆସନ୍ତା ଏସୀୟ କ୍ରୀଡ଼ାପାଇଁ ମନୋନୀତ ହୋଇପାରିବେ। ଏହା ବ୍ୟତୀତ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକ ପାଇଁ ଏହି ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ର୍‍ୟାଙ୍କିଙ୍ଗ୍ ତାଲିକା ମଧ୍ୟ ପ୍ରସ୍ତୁତ କରାଯିବ। ଜମ୍ମୁ ପ୍ରତିଯୋଗିତାର ସୁପରିଚାଳନା ପାଇଁ ଭାରତୀୟ ଜିମ୍ନାଷ୍ଟିକ୍ସ ମହାସଂଘ ପକ୍ଷରୁ ଏକ ୧୬ ଜଣିଆ ବିଚାରକ ମଣ୍ଡଳୀ ଗଠନ କରାଯାଇଛି। ଏହି ତାଲିକାରେ ଓଡ଼ିଶାରୁ ଏକମାତ୍ର ଜଜ୍ ଭାବେ ମୀରାରାଣୀ ଦାସ ସ୍ଥାନ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡିଶା ଜିମ୍ନାଷ୍ଟିକ୍ସ ସଂଘ ଓ ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ଅଶୋକ ସାହୁ , ନରହରି ସେଠୀ, ଗୁରୁପ୍ରସାଦ ପଟ୍ଟନାୟକ ଓ ଜେ. ଏମ୍. ସ୍ପୋର୍ଟସ ଏକାଡେମୀର ଯଶୋବନ୍ତ ଦାସ, ଅତିଶ ରାଉତ, ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ମୀରାରାଣୀ ଭୁବନେଶ୍ୱରରେ ଥିବା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଚେୟାରମ୍ୟାନ ଅଛନ୍ତି।


ମୀରାରାଣୀ ଦାସ

**Birthday Wish**



May you be gifted with life's biggest joys and never-ending bliss. After all, you yourself are a gift to earth, so you deserve the best.
"Happy birthday Jeet"
Best Wishes From- Papa, Mama, Chachu, Chachi, Juhi, Chintu, Pinu, Rishi. mausa, Mausi, Maa, Aae
D-0685

# Classified Everyday
0674-2580101, 2549949


REAL ESTATE

**SALE**

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly open health benefits SPA special offer @ 799 Jaydev Vihar. 8018429809. D-75121

Herbal full body massage by smart/expert therapist. Contact: 9040171280. D-74699

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

Newly open Salon/SPA with expert therapist (health benefits). 8114322659. D-75123

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

**LOST**

ମୁଁ ଶ୍ରଦ୍ଧାଞ୍ଜଳି ପଣ୍ଡା, ଘର ଢେଙ୍କାନାଳ ସ୍ଥିତ ଭାପୁର। ଗତ ୨୩।୦୬।୨୦୨୩ ତାରିଖରେ ମୋର ସିଏଲ୍‌ସି ସାର୍ଟିଫିକେଟ୍ ଭାପୁର ବଜାର ଯିବା ରାସ୍ତାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ସିଏଲ୍‌ସି ସାର୍ଟିଫିକେଟ୍ ପାଆନ୍ତି, ତେବେ ୯୪୩୯୨୩୪୦୧୪ ଓ ୭୯୭୮୮୩୨୮୨ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୦୬୮୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

Before the Notary Public, Sambalpur, I, Sulekha Bouddha (40), D/o- Kulamani Suna, Kainsir, P.O.-Sankarma, P.S.- Ainthapali, Sambalpur, I changed my surname from Behera to Bouddha. Henceforth I shall be known as Sulekha Bouddha for all purposes. D-0684

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଶ୍ରୀମୁଖ ନାଏକ
ଅବସରପ୍ରାପ୍ତ ପୋଲିସ ଆଇଆଇସି
ଚିଚୈଗୁଡ଼ା ହାଇସ୍କୁଲପଡ଼ା, ଜୁନାଗଡ଼, କଳାହାଣ୍ଡି
ଆବିର୍ଭାବ: ୦୪।୦୪।୧୯୬୦
ତିରୋଧାନ: ୨୦।୦୬।୨୦୨୩
ତୁମର ସ୍ନେହ-ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପ୍ରତି ଚିର ସ୍ମରଣୀୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ତମର ଭାଇ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା ଓ ପରିବାରବର୍ଗ।
ଧ-୦୬୮୬

**Shradhanjali**



Birth- Durgastami-1975
Death Bada- Ekadasi- 2005 June
Baba Soyuz,
You have left me from Bada Ekadasi 2005, I always remember and pray the lord for your peaceful rest eternally. May God rest you eternal peace, may God grant peace
Bapa P.N. Sethi
D-0681

**ସପ୍ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰Mrunal Kanta Swain (Titu)
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ : ୧୯.୧୦.୧୯୫୭ (ରମା ଏକାଦଶୀ)
ତିରୋଧାନ : ୧୫.୦୭.୨୦୧୬ (ସୁନାବେଶ, ଏକାଦଶୀ)
ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ, ପିତରି ପ୍ରିତୀମାପନେ ପ୍ରିୟନ୍ତେ ସର୍ବଦେବତା। ବାପା, ଆକାଶ ପରି ବ୍ୟାପ୍ତ, ସମୁଦ୍ର ପରି ଗଭୀର ଥିଲା ଆପଣଙ୍କ ଉପସ୍ଥିତି, ଆପଣ ଜଣେ ଦାୟିତ୍ୱସମ୍ପନ୍ନ ଏବଂ ସମୟାନୁବର୍ତ୍ତୀ ଥିଲେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଯେଉଁଠି ଭି ଥାଆନ୍ତୁ ଆର୍ଶୀବାଦ ସର୍ବଦା ପ୍ରଦାନ କରୁଥାନ୍ତୁ।
ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆତିଥ୍ୟ, ଲିସା-ବିବେକ, ଟିସା-ତରୁଣ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୫୫୨

# ପୂଜା ଯାହା ଚାହୁଁଥିଲେ...

କଥାରେ ଅଛି–ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗ୍‌ଡେ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ସମାଜସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା ହେଗ୍‌ଡେ କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକେ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡ଼ିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏଭଳି ଏକ ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା। ପୂଜାଙ୍କର ବଲିଉଡ କ୍ୟାରିୟର ଆରମ୍ଭ ହୋଇଥିଲା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋରୁ (୨୦୧୬)।


ପୂଜା ହେଗ୍‌ଡେ

# ସବୁ ଗୁଜବ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ନାମୀ ଅଭିନେତ୍ରୀ ତାପସୀ ପାନ୍ନୁଙ୍କ ଟେନ୍‌ସନ ବଢ଼ିଯାଇଛି। କାରଣ କ'ଣ ଜାଣନ୍ତି ? ଶୁଣିବାକୁ ମିଳୁଛି ଯେ, ସେ କୁଆଡେ ଏକ ସିନେମା ପାଇଁ ଅଧିକ ପାରିଶ୍ରମିକ ଦାବି କରୁଛନ୍ତି। ହେଲେ ଯେତେବେଳେ ଏକଥା ତାଙ୍କ କାନରେ ପଡିଲା ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ନେଇ ସଫେଇ ଦେଇ ତାପସୀ କହନ୍ତି, ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଆସିଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲି। ଏହି କାହାଣୀରେ କିଛି ପରିବର୍ତ୍ତନ ପାଇଁ ପ୍ରଯୋଜକ ବ୍ୟସ୍ତ ଅଛନ୍ତି। ହେଲେ ଚାରିଆଡେ ଆଲୋଚନା ହେଉଛି ଯେ, ମୁଁ କୁଆଡ ଏହି ନୂଆ ଫିଲ୍ମ ପାଇଁ ଡବଲ ପାରିଶ୍ରମିକ ଦାବି କରୁଛି। ଏହା ସମ୍ପୂର୍ଣ୍ଣ ମିଛ। ଆଉ ଯେଉଁ ଆଲୋଚନା ହେଉଛି ତାହା ଗୁଜବ। ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ସେଥିରେ ଯେଉଁ ପରିବର୍ତ୍ତନ କରାଯାଉଛି ସେ ନେଇ ସେମାନେ ମୋ ସହ ମଧ୍ୟ ଯୋଗାଯୋଗରେ ଅଛନ୍ତି। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମ୍ୟୁନରେଶନକୁ ଏକାଥରେ ଡବଲ କରିଦେବି– ଏକଥା କଦାପି ସମ୍ଭବ ନୁହେଁ।'


ତାପସୀ

# କର୍ତ୍ତବ୍ୟ ବଡ଼ କଥା

ଭାଇ–ଭାଇ ଭିତରେ ସମ୍ପର୍କ ଅତି ନିବିଡ଼। ହେଲେ ପରିସ୍ଥିତିରେ ପଡ଼ି ଏହି ସମ୍ପର୍କ ଭିନ୍ନ ରୂପ ନେଇଥାଏ। ତେବେ ନିଜ କର୍ତ୍ତବ୍ୟରୁ ଓହରି ଯାଇନି ବଡ଼ ଭାଇ। ଆକ୍ସନ, ରୋମାଣ୍ଟିକ ଓ ସସ୍‌ପେନ୍ସ ଭରା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର : ଦ ଡ୍ରେଷ୍ଟ୍ରୟର'। ଖାସ୍ କଥା ହେଲା ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଲିଡ୍ ରୋଲ୍‌ରେ ଦେବା ଏବଂ ଦିବ୍ୟା ଅଭିନୟ କରୁଥିବା ବେଳେ ସିଦ୍ଧାନ୍ତ ମହାପାତ୍ରଙ୍କୁ ଟାଇଟଲ ଭୂମିକାରେ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା କରିଛନ୍ତି ଅରବିନ୍ଦ ସାହୁ। ଦେବା ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଅଭିନୟ କରିଥିବା ବେଳେ ଦିବ୍ୟା ଜଣେ ସ୍କୁଲ ଶିକ୍ଷୟିତ୍ରୀ ରୋଲ୍‌ରେ ଦେଖାଦେବେ। ଦେବା ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଦିବ୍ୟା ସହିତ। ଦୁହେଁ ଦୁହିଁଙ୍କୁ ଭଲ ପାଇଁ ବସନ୍ତି। ବଦଳିଯାଏ


'ଶଙ୍କର' ଫିଲ୍ମରେ ଦେବା–ସିଦ୍ଧାନ୍ତ

ଦେବାର ଜୀବନଶୈଳୀ। ତାପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ଆଶାବାଦୀ ଅଛନ୍ତି ଶିବ। ସେ ଏହାପୂର୍ବରୁ 'ବିଶ୍ୱରୂପ' ଏବଂ 'ଗୁରୁଦେବ' ଫିଲ୍ମରେ ଅଭିନୟ କରିସାରିଛନ୍ତି। କୁନା ତ୍ରିପାଠୀ, କେ.କେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ୍ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

ପରଦାରେ

# ପ୍ରିୟେ, ତୁ ମୋର ସିଏ


'ପ୍ରିୟେ ତୁ ମୋର ସିଏ' ଫିଲ୍ମରେ ଅମ୍ଲାନ–ଏଲିନା

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ପ୍ରିୟେ, ତୁ ମୋର ସିଏ' ଆଜି ପରଦା ଉପରକୁ ଆସୁଛି। ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନ, କମେଡ଼ି ମଧ୍ୟ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଝିଲିକ୍। ଏହାର ନାୟକ ଭୂମିକାରେ ଅମ୍ଲାନ ଅଭିନୟ କରିଛନ୍ତି ଏବଂ ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା। ବବି ମିଶ୍ର, ସୋମା ଭୌମିକ, ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥ୍ୱୀରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାଂଶୁ ସାହୁ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମ ସମ୍ପର୍କରେ ଝିଲିକ୍ କହନ୍ତି, 'ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଏଥିରୁ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ଦୃଢ଼ ଆଶା ରହିଛି। ସିନେମାଟିଏ ନିର୍ମାଣ କରିବା ସମୟରେ କାହାଣୀ, କଳାକାର ଚୟନ, ସଙ୍ଗୀତ ଏବଂ ପିକ୍ଚରାଇଜେଶନକୁ ସବୁବେଳେ ଗୁରୁତ୍ୱ ଦେଇଥାଏ।' ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ଜଣାପଡିବ।

# ଆଲିୟାଙ୍କ ଫିଟ୍‌ନେସ ଟିପ୍ସ

ଆଲିୟା ଭଟ୍ଟ ଏବେ ବୁଲି ବୁଲି ଗୋଟିଏ ଜିନିଷ ବାଣ୍ଟୁଛନ୍ତି। ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି। କଥା କ'ଣ କି ଆଲିୟା ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ନିକଟରେ ଶପିଂ କରିବା ସମୟରେ କେତେ ଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କଫି ପବ୍‌କୁ। ସେଠାରେ କଫିର ମଜା ନେବା ସହ ଫିଟ୍‌ନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ। ଏ ସମ୍ପର୍କରେ ଆଲିୟା କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟ୍‌ନେସ ପ୍ରତି ଧ୍ୟାନ ଦେବା ଜରୁରୀ। ନ ହେଲେ ଅଯଥାରେ ଆମକୁ ରୋଗ ମାଡ଼ି ବସିବ। ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ। ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ। ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି।' ଆଲିୟାଙ୍କ ଅଭିନୀତ 'ରକି ଔର ରାଜା କି ପ୍ରେମ କାହାନୀ' ଚଳିତ ବର୍ଷ ଜୁଲାଇ ୨୮ରେ ରିଲିଜ ହେବାକୁ ଯାଉଛି। କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣବୀର ସିଂ। ଅନ୍ୟପକ୍ଷରେ ଏହି ଫିଲ୍ମରେ ଧର୍ମେନ୍ଦ୍ର, ଜୟା ବଚ୍ଚନ ଏବଂ ସବାନା ଆଜମୀଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଆଲିୟା

# ସାମାନ୍ୟ ଭୁଲ୍ ପାଇଁ...

ମଣିଷ ଜୀବନରେ ଭୁଲ୍ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ବେଳେବେଳେ ଏକ ଭୁଲ୍‌ର ପରିଣାମ ଭୟଙ୍କର ହୋଇଥାଏ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥାରେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବେସାହାରା'। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଦ୍ୱିତୀୟ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଯୋଗୀ' ଫେମ୍ ନିର୍ଦ୍ଦେଶକ ନିରଞ୍ଜନ ବେହେରା। ''ଏହା ଏକ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ମଦ କିପରି ଦୁଇଟି ପରିବାରକୁ ସମସ୍ୟା ମୁହଁକୁ ଠେଲିଦେଉଛି ତାହା ଏଥିରେ ଦେଖିବାକୁ ମିଳିବ ବୋଲି କହନ୍ତି ନିରଞ୍ଜନ।'' ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଦୀପ 'ପ୍ରେମ ପାଇଁ ମହାଭାରତ' ଶୀର୍ଷକ ସିନେମା ପ୍ରଯୋଜନା କରିଥିଲେ, ଯାହା ଦର୍ଶକଙ୍କ ମନକୁ ଛୁଇଁପାରିଥିଲା। ତେବେ ଏହି ଫିଲ୍ମରେ ଜ୍ୟୋତି–ସୁପ୍ରିୟାଙ୍କ ଯୋଡି କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।



'ବେସାହାରା' ଫିଲ୍ମରେ ଜ୍ୟୋତି–ସୁପ୍ରିୟା

# ଗୁରୁଦାୟିତ୍ୱ

କଙ୍ଗନା ରାଣାୱତଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ରିଲିଜ ଅପେକ୍ଷାରେ ଥିବା ସିନେମା 'ଏମରଜେନ୍ସି'ରେ ତାଙ୍କୁ ଦର୍ଶକ ନୂଆ ଅବତାରରେ ଦେଖିବାକୁ ପାଇବେ। ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନକାଳରେ ଜାରି ହୋଇଥିବା ଏମରଜେନ୍ସିକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରେ ସେ ଇନ୍ଦିରା ଗାନ୍ଧୀ ଭୂମିକାରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତା'ସହ ଏହାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। କେବଳ ସେତିକି ନୁହେଁ, ରେନୁ ପିଟ୍ଟିଙ୍କ ସହ ସେ ଏହାର ପ୍ରଯୋଜନା ମଧ୍ୟ କରିଛନ୍ତି। ଏହି ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଅନୁପମ ଖେର, ଶ୍ରେୟାଶ ତଲପାଡେ, ମହିମା ଚୌଧୁରୀ ଏବଂ ମିଲନ୍ଦ ସୋନମ ମଧ୍ୟ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜି.ଭି. ପ୍ରକାଶ କୁମାର। ଏ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। କାରଣ ଏକାଧାରରେ ଏହାର ପ୍ରଯୋଜନା, ନିର୍ଦ୍ଦେଶନା ଏବଂ ମୁଖ୍ୟ ଭୂମିକାରେ ଅଭିନୟ କରିବା ଛୋଟ କଥା ନୁହେଁ। କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୨୪ରେ ପରଦା ଉପରକୁ ଆସିବ।


କଙ୍ଗନା



ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଅଂଶଗ୍ରହଣ କରି ପ୍ରଥମଥର ପାଇଁ ୮ ପଦକ ହାସଲ କରିଥିବା ଓଡ଼ିଶା ଆଥଲେଟ୍‌ଙ୍କୁ ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ଓ ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦିଲ୍ଲୀ ଷ୍ଟାଡିୟମ ନବୀକରଣ ପାଇଁ ୨୫ କୋଟି

**କ୍ରିକେଟ ବିଶ୍ୱକପ୍ ୨୦୨୩**

ନୂଆଦିଲ୍ଲୀ, ୨୮।୬(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୩ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଭାରତରେ ଅନୁଷ୍ଠିତ ହେବ। ଭାରତର ଭିନ୍ନି ଭିନ୍ନ ୧୦ ସହରରେ ସମୁଦାୟ ୪୮ ମ୍ୟାଚ ଖେଳାଯିବ। ଅହମଦାବାଦ, ହାଇଦ୍ରାବାଦ, ଧର୍ମଶାଳା, ଦିଲ୍ଲୀ, ଚେନ୍ନାଇ, ଲକ୍ଷ୍ନୌ, ପୁଣେ, ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା ଭଳି ୧୦ଟି ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳାଯିବ। ୱାର୍ମଅପ୍ ମ୍ୟାଚ୍‌ଗୁଡ଼ିକ ହାଇଦ୍ରାବାଦ, ଥିରୁଭାନନ୍ତପୁରମ୍ ଓ ଗୁଆହାଟୀରେ ଖେଳାଯିବ। ତେବେ ବିଶ୍ୱକପ ପୂର୍ବରୁ ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ନିଷ୍ପତ୍ତି ନେଇଛି ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)। ବିସିସିଆଇ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କେବଳ ଦିଲ୍ଲୀ ନୁହେଁ ବରଂ ହାଇଦ୍ରାବାଦ, କୋଲକାତା, ମୁମ୍ବାଇ ଓ ମୋହାଲି ଭଳି ଷ୍ଟାଡିୟମଗୁଡ଼ିକର ମଧ୍ୟ ନବୀକରଣ କରାଯିବ। ଅରୁଣ ଜେଟଲୀ ଷ୍ଟାଡିୟମର ନବୀକରଣ ପାଇଁ ୨୦-୨୫କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଦିଲ୍ଲୀରେ ଖେଳାଯାଇଥିଲା। ମ୍ୟାଚ୍ ସମୟରେ ଶୌଚାଳୟକୁ ନେଇ ଅନେକ ଦର୍ଶକ ଅଭିଯୋଗ କରିଥିଲେ।

# ଅଷ୍ଟ୍ରେଲିଆ ୩୩୯ / ୫

**ଆଶେସ୍ ଟେଷ୍ଟ**

ଲଣ୍ଡନ, ୨୮।୬

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ୩ ଖେଳାଳିଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଦୃଢ଼ ସ୍ଥିତିରେ ରହିଛି। ଟସ୍ ଜିତି ଇଂଲଣ୍ଡ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମ ଦିନର ଷ୍ଟମ୍ପସ ସୁଦ୍ଧା ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୩୩୯ ରନ୍ କରିଛି। ବଲ୍ ସୁଇଂ ହେଉଥିବା ବେଳେ ଉସ୍‌ମାନ ଖ୍ୱାଜା ଓ ଡେଭିଡ୍ ୱାର୍ନର ପ୍ରଥମ ଉଇକେଟରେ ୭୩ ରନ୍ ଯୋଡ଼ିଥିଲେ। ଖ୍ୱାଜା ୭୦ ବଲ୍ ଖେଳି ୧୭ ରନ୍ କରିଥିବା ବେଳେ ୱାର୍ନର ୮୮ ବଲ୍‌ରୁ ୬୬ ରନ୍ କରିଥିଲେ। ଦଳୀୟ ସ୍କୋର ୯୬ ରନ୍‌ରେ ସେଆଉଟ ହୋଇଥିଲେ। ଏହି ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଉଭୟ ଓପନରଙ୍କୁ ଆଉଟ କରିଥିଲେ ପଦାର୍ପଣକାରୀ ଜୋଶ ଟଙ୍ଗ।



ପଡ଼ିଆ ମଧ୍ୟରେ 'ଜଷ୍ଟ ଷ୍ଟପ୍ ଅଏଲ' ସଂସ୍ଥାର ଜଣେ ସଦସ୍ୟ।

ଚତୁର୍ଥ ଉଇକେଟରେ ମାର୍ନସ ଲାବୁଶେନ୍ (୪୭) ଓ ଷ୍ଟିଭ୍ ସ୍ମିଥ୍ (୮୫*)ଙ୍କ ମଧ୍ୟରେ ୧୦୨ ରନ୍‌ର ଭାଗୀଦାରି ହୋଇଥିଲା। ଅନ୍ୟ ପକ୍ଷରେ ସ୍ମିଥ୍ ୧୪୯ ବଲ୍ ଖେଳି ୧୦ ଚୌକା ମାରିଛନ୍ତି। ଦଳୀୟ ସ୍କୋର ୧୯୮ରେ ଲାବୁଶେନ୍‌ଙ୍କୁ ଆଉଟ କରି ଓଲି ରବିନ୍‌ସନ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ତେବେ ଷ୍ଟିଭ୍ ସ୍ମିଥ୍ ଓ ଟ୍ରାଭିସ୍ ହେଡ୍ (୭୭) ଚତୁର୍ଥ ଉଇକେଟରେ ୧୧୬ ରନ୍ ଯୋଡ଼ିଥିଲେ। ହେଡ୍ କାଉଣ୍ଟର ଆଟାକ୍ କରିବା ସହ ୭୩ ବଲ୍ ଖେଳି ୧୪ ଚୌକା ମାରିଥିଲେ। ଗୋଟିଏ ଓଭରରେ ଟ୍ରାଭିସ୍ ହେଡ୍ ଓ କାମେରନ୍ ଗ୍ରୀନ୍‌ଙ୍କୁ ମାତ୍ର ଦୁଇ ବଲ୍ ବ୍ୟବଧାନରେ ଆଉଟ କରିବା ସହିତ ଇଂଲଣ୍ଡକୁ ମ୍ୟାଚ୍‌କୁ ଫେରାଇ ଆଣିଥିଲେ ଜୋ ରୁଟ୍। ଇଂଲଣ୍ଡ ପକ୍ଷରୁ ଜୋଶ୍ ଟଙ୍ଗ ଓ ଜୋ ରୁଟ୍ ଦୁଇଟି ଲେଖାଏ ଓ ଓଲି ରବିନ୍‌ସନ୍ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୮୩ ଓଭରରେ ୩୩୯/୫( ଷ୍ଟିଭ୍ ସ୍ମିଥ୍-୮୫*, ଟ୍ରାଭିସ୍ ହେଡ୍-୭୭, ୱାର୍ନର-୬୬, ଜୋ ରୁଟ୍-୨/୧୯ ଜୋଶ ଟଙ୍ଗ-୨/୮୮, ଓଲି ରବିନ୍‌ସନ୍-୧/୮୬)।

## 'ଜଷ୍ଟ ଷ୍ଟପ୍ ଅଏଲ' ପକ୍ଷରୁ ପ୍ରତିବାଦ

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ପରିବେଶ ସୁରକ୍ଷା ଉପରେ କାମ କରୁଥିବା ସଂସ୍ଥା 'ଜଷ୍ଟ ଷ୍ଟପ୍ ଅଏଲ' ପକ୍ଷରୁ ପ୍ରତିବାଦ କରାଯିବା କାରଣରୁ ଖେଳ ୫ ମିନିଟ ପାଇଁ ବନ୍ଦ ରହିଥିଲା। ଦୁଇ ଜଣ ପ୍ରତିବାଦ କାରୀ ପଡିଆ ମଧ୍ୟକୁ ପଶି ଆସି ପିଚ୍ ଖରାପ କରିବାକୁ ପ୍ରୟାସ କରିଥିଲେ। ଜଣଙ୍କୁ ଇଂଲଣ୍ଡ ଉଇକେଟ କିପର ଜନି ବେୟାରଷ୍ଟୋ କାନ୍ଧରେ ଉଠାଇ ୫୦ ମିଟର ନେଇ ଯାଇଥିଲେ। ସେଠାରୁ ସୁରକ୍ଷା କର୍ମୀ ତାଙ୍କୁ ନେଇଥିଲେ। ଅନ୍ୟ ଜଣଙ୍କୁ ପିଚ୍ ଉପରକୁ ଆସିବାକୁ ରୋକିଥିଲେ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର ଓ ଇଂଲଣ୍ଡର ବେନ୍ ଷ୍ଟୋକ୍ସ। ଦ୍ୱିତୀୟ ପ୍ରତିବାଦକାରୀ ଜଣଙ୍କ କିଛି କମଳା ରଙ୍ଗର ପାଉଡର ପକାଇଥିଲେ ମଧ୍ୟ ଏହା ପିଚ୍‌ରେ ପଡି ନ ଥିଲା। ପୋଲିସ୍ ପକ୍ଷରୁ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି।

# ଅର୍ମଣ୍ଡ ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ

**ଗୋଲ୍ଡେନ୍ ସ୍ପାଇକ୍ ମିଟ୍**

ଓଷ୍ଟ୍ରାଭା (ଚେକ୍ ରିପବ୍ଲିକ୍), ୨୮।୬(ପି.ଟି.)

ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଗୋଲ୍ଡେନ୍ ସ୍ପାଇକ୍ ମିଟ୍‌ରେ ବିଶ୍ୱରେକର୍ଡ ନିଜ ନାମରେ କରିଛନ୍ତି ସ୍ୱିଡେନ୍‌ର ପୋଲଭଲ୍ଟର ଅର୍ମଣ୍ଡ ଡୁପ୍ଲାଣ୍ଟିସ୍। ମଙ୍ଗଳବାର ବିଶ୍ୱରେକର୍ଡ ସହିତ ସେ ୬.୧୨ ମିଟର ଦୂରତା ହାସଲ କରିବାରେ ସମର୍ଥ ହୋଇଥିଲେ। ୨୩ ବର୍ଷୀୟ ଏହି ଖେଳାଳି ଜଣକ ପୂର୍ବରୁ ଚଳିତ ମାସରେ ନେଦରଲାଣ୍ଡ୍ସର ହେଙ୍ଗେଲୋରେ ୬.୧୧ ମିଟର ସହିତ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ବିଶ୍ୱରେକର୍ଡ କରିଥିଲେ। ନିଜର ପ୍ରଥମ ପ୍ରୟାସରେ ସେ ୬.୧୨ ମିଟର ଦୂରତା ହାସଲ କରିଥିବା ବେଳେ ପରବର୍ତ୍ତୀ ପ୍ରୟାସରେ ୬.୧୭ ମିଟର ଦୂରତାରେ ବିଫଳ ହୋଇଥିଲେ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରୟାସ କରିଥିଲି। ତେବେ ଆଗାମୀ ଦିନରେ ୬.୧୭ ମିଟର ଦୂରତା ହାସଲ କରିବା ନେଇ ଡୁପ୍ଲାଣ୍ଟିସ୍ ପ୍ରକାଶ କରିଥିଲେ। ଆମେରିକାରେ ଜନ୍ମିତ ଏହି ଆଥ୍‌ଲେଟ ଜଣକ ଏହା ପୂର୍ବରୁ ଏକ କ୍ଲେରମଣ୍ଟ-ଫେରାଣ୍ଡ ଇନ୍‌ଡୋର ମିଟ୍‌ରେ ୬.୨୨ ମିଟର ଦୂରତା ହାସଲ କରିବାର ବିଶ୍ୱରେକର୍ଡ ମଧ୍ୟ ନିଜ ନାମରେ ରଖିଛନ୍ତି।

ଏହି ଟୁର୍ନାମେଣ୍ଟରେ ବିଶ୍ୱରେକର୍ଡଧାରୀ ଆମେରିକୀୟ ଶଟ୍‌ପୁଟର ର୍ୟାନ୍ କ୍ରାଉଜର ୨୨.୬୩ ମିଟର ନିଜର ଗୋଲ୍ଡେନ୍ ସ୍ପାଇକ୍ ରେକର୍ଡ ଭାଙ୍ଗିଛନ୍ତି। ଅଲିମ୍ପିକ ଚାମ୍ପିୟନ ପୁଏର୍ଟରିକୋର ୧୦୦ ମିଟର ବାଧାଦୌଡ଼ ଧାବିକା ଜସ୍ମିନ କାମାକୋ କ୍ୱିନ୍ ୧୨.୪୨ ସେକେଣ୍ଡର ସମୟ ନେଇ କ୍ରମାଗତ ଦ୍ୱିତୀୟ ବର୍ଷ ବିଜୟୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଅକାନି ସିମ୍ବିନ ୯.୯୮ ସେକେଣ୍ଡର ସମୟ ସହିତ ପୁରୁଷ ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୨୦୦ ମିଟର ସ୍ପ୍ରିଣ୍ଟରେ ଦକ୍ଷିଣ ଆଫ୍ରିକାର ଲୁକ୍ସୋଲୋ ଆଡାମ୍ସ ୨୦.୨୨ ସେକେଣ୍ଡ ନେଇ ବିଜୟୀ ହୋଇଛନ୍ତି। ଜାମ୍ବିଆର ମୁଜାଲା ସାମୁକୋଙ୍ଗା ୪୫.୦୫ ସେକେଣ୍ଡ ସମୟ ନେଇ ୪୦୦ ମିଟର ରେସ୍ ବିଜୟୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଜାକିଥ୍ ନେନେ ୪୫.୨୨ ସେକେଣ୍ଡର ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପୁରୁଷ ଡିସ୍‌କସ ଥ୍ରୋରେ ସ୍ଲୋଭେନିଆର କ୍ରିଷ୍ଟିଆନ୍ କେହ ୬୮.୪୫ ମିଟର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



ଅର୍ମଣ୍ଡ ଡୁପ୍ଲାଣ୍ଟିସ୍

# ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ସ୍ୱର୍ଣ୍ଣ ପଦକ

**ନ୍ୟାଶନାଲ ଟ୍ରାଏଲ୍ସ**

ନୂଆଦିଲ୍ଲୀ, ୨୮।୬ (ପି.ଟି.)

ନୂଆଦିଲ୍ଲୀର କର୍ଣ୍ଣି ସିଂ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରୀୟଙ୍କା ଷଡଙ୍ଗୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ପଞ୍ଚମ ଦିନରେ ଶ୍ରୀୟଙ୍କାଙ୍କ ବ୍ୟତୀତ ଅଲିମ୍ପିଆନ୍ ମନୁ ଭାକେର ଓ ମଧ୍ୟ ପ୍ରଦେଶର ଗୋଲ୍ଡି ଗୁର୍ଜର ମଧ୍ୟ ନିଜ ନିଜ ଇଭେଣ୍ଟରେ ପ୍ରଥମ ସ୍ଥାନରେ ରହିଛନ୍ତି। ୧୦ ମିଟର ଏୟାର ରାଇଫଲ୍ ଟି-୬ ବର୍ଗରେ ଶ୍ରୀୟଙ୍କା ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ମହିଳା ୨୫ ମିଟର ପିସ୍ତଲର ଟି୬ ବର୍ଗରେ ମନୁ ଓ ୫୦ ମିଟର ପୁରୁଷ ରାଇଫଲ ୩ ପୋଜିସନର ଟି-୫ ବର୍ଗରେ ଗୋଲ୍ଡି ପ୍ରଥମ ସ୍ଥାନ ହାସଲ କରିଛନ୍ତି।



ରମିତା, ଶ୍ରୀୟଙ୍କା ଷଡ଼ଙ୍ଗୀ ଓ ନାନ୍‌ସି।

୧୦ ମିଟର ଏୟାର ରାଇଫଲ୍ ଟି-୬ ବର୍ଗରେ ଶ୍ରୀୟଙ୍କା ୬୩୨.୧ ପଏଣ୍ଟ ସ୍କୋର କରିଥିଲେ। ଏହା ସହିତ ଚତୁର୍ଥ ଖେଳାଳି ଭାବରେ ସେ ନ୍ୟାଶନାଲ ଟ୍ରାଏଲ୍ସରୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଇନାଲ ରାଉଣ୍ଡର ପ୍ରଥମ ସିରିଜ୍‌ରୁ ୫୩ ପଏଣ୍ଟ ସହିତ ଆରମ୍ଭ କରିଥିବା ବେଳେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଫାଇନାଲରେ ସେ ୨୫୩.୧ ପଏଣ୍ଟ ହାସଲ କରିଥିବା ବେଳେ ଟି-୫ ବର୍ଗର ବିଜେତା ରମିତା ୨୫୨.୪ ଓ ନାନ୍ସି ୨୩୦.୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ।

ଅଲିମ୍ପିଆନ୍ ମନୁ ଯୋଗ୍ୟତା ପର୍ଯ୍ୟାୟରେ ୫୯୧ ପଏଣ୍ଟ ସହିତ ଏକ ନମ୍ବର ସ୍ଥାନରେ ରହିଥିଲେ। ଫାଇନାଲରେ ୩୯ ପଏଣ୍ଟ ସ୍କୋର କରିବା ସହିତ ବିଶ୍ୱରେକର୍ଡରୁ ମାତ୍ର ୧ ପଏଣ୍ଟ ପଛରେ ରହି ଯାଇଥିଲେ। ରାହି ସର୍ନୋବତ୍ ୩୭ ପଏଣ୍ଟ ସହିତ ଦ୍ୱିତୀୟ ଓ ଅଭିଜ୍ଞ ଅଶୋକ ପାଟିଲ ୩୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଥିଲେ। ୫୦ ମିଟର ପୁରୁଷ ରାଇଫଲ ୩ ପୋଜିସନରେ ଗୋଲ୍ଡି ଯୋଗ୍ୟତା ପର୍ଯ୍ୟାୟରେ ୬୦୦ରୁ ୫୮୬ ପଏଣ୍ଟ ସ୍କୋର କରିଥିଲେ।

# ଜାତୀୟ ମହିଳା ଫୁଟ୍‌ବଲ: ତାମିଲନାଡୁ ଚାମ୍ପିୟନ

**ଅମୃତସର, ୨୮।୬:** ଗୋଟିଏ ଗୋଲରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ତାମିଲନାଡୁ ଜାତୀୟ ମହିଳା ଫୁଟବଲ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ୨-୧ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଜାତୀୟ ମହିଳା ଫୁଟବଲରେ ତାମିଲନାଡୁର ଏହା ଦ୍ୱିତୀୟ ଟାଇଟଲ। ଫାଇନାଲର ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୫୦ତମ ମିନିଟରେ ତାମିଲନାଡୁର ପି. ଦୁର୍ଗା ଆତ୍ମଘାତୀ ଗୋଲ କରିବାରୁ ହରିୟାଣା ଅଗ୍ରଣୀ ହାସଲ କରିଥିଲା। ଏହାର ୭ ମିନିଟ ପରେ ଏସ. ପ୍ରିୟଦର୍ଶିନୀ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ୮୩ତମ ମିନିଟରେ ଇନ୍ଦୁମତୀ କାଥିରେସନଙ୍କ ଗୋଲ ତାମିଲନାଡୁକୁ ବିଜୟ ମୁକୁଟ ପିନ୍ଧାଇଥିଲା। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପଞ୍ଜାବ ଫୁଟବଲ ଆସୋସିଏଶନ ଉପସଭାପତି ପ୍ରୀୟା ଥପର ଉପସ୍ଥିତ ଥିଲେ।

# ଭାରତ-ଲେବାନନ, କୁଏଟ୍-ବାଂଲାଦେଶ

**ସାଫ୍ ଚାମ୍ପିୟନଶିପ୍ ସେମିଫାଇନାଲ**

ବେଙ୍ଗାଲୁରୁ, ୨୮।୬

ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଭାରତ ଓ ଲେବାନନ ମଧ୍ୟରେ ମୁକାବିଲା ହେବ। ଦ୍ୱିତୀୟ ସେମିରେ କୁଏଟକୁ ଭେଟିବ ବାଂଲାଦେଶ। ବୁଧବାର ଅନୁଷ୍ଠିତ ଗ୍ରୁପ୍ 'ବି'ର ୨ଟି ଲିଗ୍ ମ୍ୟାଚରେ ଲେବାନନ ୧-୦ ଗୋଲରେ ମାଳଦ୍ୱୀପକୁ ଏବଂ ବାଂଲାଦେଶ ୩-୧ ଗୋଲରେ ଭୁଟାନକୁ ପରାସ୍ତ କରିଛି। ବିଜୟ ଫଳରେ ଲେବାନନ ଗ୍ରୁପ୍ 'ବି'ରେ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇଛି। ଫଳରେ ଗ୍ରୁପ୍‌ର ଶୀର୍ଷ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବାଂଲାଦେଶ ୩ ମ୍ୟାଚରୁ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ର ଅନ୍ୟ ୨ ଦଳ ମାଳଦ୍ୱିପ ଓ ଭୁଟାନର ଅଭିଯାନ ଶେଷ ହୋଇଛି। ଭାରତ ଗ୍ରୁପ୍ 'ଏ'ରେ ଅପରାଜେୟ ରହିଥିଲେ ହେଁ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇଥିଲା। ଏହି ଗ୍ରୁପ୍‌ର ଅନ୍ୟତମ ଦଳ କୁଏଟ୍ ମଧ୍ୟ ୭ ପଏଣ୍ଟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଥିଲା। ତେବେ ପ୍ରଦର୍ଶନ ଭିତ୍ତିରେ କୁଏଟ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନ ପାଇଥିଲା। ଫଳରେ ଗ୍ରୁପ୍ 'ଏ'ର ଦ୍ୱିତୀୟ ଦଳ ଭାରତ ଓ ଗ୍ରୁପ୍ 'ବି'ର ପ୍ରଥମ ଦଳ ଲେବାନନ ମଧ୍ୟରେ ସେମିଫାଇନାଲ ହେବା ସ୍ପଷ୍ଟ ହୋଇ ଯାଇଥିଲା। ଜୁଲାଇ ୧ ତାରିଖରେ ଭାରତ ଓ ଲେବାନନ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ। ଅପରାହ୍ନ ୩ଟାରେ ପ୍ରଥମ ସେମିଫାଇନାଲରେ କୁଏଟକୁ ଭେଟିବ ବାଂଲାଦେଶ।

ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ଓ ଲେବାନନ ପରସ୍ପରକୁ ୨ ଥର ଭେଟିଥିଲେ। ଏଥିରୁ ଲିଗ୍ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିବାବେଳେ ଫାଇନାଲରେ ଲେବାନନକୁ ୨-୦ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ତେଣୁ ଆଗାମୀ ସେମିଫାଇନାଲରେ ଭାରତର ପଲା ନିଶ୍ଚିତ ଭାରି ରହିବ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ